
ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ସେପ୍ଟେମ୍ବର ୨୦୨୪



## ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

Vol-3 • Issue-7 • September 2024 • Monthly • Rs.40 • 68 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

SAHITYA CHARCHA

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୩ • ସଂଖ୍ୟା-୭ • ସେପ୍ଟେମ୍ବର ୨୦୨୪ • ମାସିକ • ଟ.୪୦ • ୬୮ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସମ୍ପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସମ୍ପାଦକ
**ପ୍ରଭାତ ରଞ୍ଜନ ବେହୁରା**
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ପ୍ରଶାନ୍ତ ଭୂୟାଁ**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୭୮୭୭୨୫୦୬
**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୪୦/-**

## ।। ସୂଚୀ ।।

| | |
|---|---|
| ପାଠକଙ୍କ ମତାମତ | ୦୨ |
| ଓଡ଼ିଆ ଭାଷାକୁ ଭୟ (ସମ୍ପାଦକୀୟ) | ୦୩ |
| ଶ୍ରୀକ୍ଷେତ୍ରର ଡାହୁକ ଗୀତ (ପ୍ରବନ୍ଧ): ରମେଶଚନ୍ଦ୍ର ମଲ୍ଲିକ | ୦୫ |
| ପ୍ରବାଳ ଦ୍ୱୀପ (କବିତା) : ପୀୟୂଷ ପଟ୍ଟନାୟକ | ୦୮ |
| ଦସ୍ତଖତ (ଗଳ୍ପ) : ଆରତୀ ସାହୁ | ୦୯ |
| କଳିଜା ଖୋଜା (ରମ୍ୟରଚନା) : ବୈଷ୍ଣବ ଚରଣ ସାମଲ | ୧୨ |
| ଆମ ଭାଷା ଆମ ବ୍ୟାକରଣ (ପ୍ରବନ୍ଧ) : ଦେବାଶିଷ ମହାପାତ୍ର | ୧୬ |
| ବରିଷ୍ଠ କବି ଶୈଳଜ ରବିଙ୍କ ସହ ସାରସ୍ୱତ ଆଳାପ (ସାକ୍ଷାତକାର) | ୨୦ |
| ଅନ୍ତିମ ରାୟ (ଗଳ୍ପ) : ପ୍ରଫୁଲ୍ଲ ବାରିକ | ୨୪ |
| ଆମ ସାହିତ୍ୟରେ ଫ୍ରାନ୍‌ଜ କାଫ୍‌କାଙ୍କ ଜୀବନଦୃଷ୍ଟି (ପ୍ରବନ୍ଧ): ଦୁର୍ଗାପ୍ରସାଦ ଆଚାର୍ଯ୍ୟ | ୨୭ |
| ଅସ୍ମିତାଳୟ (ବ୍ୟଙ୍ଗ) : ଅଜୟ କୁମାର ମିଶ୍ର | ୩୩ |
| ଏମିତି ବି ହୁଏ (ଅନୁବାଦ ଗଳ୍ପ) : କନକ ମଞ୍ଜରୀ ସାହୁ | ୩୭ |
| ଓଡ଼ିଆ ସାହିତ୍ୟରେ ରେଙ୍ଗୁନ୍ ଓଡ଼ିଆଙ୍କ ଜୀବନଚିତ୍ର (ପ୍ରବନ୍ଧ): ଶରତ କୁମାର ଜେନା | ୪୦ |
| ଭରା କାରୁଣ୍ୟର ସ୍ୱର (ଗଳ୍ପ) : ଜୟନ୍ତୀ ସାହୁ | ୪୫ |
| ମୋ'ର ସୃଜନ ଅନୁଭୂତି (ଅନୁଭୂତି) : ଶୈଳବାଳା ମହାପାତ୍ର | ୫୦ |
| ଲୋକସାହିତ୍ୟ କ୍ରମରେ ଟାଇପ୍ ଓ ମୋଟିଫ୍ (ପ୍ରବନ୍ଧ): ସମୀର ଭୋଇ | ୫୩ |
| ଜୀବନର ସୂର୍ଯ୍ୟାସ୍ତ (ଗଳ୍ପ) : ଲଳିତ ମୋହନ ମିଶ୍ର | ୫୯ |
| ଏ ସମୟ ବି ସରିଯିବ ଦିନେ (କବିତା) : ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ | ୬୨ |
| ଦୁଇଟି ମିନିଗପ (ଗଳ୍ପ) : ସଚ୍ଚିଦାନନ୍ଦ କର | ୬୩ |
| ମାମୁଁ ଶୋଇଲେଣି, ଯାଅ ପଳେଇ (ଶିଶୁ ଗଳ୍ପ) : ସଂଗ୍ରାମ କେଶରୀ ପୃଷ୍ଟି | ୬୪ |
| ନଈର ଚିତ୍ର (ପୁସ୍ତକ ସମୀକ୍ଷା) : ନିହାର ଶତପଥୀ | ୬୬ |
| ସାହିତ୍ୟ ସମାଚାର | ୬୭ |
| ଅନୂଦ୍ୟ (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ | ୬୮ |


# ପାଠକଙ୍କ ମତାମତ

‘ସାହିତ୍ୟ ଚର୍ଚ୍ଚା’ର ନିଆରାପଣ ତାକୁ ପଢ଼ିଲେଇ ଜଣାପଡ଼େ। ପ୍ରକାଶପାଉଥିବା ପତ୍ରିକାମାନଙ୍କ ଗହଳିରୁ ବାରି ହେଇପଡେ ସାହିତ୍ୟ ଚର୍ଚ୍ଚା। ଏଥିପାଇଁ ଯେ ଏଥିରେ ସନ୍ନିବେଶିତ ଲେଖାସହ ଚେତନାଶୀଳ ମାର୍ଗଦର୍ଶନକାରୀ ସମ୍ପାଦକୀୟ ଓ ସର୍ବୋପରି ଉତ୍ତମ ସମ୍ପାଦନା, ପ୍ରତ୍ୟେକଟିରେ ନିହିତ ମନନଶୀଳତା। ଲେଖାଗୁଡ଼ିକ ଗଠନଧର୍ମୀ ହେବାସହ ସାମାଜିକ ବାର୍ତ୍ତାବାହକ ମଧ୍ୟ। ଅଗଷ୍ଟ ସଂଖ୍ୟାରେ ସନ୍ନିବେଶିତ ପ୍ରତ୍ୟେକଟି ଗପ ସୁଖପାଠ୍ୟ ହେଇଥିବାବେଳେ ଅଧିକ ଆକର୍ଷକ ଚୌଧୁରୀ ବରଦା ପ୍ରସନ୍ନ ଦାସଙ୍କ ଗପ – ଇଜ୍ଜତ। ଇଜ୍ଜତ ସମସାମୟିକ ସମାଜର ଯୁବପିଢ଼ିଙ୍କ ଚରିତ୍ରର ପ୍ରତିଫଳନ। ଡ. ଅଜୟ କୁମାର ମିଶ୍ରଙ୍କ ଧାରାବାହିକ ବ୍ୟଙ୍ଗ ଶାଣିତ ତୀର୍ଯ୍ୟକ ଶ୍ରାବଣୀ କାଉଡ଼ିଆଙ୍କ ପ୍ରତି। କବିତା ଦ୍ୱୟ ସଂପୂର୍ଣ୍ଣ ସଂଖ୍ୟା ପାଇଁ ଯଥେଷ୍ଟ ବୋଧହେଲା। ରାଧୁ ମିଶ୍ରଙ୍କ ସହ ସାକ୍ଷାତକାର ଭଲ ଲାଗିଲା। ଶେଷପୃଷ୍ଠାରେ ପ୍ରଶାନ୍ତ ଭୂୟାଁଙ୍କ ମହାପ୍ରଭୁ ଜଗନ୍ନାଥଙ୍କ ନାମର ଅପଭ୍ରଂଶଟି ଚେତନାଧର୍ମୀ ଓ ହୃଦୟସ୍ପର୍ଶୀ ହୋଇଛି।

**ପ୍ରଫୁଲ୍ଲ ବାରିକ**
prafullabarik988@gmail.com

ଭିନ୍ନ ସ୍ୱାଦର ପତ୍ରିକା ‘ସାହିତ୍ୟ ଚର୍ଚ୍ଚା’ର ଅଗଷ୍ଟ ସଂଖ୍ୟା ପଢ଼ିଲି। ଏଥିରେ ନିଖିଳାନନ୍ଦ ପାଣିଗ୍ରାହୀ ‘ଶବ୍ଦ ଭେଦରେ ଜଟିଳତା’ ଶୀର୍ଷକ ପ୍ରବନ୍ଧରେ ଆମେ ନିତିଦିନ ବ୍ୟବହାର କରୁଥିବା ଶବ୍ଦମାନ କିପରି ହେବା ଆବଶ୍ୟକ, ଶବ୍ଦର ଠିକ୍ ଅର୍ଥ ଜାଣି ଉଚ୍ଚାରଣ, ନିର୍ଭୁଲ ଓଡ଼ିଆ ଟାଇପିଂ ଆଦି ସମ୍ପର୍କରେ ଆଲୋଚନା କରିଛନ୍ତି।

**ମନୋରମା ମହାନ୍ତି**
mmohanty1998@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
**info@sahityacharcha.com**

‘ସାହିତ୍ୟ ଚର୍ଚ୍ଚା’ର ଅଗଷ୍ଟ ସଂଖ୍ୟାଟି ଏକ ରୁଚିପୂର୍ଣ୍ଣ ପତ୍ରିକାଟିଏ। ଆରମ୍ଭରୁ ହିଁ ସୁନ୍ଦର ସଂପାଦକୀୟକୁ ପାଠକଲା ପରେ ପୃଷ୍ଠା ଓଲଟାଇଲି। ବୌଦ୍ଧିକ ଚିନ୍ତାଧାରାର ପ୍ରବନ୍ଧ ଶିକ୍ଷଣୀୟ ଓ ସଂଗ୍ରଣୀୟ ହୋଇପାରିଛି। ଏଥରକ ବି ସାକ୍ଷାତକାର ମୋ ମନକୁ ପୁଲକିତ କରିଛି। କାରଣ ଉପସ୍ଥାପନା ଶୈଳୀ ଚମତ୍କାର ଓ ବ୍ୟଙ୍ଗ ସାହିତ୍ୟର କଥାଟି ପରିସ୍ଫୁଟିତ ହୋଇଛି। ସାମାଜିକ ମୂଲ୍ୟବୋଧରେ ‘ସମୟକୁ ଅପେକ୍ଷା’ ଗପଟି ବେଶ୍ ମନଛୁଆଁ। ‘ପକ୍ଷୀବସା’ ଗପର ଅନ୍ତଃସ୍ୱର ଖୁବ୍ ଛଳଛଳ। ଅନୁଭୂତିରେ ‘ଗୋଲାପି କୁହୁଡ଼ି’ ବାସ୍ତବିକ ଲୋମଟାଙ୍କୁରା ଆଭାସ। ଶିଶୁଗଳ୍ପଟି ଭଲ ଲାଗିଲା। ଶେଷ ପୃଷ୍ଠା ପ୍ରତି ସଂଖ୍ୟାରେ ରୋଚକପ୍ରଦ ହେଉଛି। ଅଗଷ୍ଟ ମାସର ପର୍ବପର୍ବାଣି ଉପରେ ଲେଖାଥିଲେ ଭଲ ହେଇଥାନ୍ତା। ଆଗାମୀ ସଂଖ୍ୟାରେ ଦୃଷ୍ଟି ଦେବାକୁ ଅନୁରୋଧ। ପ୍ରକୃତରେ ‘ସାହିତ୍ୟ ଚର୍ଚ୍ଚା’ ସାହିତ୍ୟର ନବ ଦିଗନ୍ତକୁ ସ୍ଫୁରିତ କରିବାରେ ଏକ ସମର୍ଥ ପତ୍ରିକାଟିଏ।

**କୁଞ୍ଜବିହାରୀ ସାହୁ**
kunjasahu63@gmail.com

‘ସାହିତ୍ୟ ଚର୍ଚ୍ଚା’ ପତ୍ରିକାର ଅଗଷ୍ଟ ସଂଖ୍ୟାରେ ପ୍ରକାଶିତ ପ୍ରବନ୍ଧଗୁଡ଼ିକ ମଧ୍ୟରୁ ଦାଶ ବେନହୁରଙ୍କ ’ଭିନ୍ନ ଦୃଷ୍ଟିରେ ରାଧାନାଥଙ୍କ ସର୍ବେଷାଂ ନୋ ଜନନୀ’ ଶୀର୍ଷକ ପ୍ରବନ୍ଧଟିର ଆଲୋଚନା ନୂଆ ଲାଗିଲା। ମାନସ ମହାପାତ୍ରଙ୍କ ଓଡ଼ିଆ ପୁସ୍ତକ ସମ୍ପାଦନା ଉପରେ ଲିଖିତ ‘ଓଡ଼ିଆ ବହିର ବିତରଣ ଓ ବିପଣନ’ ପ୍ରବନ୍ଧ ଧାରାବାହିକ ଭାବେ ପଢ଼ି ଆସୁଛି। ରାଧୁ ମିଶ୍ରଙ୍କ ସହ ସାକ୍ଷାତକାରରେ ତାଙ୍କ ସାଧନା ଓ ଜୀବନ ସମ୍ପର୍କରେ ଜାଣିବାକୁ ପାଇଲି।

**ସଂଗୀତା ବେହେରା**
sangeeta.behera309@gmail.com

ସମ୍ପାଦକୀୟ

# ଓଡ଼ିଆ ଭାଷାକୁ ଭୟ

ଭାଷାକୁ କ'ଣ କିଏ ଭୟ କରେ? ନୂଆ ଅକ୍ଷର ଶିଖାଳି ଚାଟଶାଳୀର ପିଲାଏ ହୁଏତ ଭୟ କରୁଥାଇପାରନ୍ତି କିଛି ମାତ୍ରାରେ; କିନ୍ତୁ ଆମ ବୟସ୍କ ବିଚାରବନ୍ତମାନେ ମଧ୍ୟ ବିଚରା ଓଡ଼ିଆ ଭାଷାଟିକୁ ଏତେ ଭୟ କରିବାର କାରଣ କ'ଣ?

ଭୟ ନ ଥିଲେ, ଆଜି ଏକ ଭାଷାଭିତ୍ତିକ ରାଜ୍ୟ ଭାବରେ ଓଡ଼ିଶା ପ୍ରଦେଶ ଗଠିତ ହେବାର ୮୮ ବର୍ଷ ପରେ ମଧ୍ୟ ଓଡ଼ିଆ ଭାଷାକୁ ସରକାରୀ ଭାଷା ଭାବରେ ଲାଗୁ ହେବା ପାଇଁ ଏତେ ପ୍ରତିବନ୍ଧକ ଦିଶି ନ ଥାଆନ୍ତା। ଭୟ ନ ଥିଲେ, ଜଣେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଦୀର୍ଘ ଚବିଶ ବର୍ଷ କାଳ ଆମ ରାଜ୍ୟର ଶାସନ ଡୋର ସମ୍ଭାଳିଥିଲେ ହେଁ ଓଡ଼ିଆ ଭାଷା ନ ଶିଖି ରହିପାରି ନ ଥାଆନ୍ତେ। ଭୟ ନ ଥିଲେ, ସୁଭାଷ ପଟ୍ଟନାୟକଙ୍କ ଭଳି ଜଣେ ବର୍ଷୀୟାନ ଭାଷା-ଯୋଦ୍ଧାଙ୍କ ନେତୃତ୍ୱରେ ଚାଲିଥିବା ଓଡ଼ିଆ ଭାଷା ଆନ୍ଦୋଳନକୁ ଭାଙ୍ଗିଦେବାକୁ ପୂର୍ବ ସରକାରର କିଛି ନ୍ୟସ୍ତସ୍ୱାର୍ଥ ଅଧିକାରୀ ସରକାରୀ ରାଜକୋଷରୁ ବିପୁଳ ଅର୍ଥଶ୍ରାଦ୍ଧ କରି ସେହି ଆନ୍ଦୋଳନର କିଛି ସକ୍ରିୟ କର୍ମୀଙ୍କୁ ହାତବାରିସୀ କରି ନ ଥାଆନ୍ତେ। ଭୟ ଥିଲା, କାଳେ ସେହି ଆନ୍ଦୋଳନ ଏକ ବିଶାଳ ରୂପ ନେଇ ରାଜ୍ୟର ସରକାରୀ ତନ୍ତ୍ରରେ ଓଡ଼ିଆ ଭାଷା ଲାଗୁ କରିବାକୁ ସରକାରଙ୍କୁ ବାଧ୍ୟ କରିବ। ସୁଭାଷ ଚନ୍ଦ୍ର ପଟ୍ଟନାୟକଙ୍କ ଦ୍ୱାରା ପ୍ରଣୀତ 'ଦାନାର ତୋବଡ଼ା' ପୁସ୍ତକରୁ ଏମିତି ଏକ ଅପଚେଷ୍ଟାର ବୃତ୍ତାନ୍ତ ମିଳେ।




ଆମ ରାଜ୍ୟର ଇତିହାସକୁ ଦେଖିଲେ ମଧ୍ୟ ଜଣାଯାଏ ଯେ ୧୯୫୨ରେ ଯେତେବେଳେ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ନେଲେ ସେ ଗୋଟିଏ ଭାଷା ଆଇନର ଚିଠା ପ୍ରଣୟନ ପାଇଁ ତତ୍କାଳୀନ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେବା ସତ୍ତ୍ୱେ ସେ ମହାଶୟ ଏହା ପ୍ରସ୍ତୁତ କଲେ ନାହିଁ। କାରଣ ସେତେବେଳେ ଅମଲାତନ୍ତ୍ରର ଉଚ୍ଚ ଅଧିକାରୀମାନେ ଭୟ କରୁଥିଲେ ଯେ ସେମାନେ ଓଡ଼ିଆ ଭାଷାରେ କାମ କରିପାରିବେ ନାହିଁ। ଏମାନଙ୍କ ଦାଉରେ ତଥା ଅନ୍ୟାନ୍ୟ କେତେକ କାରଣରୁ ଅତିଷ୍ଠ ହୋଇ ନବକୃଷ୍ଣ ଚୌଧୁରୀ ୧୯୫୪ ମସିହାରେ ଇସ୍ତଫା ଦେଇଦେଲେ; କିନ୍ତୁ ତାହା ପୂର୍ବରୁ କୌଣସିମତେ ଭାଷା ଆଇନଟିଏ ଅନୁମୋଦିତ କରାଇନେଲେ। ଅଥଚ ପରବର୍ତ୍ତୀ ସମୟରେ ବିଜୁ ପଟ୍ଟନାୟକ ଯେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ, ସେ ୧୯୬୩ ମସିହାରେ ଭାଷା ଆଇନରେ ଏକ ସଂଶୋଧନ ଆଣି ଏହାକୁ ଏଭଳି ହାଲୁକା କରିଦେଲେ ଯେ ଇଂରାଜୀ ଭାଷାରେ ରାଜକାର୍ଯ୍ୟ ଚାଲିବାର ବାଟ ସୁଗମ ହୋଇଗଲା। ସେହିପରି ଗତ ରାଜ୍ୟ ସରକାରଙ୍କ ଅମଳରେ ଜାରି କରାଯାଇଥିବା ଓଡ଼ିଆ ସରକାରୀ ଭାଷା (ସଂଶୋଧନ) ବିଧେୟକ, ୨୦୧୮ରେ ଚତୁରତାପୂର୍ବକ ଓଡ଼ିଆ ଭାଷା ବ୍ୟବହାର କରୁ ନ ଥିବା ଅଧିକାରୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନର ପ୍ରାବଧାନକୁ ଟାଳି ଦିଆଗଲା।

ଆଶ୍ୱାସନାର କଥା, ଚଳିତ ବର୍ଷ ଏକ ନୂଆ ସରକାର ରାଜ୍ୟର ଶାସନ ଡୋର ସମ୍ଭାଳିବା ପରେ ଘୋଷଣା କରିଛନ୍ତି ଯେ ଓଡ଼ିଆ ଭାଷାରେ ସମସ୍ତ ସରକାରୀ କାର୍ଯ୍ୟ କରିବା ପାଇଁ ବିହିତ ପଦକ୍ଷେପ ନିଆଯିବ। ଏହାର ପ୍ରସ୍ତୁତି ସ୍ୱରୂପ ଓଡ଼ିଆ ମାଧ୍ୟମରେ କାର୍ଯ୍ୟ କରିବା ପାଇଁ ସରକାରୀ କର୍ମଚାରୀମାନଙ୍କର ଯେଉଁ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି, ସେଥିରେ ବ୍ୟବହୃତ ହେଉଥିବା 'ପ୍ରଶାସନ ଶବ୍ଦକୋଷ'ରେ ଇଂରାଜୀ ଶବ୍ଦମାନଙ୍କର ଏଭଳି କିଛି ଓଡ଼ିଆ ପ୍ରତିଶବ୍ଦ ଅଛି, ଯାହା ହୁଏତ ଏହି ଭାଷାରେ କାର୍ଯ୍ୟ କରିବାକୁ କର୍ମଚାରୀମାନଙ୍କୁ ପୁଣି ଭୟଭୀତ କରିବ। ଏଣୁ ପ୍ରଥମ ପର୍ଯ୍ୟାୟରେ ସହଜରେ ଓଡ଼ିଆ ପ୍ରତିଶବ୍ଦ ଉପଲବ୍ଧ ହେଉ ନ ଥିବା କିଛି ଇଂରାଜୀ ଶବ୍ଦମାନଙ୍କୁ ଓଡ଼ିଆ ଲିପିରେ ଯଥାବତ୍ ଲେଖିବା ପାଇଁ କର୍ମଚାରୀମାନଙ୍କୁ ସ୍ୱାଧୀନତା ଦିଆଯାଉ, ଯାହା ଫଳରେ ଏହି ଭୟ କିଛି ମାତ୍ରାରେ ଲାଘବ ହୋଇପାରିବ।

*ନିହାର ଶତପଥୀ*

## ସାହିତ୍ୟ ବିଚାର

କମଳାକାନ୍ତ ରଥ




*ବ୍ୟଙ୍ଗଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ ।*

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ । ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ । ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି ।

**www.sahityacharcha.com/subscription**

ପାର୍ଶ୍ୱରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି ବିଭିନ୍ନ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍ ଜରିଆରେ ମଧ୍ୟ ଏହି ଦେୟ ପଠାଯାଇପାରେ, କିମ୍ବା ଆମର ଫୋନ୍-ପେ ନମ୍ବର 9368772506 କୁ ମଧ୍ୟ ସିଧାସଳଖ ଭାବରେ ଏହା ପଠାଇପାରନ୍ତି । ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଯୋଗେ ବାର୍ଷିକ ଗ୍ରାହକଦେୟ ପଠାଇବାକୁ ଥିଲେ ତାହାକୁ Sahitya Charcha ନାମରେ ଲେଖି ଆମର ନିମ୍ନଲିଖିତ ଠିକଣାକୁ ପଠାନ୍ତୁ ।

**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା, ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭, ମୋବାଇଲ : ୯୩୬୮୭୭୨୫୦୬


ପ୍ରବନ୍ଧ

# ଶ୍ରୀକ୍ଷେତ୍ରର ଡାହୁକ ଗୀତ



ଡ. ରମେଶଚନ୍ଦ୍ର ମଲ୍ଲିକ

ଶ୍ରୀଜଗନ୍ନାଥ ସଂସ୍କୃତି, ଓଡ଼ିଆ ସାଂସ୍କୃତିକ ଧାରାର ମୂଳ ପିଣ୍ଡ। ଏହା କହିବାର ଯଥାର୍ଥତା ଏହା ଯେ ଶ୍ରୀଜଗନ୍ନାଥ ସଂସ୍କୃତି ଏକ ସମନ୍ୱୟ ସାଂସ୍କୃତିକ ଧାରାର ପରିପ୍ରକାଶଭାବେ ପରିପୁଷ୍ଟ। ଶ୍ରୀଜଗନ୍ନାଥ ସଂସ୍କୃତିରେ ଆର୍ଯ୍ୟ, ଦ୍ରାବିଡ଼ ଓ ଅଷ୍ଟ୍ରିକ୍ ବା ମୁଣ୍ଡା ସାଂସ୍କୃତିକ ଧାରାର ବିଲକ୍ଷଣ ପରିଲକ୍ଷିତ ଓ ପ୍ରତିପାଳିତ ହୋଇଥାଏ। ଓଡ଼ିଆ ଭାଷାରେ ଯେଉଁଭଳି ଭାବେ ଅଷ୍ଟ୍ରିକ୍ ଓ ଦ୍ରାବିଡ଼ ଭାଷାର ଉପସ୍ତର ପରିଦୃଶ୍ୟ ସେହିଭଳି ଚଳିଚଳଣି, ଖାଦ୍ୟପେୟ, ପର୍ବପର୍ବାଣି, ଦେବାର୍ଚ୍ଚନା ପଦ୍ଧତି, ବିଚାରବିମର୍ଶ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ମଧ୍ୟ ଅଷ୍ଟ୍ରିକ୍ ଓ ଦ୍ରାବିଡ଼ ସାଂସ୍କୃତିକ ଧାରା ପ୍ରଦର୍ଶିତ ହୋଇଛି। ଏସବୁ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରାରେ ବୋଲାଯାଉଥିବା "ଡାହୁକ ଗୀତ" ପ୍ରସଙ୍ଗଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଏହି ଆଲୋଚନାଟିର ମୁଖ୍ୟ ଆକର୍ଷଣ।



### ଅଶ୍ଳୀଳ ପଦଲାଳିତ୍ୟ

ଓଡ଼ିଆ ସଂସ୍କୃତିରେ ବିଭିନ୍ନ ରଥରେ ଯଥା- ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏବଂ ଲିଙ୍ଗରାଜଙ୍କ ରଥରେ ବୋଲା ଯାଉଥିବା ଗୀତକୁ "ଡାହୁକ ଗୀତ" କୁହାଯାଏ। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଓ ଶ୍ରୀ ଲିଙ୍ଗରାଜଙ୍କ ରଥଯାତ୍ରାରେ "ଡାହୁକ" ଭକ୍ତମାନଙ୍କୁ ଲକ୍ଷ୍ୟକରି ଅଶ୍ଳୀଳ ଶବ୍ଦ-ପଦଲାଳିତ୍ୟ ବିନ୍ୟାସ ମାଧ୍ୟମରେ ଗୀତ ଗାନ କରିଥାନ୍ତି। ପରିବେଶ, ପରିସ୍ଥିତି ଏବଂ ପ୍ରସଙ୍ଗକ୍ରମେ 'ଗୀତସମୂହ'ର ଗଢ଼ଣରେ ସମାନତା ଥିଲା ଭଳି ଲାଗେ। ତାତ୍ତ୍ୱିକ ଅଧ୍ୟୟନ ଦୃଷ୍ଟିରୁ ବିଚାର କଲେ ଗୀତର ମର୍ମ ଓ ଗୂଢ଼ ଅର୍ଥ ପରିପ୍ରକାଶରେ ଅଧିକ ସମାନତା ରହିଚି ବୋଲି କୁହାଯିବ। ରଥ ଟାଣିବା ସମୟରେ ଡାହୁକ ଅଶ୍ଳୀଳ ପଦଲାଳିତ୍ୟ ପରିପୂର୍ଣ୍ଣ ଗୀତ ଖୁବ୍ ଜୋରରେ ବୋଲିଥାନ୍ତି। ଅବଶ୍ୟ ୧୯୯୭ ମସିହାରୁ ଶ୍ରୀମନ୍ଦିର ପ୍ରଶାସନ ଡାହୁକ ଗୀତକୁ ଅଶ୍ଳୀଳ କହି ବୋଲା ନ ଯିବା ନିମନ୍ତେ ନିଷେଧାଜ୍ଞା ଜାରି କରିଛନ୍ତି।

ବୌଦ୍ଧ ବ୍ରଜଯାନୀ ପରମ୍ପରାର କବି ହାଡ଼ିପା ଏକ 'ବଚନିକା' ଡାହୁକ ବୋଲୁଥିବା କଥା ଭି. ରାଜେନ୍ଦ୍ର ରାଜୁ ଉଲ୍ଲେଖ କରିଛନ୍ତି। ସେଇ ରଚନାର ଏକ ପଦ ହେଲା:

ଭଗତେ ହୋ,<br>
ହାଡୁପା କହିଲେ ବାଇ ଏଠାରେ<br>
(....) ଦରଶନ ସୁଖ ଅପାରେ<br>
(....)ରେ ବାଜିଲେ (....)ର ମୁଣ୍ଡି<br>
ତିନିଧାର ନାଳ ନିଅଇ ତେଣ୍ଡି<br>
ଛ ଗଣ୍ଡି ଭେଦଇ ସେ ନାଳ ଯେବେ<br>
ରମଣ କରିବୁ ଭକତେ ତେବେ।

ଉକ୍ତ ଗୀତରେ ଉଲ୍ଲିଖିତ 'ଯୋନି' ଓ 'ଲିଙ୍ଗ' ଯଥାକ୍ରମେ ଶକ୍ତି ଓ କାଳ ଅର୍ଥରେ ବ୍ୟବହୃତ। ଯଥା-"ଏ ଦୁହିଙ୍କ ଦୃଢ଼ ସଂଯୋଗରେ ସୃଷ୍ଟି ପ୍ରକାଶ ହେଲା। ଏ ତତ୍ତ୍ୱଟି ଅତି ପ୍ରାଚୀନ ଓ ଶୂନ୍ୟରୁ କାମହେତୁକ ସୃଷ୍ଟିର ଏହା ଇ ଆଦିମ ମୌଳିକ ଧାରଣା। ଶୂନ୍ୟରୁ ବ୍ୟକ୍ତି ବାହାରେ। ତା' କିପରି ? ଲିଙ୍ଗ ଓ ଯୋନିର ସଂଗମରେ ତା ହୁଏ। ଏହାଇ ଶୂନ୍ୟବାଦର ସ୍ୱାଭାବିକ ମୌଳିକ ନିଷ୍ପତ୍ତି। ସାରା ସୃଷ୍ଟିର ପ୍ରକାଶ ମଧ୍ୟ ସେପରି। ତାହୁଏ ଦେଶ ଓ କାଳର ସଂଗମରେ। ଦେଶରେ ପଞ୍ଚଭୂତର ପ୍ରକାଶ ଓ କାଳରେ ତା'ର ବିଚାର ବା ପରିଣାମ ଏଥିପାଇଁ ଦେଶରେ ବ୍ୟକ୍ତି ବା ଜଗତର ଜ୍ଞାନ ହୁଏ ଓ କାଳ ହେଉଚି ସେଇ ଜଗତର ନିତ୍ୟ ମୃତ୍ୟୁର ସଂକେତ" (ଦାସ ୨୦୧୧:୧୨୪)।

ଶ୍ରୀଜଗନ୍ନାଥ ମନ୍ଦିରର ପ୍ରଶାସନ ବ୍ୟବସ୍ଥାରେ ତଥା ଶ୍ରୀ ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥ ମନ୍ଦିର ସେବକ ଖଟଣି ନିଯୋଗ ବିବରଣରେ ଡାହୁକମାନଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଇଛି ଯେ "ଏଇ ଭୂଇଁଭୋଗୀ, ଏମାନେ ରଥବେଳେ ରଥ ଚଳାଇବେ। ମୋଡ଼ ବୋଲିବେ। ଅକଥା କହି ପରମେଶ୍ୱର ରଥ ରୋକାଇ ଆଗ ଜନମାନଙ୍କ ରୋକି ରଥଗତି ଉଣ୍ଡି ବେତ ଚଳାଇ ମୋଡ଼ କଥା କହିବେ। ସେ ସମସ୍ତ ରଥ ଲଗିବେ।" (କାନୁନ୍‌ଗୋ ୨୦୨୩:୩୫୫)।

**ଡାହୁକ ଗୀତର ଶାସ୍ତ୍ରୀୟତା**

ଡାହୁକ ଗୀତର ଶାସ୍ତ୍ରୀୟତା ତଥା ପ୍ରଚଳନର ଭୂମିକା ସଂପର୍କରେ ଡକ୍ଟର ହରିହର କାନୁନ୍‌ଗୋ ପ୍ରଦାନ କରିଥିବା ତଥ୍ୟ ଓ ତାତ୍ତ୍ୱିକ ଆଲୋଚନା ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ବୌଦ୍ଧ ସଂସ୍କୃତିର ସମନ୍ୱୟ ଓ ଶୂନ୍ୟବାଦର ଆରୋପଣ ଯଥାର୍ଥ ବୋଲି ବିଚାର କରାଯାଇପାରେ; କିନ୍ତୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସିଦ୍ଧାନ୍ତ ଶ୍ରୀଜଗନ୍ନାଥ ଯେ ଶୂନ୍ୟବ୍ରହ୍ମ ଏହା ମଧ୍ୟ ଗ୍ରହଣଯୋଗ୍ୟ। ତାଙ୍କ କହିବା ଅନୁସାରେ "ଏହି ସ୍ୱରୂପରେ କର୍ମେନ୍ଦ୍ରିୟର ସୂଚନା ଥିବାରୁ କଳା ଜଗନ୍ନାଥରେ ହାତ ଦିଓଟିର ସଂକେତ। ତାପରେ ରଜୋରୂପିଣୀ 'ଯୋଗମାୟା' ପ୍ରଭୃତି।" (ଓ.ସା. କ୍ରମପରିଣାମ ୨୦୧୧:୧୨୯)। ଏସବୁ ସିଦ୍ଧାନ୍ତକୁ ଅନୁଧ୍ୟାନ କଲେ ଡାହୁକ ଗୀତର ପ୍ରାଚୀନତା ସଂପର୍କରେ ସୂଚନା ମିଳେ।

ରଥଯାତ୍ରା ଓଡ଼ିଆ ସଂସ୍କୃତିର ସ୍ୱତନ୍ତ୍ର ପରିଚିତି। ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଶାସ୍ତ୍ରୀୟ ମର୍ଯ୍ୟାଦାରେ ଶ୍ରୀମନ୍ଦିରରୁ ସମସ୍ତ ଔପଚାରିକ ରୀତିରେ ତିନି ରଥରେ ପ୍ରତିଷ୍ଠା କରାଇ ଅସଂଖ୍ୟ ଜନସମାଗମ ଭିତରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଅଣାଯାଇଥାନ୍ତି। ଏଭଳି ଏକ ସାଂସ୍କୃତିକ ପୃଷ୍ଠଭୂମିରେ ତିନି ରଥ ଉପରେ ଡାହୁକମାନେ ଅଶ୍ଳୀଳ ପଦଲାଳିତ୍ୟ ପରିବେଷଣ କରିଥାନ୍ତି। ସାଂପ୍ରତିକ କାଳରେ ଡାହୁକ ଗୀତର ଅନାବଶ୍ୟକତାକୁ ଉପଲବ୍ଧିକରି ସେଗୁଡ଼ିକର ପରିବେଷଣ ରଦ୍ଦ କରାଯାଇଛି ଏବଂ ପାରମ୍ପରିକ ଗୀତ ବା ବୋଲିଗୁଡ଼ିକ ବର୍ଜନ କରାଯାଇ ନୂଆ ଗୀତ ପରିବେଷଣ କରାଯାଉଛି। ଜନସାଧାରଣଙ୍କ ଧାରଣା- ଡାହୁକ ଗୀତ ପୂର୍ଣ୍ଣମାତ୍ରାରେ ଅଶ୍ଳୀଳ। ଏହା ସୁସ୍ଥ, ସାଂସ୍କୃତିକ ଜୀବନଯାପନ ପାଇଁ ବାଧା ସୃଷ୍ଟି କରିପାରେ। ମାତ୍ର ତାତ୍ତ୍ୱିକ ଦୃଷ୍ଟିରୁ ବିଚାର କଲେ ଯେ ଡାହୁକ ଗୀତର ଆବଶ୍ୟକତା ନିଶ୍ଚିତ ଭାବରେ ରହିଥିଲା ଓ ଏବେ ମଧ୍ୟ ରହିଛି, ଏ ସଂପର୍କରେ ଆଲୋଚନା କରିବା ଉଚିତ୍ ହେବ।

ଶ୍ରୀଜଗନ୍ନାଥ ସଂସ୍କୃତି, ସର୍ବଧର୍ମ ସମନ୍ୱୟର ପୃଷ୍ଠଭୂମିରେ ପ୍ରତିଷ୍ଠିତ। ଏଠାରେ ଆର୍ଯ୍ୟ ସଂସ୍କୃତିର ପ୍ରାଧାନ୍ୟ ଯେଉଁଭଳି ଭାବରେ ପ୍ରତିଷ୍ଠିତ, ସେହିଭଳି ଭାବରେ ଦ୍ରାବିଡ଼ ଓ ମୁଣ୍ଡା ଓ ବୌଦ୍ଧ ସଂସ୍କୃତିର ଦର୍ଶନ ମଧ୍ୟ ପ୍ରଚଳିତ। ରଥଯାତ୍ରା ବୌଦ୍ଧ ସଂସ୍କୃତିର ଅବଦାନ। ଏହାର ପ୍ରାମାଣିକ ସୂତ୍ର ହିସାବରେ "ଡାହୁକଗୀତ" ଏକ ବଳିଷ୍ଠ ମାଧ୍ୟମ। ଡାହୁକ ଗୀତକୁ କେବଳ ଅଶ୍ଳୀଳ ପଦ ସଂଯୋଜନା କହିବା ଆଦୌ ସମୀଚୀନ ନୁହେଁ। କାରଣ ଆମେ ଯେଉଁସବୁ ଓଡ଼ିଆ ଶବ୍ଦଗୁଡ଼ିକୁ ଅଶ୍ଳୀଳ ବୋଲି ଧରି ନେଇଛେ ସେଗୁଡ଼ିକ ଶୂନ୍ୟବାଦରେ ଗୋଟିଏ ଲେଖାଏଁ ପ୍ରତୀକ। ପ୍ରତ୍ୟେକ ପ୍ରତୀକ ଅଭିଧା ଅର୍ଥ ବ୍ୟତୀତ ଲକ୍ଷଣାର୍ଥ ଓ ବ୍ୟଞ୍ଜନାର୍ଥ ପ୍ରତିପାଦନ କରିଥାଏ। ସାଧାରଣ ଲୋକଲୋଚନରେ "ଡାହୁକଗୀତ" ଅଶ୍ଳୀଳତାକୁ ସୂଚାଉଥିଲେ ହେଁ ଦାର୍ଶନିକତା ଦିଗରୁ ସେଗୁଡ଼ିକ ପୂର୍ଣ୍ଣତଃ ଶରୀର ତତ୍ତ୍ୱର ସ୍ପଷ୍ଟୀକରଣ କରାଏ।

**ଡାହୁକ ଗୀତକୁ କେବଳ ଅଶ୍ଳୀଳ ପଦ ସଂଯୋଜନା କହିବା ଆଦୌ ସମୀଚୀନ ନୁହେଁ।**

ଭଗତେ ହୋ,
ନଈ କୂଳେ ଅଙ୍କରାନ୍ତି
ରାତି ଭରି ମୁହିଁ (....) ଥାନ୍ତି,
କାଲି ହେବ ସଙ୍କରାନ୍ତି।

ଡାହୁକ ବୋଲୁଥିବା ଏହି ପଂକ୍ତିଟିକୁ ବିଶ୍ଳେଷଣ କଲେ, ଏହାର ଅଭିଧା ଅର୍ଥ ଯଦିଓ ଅଶ୍ଳୀଳତାକୁ ସୂଚିତ କରୁଛି ମାତ୍ର ଏହାର ଦାର୍ଶନିକ ଅର୍ଥ ପ୍ରକାଶ କରୁଛି ଯେ 'ଜୀବନ ନଦୀର ଗତିକୁ ସୁନିୟନ୍ତ୍ରଣ କରା ନ ଯିବାରୁ ଏହା ଅକାଳରେ ଶୁଖିଯାଉଛି।' ନଈ କୂଳେ ଅଙ୍କରାନ୍ତି ପଦ ମାଧ୍ୟମରେ ଜୀବନର ଏହି ଦୁରବସ୍ଥାକୁ ସୂଚିତ କରାଯାଇଛି।

ହୋ ଭଗତେ
କାଳୀ ଗୋରୀ ଦିହେଁ ଗାଧେଇ ଗଲେ
ଭାଙ୍ଗିଲେ ଗଞ୍ଜେଇ ଡାଳ
କାଳୀ ପଚାରୁଛି ଗୋରୀକୁ

ତୋ (....) ମେଞ୍ଚାଏ ବାଳ।


ଉକ୍ତ ପଦରେ କାଳୀ ଓ ଗୋରୀ ଗାଧେଇ ଯିବା କଥା ସାଧାରଣ ଭାବରେ କୁହାଯାଇଥିଲେ ହେଁ ପଦ ମଧ୍ୟରେ ଯତିପାତ ଓ ଅକ୍ଷର ମେଳ ସାଙ୍ଗୀତିକତା ସୃଷ୍ଟି କରୁଚି। ଯାହା ଫଳରେ ଅଶ୍ଳୀଳ ଶବ୍ଦ ପଦଲାଳିତ୍ୟ ହେବା ଯୋଗୁଁ ଶ୍ରୁତିମଧୁର ହେବା ସହିତ ଶୂନ୍ୟବାଦର ରହସ୍ୟ ମଧ୍ୟ ପ୍ରତିପାଦିତ ହୋଇପାରିଚି। କାଳୀ ଓ ଗୋରୀ, ଗଞ୍ଜେଇ ଡାଳ, (....) ଓ (....) ଏସବୁ ଶବ୍ଦ ସାଙ୍କେତିକ ଭାବରେ ବ୍ୟବହୃତ ହୋଇଚି। କାଳୀ = ଇଳା, ଗୋରୀ = ପିଙ୍ଗଳା, (....) = ଶକ୍ତି, ବାଳ = ନୈରାଶ୍ୟ ଏବଂ ଗଞ୍ଜେଇ ଡାଳ = ଆସକ୍ତି ଇତ୍ୟାଦି ଅର୍ଥରେ ପ୍ରତିପାଦିତ କରାଯାଇପାରେ। ଅତଏବ 'ଡାହୁକ ଗୀତ'କୁ ଶୂନ୍ୟବାଦର ସ୍ୱରୂପ ଓ ଦର୍ଶନ ଅଧ୍ୟୟନ କରାଯିବାର ମାର୍ଗ ବୋଲି ବିବେଚନା କରାଯାଇପାରିବ।

ଠିକ୍ ସାଧନା ବଳରେ ଜୀବନ ନଦୀ ଚିର ପୂର୍ଣ୍ଣଗର୍ଭା ଥାନ୍ତା, ଏଣୁ ଜୀବନକୁ ସବୁଦିନ ଉପଭୋଗ କରି ହେଉଥାନ୍ତା। କିନ୍ତୁ ସାଧନା ଅଭାବରୁ ନଦୀର ଅବସ୍ଥା ଏଭଳି ହୋଇଛି। ଜୀବନକୁ ଉପଭୋଗ କରିବା ପାଇଁ ପ୍ରବଳ ଆଗ୍ରହ ଥିଲେ ମଧ୍ୟ ଆଉ ଉପାୟ ନାହିଁ। କାରଣ ଏ ଜୀବନରେ ମାସାନ୍ତ ଉପସ୍ଥିତ ହୋଇଯାଇଛି। ତଥାପି ଏହା ପରେ ସଂକ୍ରାନ୍ତି ଆସିବ - ଏ ସମ୍ଭାବନା ମଣିଷ ମନରେ ଆଶ୍ୱାସନା ଆଣିଦେଉଛି ।

## ନୃତାତ୍ତ୍ୱିକ ବିଚାରଧାରା

ପ୍ରତ୍ୟେକ ସାହିତ୍ୟର ନୃତାତ୍ତ୍ୱିକ ବିଚାରଧାରା ରହିଛି। ଡାହୁକ ଗୀତ ଏ ଦିଗରୁ ଅତ୍ୟନ୍ତ ସ୍ପଷ୍ଟ ଓ ପ୍ରାଞ୍ଜଳ। ଡାହୁକ ଗୀତର ସବୁଠାରୁ ବଡ଼ ଉପଯୋଗିତା ହେଉଛି ଶ୍ରମ ଲାଘବ କରିବା ଓ ଯୌନ ଶକ୍ତିକୁ ସଚେତନ କରାଇବା। ପ୍ରାଚୀନ କାଳରେ ଉତ୍ତପ୍ତ ବାଲି ଉପରେ ରଥକୁ ଟାଣିବାପାଇଁ ଭକ୍ତମାନଙ୍କର ଏକାଗ୍ରତା ଓ ଶକ୍ତି ପ୍ରଦର୍ଶନପାଇଁ ଡାହୁକମାନେ ରଥରେ ବେତ ହଲେଇ ଗୀତ ବୋଲୁଥିଲେ। ଏହାରି ମାଧ୍ୟମରେ ଭକ୍ତମାନଙ୍କ ମଧ୍ୟରେ ଈଶ୍ୱରଙ୍କ ପାଖରେ ଆତ୍ମ ସମର୍ପଣ ଭାବ ଜାଗ୍ରତ କରାଯାଉଥିଲା। ଓଡ଼ିଶାର ବିଭିନ୍ନ ମୁଣ୍ଡା ଜନଜାତିମାନେ 'ଦିରିଅର' (ପଥରଟଣା) ଏବଂ 'କାଜି ପାଆଳି' ବା ଡାହୁକ ବୋଲି ଅର୍ଥାତ୍ ଅଶ୍ଳୀଳ ଭାଷାରେ ଗାଳି କରିବା ପରମ୍ପରା ପ୍ରଚଳିତ ରହିଚି (ହୋ ଜନଜାତି)। ଅନ୍ୟତ୍ର ରଥଯାତ୍ରାରେ ଉପସ୍ଥିତ ଅସଂଖ୍ୟ ଜନସାଧାରଣଙ୍କୁ ନିୟନ୍ତ୍ରଣ କରିବା ପାଇଁ ଏଭଳି ବ୍ୟବସ୍ଥା ପ୍ରଚଳିତ ଥିଲା। ଯାହା ଦ୍ୱାରା ଯୌନ ସମ୍ପର୍କୀୟ ଅଶ୍ଳୀଳ ଶବ୍ଦ ଶୁଣିଲା ପରେ ଭକ୍ତମାନେ ଲଜ୍ଜାରେ ନିଜକୁ ଆୟତ୍ତ କରୁଥିଲେ ଓ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟଠାରୁ ଦୂରେଇ ରହୁଥିଲେ।

ଡାହୁକ ଗୀତକୁ କେବଳ ଅଶ୍ଳୀଳ ବୋଲି ବିଚାର ନ କରି ଏହାର ଉପଯୋଗିତା ଓ ଦାର୍ଶନିକ ଦିଗକୁ ଉପଲବ୍ଧି କରି ଲୋପ ପାଇଯାଉଥିବା ଏଇ ଲୋକ ପରମ୍ପରାକୁ ସଂରକ୍ଷଣ କରିବା ନିତାନ୍ତ ଆବଶ୍ୟକ। ଯୌନଶିକ୍ଷା ଓ ଯୌନ ଚେତନାର ବଳିଷ୍ଠ ମାଧ୍ୟମ ଭାବେ ବିବେଚିତ ହେଉଥିବା ଡାହୁକ ଗୀତ ବା ଡାହୁକ ବୋଲି ଓଡ଼ିଆ ସାଂସ୍କୃତିକ ଧାରାର ଏକ ଅଭିନବ ପରମ୍ପରା ଥିଲା, ଯାହାଦ୍ୱାରା ମଣିଷ ସୁସ୍ଥ ଓ ପ୍ରଗତିଶୀଳ ଜୀବନଯାପନ କରିବାର ଉତ୍ସାହ ଉପଲବ୍ଧି କରିଥାଏ। ଏହି ଡାହୁକ ଗୀତର ପ୍ରାଚୀନତତ୍ତ୍ୱ ଓ ଶୂନ୍ୟବାଦର ସାଂକେତିକ ଦର୍ଶନ ସହିତ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ସଂପର୍କ ପ୍ରତିପାଦିତ ହୋଇଛି।



**ସହାୟକ ପୁସ୍ତକ ତାଲିକା :**

କାନୁନ୍‌ଗୋ, ହରିହର। ୨୦୨୩। ଶ୍ରୀଜଗନ୍ନାଥ ଓ ରଥଯାତ୍ରା। (ତୃତୀୟ ସଂସ୍କରଣ)।
କଟକ: ସତ୍ୟନାରାୟଣ ବୁକଷ୍ଟୋର।
ଦାସ, ନୀଳକଣ୍ଠ।୨୦୧୧। ଓଡ଼ିଆ ସାହିତ୍ୟର କ୍ରମ ପରିଣାମ। କଟକ: ଗ୍ରନ୍ଥ ମନ୍ଦିର।
ମହାପାତ୍ର, ସିଦ୍ଧେଶ୍ୱର।୧୯୯୭। ପୁରୀବୋଲି। ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡେମୀ।

□□

ଲେଖକଙ୍କ ଇ-ମେଲ ଠିକଣା:
ramesmalik@gmail.com

କବିତା



# ପ୍ରବାଳ ଦ୍ୱୀପ

ପୀୟୂଷ ପଟ୍ଟନାୟକ

(୧)

ସମୁଦ୍ର ମଝିରେ କାହିଁ ଦୂରେ ଅଛି ସେ ପ୍ରବାଳ ଦ୍ୱୀପ
ଦିଶେ କେବେ ଦିଶେ ନାହିଁ ସେଇ ବାଟେ ଫେରନ୍ତା ନାବିକେ
ଚାରିପଟେ ବୋଧେ ତା'ର ସୀମାହୀନ ଜଳଧି ସନ୍ତପ୍ତ
ଅନାଗତ ଆଶଙ୍କା କି ଭେଦିଯାଏ ନାବିକର ବୁକେ।

ସେ ପ୍ରବାଳ ଦ୍ୱୀପେ ଥାଏ ଆଲୋକର ନୀଳାଭ ବର୍ଣ୍ଣାଳି
ସମୁଦ୍ରର ଝିନ ବକ୍ଷେ ପ୍ରତିଫଳି ରଚେ ଇନ୍ଦ୍ରଧନୁ
ଖଜୁରି ଗଛର ଛାଇ ପବନରେ ସଂରଚଇ ଦୋଳି
ଦିଗବିଦିଗେ ଖେଳିଯାଏ ବିଭାସର ଅଜସ୍ର ଅତନୁ।

ସମୁଦ୍ରର ଏପଟରେ, ବେଳାଭୂମେ ଏକାନ୍ତ ନିର୍ଜନେ
ତାରାରେ ତାରାରେ ଗଣେ କେଉଁଦିଗେ ସେ ସ୍ୱପ୍ନର ଦ୍ୱୀପ
ପ୍ରତିରୂପ ତା'ର ଭାସେ ମନର ସେ ଅନାବୃତ କୋଣେ
ପ୍ରତ୍ୟୟ ନ ହୁଏ କେବେ ପାରିବି କି ଦେଖି ତା' ସ୍ୱରୂପ।

ତଥାପି ତ ଉଜାଗରେ ଅପେକ୍ଷାରେ ବସେ ରାତ୍ରି ସାରା
ପାରିବ ଦେଖାଇ ରାସ୍ତା ସେ ଦ୍ୱୀପକୁ ଅବା କୁଆଁ ତାରା।

(୨)

ନିରବ ରାତ୍ରିରେ ଯେହ୍ନେ ସ୍ୱପ୍ନାବେଶେ ଭାସମାନ ଗନ୍ଧ
ଧୂସର ମରୁରେ ଯେହ୍ନେ ଛାୟା ପ୍ରଯୋଜିତ ମରୁଦ୍ୟାନ
ତେସନେ ଦୂରନ୍ତ ଦ୍ୱୀପ ଲାଗେ ପ୍ରକୃତିର ଚିତ୍ରକଳ୍ପ
ଶୋଇଛି ସାଗର ବକ୍ଷେ ହୃଦେ ରଖି ନିଜ ଉପାଖ୍ୟାନ।

ଚାରିପଟେ ସମୁଦ୍ରର ନିର୍ବିକାର ଶୀତଳ ଆଶ୍ଲେଷ
ଦିନବେଳେ ନିରାସକ୍ତ ସୂର୍ଯ୍ୟ ଆଉ ଉଦ୍‌ବିଗ୍ନ ଖରା
ଅନନ୍ତ ଆକାଶେ ରଚେ ରାତ୍ରିର ସେ ନିର୍ମମ ଆବେଶ
ସଙ୍ଗହୀନ ଜୀବନର ପ୍ରତିରୂପ ଦିବାରାତ୍ର ସାରା।

ଉପାଖ୍ୟାନ ସେ ଦ୍ୱୀପର ଏକାକୀତ୍ୱ ନୀଳ ନିର୍ଜନତା
ମନର ଗବାକ୍ଷ ଡେଇଁ ଦିଶେ ଖାଲି ଅନନ୍ତ ଜଳଧି
କାହାକୁ କହିବ ସେ ଜୀବନର ବିଶାଳ ଶୂନ୍ୟତା
କିଏ ବା ରହିଛି ସେଠି ଶୁଣିବାକୁ ମନର ପରିଧି।

ବେଳେବେଳେ ମନେ ହୁଏ ଏକାକୀ ସେ ଅଜ୍ଞାତ ଦ୍ୱୀପରେ
ମନକଥା କହିବାକୁ ବୁଲେ, କହି ପାରେନି କାହାରେ।



□□

କବିଙ୍କ ଇ-ମେଲ ଠିକଣା:
piyushapatnaik@gmail.com

ଗଳ୍ପ

# ଦସ୍ତଖତ




ଆରତୀ ସାହୁ

କରି ଦେଇଥିଲେ ତ ହେଇଥାନ୍ତା ଦସ୍ତଖତଟା । ସବୁଥର ଆସିଲେ ନା ବାକ୍‌ବିତଣ୍ଡା ପାଟିଗୋଳ। କ'ଣ ପାଇଁ ତୁମର ଏତେ ଲୋଭ କୁହ ତ ? ଆମର ଅଗି ଅଛି ନା ନଗି ଅଛି ଯେ? ତୁମ ଅନ୍ତେ ସେଇମାନେ ତ ପୁଣି ଭୋଗ କରିବେ ।

ସୁମିତ୍ରା ଜେଠୀ ସେଇବେଲୁ ଗଜର୍ ଗଜର୍ ହେଉଥାଆନ୍ତି। ପରଶୁ ଦଦେଇ ସେଇମିତି ଖୁଣ୍ଟଟା ପରି ବସି ପିଇ ଯାଉଥାନ୍ତି ପ୍ରତ୍ୟେକ ବାକ୍ୟବାଣ।

ଏଥର ତ ରୀତିମତ ଧମକ ଦେଇ ଯାଇଛନ୍ତି ନିଲୁ ଓ ବୁଲୁ। ଆରଥରକୁ ନିହାତି ଦସ୍ତଖତଟା ଦରକାର। ଆଉ ଏତେ ଗାଁକୁ ଦଉଡ଼ି ପାରିବେ ନାହିଁ। ଛୁଆପିଲାଙ୍କ ପାଠଶାଠ ଅଛି ନା ନାହିଁ?



-ଏଇଠି, ଏଇଠି ତ ତୋର ବୁଝିବାରେ ଭୁଲ୍ ହେଉଛି। ଯେ ପର୍ଯ୍ୟନ୍ତ ଦସ୍ତଖତଟା ନ ଦେଇଛି, ସେପର୍ଯ୍ୟନ୍ତ ବର୍ଷକୁ ଥରେ ଘର ଗହଗହ ତ ହେବ। ପିଲାଛୁଆ କିଲିରିବିଲିରି ତ ହେବେ। ସେମାନେ ସେମିତି କହୁଛନ୍ତି ନା, ନ ଆସି ଯିବେ କୁଆଡ଼େ। ଏଇ ହାତରେ ସେମାନଙ୍କୁ କୋଳେଇ କାଖେଇ ବଡ଼ କରିଛିଟି, ଆସିବେ ନାହିଁ .....

ପଛବେଳକୁ କଥାଗୁଡ଼ା କେମିତି ଓଦାଳିଆ ହେଇ ଯାଉଥିଲା, ଶେଷ ଶବ୍ଦ ଦୁଇଟା ନିଜର ଓଜନ ହରଉଥିଲେ ଯେମିତି ।

ପରଶୁ ଦଦେଇଙ୍କ ଘର ଓ ଆମ ଘର ବାଡ଼ ଲଗାଲଗି। ତାଙ୍କ ବାଡ଼ିର କଞ୍ଚାସୁଆଦି ଆମ୍ବ ଆମ ଅଗଣାରେ ପଡ଼ି ଫାଟେ ଆଉ ଆମ ବାଡ଼ିର ନିମ୍ବଗଛ ତାଙ୍କ ବାଡ଼ିରେ ପତ୍ରଝଡ଼ା ଦିଏ। ତାଙ୍କ ପୁଷି ବିଲେଇ ଆମ ଚୁଲି ମୁଣ୍ଡରେ ଉଷୁମେ ଆଉ ଆମ କୁକୁଡ଼ା ଯାକ ଚିଆଁମାନଙ୍କ ଦଳବଳ ଘେନି ତାଙ୍କ ବାଇଗଣ କିଆରିକୁ ଏଞ୍ଚାରି ଛିନଛତ୍ର କରନ୍ତି। ପରଶୁ ଦଦେଇ ନିଃସନ୍ତାନ। ସେ ଯେତେବେଳେ କୋଡ଼ିଏ ବର୍ଷର ଭେଣ୍ଡିଆ ତାଙ୍କ ବୋଉ କଦଳୀବାଙ୍ଝର ଉଲୁଗୁଣା ଛଡ଼େଇ ଜନ୍ମ ଦେଇଥିଲେ ଏଇ ନିଲୁ ଓ ବୁଲୁକୁ। ଜାଆଁଳା ଛୁଆ। କିନ୍ତୁ ଦଦେଇଙ୍କୁ ପଚିଶିବର୍ଷ ନ ହେଉଣୁ ପାଞ୍ଚବର୍ଷର ଦୁଧଖିଆ ଦୁଇ ବାଳୁତଙ୍କୁ ସମର୍ପି ବାପାବୋଉ ଦୁହେଁ ଯାକ ଡକାଡକି ହେଲାପରି ଚାଲି ଯାଆନ୍ତି ଆରପାରିକୁ। ଖନି ମାରି ଯାଉଥିବା ପାଟିରେ କହି ଯାଆନ୍ତି ନିଲୁ ବୁଲୁ ତୋର ଭାଇ ନୁହେଁ ଯେ ତୋର ପୁଅ। ଏଙ୍କୁ ହତାଦର କରିବୁନି। ସେଇ ଯେ ଦୁଇ ଭାଇଙ୍କୁ ସେ ଆଙ୍କୁଳେଇ ଧରିଛନ୍ତି କଲିଜା ଭିତରେ, ଏପର୍ଯ୍ୟନ୍ତ ଛାଡ଼ିପାରି ନାହାନ୍ତି। ଭାଇମାନେ ପଛେ ଉଡ଼ାଣ ଭରି କେବେଠାରୁ ହାତଛଡ଼ା ହେଇ ସାରିଲେଣି।

ଠାକୁରଙ୍କ ବରାଦ ଦେଖ, ଗାଁ ସାହି ଲୋକଙ୍କ କୁହାବୋଲା ଆଉ ଦୁଇ ଛୁଆଙ୍କୁ ମଣିଷ କରିବାର ବାଧବାଧକତାରେ ଦଦେଇ ଯାହାକୁ ହାତଧରି ଘରକୁ ଆଣିଲେ ସିଏ ହେଲା ବାଞ୍ଝ। ଯେତେଥର କଷି ଧରିଲା ସବୁ ବଖୁଲିଗଲା। ଯଥା ରାମସ୍ୟ ସୀତା, ଯଥା ରାବଣସ୍ୟ ମନ୍ଦୋଦରୀ ତଥା ପରଶୁ ଦଦେଇ ଓ ସୁମିତ୍ରା ଜେଠୀ।

ହଁ, ନ ହେଲା ନାହିଁ। ଆମର କ'ଣ ଛୁଆ ନାହାନ୍ତି କି ? ଦୁଇ ଦୁଇଟା ଭେଣ୍ଡିଆ ପୁଅ ହେଲେଣି। ଏମାନଙ୍କ ମାଆ ହେଇ ରହିପାରିବିନି କି ? ଜନ୍ମ ନ ଦେଲେ କ'ଣ ହେଲା, କୋଳରୁ ତ ଛଡ଼ା କରିନାହିଁ। କ୍ଷୀର ନ ଖୋଇଲେ କ'ଣ ହେଲା ରକ୍ତକୁ ଝାଳପାଣି କରି ମଣିଷ ତ କରିଛି।

ବାସ୍, ସୁମିତ୍ରା ଜେଠୀଙ୍କୁ ନିଜ ସନ୍ତାନ ପାଇଁ କାନ୍ଦିବାର କେହି କେବେ ଦେଖିନାହିଁ। ନିଲୁ, ବୁଲୁଙ୍କୁ ମଣିଷ କରିବା, ସେମାନଙ୍କ ଗାଧୁଆଖିଆ ତଦାରଖ କରିବା, ତାଙ୍କର ଅଳି ଅର୍ଦ୍ଦଳି ବୁଝିବା- ଏଇଥିରେ ହିଁ ତାଙ୍କ ମାତୃତ୍ୱର ପରାକାଷ୍ଠା ଦେଖାଯାଉଥିଲା। ନିଲୁ, ବୁଲୁ ମଧ୍ୟ ମାଆ ବାପାଙ୍କ ଜାଗାରେ

ତାଙ୍କୁ ହିଁ ଦେଖୁଥିଲେ । ବାପା ମାଆଙ୍କ ସ୍ମୃତି ବି କୋଉ ଥିଲା ଯେ ତାଙ୍କର। ଜ୍ଞାନ ହେଲା ଦିନୁଁ ତ ଏଇମାନଙ୍କୁ ଦେଖିଲେ, ଚିହ୍ନିଲେ।

ନିଲୁ, ବୁଲୁ ପାଠ ପଢ଼ିଲେ। ଗାଁ ଲୋକେ ଦେଖିଛନ୍ତି, ଉଛୁଳା ନଈରେ ପରଶୁ ଦଦେଇ, ହନୁମାନ ରାମ ଲକ୍ଷ୍ମଣଙ୍କୁ କାନ୍ଧରେ ବସେଇ ନେଲାପରି ନିଲୁ, ବୁଲୁକୁ ବୋହି ପରୀକ୍ଷା ଦେବାକୁ ନେଇକି ଯିବା, ଉହକା ଖରାରେ ନିଜେ ଖାଲି ପାଦରେ ରହି ନିଲୁ, ବୁଲୁ ପାଇଁ ଚପଲ କିଣିବା, ମହରଗ ସମୟରେ ନିଜେ ପଖାଳ ପାଣି ସୁଡ଼୍‌କି, ନିଲୁ, ବୁଲୁକୁ ଭଲ ଭଲ ଖାଦ୍ୟ ଖୁଆଇବା, ହାଡ଼ଭଙ୍ଗା ପରିଶ୍ରମ କରି ବାପାଙ୍କର ଚକେ ଜମି ଚଷି ସୁନା ଫଳେଇବା, ଏକମାତ୍ର ଆମ୍ବ ତୋଟାର ରକ୍ଷଣାବେକ୍ଷଣ କରିବା। ସେଇ ଚକେ ବିଲକୁ ମଧ୍ୟ ଛାତିରେ ପଥର ଲଦି ବିକ୍ରି କରି ଦେଇଥିଲେ ନିଲୁ, ବୁଲୁଙ୍କ ଖର୍ଚ୍ଚାନ୍ତିଆ ପାଠ ପାଇଁ। ହଁ, ଏମାନେ ଚାକିରି କଲେ କେତେ ଚକ ବିଲ କରିପାରିବେ। ଯାଉ ନା ସେଟା। ଏଇଟା ରହିଲେ କୋଉ ଆଲୁଅ ହେଇଯିବ। ପାଠପଢ଼ା କାହିଁକି ବନ୍ଦ ହେବ ? କିନ୍ତୁ ଲୋଭ ଛାଡ଼ିପାରି ନ ଥିଲେ ଆମ୍ବ ତୋଟାର। ସେଇଟା ଜାଣି ସାତପୁରୁଷରୁ ତାଙ୍କ ବଂଶର ବୁନିଆଦୀ ତୋଟା । ଦୁଇଶହ ବର୍ଷରୁ ଅଧିକ ପୁରୁଣା ଆମ୍ବଗଛମାନ ଥିଲା ସେଥିରେ। କୋଉ ପୂର୍ବପୁରୁଷ ତାକୁ ରୋଇଥିଲେ କିଏ ସେଥିରେ ପାଣି ଦେଇଥିଲେ ତାହାର କିଛି ନଥିପତ୍ର ନାହିଁ କି ଇତିହାସ ନାହିଁ। ଇତିହାସ ଏତିକି ଯେ ପରଶୁ ଦଦେଇ ଦେଖିଥିଲେ ତାଙ୍କ ଗୋସିବାପାଙ୍କୁ ତୋଟା ଛାଇରେ ଶାନ୍ତିରେ ଶୋଇବାର ଆଉ ତାଙ୍କ ବାପାଙ୍କୁ ଉହ ଖରାରେ ତାକୁ ଜଗିବାର। ତାଙ୍କ ପିଲାବେଳର କିଛି ସ୍ମୃତି ଅନୁଭୂତି ମଧ୍ୟ ତାଙ୍କ ହୃଦୟରେ ରୁଗ୍ ରୁଗ୍ ହେଉଥିଲା। ତେଣୁ କିଏ କେତେ ଲୋଭ ଦେଖାଇଲେ ମଧ୍ୟ ତାକୁ ବିକିବାକୁ ତାଙ୍କର ହାତ ଯାଇ ନ ଥିଲା। ଯାହା ହେଉ, ଆମ୍ବତୋଟା ବି ରହିଲା, ନିଲୁ, ବୁଲୁ ବି ଚାକିରି କଲେ। ତାଙ୍କର ବାହାଘର ହେଲା। ଦଦେଇଙ୍କ ସଂସାର ହସି ଉଠିଲା।

ସମୟ ବଦଳିଲା। ଭାଇ ସିନା ଗୋଟିଏ ରକ୍ତର। ଭାଇବୋହୂମାନେ କୋଉ ଏକା ମାଆ ପେଟରୁ ବାହାରିଛନ୍ତି ଯେ ଏକୁ ଚିମୁଟିଲେ ତାକୁ କାଟିବ, ଯାର ଝାଳ ବୋହିଲେ ସିଏ ଓଦା ହେବ ? ବାହାରିଲା ତ୍ରିୟାଚରିତ୍ର। ନିଲୁ, ବୁଲୁ ସିନା କଅଁଳା ବେଳୁ ଭାଇ ଭାଉଜଙ୍କୁ ବାପା ମାଆ ମଣିଥିଲେ, ବୋହୂ ଦୁହେଁ ତ ଜାଣିବାର ଶୁଣିବାର ହେଇ ଆସିଥିଲେ ନା ଏଇ ଘରକୁ। ନିଲୁର ଚାକିରି କଲିକତାରେ ତ ବୁଲୁ ଭୁବନେଶ୍ୱରରେ। ଦୁହେଁ ନିଜ ନିଜ ସଂସାରକୁ ଉଠେଇ ନେଲେ ଯେ ଯାହାର ଚାକିରି ଜାଗାକୁ। ଛୁଟିରେ ଆସି ଗହଳି କଲେ ପରଶୁ ଦଦେଇଙ୍କ ଖଞ୍ଜା। ସେଇ କେତେଦିନ ମେଳା ମଉଛବ ପରି ଲାଗେ ଦଦେଇ ଓ ଜେଠୀଙ୍କୁ। ଜେଠୀଙ୍କୁ ଲାଗେ ନିଲୁ, ବୁଲୁ ପୁଣି ଛୁଆ ହେଇ ତାଙ୍କ ପାଖକୁ ଆସିଛନ୍ତି। ନିଲୁର ଦୁଇ ପୁଅ ଓ ବୁଲୁର ଗୋଟିଏ ପୁଅ ଗୋଟିଏ ଝିଅ। ଆସିଲେ ଦଦେଇ ଆଉ ଜେଠୀଙ୍କୁ ଘରଟା ପାହୁଣ୍ଡେ ପରି ଲାଗେନାହିଁ। ଛୁଆଙ୍କର ଉର୍ଦ୍ଦମତା, ଉଲୁକ୍‌ପାତ୍ ଦେଖି ଦେଖି କେତେବେଳେ ସକାଳ ପାହେ, ସଞ୍ଜ ବୁଡ଼େ ଜଣା ପଡ଼େ ନାହିଁ।

**ଭାଇ ସିନା ଗୋଟିଏ ରକ୍ତର। ଭାଇବୋହୂମାନେ କୋଉ ଏକା ମାଆ ପେଟରୁ ବାହାରିଛନ୍ତି ଯେ !**


ଆଖିରୁ ଗଲେ ମନରୁ ଯାଆନ୍ତି। ଏ କଥା ଖାଲିଟାରେ ପୁରୁଖା ଲୋକେ କହି ଯାଇ ନାହାନ୍ତି। ଦୂରରେ ରହି ରହି ନିଲୁ, ବୁଲୁର ଗାଁ ମାୟା କମିଲା, ସମସ୍ତଙ୍କର କମେ। ଜଞ୍ଜାଳରେ ବୁଡ଼ି ଭାଇ ମମତା ତୁଟିଲା, ସମସ୍ତଙ୍କର ତୁଟେ। କିନ୍ତୁ ନିଲୁ, ବୁଲୁକୁ ଚାହିଁ ସେମାନେ ଯେ ପୁଣି ଭାଗଭୁଗା ମାଗିବେ ଏକଥା ଟିକେ ପସନ୍ଦ ଲାଗୁନି। ତେବେ ଆମକୁ ଲାଗିଲେ ନ ଲାଗିଲେ କ'ଣଟା ଅଣେଇ ପଡ଼ିବ। ବୋହୂମାନଙ୍କର କାନକୁହା, ଛୁଆଙ୍କର ପାଠପଢ଼ା ପାଇଁ ଅର୍ଥର ଆବଶ୍ୟକତା ସର୍ବୋପରି ଗାଁ, ଘର, ଭାଇ ପ୍ରତି ବୀତସ୍ପୃହତା ହିଁ ଏହାର ମୂଳ କାରଣ ହେଇଥାଇପାରେ।

ତେବେ ଜେଠୀ ଜିତିଲେ, ପରଶୁ ଦଦେଇ ହାରିଲେ। ଛୁଆଙ୍କୁ ନ ନେଇ ନିଲୁ, ବୁଲୁ ଏଥର ଏକା ଏକା ଆସିଲେ କାଗଜପତ୍ର ଧରି ଆଉ ଦୃଢ଼ ନିଶ୍ଚୟ କରି। ଦଦେଇ ଓ ଜେଠୀଙ୍କ ଆଖି ପହଁରି ଯାଉଥିଲା ଗାଁ ଦାଣ୍ଡ ଶେଷ ମୁଣ୍ଡ ଯାଏଁ। ପଛରେ ଛୁଆପିଲା ଆସୁଥିବେ କି କ'ଣ। କିନ୍ତୁ ତୁଚ୍ଛା ଦାଣ୍ଡଟା ଖଟେଇ ହେଉଥିଲା। ନିଲୁ, ବୁଲୁ ଜିଦ୍ ଧରି ବସିଲେ, ତୋଟା ଭାଗ ହେବ, ତିନି ଜଣଙ୍କ ଭିତରେ। ତେଣିକି ଯାହାର ଦରକାର ସେ ତା' ଭାଗ ବିକିଦେବ। ନ ହେଲେ ତୋଟା ବିକି ଯେ

ଯାହାର ଭାଗ ପଇସା ନେଇଯିବେ। ଦସ୍ତଖତ ଏଇଥର ହିଁ ଦରକାର।

ଭାବି ହେଉ ନ ଥିଲା ଦଦେଇ ତୋଟାଟାକୁ ଖଣ୍ଡ ଖଣ୍ଡ ହେବାର ଦେଖିପାରିବେ ତ ?

ଦିନ ଆସେ, ନିଜ ଲୋକ ପର ହୁଅନ୍ତି ଆଉ ପର ଲୋକ ନିଜର। ଦଦେଇ ବଡ଼ ବେମନରେ ବଡ଼ କୁନ୍ଥୁ କୁନ୍ଥୁ ହେଇ ବାପାଙ୍କୁ କହିଲେ ଘରର ଏଇ ଫିସାଦିର କାହାଣୀ, ନିଜର ଅକ୍ଷମତା ଅସହାୟତାର କାହାଣୀ, ନିଜର ମୋହ ଆଉ ଦୁର୍ବଳତାର କାହାଣୀ। କହିଲେ, ତୋଟା ଖଣ୍ଡ ଖଣ୍ଡ ହେବାର ସେ କଦାପି ଦେଖିପାରିବେ ନାହିଁ। ତାଙ୍କୁ ଲାଗିବ



ସତେକି କୁରାଢ଼ି, କୁଦାଳି ଚୋଟ ମାରି ସେ ତାଙ୍କର ବାପ, ଗୋସାପ, ଅଣପଣ ଗୋସାପମାନଙ୍କୁ ଖଣ୍ଡ ଖଣ୍ଡ କରୁଛନ୍ତି। ନା, ସେଇଟା ହେବା ସେ ଚାହାନ୍ତି ନାହିଁ। ବଡ଼ କାକୁସ୍ଥ ହେଇ ଅନୁନୟ କଲେ, ଭାଇରେ, ମୋର ତୋଟାକୁ ତୁ ନେଇ ଯା। ତୋଟା ଗୋଟା ରହୁ।

ବାପା ବୁଝିଲେ, ଦଦେଇ ଦସ୍ତଖତ କଲେ। ତୋଟା ଗୋଟା ରହିଲା। କିନ୍ତୁ ଗୋଟିଏ ଦସ୍ତଖତରେ ଦଦେଇଙ୍କ ହୃଦୟ ଯେ କେତେ ଖଣ୍ଡ ହେଲା, କେତେ ଟୁକୁଡ଼ା ହେଲା ତାଙ୍କ କଳିଜା, ତାହା କିଏ କଳି ପାରିଲ !

□□

ଲେଖିକାଙ୍କ ଇ-ମେଲ ଠିକଣା:
sahooarati10@gmail.com

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ପତ୍ରିକାରେ କେବଳ ଭାଷା ଓ ସାହିତ୍ୟ ଉପରେ ଆଧାରିତ ପ୍ରବନ୍ଧମାନ ପ୍ରକାଶିତ ହୁଏ। ଅବଶ୍ୟ କେବଳ ରଥଯାତ୍ରା ଓ ଦଶହରା ଅବସରରେ ପ୍ରକାଶିତ ସଂଖ୍ୟାରେ ଏହାର କିଛି ବ୍ୟତିକ୍ରମ ହୋଇଥାଏ।

୪. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।

୫. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୬. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ। ଏପରିକି ଫେସ୍‌ବୁକ୍ ଇତ୍ୟାଦିରେ ପ୍ରକାଶିତ ଲେଖା ମଧ୍ୟ ପଠାନ୍ତୁ ନାହିଁ।

୭. କବି ଓ ଲେଖକମାନଙ୍କୁ ଅନୁରୋଧ, ପୂର୍ବରୁ ଆମର ପତ୍ରିକାଟି କେବେ ଥରଟିଏ ହେଲେ ପଢ଼ିନଥିଲେ, ଦୟାକରି କୌଣସି ଲେଖା ପଠାନ୍ତୁ ନାହିଁ।

୮. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।

୯. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୧୦. ଲେଖକମାନଙ୍କ ପାଇଁ ଆମର ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ସ୍ୱରୂପ କିଞ୍ଚିତ୍ ମାନଦେୟ, କିମ୍ବା ତାହା ପରିବର୍ତ୍ତେ ସେମାନଙ୍କ ପାଖକୁ ଛଅ ମାସ ପାଇଁ ପତ୍ରିକା ପଠାଇବାର ବ୍ୟବସ୍ଥା ଅଛି। ମାତ୍ର ସାହିତ୍ୟ ଚର୍ଚ୍ଚା ପରିବାରର ସଦସ୍ୟମାନଙ୍କୁ ଏହି ମାନଦେୟ ପ୍ରେରିତ ହୁଏନାହିଁ।

୧୧. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବାକୁ ନିବେଦନ।

୧୨. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୧୩. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସମ୍ପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସମ୍ପାଦନା ମଣ୍ଡଳୀର ରହିଛି।



ରମ୍ୟ ରଚନା

# କଲିଜା ଖୋଜା

ପ୍ରଫେସର ବୈଷ୍ଣବ ଚରଣ ସାମଲ

ମଣିଷ କୁହ ବା ଯେତେ ଇତରଜୀବ ଜନ୍ତୁ ଅଛନ୍ତି; ସମସ୍ତଙ୍କ କଥା କୁହ - ସଭିଙ୍କ ଛାତି ତଳେ ଅଛି କଲିଜା। ସେଇଟା ଥିବା ପର୍ଯ୍ୟନ୍ତ ତମ ଛାତି ଦୁକୁଦୁକୁ ହେଉଥିବ, ତମ ଭିତରେ ପବନ ଯା'ଆସ କରୁଥିବ। ତମେ ବଞ୍ଚିଥିବ। ଚାଲୁଥିବ। କଥା କହୁଥିବ। ବେଳେବେଳେ ରେରେକାର କରୁଥିବ, ହୁଙ୍କାର କରୁଥିବ। ତେଣୁ ସେଇ କଲିଜାଟା ଅସଲ। ସେଇଟା ସିନା ଭାରି ନରମ; ଲାଲ ଫରଫର; ହେଲେ ସେଇଟା ଭାରି ଟାଣ। ଯାହାର କଲିଜା ଟାଣ ସିଏ ଜିତିଯାଏ ସବୁ କଥାରେ। ତମେ ଦେଖିଥିବ ମାଂସକଟା ଦୋକାନମାନଙ୍କରେ। ଛେଳି ବା ମେଣ୍ଢାର ପାଟିରୁ ଲାଳ ବୋହି ପଡିଥିବ। କହୁଥିବ - ହେ କଂସେଇ ଭାଇ; ସେଇ କଲିଜାକୁ ମୋତେ ଦେ। ସେଇଟା କୁଆଡ଼େ ଭାରି ସୁଆଦିଆ ହେଇଥିବ! ନ ହେଲେ ଆମ



ପଞ୍ଚତନ୍ତ୍ରରେ ଗପଟିଏ ନାହିଁ, କୁମ୍ଭୀରଟା ତା' ସ୍ତ୍ରୀ କଥାରେ ଭଳି ଯାଇ ସମୁଦ୍ରକୂଳରେ ଥିବା ବିରାଟ ଜାମୁଗଛରେ ବସିଥିବା ମାଙ୍କଡ଼କୁ ତା' କଲିଜା ମାଗିଲା!! କୁମ୍ଭୀରଟା ଖାଲି ନୁହେଁ ମ; ଏଇ ମଣିଷମାନଙ୍କୁ ଦେଖୁନା, ସ୍ତ୍ରୀମାନଙ୍କ ଅଳିକୁ କେତେଜଣ ସ୍ୱାମୀ ପୁଙ୍ଗବ ଟାଳି ଦେଇପାରନ୍ତି; ନାଁ - କେହି ନାହାଁ। ସ୍ତ୍ରୀ ଗୋଟାଏ କ'ଣ ଅପୂର୍ବ ଚିତ୍ରଟିଏ ମାଗିବ, ସ୍ୱାମୀ ହୋଇ ନ ଦେବ କେମିତି? ତା'ର ପୁରୁଷପଣିଆଟା ରହିବ କି? ଏଇ ଦେଖୁନା ଶ୍ରୀରାମଚନ୍ଦ୍ର - ସିଏ ପୁଣି ଭଗବାନ; ହେଲେ- ପତ୍ନୀ ସୀତା ତାଙ୍କୁ କହିଲେ, ହେଇ ଦେଖ ଆଶ୍ରମ ଆଗରେ ସୁନାମିରିଗଟିଏ ବୁଲୁଛି, ତା'କୁ ଧରିଆଣି ତାଙ୍କୁ ଦେବା ପାଇଁ। ଶ୍ରୀରାମ ଜାଣନ୍ତି ଯେ ସୁନା ମିରିଗ ତୁଚ୍ଛା ମିଛ; ହେଲେ ସେ କୋଦଣ୍ଡ ଧରି ଧାଇଁଗଲେ ତାକୁ ଧରିବା ପାଇଁ। କ'ଣ ହେଲା ତା'ର ପରିଣତି? ସିଏ କ'ଣ ସୁନାମିରିଗ ନା ଆଉ କ'ଣ? ରାମଚନ୍ଦ୍ର ତାକୁ ମାରି ଦେଲା ବେଳକୁ ତା' ଅସଲ ରୂପ ବାହାରି ପଡ଼ିଲା। ସିଏ ଗୋଟାଏ ରାକ୍ଷସ, ଗୋଟାଏ ମାୟା, ଗୋଟାଏ ଛଳନା। ଏଇଟା ସୁନା-ମାୟା, ଅର୍ଥ-ମାୟା-ଧନ-ମାୟା। ତେବେ ସମସ୍ତଙ୍କୁ ଏଇଟା ବାୟା କରେ କାହିଁକି? ଏଇଥିପାଇଁ ସାରା ପୃଥିବୀରେ ଲଢ଼େଇ ଚାଲିନାହିଁ କି?

## କଲିଜା ଭିତରେ ହୃଦୟ

ଏଥର ଅସଲ କଥାକୁ ଆସନ୍ତୁ - ଏଇଟା ହେଉଛି କଲିଜା। ତା' ଭିତରେ ଅଛି ହୃଦୟ। ସେଇଟି କ'ଣ? ତାକୁ କିଏ ଦେଖିଛି କି? ବିଜ୍ଞାନୀମାନେ, ଧନ୍ୱନ୍ତରୀମାନେ ଛାତି ଚିରି ଯେଉଁ ଲାଲ ଫରଫର କଲିଜାକୁ ଦେଖାଇ ଦେଉଛନ୍ତି, ସେଇଟା କ'ଣ ହୃଦୟ? ସିଏ ତ ଅଦୃଶ୍ୟ, ନିରାକାର। ଘଟେ ଘଟେ ସିଏ ରହିଛି। କଲିଜାର ପ୍ରତି ଅଣୁରେ ସିଏ ରହିଛି। ତା'ର କିଛି ଆକାର ପ୍ରକାର ନ ଥାଏ। ଅଥଚ ସିଏ ଥାଏ ବୋଲି ମଣିଷଟା ମଣିଷ ପରି ହୁଏ। ତାକୁ ନେଇ ସ୍ନେହ, ପ୍ରେମ, ମମତା, ଶ୍ରଦ୍ଧା, ପ୍ରେମ, ରାଗ, ରୁଷା, ଯାହା କିଛି କୁହନା କାହିଁକି ସବୁ ପ୍ରକାଶ ପାଏ। ତେବେ ଏସବୁ ମଧ୍ୟ ଗୋଟିଏ ଗୋଟିଏ ଅଶରୀରୀ ଭାବ। ଶରୀରକୁ ଧରି ଏସବୁର ଗତି, ପ୍ରକୃତି, ଦୀପ୍ତି ଓ ଦ୍ୟୁତି। ଏଇଥିପାଇଁ ହୃଦୟ ଉପରେ ଏତେ ଗୁରୁତ୍ୱ। ଏହାରି ପାଇଁ କାବ୍ୟ ପୁରାଣ, ନାଟକ ଆଦି ସାହିତ୍ୟର ଉନ୍ମେଷ ଓ ଉତ୍ତରଣ। ସେଇ ହୃଦୟ ହିଁ ବାନ୍ଧି ଦେଇଛି ସାରା ମଣିଷ ଜାତିକୁ ଗୋଟିଏ ଭାବ-ସୂତ୍ରରେ।

ହେଲେ; ଏବେ କି କାଳ ହୋଇଛି ଯେ ହୃଦୟ ନ ଖୋଜି କଲିଜା ଖୋଜା ଚାଲିଛି। ସେଇଟା ଜିଭର ଲାଳସାଟା ସ୍ପନ୍ଦନ

ଭାବରେ ତାହାକୁ କେହି ଭାବୁ ନାଇଁ। ସେଇ ସ୍ପନ୍ଦନଟି ଯେତେବେଳ ଯାଏ ଅଛି ସେତେବେଳ ଯାଏ ମଣିଷ ନାନା କାର୍ଯ୍ୟ କରୁଥାଏ, ଚିନ୍ତା ପ୍ରକଟ କରୁଥାଏ। ଅଥଚ ଏବେ ଚାରିଆଡ଼େ କଳିଜା ପାଇଁ ଛକା, ପଞ୍ଝା। ସମୁଦ୍ର କୂଳରେ ଥାଏ ଗୋଟାଏ ବଡ଼ ଝଙ୍କାଳିଆ ଜାମୁ ଗଛ। ସେଇ ଗଛରେ ଥାଏ ଗୋଟାଏ ମାଙ୍କଡ଼। ଏ ଡାଳ ସେ ଡାଳ ଡେଇଁ ଖେଳୁଥାଏ। ଗଛ ସାରା କଳା କଳା ଜାମୁକୋଳି ଭର୍ତ୍ତି ହୋଇଥାଏ। କୋଳି ତୋଳି ମୁଠା ମୁଠା ପାଟିରେ ପକେଇ ମଉଜ କରୁଥାଏ। ସେଇଟା ତା' ରାଇଜ। ସେଠି ସେ ରାଜା। ସମୁଦ୍ରର ଥଣ୍ଡାଳିଆ ପବନ ପରଶରେ ଉଲୁସି ଉଠୁଥାଏ। ଥରେ ଗୋଟାଏ କୁମ୍ଭୀର ସମୁଦ୍ରରେ ପହଁରି ପହଁରି ସେଇ ଗଛ ମୂଳକୁ ଆସିଲା। ଗଛରେ ବସି ମାଙ୍କଡ଼ ମନଖୁସିରେ କୋଳି ଖାଉଥାଏ। କୁମ୍ଭୀର ସେଇ କୋଳି ଚାଖିବା ପାଇଁ ମନ କଲା। ସିଏ ତ ଗଛ ଚଢ଼ି ପାରିବ ନାହିଁ। କ'ଣ କରିବ? ମାଙ୍କଡ଼କୁ କଅଁଳ କଣ୍ଠରେ କହିଲା - ଭାଇ! ତମେ ଆଜିଠାରୁ ମୋର ମିତ୍ର ହୋଇଗଲ। ମୋତେ କିଛି କୋଳି ଦିଅନ୍ତ ନାଇଁ; ମୁଁ ଟିକେ ଚାଖନ୍ତି।

> **ତୁ ତ କୁମ୍ଭୀରଟାଏ। ତୋ ଖଳ ସ୍ୱଭାବ କାହାକୁ ଅଜଣା। ତୋ ପରି ଖଳ, ସଇତାନ କାହାର ମିତ୍ର ହୋଇପାରେନା।**

ଆମେ ତ ମାଂସାଶୀ। ଜୀଅନ୍ତା ଜୀବମାନଙ୍କୁ ଗୋଟା ପୁଣି ଗିଳି ଦେଉ। ସୁଆଦ କିଛି ପାଉନା। ଖାଲି ପେଟ ପୂରେଇବା କଥା। ମାଙ୍କଡ଼ଟି ତା' କଥାରେ ଭଳିଗଲା। କୋଳି ତୋଳି ତା' ପାଖକୁ ପକେଇଲା। କୁମ୍ଭୀର ଖାଇଲା। ତା'କୁ ଖୁବ୍ ଭଲ ଲାଗିଲା। ସେଇଦିନୁ ଦି'ଜଣ ମିତ୍ର ହୋଇଗଲେ। କୁମ୍ଭୀର କିଛି କୋଳି ତା' ପାଟିରେ ରଖି ସମୁଦ୍ର ଭିତରେ ତା' ଘରକୁ ଗଲା। ତା' ସ୍ତ୍ରୀ କୁମ୍ଭୀରୁଣୀକୁ କୋଳି ଦେଲା। କୋଳି ଖାଇ କୁମ୍ଭୀରୁଣୀ ଖୁସ୍ ହୋଇ ତା' ସ୍ୱାମୀକୁ କହିଲା - 'ହଇହେ! ଏଇ କୋଳି ତ ଭାରି ମିଠା। ମାଙ୍କଡ଼ଟା ସବୁ ଦିନେ ଖାଉଛି ଏଇ କୋଳି। ତା' କଳିଜାଟା ତ ଏଇ କୋଳିଠାରୁ ଆହୁରି ମିଠା ହୋଇଥିବ। ତମେ ଥରେ ତମ ମିତ୍ରକୁ ବୁଲେଇ ଏଠିକି ଆଣନ୍ତ ନାଇଁ? ମୁଁ ତା' କଳିଜାଟା ଖାଆନ୍ତି।'

ଏଥର ବିଚରା ସ୍ୱାମୀ ଆଉ କ'ଣ କରନ୍ତା! ସ୍ତ୍ରୀ କଥା ତ ଏଡ଼ିଦେଇ ହବନି। ତେଣୁ କୁମ୍ଭୀର ସମୁଦ୍ର କୂଳକୁ ଯାଇ ଜାମୁଗଛ ମୂଳେ ବସି କହିଲା ମାଙ୍କଡ଼କୁ - "ମଇତ୍ର! ତମ ସଂଗାତୁଣୀ ଏଇ କୋଳି ଖାଇ ଭାରି ଖୁସି ହୋଇଯାଇଛି। ତମକୁ ଦେଖିବା ପାଇଁ ଉଚ୍ଛନ୍ନ ହେଉଛି। ତମେ ଆମ ଘରକୁ ଥରେ ଯାଆନ୍ତ ନାଇଁ? ସଂଗାତୁଣୀ ତମକୁ ଦେଖି କେତେ ଖୁସି ନ ହୁଅନ୍ତା! କୁମ୍ଭୀର ତା' ପିଠି ଉପରେ ମଇତ୍ରକୁ ବସାଇ ସମୁଦ୍ର ପାଣିରେ ପହଁରି ପହଁରି ତା' ଘରେ ପହଞ୍ଚିଲା। ମାଙ୍କଡ଼କୁ ଦେଖି କୁମ୍ଭୀରିଣୀ ପାଟିରୁ ଲାଳ ବହିଲା। କହିଲା - "ସଂଗାତ! ତମେ ଏଇ ଯୁ କୋଳି ଖାଉଛ, ତାହା ଯୋଗେ ତମ କଳିଜାଟା ଭାରି ମିଠା ହୋଇଯାଇଥିବ। ସେଇଟାକୁ ମୁଁ ଖାଇବି। ମୋ କଥା ନ ଭାଙ୍ଗି ତମ ମଇତ୍ର ତମକୁ ମୋ ପାଖକୁ ଭୁଲାଇ ନେଇ ଆସିଛି।" ମାଙ୍କଡ଼ ତ ଭାରି ଚାଲାକ। ତା'ର ବଂଶଧର ତ ତ୍ରେତା ଯୁଗରେ ଶ୍ରୀରାମଚନ୍ଦ୍ରଙ୍କ ସେନାରେ ରହି ଲଙ୍କାପୁରୀକୁ ନାରଖାର କରି ଦେଇଥିଲେ। ମହାବୀର ହନୁମାନ ଓ ଅଙ୍ଗଦଙ୍କର ସିଏ ତ ବଂଶଧର। ସେ ଡରିଯିବ କାହିଁକି? ଚଟ୍ କରି କହିଲା - 'ସଂଗାତୁଣୀ, ମଇତ୍ରଟା ଭାରି କପଟୀ। ସିଏ ମୋତେ ଏ କଥା ଆଦୌ କହିଲା ନାଇଁ। ସିଏ କହିଥିଲେ ମୁଁ ମୋ କଳିଜାଟାକୁ ଆଣିଥାନ୍ତି। ତମେ ଖାଇଥାନ୍ତ। ମୁଁ କଳିଜାଟାକୁ ବାହାର କରି ଗଛରେ କୋରଡ଼ ଭିତରେ ଲୁଚାଇ ରଖିଥାଏ। ଏବେ କ'ଣ କରିବା! ସଂଗାତୁଣୀ ମୋର ଇଚ୍ଛା କରିଛି କଳିଜା ପାଇବା ପାଇଁ, ତା' ଇଚ୍ଛା କ'ଣ ପୂରଣ ହେବ ନାଇଁ? ସଂଗାତ ମୋତେ ନେଇଗଲେ ମୁଁ ଗଛ କୋରଡ଼ରୁ କଳିଜା ଧରି ପୁଣି ଏଠିକି ଆସିବି। ମାଙ୍କଡ଼ କଥାରେ କୋରଡ଼ରୁ କଳିଜା ଆଣି ପୁଣି ଏଠିକି ଆସିବି।' ମାଙ୍କଡ଼ କଥାରେ ଉଭୟ ସ୍ୱାମୀ ସ୍ତ୍ରୀ ଭଳି ଗଲେ। କୁମ୍ଭୀର ପିଠିରେ ବସି ମାଙ୍କଡ଼ ଆସିଲା। ଯେମିତି କୂଳ ପାଖାପାଖି ହେଲା ଗୋଟାଏ ଲମ୍ବା ଡିଆଁରେ ଗଛ ଉପରକୁ ଚଢ଼ିଗଲା। କୁମ୍ଭୀର ତାକୁ ଯେତେ କହିଲେ ବି ମାଙ୍କଡ଼ ତା' କଥା ନ ଶୁଣି କହିଲା - 'ଆରେ ବୋକା! କଳିଜା କ'ଣ ବାହାରେ ଥାଏ? ବାହାରେ ଥିଲେ ଜଣେ ବଞ୍ଚିବ କେମିତି? ତୁ ଯା, ତୋ କପଟ ମିତ୍ରତାକୁ ମୁଁ ବୁଝିଗଲି। ତୁ ତ କୁମ୍ଭୀରଟାଏ। ତୋ ଖଳ ସ୍ୱଭାବ କାହାକୁ ଅଜଣା। ତୋ ପରି ଖଳ, ସଇତାନ କାହାର ମିତ୍ର ହୋଇପାରେନା। ତୁ 'ମିତ୍ର' ପରି ପବିତ୍ର ଶବ୍ଦକୁ କଳଙ୍କିତ କରିଦେଲୁ।' କୁମ୍ଭୀର କାନମୁଣ୍ଡ ଆଉଁଶି ଘରକୁ ଫେରିଗଲା।

## ହିଂସ୍ର ପ୍ରବୃତ୍ତିର ଦାସ

ସେଦିନ କଳିଜା ଖୋଜିଥିଲା କୁମ୍ଭୀର ଆଉ ତା' ପତ୍ନୀ। ସେମାନେ ହିଂସ୍ର ପ୍ରବୃତ୍ତିର ଦାସ। ସେମାନେ ମଣିଷ ଓ ଅନ୍ୟାନ୍ୟ ଜୀବଙ୍କୁ ଗୋଟା ପୁଣି ଗିଳି ଦିଅନ୍ତି। କଳିଜା କ'ଣ ଜାଣନ୍ତି ନାହିଁ। କଳିଜା ଭିତରେ ହୃଦୟକୁ ଆଦୌ ବୁଝିପାରନ୍ତି ନାହିଁ। ଏବେ ସେଇ ମାଙ୍କଡ଼ ଆଉ କୁମ୍ଭୀର ନାଟ ଚାଲିଛି ସବୁଠି। ବାହାରକୁ ମିତ୍ର। ଭିତରେ କିନ୍ତୁ କାଳକୂଟ ବିଷ। ସୁଯୋଗ ପାଇବା ମାତ୍ରେ ଚଳେଇ ଦେବେ ଛୁରି। କାହାକୁ ଆଉ ବିଶ୍ୱାସ କରିବ ? କାହାକୁ କହିବ ମିତ୍ର ? କେହି ନାହିଁ। ଘର, ବାହାରେ, ସାରା ରାଇଜରେ, ଦେଶ, ବିଦେଶରେ ଖାଲି ବୁଲୁଛନ୍ତି କୁମ୍ଭୀର ଆଉ କୁମ୍ଭୀରୁଣୀମାନେ। ସଭିଙ୍କ ହାତ ଉପରକୁ ଉଠୁଛି, ତଳକୁ ପଡୁଛି। ନାଚୁଛି। କୁମ୍ଭୀରର କଣ୍ଟାଳିଆ ଲାଞ୍ଜ ପରି ଛକି ରହୁଛି। କେତେବେଳେ କେଉଁ ଛଟକରେ ଲାଞ୍ଜ ବଢ଼େଇ ଟେକି ନେଇ ତା' ଅନନ୍ତ ଗର୍ଭକୁ ଗେଫି ଦେବ– କେହି ଜାଣି ପାରିବେ ନାହିଁ। ଆଜି କାଲି ଯୁଗରେ ମିତ୍ରତା ଚୁଲିକୁ ଗଲାଣି। ବାହାରକୁ ଖାଲି ମିତ୍ର, ମିତ୍ର, କୋଳାକୋଳି ଆବୁଲ ଫଜଲ୍ ଓ ଶିବାଜୀଙ୍କ ପରି। ଏଇ ଦେଖୁନା କେତେ ବର୍ଷ ପୂର୍ବେ ଆମ ଭାରତ ଭୂମି ଖାଲି ଦୁଲୁକି ଉଠିଲା ହିନ୍ଦ୍-ଚୀନ୍ ଭାଇ ଭାଇ ନାଦରେ। ପଞ୍ଚଶୀଳ ନୀତି କୁଆଡ଼େ ବିଶ୍ୱଶାନ୍ତି ପାଇଁ ବାଟ ଖୋଲିଦେଲା, କ'ଣ ହେଲା ତାହାର ପରିଣତି ? କ'ଣ ଭାରତ ଆଉ ଚୀନ ମିତ୍ର ହୋଇଗଲେ ? ସେଇମିତି ଏପଟେ ପାକିସ୍ତାନକୁ ଟିକେ ଦେଖୁନା! ଯେତେ ମିତ୍ରତାର ହାତ ବଢ଼େଇଲେ କ'ଣ ହାତ ସହିତ ହାତ ମିଳିଗଲା ନା ହୃଦୟ ସହିତ ହୃଦୟର ସେତୁ ବନ୍ଧନ ହୋଇଗଲା ? ସାରା ପୃଥିବୀରେ ଏଇଆ ଚାଲିଛି। କେଉଁଠି ମିତ୍ରତା ଅଛି ? ଯାହା ପାଖରେ ଅକଳନ ପରମାଣୁ ବୋମା ବା ଏଇପରି ଅନ୍ୟାନ୍ୟ ମାରଣାସ୍ତ୍ର ଅଛି ସିଏ କ'ଣ କାହାର ମିତ୍ର ହୋଇପାରେ କି ? ଯିଏ କ୍ଷମତା ଆଉ ଅର୍ଥ ପାଇଁ ପାଗଳ, ସିଏ କ'ଣ ମିତ୍ରର ମାଧୁର୍ଯ୍ୟକୁ ଜାଣିପାରେ କି ? ଯିଏ କୂଟ, କପଟତା, ଛଳନା, ପ୍ରତାରଣାର ଦାସ ବନିଯାଏ, ସିଏ କେବେ ମିତ୍ର ହୋଇପାରେ କି ?



## ଏ ଯୁଗର ମିତ୍ରତା

ତେଣୁ ମନେରଖିବାକୁ ହେବ ଯେ କଳିଜା ଖୋଜୁଥିବା କୁମ୍ଭୀରୁଣୀ ପରି ଲୋକେ ହୃଦୟ ଖୋଜନ୍ତି ନାହିଁ। ହୃଦୟଠାରୁ ସେମାନେ ଯୋଜନ ଯୋଜନ ଦୂରରେ ଥାଆନ୍ତି। କିଏ ବୁଝୁଛି ଆଜିର ଯୁଗରେ ମିତ୍ରତାକୁ ? ହଁ, ସେଦିନ ରାମଚନ୍ଦ୍ର ବୁଝିଥିଲେ ମିତ୍ରତାର ମହତ୍ତ୍ୱକୁ। ଶବର ଗୁହକ ତାଙ୍କର ମିତ୍ର ହୋଇଗଲା। ସେଇ ମିତ୍ରତା ଏତେ ନିବିଡ଼ ହୋଇଗଲା ଯେ ଶବର ଜାତି ଓ ଆର୍ଯ୍ୟ ଜାତି ଭିତରେ ସ୍ଥାପିତ ହୋଇଗଲା ମିତ୍ରତା। ସୁଗ୍ରୀବ ସହିତ ରାମଚନ୍ଦ୍ର ମିତ୍ର ହୋଇଗଲେ। ମିତ୍ର ପାଇଁ ମିତ୍ର ବିପଦ ଆପଦରେ ଛିଡ଼ା ହୋଇଗଲେ। ବିଭୀଷଣ ବି ରାମଚନ୍ଦ୍ରଙ୍କ ସହିତ ମିତ୍ର ହୋଇଗଲେ। ସେଇ ମିତ୍ରତା ଏବେ ବି ଜନମୁଖରେ ପ୍ରଚଳିତ। କୁଆଡ଼େ ଜଗନ୍ନାଥ ପ୍ରତିଦିନ ରାତିରେ ଯାଆନ୍ତି ଲଙ୍କାକୁ ବିଭୀଷଣଙ୍କୁ ଦେଖିବା ପାଇଁ, ବିଭୀଷଣ ମଧ୍ୟ ଆସନ୍ତି ଶ୍ରୀକ୍ଷେତ୍ରକୁ ଜଗନ୍ନାଥଙ୍କୁ ଦେଖିବା ନିମନ୍ତେ। ଶ୍ରୀକୃଷ୍ଣ ମଧ୍ୟ ମିତ୍ରତାର ହୋଇଯାଇଛନ୍ତି ଉଜ୍ଜ୍ୱଳ ଦୃଷ୍ଟାନ୍ତ। ଦରିଦ୍ର ସୁଦାମା ସହିତ ତାଙ୍କର ମିତ୍ରତା କେତେ ନିବିଡ଼, ନୁହେଁ ? ଆଜିକାଲି କ'ଣ କେହି ବଡ଼ ଲୋକ, ବଡ଼ ନେତା, ବଡ଼ ଅଫିସର ଦରିଦ୍ର ମିତ୍ରକୁ ଚିହ୍ନିପାରନ୍ତି ? ଅର୍ଜୁନଙ୍କ ସହିତ ତାଙ୍କର ମିତ୍ରତାକୁ କେଉଁ ମାପକାଠିରେ ମାପି ହେବ ? ମିତ୍ର ପାଇଁ ସିଏ କ'ଣ ଯୁଦ୍ଧକ୍ଷେତ୍ରରେ ଯୋଗ ଦେଇ ନ ଥିଲେ ?

ମିତ୍ରତାରେ ଛଳନା ନ ଥାଏ। କୂଟ କପଟତା ନ ଥାଏ, କଳିଜା ଖୋଜା ନ ଥାଏ; ଥାଏ ହୃଦୟ ଖୋଜା। ଲକ୍ଷ୍ୟ ରହେ ହୃଦୟ ସହିତ ହୃଦୟର ସେତୁ ବନ୍ଧନ। ଏ କ୍ଷେତ୍ରରେ ମିତ୍ର ପାଇଁ ମିତ୍ର ବିପଦ ଆପଦରେ କମରଭିଡି ଛିଡ଼ା ହୋଇଯାଏ। ନୀତିଶାସ୍ତ୍ରରେ କୁହାଯାଇଛି ଯିଏ ବିବାହ, ଉତ୍ସବ, ଯୁଦ୍ଧ କ୍ଷେତ୍ରରେ ହେଉ ବା ରାଜଦରବାର ଓ ମଶାଣି ଭୂଇଁରେ ଛିଡ଼ା ହୁଏ, ସହଯୋଗ ପାଇଁ ହାତ ବଢ଼େଇବ ଯିଏ, ସିଏ ହୁଏ ପ୍ରକୃତ ମିତ୍ର।

ରାଜା ବା ଶାସକ ଯେଉଁଠି ପ୍ରଜାଙ୍କର ମିତ୍ର ହୁଅନ୍ତି, ସେଠି ଶାନ୍ତି ବିରାଜିତ ହୁଏ। ରାଜା ବା ଶାସକ ସହିତ ପ୍ରଜାଙ୍କ ସଂପର୍କ

ଯେଉଁଠି ଛଞ୍ଚାଣ କପୋତ ପରି ହୋଇଯାଏ ସେଠି ମିତ୍ରତା ନ ଥାଏ; ଥାଏ ଅନ୍ୟାନ୍ୟ ଅନେକଙ୍କୁ ଦଳି ଚକଟି ବଡ଼ ହେବା ପାଇଁ ଲାଳସା। ରାଜା ଯିଏ ତା'ର ପ୍ରଥମ କର୍ତ୍ତବ୍ୟ ପ୍ରଜାଙ୍କ ହିତ। ହିତୋପଦେଶରେ ଗୋଟିଏ କାହାଣୀରେ ଦୁଇଜଣ ରାଜାଙ୍କ ମିତ୍ରତା କଥା କୁହାଯାଇଛି। ଜଣେ କପୋତରାଜ ଚିତ୍ରଗ୍ରୀବ, ଅନ୍ୟ ଜଣେ ମୂଷିକରାଜ-ହିରଣ୍ୟକର୍ଣ୍ଣ। ବ୍ୟାଧ ଜାଲରେ କପୋତମାନେ ଛନ୍ଦି ହୋଇ ଆର୍ତ୍ତଚିତ୍କାର କରୁଥିଲା ବେଳେ କପୋତରାଜ ଚିତ୍ରଗ୍ରୀବ ସେହି ଜାଲରେ ଛନ୍ଦି ହୋଇ ସମସ୍ତଙ୍କୁ ସଜାଗ କରିଛି ବିପଦ ବେଳେ ଧୈର୍ଯ୍ୟ ନ ହରାଇ ସମସ୍ତେ ଶକ୍ତିଖଟାଇ ଜାଲକୁ ଉପାଡ଼ି ଆକାଶ ମାର୍ଗରେ ନେଇଯିବା ପାଇଁ। ଏଥର ସମସ୍ତ କପୋତ ଜାଲକୁ ଉଠାଇ ନେଇ ଉଡିବାକୁ ଲାଗିଲେ। କପୋତରାଜ ସେମାନଙ୍କ ସହିତ ଗୋଟିଏ ପାହାଡ଼ ପାଖରେ ତଳକୁ ଓହ୍ଲାଇଲେ। ସେଇଠି ଥିଲା ମୂଷିକରାଜ ହିରଣ୍ୟକର୍ଣ୍ଣ। ସେ ଦେଖିଲା ତା' ମିତ୍ର କପୋତରାଜଙ୍କୁ ଓ ସେ ସଂଗେ ସଂଗେ ଧାଇଁ ଆସିଲା ମିତ୍ରକୁ ବନ୍ଧନମୁକ୍ତ କରିବା ପାଇଁ। ମାତ୍ର ଚିତ୍ରଗ୍ରୀବ କହିଲେ - ନା, ମିତ୍ର, ଆମେ ତାଙ୍କ ଆଶ୍ରିତ, ଅର୍ଥାତ୍ ପ୍ରଜାମାନଙ୍କୁ ମୁକ୍ତ କର। ପରେ ତାଙ୍କ କଥା, ତାହା ହିଁ ହେଲା। ଜଣେ ମିତ୍ରର କର୍ତ୍ତବ୍ୟ ମିତ୍ର ପ୍ରତି ତାହା ସଂପାଦିତ ହେଲା। ପ୍ରଜାଙ୍କ ପ୍ରତି ରାଜାଙ୍କ ଦାୟିତ୍ୱ ମଧ୍ୟ ପ୍ରମାଣିତ ହେଲା। ଏଥିରୁ ଏବର ନୂଆ ନୂଆ ରାଜା ଓ ରାଜାଙ୍କ ଅନୁଗତ ବାବୁମାନେ କିଛି ଶିକ୍ଷା କରୁଛନ୍ତି କି? ନା - କେହି - ନାହିଁ।

**କଳିଜା ଭିତରେ ତ ଥାଏ ହୃଦୟ। ତାକୁ ତ ଦେଖିହୁଏ ନାଇଁ; ଅନୁଭବ କରିହୁଏ।**

## ମଧୁମୟତାରୁ ମୁକ୍ତି

ବ୍ୟାଧ ଖୋଜିଥିଲା କପୋତମାନଙ୍କର କଳିଜା ଓ ମାଂସ; ହୃଦୟ ନୁହେଁ। ଚିତ୍ରଗ୍ରୀବ ବା ହିରଣ୍ୟକର୍ଣ୍ଣ କାହାର କଳିଜା ଖୋଜି ନାହାନ୍ତି; ଖୋଜିଛନ୍ତି ହୃଦୟ। ପାଇଛନ୍ତି ମଧ୍ୟ। ତେଣୁ ସେମାନଙ୍କ ମିତ୍ରତା ହୋଇଛି ମଧୁମୟ। ସେଇ ମଧୁମୟତାରୁ ମୁକ୍ତି ପାଇଗଲେ ନିରୀହ ପ୍ରଜାମାନେ। ଏବେ କ'ଣ ସେଇ ମିତ୍ରତା ଅଛି କି? ରାଜନୀତିରେ ତ କେହି କାହାର ମିତ୍ର ନୁହେଁ। ଆଜି ଯିଏ ମିତ୍ର, କାଲି ସିଏ ଶତ୍ରୁ। ସେଠି ଗୋଟିଏ କଥା ସତ୍ୟ - କ୍ଷମତା - ସିଂହାସନ ଦଖଲ ଓ ମୁକୁଟ ମଣ୍ଡନ। ଏଇମିତି ସବୁ କ୍ଷେତ୍ରରେ ଚାଲିଛି ପ୍ରତିଯୋଗିତା। ରାଜନୀତିରେ ଯେମିତି କପୋତମାନଙ୍କୁ ଧରିବା ପାଇଁ ତଣ୍ଡୁଳ ଦେବା ଚାଲିଛି ସେଇମିତି ଚାଲିଛି କଳା, ସଂସ୍କୃତି, ସାହିତ୍ୟ, ବଣିଜ, ବ୍ୟବସାୟ ସବୁଠି। ଏସବୁ ମିତ୍ର ଖୋଜା ନୁହେଁ; ସେଇ ଦୟା, କ୍ଷମାର ମହତ୍ତ୍ୱ ଫୁଟି ଉଠନ୍ତା। ଏବେ କିନ୍ତୁ ସବୁଠି ମୁଁ-କାରର। କେତେ ରଙ୍ଗର ପତାକା ଉଡୁଛି କପୋତମାନେ ଏଥିରେ ଭୁଲୁଛନ୍ତି, ଭାଗ ଭାଗ ହୋଇଯାଉଛନ୍ତି। ଅବନ୍ଧୁ, ଅମିତ୍ରମାନଙ୍କୁ କୋଳରେ ବସାଇ ନାନାବାୟା ଗୀତ ଶୁଣୋଉଛୁ। କହୁଛୁ ଏଇମାନେ ସୁନାପୁଅ। ଅଥଚ ସେଇମାନେ ଯେ କଳିଜାକୁ କାଢ଼ି ଜିଭକୁ ସରସ କରୁଛନ୍ତି ତାହା କେହି ଜାଣିପାରୁ ନାହାନ୍ତି। ଏଇଟା ପଡ଼ି ଯାଇଛି ଗୋଟାଏ ଗତିରେ। କେବେ ତୁଟିବ ଏଇ ଭ୍ରାନ୍ତି? କେବେ ପ୍ରତିଷ୍ଠା ହେବ ପ୍ରକୃତ ମିତ୍ରତା? ମିତ୍ରତାରେ ବଡ଼ ଜାତି, ସାନଜାତି, ବଡ଼ ଜ୍ଞାନୀ, ସାନ ଜ୍ଞାନୀ, ମୂର୍ଖ, ପଣ୍ଡିତ, ରାଜା ପ୍ରଜା, ନେତାନେତ୍ରୀ, ଧର୍ମ ଅଧର୍ମର ଭେଦ ନ ଥାଏ। ଥାଏ କେବଳ ଅଭେଦ, ହୃଦୟର ଅମୃତମୟ ଆନନ୍ଦ।

ଆସନ୍ତୁ; ଏଥର ଆମେ ପରସ୍ପର ସହିତ ମିତ୍ର ବସିବା। କୌଣସି ସ୍ୱାର୍ଥ, ଛଦ୍ମତା, ମାୟା, ଛଳନା ନୁହେଁ; ନିର୍ମଳ ହୃଦୟବତ୍ତାରେ ପରସ୍ପର ସହିତ ବନ୍ଧୁ ହୋଇଯିବା। ପାଇଯିବା ପରମ ଶାନ୍ତି। ଏପରି ଅବସ୍ଥାରେ କଳିଜା ଖୋଜି ତାକୁ ଗିଳି ପକେଇବାର ଲାଳସା ରହେ ନାହିଁ। କଳିଜା ଭିତରେ ତ ଥାଏ ହୃଦୟ। ତାକୁ ତ ଦେଖିହୁଏ ନାଇଁ; ଅନୁଭବ କରିହୁଏ। କଳିଜାରୁ ହୃଦୟକୁ ତ ଅଲଗା କରି ହେବ ନାଇଁ, କଳିଜାକୁ ଧରି, ତାକୁ ଟାଣ କରି ହୃଦୟକୁ ଖୋଜିବା। ତାକୁ ଅନୁଭବ କରିପାରିଲେ ଆମେ ସମସ୍ତେ ହୋଇଯିବା ମିତ୍ର। ଥରେ ମିତ୍ର ହୋଇଗଲେ ଆଉ କ'ଣ ହିଂସା, ଈର୍ଷା, ଅସହିଷ୍ଣୁତା, ଅହଂକାର, ଦର୍ପ, ପରିଗ୍ରହ ଇତ୍ୟାଦି ରହିବ କି? ଏସବୁ ହୃଦୟରୁ ନିର୍ବାସିତ ହୋଇଯିବେ। ଆମେ ହେବା ଗୋଟିଏ ପରିବାରର। ଏଥର ଭାବନ୍ତୁ - କ'ଣ ଆମେ କଳିଜା ଖୋଜି ତାକୁ ଗ୍ରାସ କରିବାର ଲାଳସାରେ ମତ୍ତ ହେବା ନା ତା'ର ସ୍ପନ୍ଦନ ଭିତରେ ହୃଦୟକୁ ଖୋଜି ମିତ୍ର ବନି ଶାନ୍ତିର ସ୍ୱସ୍ତିବାଣୀ ଉଚ୍ଚାରଣ କରିବା - ଠିକ୍ କରିନିଅନ୍ତୁ କ'ଣ କରିବେ।

□□

ଲେଖକଙ୍କ ଇ-ମେଲ ଠିକଣା:
amarendra883@gmail.com




ପ୍ରବନ୍ଧ

# ଆମ ଭାଷା ଆମ ବ୍ୟାକରଣ

ଡ. ଦେବାଶିଷ ମହାପାତ୍ର

ଶିଶୁଟିଏ ଜନ୍ମ ହେଲା ପରେ, ଭାଷା ମାଧ୍ୟମରେ ସାରା ଦୁନିଆକୁ ଜାଣେ। ତେବେ ଭାଷା ବୁଝିବାକୁ ଆଉ ଜାଣିବାକୁ ହେଲେ ବ୍ୟାକରଣ ଜ୍ଞାନର ଆବଶ୍ୟକତା ରହିଛି। ଭାଷା ପାଇଁ ବ୍ୟାକରଣ ଜ୍ଞାନ ଏକାନ୍ତ ଅପରିହାର୍ଯ୍ୟ। ବ୍ୟାକରଣ ମାଧ୍ୟମରେ ତର୍କ ଏବଂ ତର୍କ ମାଧ୍ୟମରେ ଭାଷାକୁ ବୁଝିବା ଅଧିକ ସରଳ ଓ ସହଜ ହୋଇଥାଏ। ଭାଷାକୁ ନେଇ ଆମେ ପରିଚିତ। ଆମମାନଙ୍କ ଜୀବନ ଉପରେ ଭାଷାର ଅଖଣ୍ଡ ପ୍ରଭାବ ରହିଛି। ଭାଷା ଏକ ଜୀବନ୍ତ ପ୍ରକ୍ରିୟା। ଏହାକୁ ଅର୍ଜନ କଲେ ଜ୍ଞାନର ଦିଗ୍‌ବଳୟ ପ୍ରସାରିତ ହୋଇଥାଏ। ଭାଷା, ଭାଷାର ବ୍ୟାକରଣ ଓ ଏହାର ପ୍ରାୟୋଗିକ ଦିଗଗୁଡ଼ିକୁ ଭଲଭାବେ ବୁଝିବା ଆବଶ୍ୟକ। ଭାଷା ମଣିଷର ସ୍ୱାତନ୍ତ୍ର୍ୟ ବା ବୈଶିଷ୍ଟ୍ୟ। ଭାଷା ବି ଗୋଟିଏ, ଭାଷାଗୋଷ୍ଠୀ ବା ଜାତିର ପରିଚୟ। ଭାଷା ହିଁ ମଣିଷର ସ୍ୱତନ୍ତ୍ରତାକୁ ପ୍ରକାଶ କରିଥାଏ।

ଗୋଟିଏ ଜାତି ବା ଭାଷାଗୋଷ୍ଠୀର ସଂସ୍କୃତି, ସାହିତ୍ୟର ବିକାଶ ଓ ବୈଚିତ୍ର୍ୟ ବିଷୟରେ ବର୍ଣ୍ଣନାର ଏକ ମାଧ୍ୟମ ହେଉଛି ଭାଷା। ଭାଷା ବ୍ୟବହାର କରିବାର ସାମର୍ଥ୍ୟ କେବଳ ମଣିଷ ପାଖରେ ଥିବାରୁ ଅନ୍ୟ ପଶୁପକ୍ଷୀଙ୍କଠାରୁ ମଣିଷକୁ ପୃଥକ୍ ଭାବେ ଚିହ୍ନି ହୁଏ। ମଣିଷ ଯେ ଏକ ସାମାଜିକ ପ୍ରାଣୀ, ଏକଥା ଭାଷା କହିଥାଏ। ତେବେ ଭାଷାର ଗଠନ (ଫର୍ମ) ଓ ବ୍ୟବହାର (ଫଙ୍କସନ) ନେଇ ଯେଉଁ ସବୁ ପ୍ରଶ୍ନ ମନକୁ ଆନ୍ଦୋଳିତ କରିଥାଏ, ତା'ର ସମାଧାନର ସୂତ୍ର ବ୍ୟାକରଣ। ବ୍ୟାକରଣ ହିଁ ଦର୍ଶାଇଥାଏ ଭାଷା ବ୍ୟବହାରରେ ସୂତ୍ର ବା ନିୟମ। ଭାଷାଟିକୁ କିଭଳି ଆମେ ଜାଣିବା, ବୁଝିବା, କହିବା, ଲେଖିବା ଏସବୁ ଆମକୁ ବୁଝାଇ ଦେଇଥାଏ ବ୍ୟାକରଣ।




**ଭାଷାର ଆଧାରଶିଳା**

ବ୍ୟାକରଣ ଭାଷାର ଆଧାରଶିଳା। ବ୍ୟାକରଣ ଭାଷାର ମାର୍ଗଦର୍ଶିକା। ବିଶ୍ୱର ବହୁ ବରେଣ୍ୟ ସ୍ରଷ୍ଟା ହୁଏତ ବ୍ୟାକରଣକୁ ନେଇ ନାସିକା କୁଞ୍ଚନ କରିଛନ୍ତି, କଟାକ୍ଷ କରିଛନ୍ତି, ହେଲେ ବ୍ୟାକରଣର ବିକଳ୍ପ ନାହିଁ। ବ୍ୟାକରଣକୁ ନେଇ ଭାଷା। ନିୟମ ଭାଙ୍ଗି କୌଣସି କାର୍ଯ୍ୟ କରିବା ସହଜ ହୋଇପାରେ, ହେଲେ ଏହା ସ୍ୱାଗତଯୋଗ୍ୟ ନୁହେଁ। ନିୟମାନୁସାରେ ହୋଇଥିବା କାର୍ଯ୍ୟଟି ସର୍ବଦା ଗ୍ରହଣୀୟ। ଏ କଥା ଆମକୁ ବ୍ୟାକରଣ ଶିଖାଇଥାଏ। ବ୍ୟାକରଣ ହିଁ କହିଥାଏ, ଭାଷାଟିର ବିଧିବିଧାନ। ଭାଷାର ଗଠନକୁ ଦେଖିଲେ ଆମେ ଦେଖୁ ଦୁଇଟି ସ୍ତର। ଗୋଟିଏ ହେଲା ଧ୍ୱନି ସ୍ତର। ଅନ୍ୟଟି ହେଲା ତା'ର ଶବ୍ଦ ଗଠନ ସ୍ତର। ବ୍ୟାକରଣରେ ଏହି ଦ୍ୱିତୀୟ ସ୍ତରର ଗୁରୁତ୍ୱ ଅଧିକ। ଶବ୍ଦକୁ ହିଁ ନେଇ ବାକ୍ୟ। ଏସବୁ ବ୍ୟାକରଣର ବିଷୟ। ଓଡ଼ିଆ ଭାଷାକଥା ଦେଖିଲେ ଆମେ ସାଧାରଣ ଭାବରେ ଦେଖିଥାଉ, ଆମ ବ୍ୟାକରଣ ଉପରେ ସଂସ୍କୃତର ପ୍ରଭାବ ରହିଛି। ତେବେ, ଓଡ଼ିଆ ଭାଷା ଗୋଟିଏ ସ୍ୱତନ୍ତ୍ର ଭାଷା ଭାବରେ ବିକଶିତ। ତେଣୁ ଏହାର ଗଠନ ପଦ୍ଧତି ସ୍ୱତନ୍ତ୍ର। ଓଡ଼ିଆ ଗୋଟିଏ ପ୍ରତ୍ୟୟ ଯୋଗ କରି ବ୍ୟାକରଣିକ ଶବ୍ଦ ଶ୍ରେଣୀ ଗଠନ କରିଥାଏ।

ଭାଷା କଥିତ ବା ଲିଖିତ ଯେ କୌଣସି ରୂପରେ ପ୍ରକାଶ ପାଇଲେ ବି ଏହାର ଗୋଟିଏ ଅନ୍ତର୍ନିହିତ ଶୃଙ୍ଖଳା ବା ନିର୍ଦ୍ଦିଷ୍ଟ ଗଠନ ପଦ୍ଧତି ରହିଛି। ଭାଷାର ଏହି ଅନ୍ତର୍ନିହିତ ଗଠନ ପଦ୍ଧତି ବିଶ୍ଲେଷଣ ବା ବର୍ଣ୍ଣନାର ଅନ୍ୟନାମ ବ୍ୟାକରଣ। ଭାଷାରେ ବ୍ୟବହାର ହେଉଥିବା ବାକ୍ୟର ବିଭିନ୍ନ ଅଂଶର ସ୍ଥାନ ଅଧିକାର ଆଧାରରେ ପରସ୍ପରର ସମ୍ବନ୍ଧ ଓ ସମ୍ବନ୍ଧ ପାର୍ଥକ୍ୟ ବା ପ୍ରଭେଦର

ଅନୁଶୀଳନ ହେଉଛି ବ୍ୟାକରଣର ବିଷୟବସ୍ତୁ। ଭାଷା ଗଠନ ସମ୍ବନ୍ଧୀୟ ବ୍ୟାକରଣର ଦୁଇଟି ମୁଖ୍ୟ ବିଭାଗ ହେଉଛି ରୂପତତ୍ତ୍ୱ (ମର୍ଫଲୋଜି) ଓ ବାକ୍ୟତତ୍ତ୍ୱ (ସିନ୍‌ଟାକ୍ସ)। ଏହି ପରିପ୍ରେକ୍ଷୀରେ ଆମେ ଓଡ଼ିଆ ଭାଷା କଥା ବିଚାର କଲେ ଦେଖିବା, ଓଡ଼ିଆ ବ୍ୟାକରଣ ଅନ୍ତର୍ଗତ ରୂପତତ୍ତ୍ୱରେ ଭାଷାରେ ବ୍ୟବହାର ହୋଇଥିବା ଶବ୍ଦଗୁଡ଼ିକର ସାଧାରଣତଃ ତିନୋଟି ବିଭାଗ ଅଛି– ନାମବାଚକ ବା ବିଶେଷ୍ୟ ଶବ୍ଦ ଶ୍ରେଣୀ, କ୍ରିୟାବାଚକ ଏବଂ କ୍ରିୟା ବିଶେଷଣ ବା ଅବ୍ୟୟ। ଓଡ଼ିଆ ବାକ୍ୟର ଦୁଇଟି ମୁଖ୍ୟ ଭାଗ ହେଉଛି – କର୍ତ୍ତାଭାଗ ଓ କ୍ରିୟାଭାଗ। କର୍ତ୍ତାଭାଗ ଭିତରେ ବିଶେଷ୍ୟ, ବିଶେଷଣ ଓ ସର୍ବନାମ ଥିବାବେଳେ ବିଶେଷ୍ୟ ଭାଗର ଅଂଶବିଶେଷ ଭାବରେ ବଚନ, ଲିଙ୍ଗ ଓ କାରକ ଥାଏ। ବିଶେଷ୍ୟ ବଦଳରେ ବ୍ୟବହାର ହୋଇଥାଏ ସର୍ବନାମ ଏବଂ ବିଶେଷ୍ୟ ପରି ବଚନ, କାରକ, ବିଭକ୍ତି ଓ ପୁରୁଷ ପ୍ରତ୍ୟୟଯୁକ୍ତ ହୋଇଥାଏ। କର୍ତ୍ତୃବାଚ୍ୟ ଓ କର୍ମବାଚ୍ୟ କ୍ରମରେ ଓଡ଼ିଆ ଭାଷାରେ ବାକ୍ୟର ମୁଖ୍ୟତଃ ଦୁଇଟି ପ୍ରକାର ରହିଛି। ଏହି ଆଧାରରେ ବି ଓଡ଼ିଆ କ୍ରିୟାର ଗଠନ ଭେଦ ରହିଛି। ଭାଷା ଓ ବ୍ୟାକରଣର ସମ୍ବନ୍ଧ ଓ ସଂଜ୍ଞାକୁ ଦେଖିଲେ ଆମେ କହିପାରିବା ଯେ, ଭାଷା ସମ୍ବନ୍ଧୀୟ ସମସ୍ତ ତଥ୍ୟର ଉପସ୍ଥାପନା, ଶୃଙ୍ଖଳିତ ଓ ବ୍ୟବସ୍ଥିତ ଭାଷା ପଦ୍ଧତିର ବିଶ୍ଳେଷଣ ସର୍ବଦା ସ୍ୱାଗତଯୋଗ୍ୟ। ଭାଷା ଓ ବ୍ୟାକରଣ ବିଷୟରେ ଅଧିକ ଗବେଷଣା, ଆଲୋଚନା, ତୁଳନା ଆଦି ହେବା ଆବଶ୍ୟକ। ଭାଷା ଓ ବ୍ୟାକରଣ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ।

**ପ୍ରତ୍ୟେକ ଭାଷା ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀ ବା ସମାଜର ଧର୍ମଧାରଣା, ପରମ୍ପରା, ସଂସ୍କୃତି ଏପରିକି ଐତିହ୍ୟକୁ ନେଇ ବିଶେଷତ୍ୱ ଦେଖାଇଥାଏ।**


**ଆୟାସଲବ୍ଧ**

ଭାଷାକୁ ନେଇ ତ ବ୍ୟାକରଣ। ଭାଷା ସର୍ଜନଶୀଳ। ଏହା ସହଜାତ ପ୍ରବୃତ୍ତିଗତ ଜମା ନୁହେଁ, ଆୟାସଲବ୍ଧ। ବ୍ୟାକରଣ ହେଉଛି ଭାଷାର ସୂତ୍ର। ଅଭିଧାନ ହେଉଛି ଏହି ସୂତ୍ରଗୁଡ଼ିକର ଅଧୀନ ବିଭିନ୍ନ ଶବ୍ଦଗୁଡ଼ିକର ସଙ୍କଳନ। ଶବ୍ଦ, ଭାଷାର ଗୋଟିଏ ଅର୍ଥ ପ୍ରକାଶଧର୍ମୀ ଏକକ। ଗୋଟିଏ ନିର୍ଦ୍ଦିଷ୍ଟ ଅର୍ଥକୁ ପ୍ରକାଶ କରିବା ପାଇଁ ଶବ୍ଦର ଉଚ୍ଚାରଣଗତ ସୂଚନା ଥାଏ। ଶବ୍ଦମାନଙ୍କ ଗଠନରେ ଆଉ ରୂପକ କ୍ରମ ବା ଧାତୁ ପ୍ରତ୍ୟୟ ବିଷୟ ସୂଚନା, ପ୍ରତ୍ୟେକଟି ଶବ୍ଦ ବ୍ୟାକରଣର କେଉଁ ଶ୍ରେଣୀଭୁକ୍ତ ସେ ବିଷୟରେ ମଧ୍ୟ ଅଭିଧାନରେ ଧାରଣା ଦିଆଯାଇଥାଏ। ପ୍ରତ୍ୟେକଟି ଭାଷା ଗୋଟିଏ ସ୍ୱୟଂସମ୍ପନ୍ନ ସୃଷ୍ଟି। ପ୍ରତ୍ୟେକ ଭାଷାର ସ୍ୱତନ୍ତ୍ର ଛାଞ୍ଚ ଅଛି। ପ୍ରତ୍ୟେକ ଭାଷା ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀ ବା ସମାଜର ଧର୍ମଧାରଣା, ପରମ୍ପରା, ସଂସ୍କୃତି ଏପରିକି ଐତିହ୍ୟକୁ ନେଇ ଯଥେଷ୍ଟ ବିଶେଷତ୍ୱ ଦେଖାଇଥାଏ। ବିବିଧତା ଚିହ୍ନିବାର ଅର୍ଥ ଭାଷା ଭିତରର ସ୍ଥୂଳ ଓ ସୂକ୍ଷ୍ମ ନିଜତ୍ୱର ପ୍ରଭେଦକୁ ଚିହ୍ନିବା। ଆମ ଓଡ଼ିଆ ଭାଷାର ପ୍ରତ୍ୟେକ ଶବ୍ଦର ପ୍ରତ୍ୟେକ ଅକ୍ଷର ସ୍ପଷ୍ଟ ଉଚ୍ଚାରିତ ହୁଏ। ବର୍ଣ୍ଣ ଗୋଟିଏ ଭାଷାର ମୂଳ ଆଧାର। ବର୍ଣ୍ଣ ବା ଅକ୍ଷର ଗୋଟିଏ ଭାଷାର ସୌନ୍ଦର୍ଯ୍ୟ ବୃଦ୍ଧିରେ ସହାୟତା କରେ। ଶବ୍ଦ ହେଉଛି ଭାଷାର ସର୍ବନିମ୍ନ ଅର୍ଥପୂର୍ଣ୍ଣ ଏକକ। ଶବ୍ଦରୁ ଅର୍ଥକୁ ଅଲଗା କରିହୁଏ ନାହିଁ।

ଓଡ଼ିଆ ବ୍ୟାକରଣର ପ୍ରଥମ ପର୍ଯ୍ୟାୟକୁ ଯଦି ଊନବିଂଶ ଶତାବ୍ଦୀର ପ୍ରାରମ୍ଭରୁ ବିଂଶ ଶତାବ୍ଦୀର ପ୍ରାୟ ପ୍ରଥମ ଦଶକ ପର୍ଯ୍ୟନ୍ତ ସମୟ ସୀମାକୁ ନିଆଯାଏ, ତେବେ ଏହି ପର୍ଯ୍ୟାୟର ବିଶ୍ୱମ୍ଭର ବିଦ୍ୟାଭୂଷଣଙ୍କ 'ଓଡ଼ିଆ ବ୍ୟାକରଣ' (୧୮୪୧), ବିଚ୍ଛନ୍ଦଚରଣ ପଟ୍ଟନାୟକଙ୍କ 'ଉତ୍କଳ ବ୍ୟାକରଣର ସଂକ୍ଷେପ'(୧୮୬୯), କପିଳେଶ୍ୱର ବିଦ୍ୟାଭୂଷଣଙ୍କର 'ସୂତ୍ରଧର ବ୍ୟାକରଣ' (୧୮୭୦), ଗୋବିନ୍ଦ ଚରଣ ପଟ୍ଟନାୟକଙ୍କ 'ଉତ୍କଳ ବ୍ୟାକରଣ କୌମୁଦୀ' (୧୮୭୦), କୈଳାସଚନ୍ଦ୍ର ଶର୍ମାଙ୍କ 'ଓଡ଼ିଆ ବ୍ୟାକରଣ ମଞ୍ଜରୀ'(୧୮୭୧), ପ୍ରଭାକର ବିଦ୍ୟାରତ୍ନଙ୍କ 'ଭାଷାଦର୍ଶନ' (୧୮୭୩), ଚନ୍ଦ୍ରମୋହନ ମହାରଣାଙ୍କ 'ଓଡ଼ିଆ ବ୍ୟାକରଣ' (୧୯୧୦), ମୃତ୍ୟୁଞ୍ଜୟ ରଥଙ୍କ 'ସୁଖବୋଧ ବ୍ୟାକରଣ' (୧୯୨୭), ଚନ୍ଦ୍ରଶେଖର ମିଶ୍ରଙ୍କ 'ଓଡ଼ିଆ ଭାଷା ବ୍ୟାକରଣ' (୧୯୩୫) ଆଦିକୁ ନିଆଯାଇପାରେ। ଏଥିରୁ ଅଧିକାଂଶ ବ୍ୟାକରଣ ବହି ଅଧୁନା ଇଂଲଣ୍ଡର ରାଜଧାନୀ ଲଣ୍ଡନରେ ଥିବା ଇଣ୍ଡିଆ ଅଫିସ ଲାଇବ୍ରେରୀରେ ସଂରକ୍ଷିତ ଥିବା ଜଣାଯାଏ। ଓଡ଼ିଆ ବ୍ୟାକରଣର ଆଦ୍ୟ ପର୍ଯ୍ୟାୟରେ ଅବଶ୍ୟ ଭାଷାବିଜ୍ଞାନ ଦୃଷ୍ଟିରୁ ବ୍ୟାକରଣର ବୈଜ୍ଞାନିକ ଅନୁଶୀଳନ ହୋଇ ନ ଥିବାର ଦେଖାଯାଏ। ଅବଶ୍ୟ ବିଶ୍ୱସ୍ତରରେ ଭାଷା ବିଜ୍ଞାନର ଜନକ ଫର୍ଡିନାଣ୍ଡ ଡି ସସୁରଙ୍କ ମୂଳ ସୁଇସ ବହି ଇଂରାଜୀରେ ୧୯୩୩ରେ ଅନୁବାଦ ହୋଇ ପ୍ରକାଶ ପାଇବା ପରେ ହିଁ

ବ୍ୟାକରଣକୁ ନେଇ ନୂଆ ଧାରଣା ଅୟମାରମ୍ଭ ହୋଇଥିଲା। ସେହିବର୍ଷ ଆମେରିକୀୟ ଭାଷାବିତ୍ ଲିଓନାର୍ଡ ବ୍ଲୁମ୍‌ଫିଲ୍ଡଙ୍କ 'ଲାଙ୍ଗୁଏଜ୍' ପୁସ୍ତକ ପ୍ରକାଶନ ଏ ଦିଗରେ ନୂଆ ଉଦ୍ୟମ ପାଇଁ ପଥ ପରିଷ୍କାର କରିଥିଲା। ତେବେ ପରବର୍ତ୍ତୀ ସମୟରେ ଆମେରିକୀୟ ଭାଷାବିଜ୍ଞାନୀ ନୋମ୍ ଚମସ୍କି ବ୍ୟାକରଣ ଅଧ୍ୟୟନ ଓ ଅନୁଶୀଳନ ପାଇଁ ସମଗ୍ର ବିଶ୍ୱକୁ ବାଟ ଦେଖାଇଛନ୍ତି।

ଓଡ଼ିଆ ବ୍ୟାକରଣ ପରିପ୍ରେକ୍ଷୀରେ ଆଲୋଚନା କଲେ ଗୀତରେ ଲେଖାଯାଇଥିବା ସମାର୍ଥବୋଧ ଅଭିଧାନକୁ ସଂସ୍କୃତ ଭାଷାର 'ଅମରକୋଷ' ସହ ତୁଳନା କରାଯାଏ। ରୀତି ଯୁଗର ପ୍ରମୁଖ ସ୍ରଷ୍ଟା କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ ରଚିତ 'ଗୀତାଭିଧାନ', ଏହା ପୂର୍ବରୁ ପଞ୍ଚସଖା ଯୁଗରେ ଓଡ଼ିଆ ଭାଗବତ ରଚୟିତା ଜଗନ୍ନାଥ ଦାସଙ୍କ 'ଭାଗବତ'ରେ ଓଡ଼ିଆ ବର୍ଣ୍ଣବୈଶିଷ୍ଟ୍ୟକୁ ନବାକ୍ଷରୀ ଛନ୍ଦରେ ଲେଖିଥିବା କଥା ଦୃଷ୍ଟିରେ ପଡ଼େ।




ତେବେ, ପରବର୍ତ୍ତୀ କାଳରେ ବିଶେଷକରି ଓଡ଼ିଆ ଭାଷା ଓ ସାହିତ୍ୟକୁ ଆୟୁଧ କରି ଜାତୀୟତାଭାବ ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରତିଷ୍ଠିତ ସତ୍ୟବାଦୀ ଯୁଗର ଓଡ଼ିଆ ବ୍ୟାକରଣକୁ ନେଇ ଅନେକ ଆଲୋଚନା ହୋଇଥିବାର ନଜରକୁ ଆସେ। ଯେମିତିକି ପଣ୍ଡିତ ନୀଳକଣ୍ଠ ଦାସ ନିଜ ସମ୍ପାଦିତ 'ନବଭାରତ' ଷଷ୍ଠ ସଂଖ୍ୟା ପ୍ରଥମ ଭାଗରେ 'ଓଡ଼ିଆ ବର୍ଣ୍ଣ ଓ ଲିପି', ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସମ୍ପାଦିତ 'ସତ୍ୟବାଦୀ'ରେ 'ଓଡ଼ିଆ ବର୍ଣ୍ଣ ବିଚାରର ସଂକ୍ଷିପ୍ତ ସୂଚନା' ଏବଂ କଟକ ଟ୍ରେଡିଂ କମ୍ପାନୀ ୧୯୩୫ରେ ପ୍ରକାଶ କରିଥିବା ପଣ୍ଡିତ ନୀଳକଣ୍ଠ ଦାସଙ୍କ 'ଓଡ଼ିଆ ବ୍ୟାକରଣ' ବହିରେ ଆମେ ଓଡ଼ିଆ ଲିପି, ଭାଷା ଓ ବ୍ୟାକରଣର ବୈଶିଷ୍ଟ୍ୟ ତଥା ବିବିଧତା ଆମେ ଦେଖୁ। ବ୍ରିଟିଶ ଗବେଷକଙ୍କ ଅବଦାନ ମଧ୍ୟ କିଛି କମ୍ ନ ଥିଲା। ଓଡ଼ିଆ ବ୍ୟାକରଣ କଥା ଲେଖିବା ବେଳେ ୧୮୩୧ ମସିହାରେ କଲିକତାରେ ବାପ୍ଟିଷ୍ଟ ମିଶନ ପ୍ରକାଶ କରିଥିବା ଆମସ୍ ସଟନଙ୍କ 'ଆନ୍ ଇଂଟ୍ରଡକ୍ଟରୀ ଗ୍ରାମାର ଅଫ୍ ଓରିଆ ଲାଙ୍ଗୁଏଜ୍' ୧୮୫୫ ମସିହାରେ କଲିକତାର ସ୍କୁଲ ବୁକ୍ ସୋସାଇଟି ପ୍ରକାଶ କରିଥିବା, ରେଭରେଣ୍ଡ ଲେସୀ ସାହେବଙ୍କ 'ଓଡ଼ିଆ ବ୍ୟାକରଣ ସାର' ବହିରେ ଓଡ଼ିଆ ବ୍ୟାକରଣର ପ୍ରଥମ ପର୍ଯ୍ୟାୟର ଆଲୋଚନା ଉପଲବ୍ଧ।

## ଆମ ବ୍ୟାକରଣ ପରମ୍ପରା

ଓଡ଼ିଆ ବ୍ୟାକରଣକୁ ନେଇ ବହୁ ଆଲୋଚନା ଓ ଉପାଦେୟ ପୁସ୍ତକ ଆମକୁ ଆମ ବ୍ୟାକରଣ ପରମ୍ପରା ବିଷୟରେ ଧାରଣା ଦେଇଥାଏ। ୧୯୭୦ ମସିହା 'ଝଙ୍କାର'ର ୩୨ଭାଗ ତୃତୀୟ ସଂଖ୍ୟାରେ ଖଗେଶ୍ୱର ମହାପାତ୍ରଙ୍କ ଆଲୋଚନା 'ଓଡ଼ିଆ କ୍ରିୟାପଦ ଏକ ବର୍ଣ୍ଣନା', ୧୯୭୪ ମସିହା ନଭେମ୍ବର ପ୍ରଥମ ସଂଖ୍ୟା ତୃତୀୟ ଭାଗ 'ମାନସ'ରେ ତାଙ୍କର ପ୍ରବନ୍ଧ 'ଓଡ଼ିଆ ବ୍ୟାକରଣ ରଚନାର ପରମ୍ପରା', ୧୯୭୭ ମସିହାରେ କଟକର ଗ୍ରନ୍ଥ ମନ୍ଦିର ପ୍ରକାଶ କରିଥିବା 'ଓଡ଼ିଆ ଲିପି ଓ ଭାଷା' ବ୍ୟାକରଣ ବିଚାର ଦୃଷ୍ଟିରୁ ଖୁବ୍ ସହାୟକ। କବିବର ରାଧାନାଥ ରାୟଙ୍କ 'ବ୍ୟାକରଣ ପ୍ରବେଶ' (୧୮୯୯), 'ବ୍ୟାକରଣ ପରିଚୟ' (୧୮୯୯), ଏବଂ ଗିରିଜା ଶଙ୍କର ରାୟ, ପଣ୍ଡିତ ନୀଳକଣ୍ଠ ଦାସଙ୍କ ସମ୍ପାଦିତ 'ନବଭାରତ'ର ୪ର୍ଥ ଭାଗ ଏକାଦଶ ସଂଖ୍ୟାରେ ପ୍ରକାଶ କରିଥିବା ପ୍ରବନ୍ଧ 'ଓଡ଼ିଆ ବ୍ୟାକରଣର ଏକ ଅଧ୍ୟାୟ' ଉଲ୍ଲେଖଯୋଗ୍ୟ। ପଣ୍ଡିତ ରଘୁନାଥ ମିଶ୍ରଙ୍କ କଟକର ଓଡ଼ିଶା ପବ୍ଲିଶିଂ ହାଉସ ୧୮୫୮ ମସିହାରେ ପ୍ରକାଶ କରିଥିବା 'ପ୍ରାଦେଶିକ ବ୍ୟାକରଣ', ୧୮୮୩ ମସିହାରେ ପୁରୀର ପୁରୁଷୋତ୍ତମ ପ୍ରିଣ୍ଟିଂ ପ୍ରେସ୍ ପ୍ରକାଶ କରିଥିବା ହରିହର ରଥଙ୍କ 'ସରଳ ବ୍ୟାକରଣ', ୧୮୫୮ରେ କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରକାଶ କରିଥିବା ଜଗନ୍ନାଥ ରାଓଙ୍କ 'ସରଳ ବ୍ୟାକରଣ' ଓ ପରବର୍ତ୍ତୀ କାଳରେ ଫ୍ରେଣ୍ଡସ ପବ୍ଲିସର ପ୍ରକାଶିତ ଧନେଶ୍ୱର ମହାପାତ୍ରଙ୍କ 'ସୁଗମ ବ୍ୟାକରଣ', ନିଉ ଷ୍ଟୁଡେଣ୍ଟସ ଷ୍ଟୋର, କଟକ ପୁନଃ ମୁଦ୍ରଣ କରିଥିବା ପଣ୍ଡିତ ନାରାୟଣ ମହାପାତ୍ର ଓ ଶ୍ରୀଧର ଦାସଙ୍କ 'ସର୍ବସାର ବ୍ୟାକରଣ' ଆଦି ଅନେକ ବ୍ୟାକରଣ ବିଷୟରେ ଆଲୋଚନା ଓ ପୁସ୍ତକରେ ଆମ ଭାଷାର ଲିପି, ଧ୍ୱନି, ଶବ୍ଦ, ବାକ୍ୟ ଓ ବ୍ୟାକରଣର ବୈଶିଷ୍ଟ୍ୟ ଲକ୍ଷ୍ୟ କରାଯାଏ।

ବ୍ୟାକରଣ ହେଉଛି ଶବ୍ଦର ଅର୍ଥ ଚିହ୍ନିବା ଓ ଶବ୍ଦର ଅର୍ଥ ତିଆରି କରିବାର ସୂତ୍ର। ଭାଷାର ମୂଳ ଉପାଦାନ ଧ୍ୱନି। କହିଲେ

ଧ୍ୱନି, ଲେଖିଲେ ଅକ୍ଷର। ବର୍ଣ୍ଣ ହେଉଛି ଭାଷାର ସୌନ୍ଦର୍ଯ୍ୟ। ଭାଷା ଯଦି ଶରୀର ହୁଏ, ବର୍ଣ୍ଣ ତା'ର ଆବରଣ। ଗୋଟିଏ ସମୃଦ୍ଧ କାଳଜୟୀ ଭାଷା ସ୍ଥାପତ୍ୟର ନିର୍ମାଣରେ ଏହାର ବର୍ଣ୍ଣମାଳା ଓ ବ୍ୟାକରଣର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଲିପି, ଅକ୍ଷର ବା ବର୍ଣ୍ଣ ଗୋଟିଏ ନିର୍ଦ୍ଦିଷ୍ଟ ଭାଷାର ଏକ ମୌଳିକ ଜୀବକୋଷ ସମ। ଭାବପ୍ରକାଶର ମାଧ୍ୟମ ଭାଷା। ଭାଷାର ପରିସର ଖୁବ୍ ବ୍ୟାପକ। ଚିରସ୍ରୋତା ନଦୀ ପରି ଭାଷା ଏକ ପ୍ରବହମାନ ଧାରା। ଯେକୌଣସି ଗୋଟିଏ ଭାଷା ପାଇଁ ବ୍ୟାକରଣର ଯଥେଷ୍ଟ ଗୁରୁତ୍ୱ ରହିଛି। ଭାଷାର ତ୍ରୁଟି ସଂଶୋଧନ ତଥା ସେହି ଭାଷାକୁ ବ୍ୟବହାର କରୁଥିବା ବିଦ୍ୟାର୍ଥୀ ବା ବ୍ୟକ୍ତିବିଶେଷଙ୍କର ଲେଖିବା ଓ ତାକୁ କହିବାରେ ଭୁଲ୍ ସଂଶୋଧନ ପାଇଁ ବ୍ୟାକରଣର ଭୂମିକା ଅନସ୍ୱୀକାର୍ଯ୍ୟ। ବ୍ୟାକରଣ ହେଉଛି ଭାଷା ବିଶ୍ଳେଷକ। ନିର୍ଭୁଲଭାବରେ କହିବା, ଲେଖିବା ଓ ପଢ଼ିବା ପାଇଁ ବ୍ୟାକରଣ ଶାସ୍ତ୍ରର ଆବଶ୍ୟକତା ରହିଛି। ଭାଷାକୁ ଶୃଙ୍ଖଳାବଦ୍ଧ କରିଥାଏ ବ୍ୟାକରଣ। ବିଶ୍ୱବିଖ୍ୟାତ ଦାର୍ଶନିକ ଡେକାର୍ଟ ଯଥାର୍ଥରେ କହନ୍ତି, ଭାଷାକୁ ପାଇ ମଣିଷ ଧନ୍ୟ ହୋଇଛି। ମଣିଷ, ମଣିଷ ହୋଇପାରିଛି।

**ଲିପି, ଅକ୍ଷର ବା ବର୍ଣ୍ଣ ଗୋଟିଏ ନିର୍ଦ୍ଦିଷ୍ଟ ଭାଷାର ଏକ ମୌଳିକ ଜୀବକୋଷ ସମ।**

## ସର୍ବଜନଗ୍ରାହ୍ୟ ଅନୁଭୂତି

ଭାଷା ସର୍ବଜନଗ୍ରାହ୍ୟ ଏକ ଅନୁଭୂତି। ଭାଷା ହିଁ ମଣିଷକୁ ଜୀବଜଗତରେ ଶ୍ରେଷ୍ଠ ଆସନ ପ୍ରଦାନ ସହ ଅନ୍ୟ ପ୍ରାଣୀଠାରୁ ଅଲଗା ଚିହ୍ନାଇଥାଏ। ଜୀବନ ସହିତ ସବୁବେଳେ ଭାଷାର ସମ୍ପର୍କ ଥାଏ। ମଣିଷର ନିଃଶ୍ୱାସ ପ୍ରଶ୍ୱାସରେ ପ୍ରବହମାନ ବାୟୁ, ଭାଷାର ବାହକ। ଗ୍ରୀକ୍ ଭାଷାରେ ବ୍ୟାକରଣ ଶବ୍ଦର ମୂଳ ବ୍ୟୁତ୍ପତ୍ତିଗତ ଅର୍ଥ- ଲେଖିବା ଶବ୍ଦରୁ ସୃଷ୍ଟ। ଗ୍ରୀକ୍ ଭାଷାରେ 'ଗ୍ରାମାର' ଶବ୍ଦଟି 'ଗ୍ରାମାଟିକ୍ ଟେକ୍‌ନେ' ବା ଲିଖନ କଳାରୁ ଆସିଛି। ପ୍ରସିଦ୍ଧ ଗ୍ରୀକ୍ ବୈୟାକରଣ ଡାଓନିସ୍‌ଥ୍ରାକ୍ସ କହନ୍ତି, ବ୍ୟାକରଣ ହେଉଛି କବି ଓ ଲେଖକମାନଙ୍କର ଲିଖିତ ଭାଷାରେ ବ୍ୟବହାର ହେଉଥିବା ସାଧାରଣ ପ୍ରୟୋଗଗୁଡ଼ିକ ବିଷୟରେ ବ୍ୟାବହାରିକ ଜ୍ଞାନ। ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀରେ ବ୍ୟାକରଣ ଦୃଷ୍ଟିରୁ ସମଗ୍ର ବିଶ୍ୱର ଆଲୋକବର୍ତ୍ତିକା ହୋଇଥିଲା ଆମ ଦେଶ ଭାରତବର୍ଷ। ବିଶ୍ୱ ବନ୍ଦନୀୟ ବରେଣ୍ୟ ବୈୟାକରଣ ପାଣିନି ଆଠଟି ଅଧ୍ୟାୟରେ ପ୍ରଣୟନ କରିଥିବା 'ଅଷ୍ଟାଧ୍ୟାୟୀ' ଆଜି ବି ଦେଶ ବିଦେଶରେ ବ୍ୟାକରଣର ଆଦର୍ଶ ଭାଷା ହେଉଛି ଭାବବ୍ୟକ୍ତ କରିବାର ସର୍ବଶ୍ରେଷ୍ଠ ମାଧ୍ୟମ। ଯିଏ ଯେତେ ସହଜ ସୁନ୍ଦର ଭାଷାରେ ଭାବ ବ୍ୟକ୍ତ କରିପାରେ ତା'ର ବ୍ୟକ୍ତିତ୍ୱ ସମାଜରେ ସେତେ ପ୍ରତିଷ୍ଠା ଲାଭ କରେ। ଏହାକୁ ବ୍ୟାକରଣ ସହଯୋଗ କରେ, ସହାୟତା କରେ, ଅର୍ଥାତ୍ ବ୍ୟାକରଣକୁ ଆଧାର କରି ହିଁ ଜଣେ ନିର୍ଭୁଲ ଓ ଶୁଦ୍ଧ ଭାବେ ଭାଷାର ବ୍ୟବହାର କରିଥାଏ। ବ୍ୟାକରଣ ଭାଷାର ସମ୍ପଦ, ଭାଷାକୁ କରେ ସମୃଦ୍ଧ।

ଭାଷା ଦେଇଥାଏ ଜାତୀୟତା ଓ ଆତ୍ମପରିଚୟ। ଭାଷା ମାଧ୍ୟମରେ ଗଠିତ ହୋଇଥାଏ ବିବେକ ଓ ବ୍ୟକ୍ତିତ୍ୱ, ଭାଷା ଏକ ସର୍ବଜନଗ୍ରାହ୍ୟ ଅନୁଭୂତି। ଭାଷା ପାଇଁ ହିଁ ମଣିଷ, ମଣିଷ ହୋଇପାରିଛି। ଗୋଟିଏ ଜାତିର ପରିଚୟ ଭାଷା। ମଣିଷ ହିଁ ଭାଷା କ୍ଷମତାର ଅଧିକାରୀ। ଭାଷା ଜାଣିବାକୁ ହେଲେ ବ୍ୟାକରଣର ଆବଶ୍ୟକତା ହୁଏ। ବ୍ୟାକରଣକୁ ନେଇ ଭାଷାକୁ ଭଲଭାବେ ଜାଣିହୁଏ। ବ୍ୟାକରଣକୁ ତେଣୁ ଭାଷା ବିଶ୍ଳେଷଣ ଶାସ୍ତ୍ର ଭାବେ କୁହାଯାଇଛି। ଭାଷାକୁ ମାର୍ଜିତ ଓ ଶୃଙ୍ଖଳିତ କରିଥାଏ ସେହି ଭାଷାର ବ୍ୟାକରଣ। ବ୍ୟାକରଣ ହେଉଛି ଭାଷାର ଶୃଙ୍ଖଳାଶାସ୍ତ୍ର। ପ୍ରତ୍ୟେକ ଭାଷାର ନିଜସ୍ୱ ବ୍ୟାକରଣ ଅଛି। ଏହି ବ୍ୟାକରଣ ହିଁ ଭାଷାର ଦର୍ପଣ। ବ୍ୟାକରଣକୁ ନେଇ ଗୋଟିଏ ଭାଷା ବ୍ୟବହାର କରିବାର ଅର୍ଥ ସେହି ଭାଷାଭାଷୀ ଗୋଷ୍ଠୀ (ସ୍ପିଚ୍ କମ୍ୟୁନିଟି) ସହ ପରିଚିତ ହୋଇ ସେହି ଗୋଷ୍ଠୀର ସାମାଜିକ ବ୍ୟବସ୍ଥାରେ ଯୋଗଦେବା ଓ ଏକ ସାଂସ୍କୃତିକ ଜୀବନଧାରାରେ ଭାଗନେବା। କହିବା ବାହୁଲ୍ୟ, ବ୍ୟାକରଣ ହିଁ ଭାଷାର ବ୍ୟବହାର ପାଇଁ ବାଟ କଢ଼େଇନେବା ସହ ସମାଜ ଓ ସଂସ୍କୃତି ସହ ପରିଚିତ କରାଇଥାଏ। ଭାଷା ହିଁ ଐତିହ୍ୟ ଓ ଜୀବନ ଦୃଷ୍ଟିର ପରିଚୟ ପ୍ରଦାନ କରି ସାଂସ୍କୃତିକ ଏକନିଷ୍ଠତାକୁ ଚିହ୍ନିତ କରିଥାଏ। ଏସବୁ ମୂଳରେ ଥାଏ ବ୍ୟାକରଣ।


□□

ଲେଖକଙ୍କ ଇ-ମେଲ ଠିକଣା:
mohdebasis@gmail.com

ସାକ୍ଷାତ୍‌କାର

# ବରିଷ୍ଠ କବି ଶୈଳଜ ରବିଙ୍କ ସହ ଏକ ସାରସ୍ୱତ ଆଳାପ

*ଶୈଳଜ ରବି ଓଡ଼ିଆ ସାରସ୍ୱତ ଜଗତର ଜଣେ ବରିଷ୍ଠ ସାଧକ ଭାବରେ ସୁପରିଚିତ। ୧୯୪୨ ମସିହାରେ ଜନ୍ମିତ ଏହି ବିଶିଷ୍ଟ ପ୍ରତିଭାଧର ଜଣେ ଅଗ୍ରଣୀ ସର୍ବୋଦୟ ସଙ୍ଗଠକ ମଧ୍ୟ। ୨୦୦୨ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ ସୁଦ୍ଧା ସେ ତାହା ଗ୍ରହଣ କରିନଥିଲେ। ଏହି ଅନନ୍ୟ ଭାବଧାରାର କବିଙ୍କ ସହ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।*



**ସାହିତ୍ୟ ଚର୍ଚ୍ଚା:** ବ୍ୟକ୍ତିଗତ ଜୀବନରେ ତ ଆପଣ ଜଣେ ଆଦର୍ଶବାଦୀ। ତେବେ ଆପଣ ନିଜର କଲମ-ନାମକୁ 'ଶୈଳଜ ରବି' ବୋଲି ବାଛିବା ପଛରେ ଏମିତି କିଛି ଆଦର୍ଶଗତ କାରଣ ଥିଲା କି?

**ଶୈଳଜ ରବି:** ଆଗ କାଳରେ ଲେଖା ତଳେ ଠିକଣା ଦିଆ ହେଉ ନ ଥିଲା। ମୁଁ କିଛି କାଳ ନବକୃଷ୍ଣ ଚୌଧୁରୀଙ୍କ ଜୀବନୀ ଲେଖିବି ବୋଲି ଚମ୍ପତିମୁଣ୍ଡା ଯାଇ ତାଙ୍କ ସହିତ ରହୁଥିଲି। ମୁଁ ଥରେ ଘରକୁ ଆସିଛି, ସେତିକିବେଳେ 'ସମାଜ'ରେ ବାହାରିଲା ରବୀନ୍ଦ୍ରନାଥ ସାହୁ ନାମକ ଜନୈକ ଲେଖକଙ୍କର ଲେଖା, ଯେଉଁଥିରେ ସେ ନେହେରୁଙ୍କୁ ମାତ୍ରାଧିକ ଭାବରେ ପ୍ରଶଂସା କରି ତାଙ୍କୁ ଗାନ୍ଧିଜୀଙ୍କଠାରୁ ମଧ୍ୟ ଉଚ୍ଚ ଆସନ ଦେଇଥିଲେ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଅସଲ ନାମଟି ମଧ୍ୟ ସେଇଆ ନୁହେଁ କି?

**ଶୈଳଜ ରବି:** ହଁ, ମୋ'ର ନାଁ ମଧ୍ୟ ରବୀନ୍ଦ୍ରନାଥ ସାହୁ। ତା'ପରେ ମୁଁ ଯେତେବେଳେ ଘରୁ ଚମ୍ପତିମୁଣ୍ଡା ଗଲି, ମୋତେ ଦେଖି ନବକୃଷ୍ଣ ଚୌଧୁରୀ, 'ଆରେ, ନେହେରୁ ଚାମଚା ଆସିଲା ରେ!' ବୋଲି କହିଲେ। ମୋ'ର ବନ୍ଧୁ ମନୋରଞ୍ଜନ ମହାନ୍ତି ମଧ୍ୟ କହିଲେ, 'ରବି, ତୁମେ ଏମିତି ପିଲାଳିଆ ଲେଖା କ'ଣ ଲେଖିଚ?' ମୁଁ ଦେଖିଲି ଯେ ଏ ନାଁ'ଟି ପାଇଁ ମୁଁ ବହୁତ ଭ୍ରାନ୍ତିର ଶିକାର ହେବି।

**ସାହିତ୍ୟ ଚର୍ଚ୍ଚା:** ତେଣୁ କଲମ-ନାମଟିଏ ଆଦରି ନେଲେ?

**ଶୈଳଜ ରବି:** ମୋ'ର ମାଆଙ୍କ ନାମ ଶୈଳ। ଆଗେ ତ ମୁନି-ଋଷିମାନେ ନିଜ ମାଆଙ୍କ ନାମରେ ପରିଚିତ ଥିଲେ। ତେଣୁ ମୁଁ ନିଜ ନାମଟି କରିଦେଲି ଶୈଳଜ ରବି।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କୁ ରବୀନ୍ଦ୍ରନାଥ ସାହୁ ବୋଲି କହିଲେ ବୋଧହୁଏ ଓଡ଼ିଶାର ବହୁତ ଲୋକ ଜାଣିପାରନ୍ତିନି।

**ଶୈଳଜ ରବି:** ମୋ'ର ତ ଦୁଇଆଡ଼େ ଗୋଡ଼ ନା !

ସର୍ବୋଦୟ ଆନ୍ଦୋଳନ ସହିତ ମଧ୍ୟ ଜଡ଼ିତ ଅଛି । ଏଣୁ ସାହିତ୍ୟ ଜଗତରେ 'ଶୈଳଜ', ଏବଂ ସାହିତ୍ୟ ବାହାରେ 'ରବି'।

**ସାହିତ୍ୟ ଚର୍ଚ୍ଚା:** ଆପଣ ୨୦୦୨ ମସିହାରେ ନିଜର ପ୍ରଥମ କବିତା ସଂକଳନ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ; କିନ୍ତୁ ତାହାକୁ ପ୍ରତ୍ୟାଖ୍ୟାନ କରିଦେଲେ । ଏମିତି କାହିଁକି ?

**ଶୈଳଜ ରବି:** ସତକଥା ଯଦି କହୁଛି, କେହି ବିଶ୍ୱାସ କରୁନାହାନ୍ତି । ମୁଁ ପୁରସ୍କାର ନ ନେବା କଥାଟାକୁ ରୋମାଣ୍ଟିସାଇଜ୍ କରି ଅନେକ କଥା ବାହାରିଛି । ଦେଖନ୍ତୁ, ମୋ'ର ଗୋଟିଏ ଇନର୍ ଫିଲିଂ ହଠାତ୍ ଚାଲିଆସେ ।

**ସାହିତ୍ୟ ଚର୍ଚ୍ଚା:** ତେବେ ପୁରସ୍କାରଟି ପାଇଥିବା କଥା ଜାଣିବା ପରେ ଆପଣଙ୍କ ମନରେ ପ୍ରଥମ ପ୍ରତିକ୍ରିୟା କ'ଣ ହୋଇଥିଲା ?

**ଶୈଳଜ ରବି:** ମୁଁ ସେଦିନ ଇଭିନିଂ ୱାକ୍ କରି ଆସୁଛି, ମୋ ଝିଅ କୋଠା ଉପରୁ ପାଟିକଲା, 'ବାପା, ତମେ ସାହିତ୍ୟ ଏକାଡେମୀ ଆୱାର୍ଡ ପାଇଛ ।' ମୋ'ର ଭିତରୁ ଆସିଲା, 'ନେଏ ନା ।' କାହିଁକି ଆସିଲା, ମୁଁ ସତ କହୁଛି, ଏ ପର୍ଯ୍ୟନ୍ତ ଜାଣିନାହିଁ ।

**ଝିଅ କୋଠା ଉପରୁ ପାଟିକଲା, 'ବାପା, ତମେ ସାହିତ୍ୟ ଏକାଡେମୀ ଆୱାର୍ଡ ପାଇଛ ।' ମୋ'ର ଭିତରୁ ଆସିଲା, 'ନେଏ ନା ।'**

**ସାହିତ୍ୟ ଚର୍ଚ୍ଚା:** ଯାହା ଲାଗୁଛି, ଏହା ପଛରେ କୌଣସି ସୁଚିନ୍ତିତ କାରଣ ନ ଥିଲା । କିନ୍ତୁ ଆପଣ ନିଜର ସେହି କ୍ଷଣିକ ଉଚ୍ଛ୍ୱାସର ନିଷ୍ପତ୍ତି ଉପରେ ଦୃଢ଼ ଭାବରେ କାଏମ୍ ରହିଲେ !

**ଶୈଳଜ ରବି:** କିଛି ସୁଚିନ୍ତିତ କାରଣ ନ ଥିଲା । ତେବେ ମୋର 'ଇନର୍ ଭଏସ୍' ଉପରେ ମୋର ପ୍ରଗାଢ଼ ବିଶ୍ୱାସ । ତା'ପରେ ଖବରକାଗଜରେ ବାହାରିଲା, 'ଯେହେତୁ ମୁଖ୍ୟମନ୍ତ୍ରୀ ଓଡ଼ିଆ ଜାଣନ୍ତି ନାହିଁ, ତେଣୁ ତାଙ୍କ ହାତରୁ ଶୈଳଜ ରବି ପୁରସ୍କାର ନେଲେ ନାହିଁ ।' ଏମିତି କିଛି କାରଣ ପ୍ରକୃତରେ ନ ଥିଲା ।

**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ଏବେ ଗୋଟିଏ ଟ୍ରେଣ୍ଡ ଚାଲିଛି; ଯେଉଁମାନେ କେନ୍ଦ୍ର ଅବା ରାଜ୍ୟ ସାହିତ୍ୟ ଏକାଡେମୀ ଅବା ପଦ୍ମଶ୍ରୀ ସମ୍ମାନ ପାଉଛନ୍ତି, ସେମାନେ ଯଦି ତାହାକୁ ପ୍ରତ୍ୟାଖ୍ୟାନ କରିଦିଅନ୍ତି, ତେବେ ସେହି ପ୍ରତ୍ୟାଖ୍ୟାନର ଗରିମାଟିକୁ ପୁରସ୍କାରଠାରୁ ଅଧିକ ଉଚ୍ଚ ସ୍ଥାନ ଦିଆଯାଉଛି । ଅର୍ଥାତ୍, ପ୍ରାପକଙ୍କଠାରୁ ପ୍ରତ୍ୟାଖ୍ୟାନକର୍ତ୍ତାଙ୍କ ଓଜନ ଅଧିକ !

**ଶୈଳଜ ରବି:** ଏ ବିଷୟରେ ଗୋଟିଏ କଥା ଶୁଣନ୍ତୁ । ଦୀପ୍ତିରଂଜନ ପଟ୍ଟନାୟକଙ୍କୁ ଆପଣ ଜାଣିଛନ୍ତି ? ଯିଏ ବି.ଏଚ୍.ୟୁରେ ଇଂରାଜୀ ବିଭାଗର ପ୍ରଫେସର ଅଛନ୍ତି ? ତା'ଙ୍କର ଅନେକ ବହି ଦେଶ ଓ ବିଦେଶରେ ପ୍ରକାଶିତ ହୋଇଛି ।

**ସାହିତ୍ୟ ଚର୍ଚ୍ଚା:** ହଁ, ଜାଣିଛୁ ।

**ଶୈଳଜ ରବି:** ସେ ମୋ ଲେଖାର ଜଣେ ପ୍ରଶଂସକ । ସେ ଥରେ ଛିଡ଼ା ହୋଇଥିଲେ ବାଣୀବିହାରରେ, ଗୋଟିଏ ଗଛ ମୂଳେ । ଅନ୍ୟ ଅଧ୍ୟାପକମାନେ ମଧ୍ୟ ସେଠାରେ ଥିଲେ, ଏବଂ ସେମାନଙ୍କ ମଧ୍ୟରେ କିଛି ଗୋଟାଏ ଆଲୋଚନା ଚାଲିଥିଲା । ମୁଁ ସେ ବାଟେ ଯାଉଥିଲି ।

**ସାହିତ୍ୟ ଚର୍ଚ୍ଚା:** ଆପଣ ଗଲେ କି ସେମାନଙ୍କ ପାଖକୁ ?

**ଶୈଳଜ ରବି:** ସେ ମୋତେ ବଡ଼ ପାଟିରେ ଡ଼ାକିଲେ, 'ରବି ଭାଇ, ରବି ଭାଇ !' ମୁଁ ସେଠାକୁ ଯିବାରୁ ଅନ୍ୟମାନଙ୍କୁ ଲକ୍ଷ୍ୟ କରି କହିଲା, 'ହେଇ, ଦେଖ; ଇଏ ପୁରସ୍କାର ନେଲେନାହିଁ ।' ସେଠାରେ ଥିବା ଅନ୍ୟମାନେ ହସିଉଠିଲେ । ମୁଁ କହିଲି, 'ଦେଖ, ମୋ ପଛରେ କୋଡ଼ିଏ କି ତିରିଶ ଅଛନ୍ତି ଯେଉଁମାନେ ଏ ପୁରସ୍କାର ପାଇଛନ୍ତି । ଆଗକୁ ବି ପଚିଶ କି ପଚାଶ ପାଇବେ । ମୁଁ ଯଦି ପୁରସ୍କାରଟି ନେଇଥା'ନ୍ତି ତେବେ ଆଜି ଏଇଠି ଛିଡ଼ା ହୋଇ ମୋ ବିଷୟରେ ଆଲୋଚନା କରିଥାଆନ୍ତ କି ?'

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ବ୍ୟକ୍ତିତ୍ୱର ଦୁଇଟି ଦିଗ ଅଛି; କବି ଦିଗ ଓ କର୍ମୀ ଦିଗ । ଆପଣ ନିଜକୁ ସର୍ବୋଦୟ ଆନ୍ଦୋଳନର କର୍ମୀ ବୋଲି ଭାବନ୍ତି, ନା ନେତା ?


**ଶୈଳଜ ରବି:** ଆମର ନେତା ତ କେହି ବି ନୁହନ୍ତି, ଆମେ ନିଜକୁ ସେବକ ବୋଲି କହୁ । ଏପରିକି ଗୋପବନ୍ଧୁ ଚୌଧୁରୀଙ୍କ ନାମ ସହିତ ସର୍ବୋଦୟ କର୍ମୀ ବୋଲି ଲେଖାଯାଏ, ସର୍ବୋଦୟ ନେତା ବୋଲି ଲେଖାଯାଏ ନାହିଁ ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ବ୍ୟକ୍ତିତ୍ୱର ଏହି ଯେ ଦୁଇଟି

ଦିଗ, କବି ଓ କର୍ମୀ, ଏ ଦୁଇଟି ଭିତରେ ବିରୋଧାଭାସ ଅଛି ନା ସମନ୍ୱୟ ?

**ଶୈଳଜ ରବି:** ମୁଁ ଜଣେ କର୍ମୀ ଭାବରେ ପରିଚିତ ହେବାକୁ ଅଧିକ ଗର୍ବ ଅନୁଭବ କରେ। ପ୍ରଥମେ ସଚ୍ଚି ରାଉତରାୟ ଲେଖିଥିଲେ, "ମୁଁ ଜଣେ କର୍ମୀ-କବି"। ଗତ ଶତାବ୍ଦୀର ୩୦ ଦଶକରେ ପୃଥିବୀ ବିଖ୍ୟାତ ବହୁ କବି ଓ କଳାକାର କର୍ମୀ-କବି ଥିଲେ।

**ସାହିତ୍ୟ ଚର୍ଚ୍ଚା:** ତେବେ ଜଣେ କର୍ମୀ-କବିଙ୍କୁ ନିଜର କବିଜୀବନର ଆଦର୍ଶ ସହିତ ବେଳେ ବେଳେ ସାଲିସ କରିବାକୁ ପଡ଼େ କି ?




**ଶୈଳଜ ରବି:** ଏମିତି ସାଲିସ କରିବାଟା ବେଳେ ବେଳେ ସମସ୍ୟା ଜର୍ଜରିତ ହୋଇପଡ଼ିଥାଏ। ମଝିରେ ଗୋପବନ୍ଧୁ ଲେଖିବା ବନ୍ଦ କରିଦେଲେ। ଏହାର କାରଣ ଭାବରେ ସେ ନିଜେ କହିଲେ,'କବିତା ଦେବୀ ମୋ ଉପରେ ସନ୍ତୁଷ୍ଟ ହେଉନାହାନ୍ତି।' କର୍ମୀର ନୈତିକତା ଓ କବିର ସ୍ୱାଧୀନତା ଭିତରେ ସବୁବେଳେ ସମନ୍ୱୟ ସ୍ଥାପନ ସମ୍ଭବ ହୁଏ ନାହିଁ।

**ସାହିତ୍ୟ ଚର୍ଚ୍ଚା:** ୨୦୧୫ ମସିହାରେ ପ୍ରକାଶିତ ଆପଣଙ୍କର 'ଦାରୁ' ଶୀର୍ଷକ ସଂକଳନରେ ଠାଏଁ ଅଛି,'ମୁଁ ଗୋଟାଏ ଅତୃପ୍ତ ଏଷଣା/ ନଚିକେତା ପରି/ ଖୋଜିବା ହାରିଛି/ ମୋ'ର ପରିଚୟ/ ମହାପ୍ରାଜ୍ଞ ମୋର ଠିକଣା।' ଏହି ଆତ୍ମସ୍ଥ ଭାବ ଆପଣଙ୍କ କବି-ଚେତନାର ଗୋଟିଏ ଅଂଶ କି ?

**ଶୈଳଜ ରବି:** ଜଣେ କବି ଯେତେବେଳେ ସମାଜ ପାଇଁ ବି କାମ କରୁଥାଏ, ସେ ନିଜର ପରିଚୟକୁ ଖୋଜିବାର ପ୍ରକ୍ରିୟା ଭିତରେ ଥାଏ। ପ୍ରତି ମୁହୂର୍ତ୍ତରେ ସେ ନିଜକୁ ଓ ନିଜର ସ୍ୱପ୍ନକୁ କଷଟି ପଥରରେ ରଖୁଥାଏ।

**ସାହିତ୍ୟ ଚର୍ଚ୍ଚା:** ଆଚ୍ଛା, ଶ୍ରୀଜଗନ୍ନାଥଙ୍କୁ ନେଇ ଆପଣଙ୍କ ଅବଧାରଣାଟି କ'ଣ ? ଏହି ସନ୍ଦର୍ଭରେ ଅନ୍ୟ ଏକ କବିତାରେ ଆପଣଙ୍କ ସ୍ୱର ହୋଇଉଠିଛି ବ୍ୟଙ୍ଗାତ୍ମକ। ଆପଣ ପଚାରିଛନ୍ତି, 'ଇଏ କେଉଁ ପୁରୀ/ ମହୋଦଧି ପୁରୀ/ ଅବା ମହୋଦୟ ପୁରୀ ?'

**ଶୈଳଜ ରବି:** 'ମହୋଦୟ ପୁରୀ' କ'ଣ ଜାଣିଛନ୍ତି ତ ! ବର୍ତ୍ତମାନ କୁବେର ସଂସ୍କୃତି ଚାଲିଛି। ସେଇଟା ଦେଖାଇବା ପାଇଁ ମୁଁ କହିଛି, ମହୋଦୟ ପୁରୀ। କୁବେରପୁରୀର ଅନ୍ୟନାମ ମହୋଦୟପୁରୀ।

**ସାହିତ୍ୟ ଚର୍ଚ୍ଚା:** ଦେଶରେ ଜରୁରୀ କାଳୀନ ପରିସ୍ଥିତି ଜାରୀ ହୋଇଥିବା ସମୟରେ ଆପଣ ଛଅ ମାସ କାରାବରଣ କରିଥିଲେ, ସର୍ବୋଦୟ ଆନ୍ଦୋଳନ ସହିତ ଯୋଡ଼ିହୋଇ। ଏହି ଆଦର୍ଶର ସଂସ୍ପର୍ଶରେ ଆପଣ କେମିତି ଆସିଲେ ?

**ଶୈଳଜ ରବି:** କଲେଜରେ ପଢ଼ିବା ଦିନରୁ ମୁଁ ଏଥିପ୍ରତି ଆକର୍ଷିତ ହୋଇଥିଲି। ଦେଶ ସ୍ୱାଧୀନ ହେବା ପରେ ଗାନ୍ଧିଜୀ କହିଲେ ଯେ ମୁଁ କ୍ଷମତାକୁ ଯିବି ନାହିଁ। ସେ ଭାବୁଥିଲେ ଯେ ବ୍ୟବସ୍ଥାରେ ପରିବର୍ତ୍ତନ ନ ହେଲେ, ଏଠି ଯିଏ ବି ଆସିବ ସେ ବିଶେଷ କିଛି କରିପାରିବ ନାହିଁ। ମୋ'ର ଧାରଣା ହେଲା ଯେ ଯେଉଁମାନେ ସାମାଜିକ କାର୍ଯ୍ୟକୁ ବେଶି ଗୁରୁତ୍ୱ ଦେଉଥିବେ, କ୍ଷମତା ରାଜନୀତିରେ ନ ଥିବେ, ମୁଁ ତାଙ୍କ ସହିତ ରହିବି। ଦେଖିଲି ଯେ ଗୋପବନ୍ଧୁ ଚୌଧୁରୀ, ଆଚାର୍ଯ୍ୟ ହରିହର ପ୍ରଭୃତି ସେହି ମାର୍ଗରେ ନିଜକୁ ପରିଚାଳିତ କରୁଥିଲେ।

**ସାହିତ୍ୟ ଚର୍ଚ୍ଚା:** ଆପଣ ଜଣେ ସୁଦକ୍ଷ ସମ୍ପାଦକ ମଧ୍ୟ।

**ଶୈଳଜ ରବି:** ହଁ, ଚାରି ପାଞ୍ଚୋଟି ପତ୍ରିକାର ସମ୍ପାଦନା କରିବାର ଅବସର ମିଳିଛି।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଦ୍ୱାରା ସମ୍ପାଦିତ ଗୋଟିଏ ପତ୍ରିକା ଆମେ ଦେଖିଛୁ – 'ଐକତାନ'। ଏଥିରେ ଗୋଟିଏ ଅଭିନବ ପ୍ରୟୋଗ ହୋଇଛି। ଏଥିରେ ଓଡ଼ିଶାର ଆଞ୍ଚଳିକ ଉପଭାଷାଗୁଡ଼ିକରେ ଲେଖା ହୋଇଥିବା ରଚନାମାନ ସ୍ଥାନ ପାଇଛି। ସବୁଠାରୁ ଆକର୍ଷଣୀୟ ହୋଇଛି, ଏଥିରେ ମନୋଜ ଦାସଙ୍କ ଗୋଟିଏ ଗଳ୍ପକୁ 'ଓଡ଼ିଆରୁ ଓଡ଼ିଆକୁ' ଭାଷାନ୍ତରିତ କରାଯାଇଛି। ଅର୍ଥାତ୍ ତାହାକୁ ଭୋଗରାଇ ଅଞ୍ଚଳର ସ୍ଥାନୀୟ ଭାଷାରେ ଅନୁବାଦ କରାଯାଇଛି।

**ଶୈଳଜ ରବି:** ମାନକ ଓଡ଼ିଆରୁ ତାଙ୍କ ନିଜ ଅଞ୍ଚଳର ଭାଷାକୁ ଏହା ଅନୁଦିତ ହୋଇଛି। ଏ ପତ୍ରିକାଟିରେ ଓଡ଼ିଶାର ବିଭିନ୍ନ ଆଞ୍ଚଳିକ ଓଡ଼ିଆ ଏବଂ ଆଦିବାସୀ ଭାଷାର ସାହିତ୍ୟ ପରିବେଷଣ

କରି ଆମେ ଏହି ସନ୍ଦେଶ ଦେବାକୁ ଚାହୁଁଛୁ ଯେ ଆମର ବିଭିନ୍ନତାକୁ ଉପଭୋଗ କରିବା; ବିଚ୍ଛିନ୍ନତାପାଇଁ ବ୍ୟବହାର କରିବାନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆପଣ ଇଂରାଜୀ ଭାଷାରେ 'ପ୍ୟାରେଣ୍ଟସ୍ ଏଣ୍ଡ ପେଡ଼ାଗୋଗସ୍' ନାମରେ ଗୋଟିଏ ପ୍ରସିଦ୍ଧ ପତ୍ରିକାର ମଧ୍ୟ ସମ୍ପାଦନା କରୁଥିଲେ। ଏହାର ଆଭିମୁଖ୍ୟ କ'ଣ ଥିଲା?

**ଶୈଳଜ ରବି:** କିଶୋର ବୟସର ପୁତ୍ର-କନ୍ୟାମାନଙ୍କୁ ଆଦର୍ଶ ଅଭିଭାବକତ୍ୱ ପ୍ରଦାନ କରିବାରେ ପିତାମାତାମାନଙ୍କ ଭୂମିକାର କଥା ଓ ସେ ଦିଗରେ ଦିଗ୍‌ଦର୍ଶନ ଏଥିରେ ପ୍ରସିଦ୍ଧ ଶିକ୍ଷାବିତମାନେ ରଖୁଥିଲେ।

**ସାହିତ୍ୟ ଚର୍ଚ୍ଚା:** ଅନେକେ ଜାଣନ୍ତି ନାହିଁ ଯେ ଆପଣ ଜଣେ ପ୍ରସିଦ୍ଧ କବି ହେବା ବ୍ୟତୀତ ସକ୍ରିୟ ଚିତ୍ରଶିଳ୍ପୀ ମଧ୍ୟ ଥିଲେ। ଆପଣ ସେତେବେଳର ଅନେକ ବହିର ପ୍ରଚ୍ଛଦପଟ ଚିତ୍ର ଆଙ୍କିଛନ୍ତି।

**ଗୋଡ଼ହାତ ଥରୁଥାଏ ସେତେବେଳେ। ସଚ୍ଚି ରାଉତରାୟଙ୍କ ଭଳି ତୁଙ୍ଗ ସାହିତ୍ୟିକଙ୍କ ଆଗରେ ଠିଆ ହେବାକୁ ଡର ଲାଗୁଥାଏ।**

**ଶୈଳଜ ରବି:** ମୁଁ ବାଣୀବିହାରରେ ପଢୁଥିବା ବେଳେ ପାଠଛାଡ଼ି ସର୍ବୋଦୟ ଆନ୍ଦୋଳନରେ ଯୋଗଦେଲି। ଘରେ ଅସନ୍ତୁଷ୍ଟ ହେଲେ, ନିଜ ପକେଟମନି ଉଠାଇବା ପାଇଁ ପ୍ରଚ୍ଛଦପଟ ଆଙ୍କିଲି। ଥରେ କଟକର ଜଗନ୍ନାଥ ରଥ ପ୍ରକାଶନ ସଂସ୍ଥା ସ୍ୱତ୍ୱାଧିକାରୀ ଜଗନ୍ନାଥ ରଥଙ୍କୁ ଭେଟିଲି।

**ସାହିତ୍ୟ ଚର୍ଚ୍ଚା:** ସେ ଆପଣଙ୍କୁ କିଛି ଚିତ୍ର ଆଙ୍କିବାର ଦାୟିତ୍ୱ ଦେଲେ କି?

**ଶୈଳଜ ରବି:** ସେ କହିଲେ, ଜଣେ କବି ଅଛନ୍ତି; ତାଙ୍କ ନାମ ସଚ୍ଚି ରାଉତରାୟ; ଶୁଣିଛ? ତାଙ୍କର ଗୋଟିଏ ବହି ଛପାହେବାକୁ ଅଛି, 'ଭାନୁମତୀର ଦେଶ' ବୋଲି। ତୁମେ କରିବ? ମୁଁ ପ୍ରଚ୍ଛଦ ଚିତ୍ରଟିଏ କରି ତାଙ୍କୁ ଦେଖାଇଲି, ତାଙ୍କ ମନକୁ ପାଇଲା। କିନ୍ତୁ ସେ କହିଲେ, 'ଦେଖ, ମୋ ମନକୁ ପାଇଲେ ହେବନାହିଁ, ତାଙ୍କ ମନକୁ ପାଇବା ଦରକାର।'

**ସାହିତ୍ୟ ଚର୍ଚ୍ଚା:** ତେବେ ସଚ୍ଚି ରାଉତରାୟଙ୍କ ମତ କ'ଣ ଥିଲା, ସେହି ଚିତ୍ର ବିଷୟରେ?

**ଶୈଳଜ ରବି:** ମୁଁ ସେହି ଚିତ୍ରଟି ନେଇ ତାଙ୍କ ପାଖକୁ ଗଲି। ଗୋଡ଼ହାତ ଥରୁଥାଏ ସେତେବେଳେ। ସଚ୍ଚି ରାଉତରାୟଙ୍କ ଭଳି ତୁଙ୍ଗ ସାହିତ୍ୟିକଙ୍କ ଆଗରେ ଠିଆ ହେବାକୁ ଡର ଲାଗୁଥାଏ। ମୁଁ ତାଙ୍କ ଘରକୁ ଯିବାରୁ ସେ କବାଟ ଖୋଲିଲେ। ସେ ମୋତେ ପ୍ରଥମ ଥର ପାଇଁ ଦେଖୁଥିଲେ। ମୋତେ ଦେଖି ରୁକ୍ଷ ଗଳାରେ ପଚାରିଲେ, 'କୁଆଡ଼େ ... କ'ଣ?' ମୁଁ ସମ୍ଭ୍ରମର ସହିତ କହିଲି, 'ମୋତେ ଆପଣଙ୍କ ପବ୍ଲିସର୍ ପଠାଇଥିଲେ; ଏଇ ଦେଖନ୍ତୁ।' ସେ ଚିତ୍ରଟିକୁ ଦେଖିବା ପରେ ମୋତେ ଉପରୁ ତଳ ଅନେଇଲେ, ବୋଧହୁଏ ଭାବିଥିବେ, କିଏ ଏହି ଅପାଂକ୍ତେୟ ଯୁବକ, ଯିଏ ଚିତ୍ରଟି ଆଣିଛି? କିନ୍ତୁ ତାପରେ ମୋତେ ବସିବା ପାଇଁ କହି ଚାହା ମଗେଇଲେ। ସେଥିରୁ ମୁଁ ଜାଣିଲି ଯେ ମୋ'ର ଚିତ୍ରଟି ଓ.କେ ହୋଇଗଲା। ସେ ମୋତେ ପଚାରିଲେ, କୋଉଠୁ ଶିଖିଥିଲ? ମୁଁ ତ ସଚ୍ଚି ରାଉତରାୟଙ୍କ କବିତାର ଗୋଟିଏ ବଡ଼ ଫ୍ୟାନ୍ ଥିଲି; ତେଣୁ ଅପେକ୍ଷା କରିଥିଲି ଏହି ପ୍ରଶ୍ନକୁ। ମୁଁ ଉତ୍ତର ଦେଲି, 'ଆପଣଙ୍କ ଠୁଁ।' ସେ ଚମକି ଯାଇ ପୁଣି ପଚାରିଲେ, 'କାହାଠୁ?'

**ସାହିତ୍ୟ ଚର୍ଚ୍ଚା:** ଆପଣ ସେହି କଥା ଦୋହରାଇ ଥିବେ।

**ଶୈଳଜ ରବି:** ହଁ, ସେ ମୋ କଥା ଶୁଣି ବଡ଼ ପାଟିରେ କହିଲେ, 'ଇଡିଅଟ୍! ମୋ'ଠୁ ଶିଖିଲ, ମାନେ?' ମୁଁ କହିଲି, 'ଆଜ୍ଞା ସଚ୍ଚିଦାନନ୍ଦ ରାଉତରାୟଙ୍କ ଭଳିଆ ଚିତ୍ରଭାଷାରେ ଆଉ କିଏ କଥା କହିପାରେ ଓଡ଼ିଶାରେ?' ସେ ପଚାରିଲେ, 'ତୁମେ ମୋ'ର ପଢ଼ିଛ କିଛି?' ମୁଁ କହିଲି, 'ଆପଣଙ୍କର ଗୋଟିଏ ବହି ଆପଣ ପାଇବା ପୂର୍ବରୁ ମୁଁ ପାଇଥିଲି।' ମୋର ସାଙ୍ଗର ପ୍ରେସ୍‌ରେ ସଚ୍ଚିବାବୁଙ୍କ 'ସ୍ୱଗତ' ସଂକଳନ ଛପା ହେଉଥିଲା। ସଚ୍ଚିବାକୁ ପ୍ରଥମ କପି ପାଇବା ପୂର୍ବରୁ ମୋତେ ପ୍ରଥମ କପିଟି ଦେବା ପାଇଁ ମୁଁ ସେ ସାଙ୍ଗକୁ ଅନୁରୋଧ କରିଥିଲି।

**ସାହିତ୍ୟ ଚର୍ଚ୍ଚା:** ଶେଷକୁ, ଆମର କବିତାର ଧାରା ଏବେ ଯେଉଁ ଦିଗକୁ ଯାଉଛି, ସେ ବିଷୟରେ ଆପଣଙ୍କର ମତ କ'ଣ?

**ଶୈଳଜ ରବି:** ଦେଖନ୍ତୁ, ଅତୀତରେ ଭଲ ଥିଲା, ଏବେ ସବୁ ଖରାପ ହୋଇଗଲା – ଏ କଥା ଯେଉଁମାନେ ଭାବନ୍ତି, ମୁଁ ସେଥିରେ ବିଶ୍ୱାସ କରେନାହିଁ। ଅତୀତରେ ବି ଖୁବ୍ ମୁଷ୍ଟିମେୟ କବି ଭଲ କବିତା ଲେଖୁଥିଲେ, ଏବଂ ବର୍ତ୍ତମାନ ମଧ୍ୟ ମୁଷ୍ଟିମେୟ ଲୋକ ହିଁ ଭଲ କବିତା ଲେଖୁଛନ୍ତି।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ଉପଯୋଗୀ ଆଲୋଚନା ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ।

□□

ଗଳ୍ପ




# ଅନ୍ତିମ ରାୟ

ପ୍ରଫୁଲ୍ଲ ବାରିକ

ଭାରି ଲାଗିଲାଣି ଆଖିପତା। ଅନେଇ ହଉନି। ବାଧବାଧକତାରେ ପଡିଛନ୍ତି ବିଛଣାରେ, ନିଦ ଟିକେ ଆଶାରେ। ତା' ବି କୋଉ ହଉଚି। ହେବ କିମିତି? ଯାହାଙ୍କ ଆଖିରୁ ଚରିଆସେ ନିଦ ତାଙ୍କ ଆଖିକୁ, ସେ ଆଖି ତ ତନ୍ଦ୍ରାଛନ୍ନ, ତେଜୀୟାନ। ନିଦର ବାହାନା ଖାଲି। ନିଦ ନାଇଁ। ରାତିଗୋଟା ଏକଡ଼ ସେକଡ଼। ବାର ବାର ବାଥରୁମ୍। ଇମିତି କେବେ ହୁଏନା। ଯୋଉଠି ବାଘକୁ ଡର, ସେଇଠି ଏବେ ରାତି।

ଦେବସ୍ମିତା ବାର ବାର ଅନଉଛନ୍ତି ଘଡ଼ିକୁ। ଦଶଟାରୁ ଆସିଥିଲେ ବିଛଣା। ତାଙ୍କ ଅଧଘଣ୍ଟା ପରେ ଆସିଛି ସିଏ। ଆସି ହେଲାଣି ଗୋଟାଏ। ତାଙ୍କ ଆସିବା ବେଳକୁ ଲୋକ ଶୋଇଯିବା କଥା। ଆଷ୍ଟେକରି ଲୋଟିପଡ଼ନ୍ତି ଦୂରତା ରଖି। ଯିମିତି ସ୍ପର୍ଶ ନ ହେଉ ଦେହକୁ ଦେହ। ନିଦ ନ ଭାଙ୍ଗୁ।



ମଥା ଉପର କାନ୍ଥରେ ଜଗନ୍ନାଥଙ୍କ ଫଟୋ। ଫଟୋ ବୋଲି ବ୍ଲାକ ବ୍ୟାକଗ୍ରାଉଣ୍ଡରେ ଆଖି ଦିଓଟି। ଗୋଲ ଗୋଲ। ବିପରୀତ କାନ୍ଥରେ ବଡ଼ ଆଇନା। ଫଟୋର ପ୍ରତିବିମ୍ବ ଆଇନାରେ। ଶୋଇଲେ ଆଖି ସିଧା ସେଠି। ଲାଇଟି ନିଭେଇ, ସବୁଜ ରଙ୍ଗର ନୀଳ ଜିରୋ ପାୱାରର ବଲବ ଜଳେଇ ଦିଅନ୍ତି। ମୋବାଇଲରେ ଲୋଡ୍ ରହିଛି ଭକ୍ତିରସାତ୍ମକ ଜଗନ୍ନାଥ ଜଣାଣ। ସ୍ଲୋ ସାଉଣ୍ଡରେ ରଖିଦିଅନ୍ତି ତକିଆ ପାଖକୁ। ବାସ୍, ଏତିକିରେ ନିଦ ଓହ୍ଲେଇ ଆସେ ଆଖିକୁ। ଗୋଟିଏ ଗୀତ ପୂର୍ଣ୍ଣାଙ୍ଗ ହୁଏନି। ଆସି ଦେଖି ବନ୍ଦକରି ଶୁଅନ୍ତି। ଆଜି ବାଜିସାରିଲାଣି ଚାରି ଚାରିଟା ଗୀତ। ପ୍ରଭାବଶୂନ୍ୟ ସବୁ।

ଦେବସ୍ମିତାଙ୍କର ଜୀବନଗୋଟା ସାଧନା ଇଏ। ଯେବେଠୁ ଦେବଦତ୍ତ ଓଡ଼ିଶା ସର୍ବୋଚ୍ଚ ନ୍ୟାୟାଳୟରେ ହେଇଛନ୍ତି ମୁଖ୍ୟ ବିଚାରପତି। କେତେକେତେ ମୋକଦ୍ଦମା। ଭଲିକି ଭଲି ସମସ୍ୟା। ବ୍ୟକ୍ତିବିଶେଷଠୁ ଅନୁଷ୍ଠାନ ଓ ସରକାରଙ୍କୁ ପକ୍ଷକରି। ଶୁଣିବାକୁ ହେବ ଓକିଲଙ୍କ ଯୁକ୍ତି। ଦେଖିବାକୁ ହେବ ସାକ୍ଷୀ ପ୍ରମାଣ। ତେବେ ଯାଇ ରାୟ। ରାୟ ଯିମିତି ହୁଏ ନିରପେକ୍ଷ।

ସାରାଦିନ ଚାମ୍ବରରୁ କୋର୍ଟ। ଥାକ ଥାକ ଆଇନବହି। ଗଦା ଗଦା ବୁଲେଟିନ ପୂର୍ବ ରାୟର ରେଫରେନ୍ସ ପାଇଁ। ମଥା ଜାମ୍। କଥା ପଦେକୁ ଶକ୍ତି ପାଏନା। ସାରାଦିନ ଚୁପଚାପ। ପାଞ୍ଚପଦରେ ପଦେ ଉତ୍ତର। ଦେବସ୍ମିତା ଦୁଃଖ କରନ୍ତିନି। ଗୌରବ ଭାବି ପାଆନ୍ତି ଆତ୍ମତୃପ୍ତି।

କ'ଣ ନାଇଁ ତାଙ୍କର? ଅଭାବ ରଖି ନାହାନ୍ତି ପ୍ରଭୁ କୌଣସିଥିରେ। ପାର୍ଥିବରୁ କିଛି ମାଗନ୍ତିନି ପ୍ରଭୁଙ୍କୁ। ମାଗନ୍ତି ତାଙ୍କ ଆଖିକୁ ଟୋପେ ନିଦ। ଶାନ୍ତିରେ ଶୁଅନ୍ତୁ ରାତିକୁ କେଇ ଘଣ୍ଟା। ନ ହେଲେ କ୍ରମାଗତ ଅନିଦ୍ରା ସାଙ୍ଗକୁ କାମର ଭିଡ଼ ଦୁର୍ବଳ, କରିବ ଉଭୟ ଶରୀର ସହ ମନକୁ। କର୍ମରେ ଘଟିବ ବିଶୃଙ୍ଖଳା। ଖାଇବା ଉପରେ ଯେତିକି ଦିଅନ୍ତିନି ଧ୍ୟାନ, ଅଧିକ ଦିଅନ୍ତି ଶୋଇବା ଉପରେ। ସେଥିପାଇଁ ବେଡ୍‌ରୁମରେ ଶାନ୍ତିର ବ୍ୟବସ୍ଥା। ସଫଳ ହୁଏ। ଗଡ଼ିଚାଲେ ଦିନ ସ୍ୱଚ୍ଛନ୍ଦରେ।

ହାଇକୋର୍ଟରୁ ସିଧା ସୁପ୍ରିମକୋର୍ଟ। ଭୂମିକା ସେଇ ଏକା। ମୁଖ୍ୟ ବିଚାରପତି। ଦେବଦତ୍ତଙ୍କ ମାନସିକତା କ'ଣ କହିବେ, ନିଜେ ସିଏ ଡରିଗଲେ। ହତୋତ୍ସାହ ହେଇ ପଡ଼ିଲେ, ସର୍ବୋଚ୍ଚ ସ୍ଥାନରେ ପହଞ୍ଚିବାର ଆନନ୍ଦ ସତ୍ତ୍ୱେ। ଆପଣା ରାଜ୍ୟର ନ୍ୟାୟାଳୟ, ଆଉ ଦେଶର ସର୍ବୋଚ୍ଚ ନ୍ୟାୟାଳୟ। ଭୂମିରୁ ଭୂମା। ଦୂରତା ମାଟିରୁ ଆକାଶ। ଦେଶଗୋଟାରୁ ଆସିବ ମୋକଦ୍ଦମା। କିସମ କିସମର ଦ୍ୱନ୍ଦ୍ୱ ନେଇ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ହେବ ଅନ୍ତିମ ନିଷ୍ପତ୍ତି। କାହାକୁ ମିଳିବ

ସଜା, ତ କିଏ ହେବ ନିର୍ଦ୍ଦୋଷରେ ଖଲାସ୍। ସବୁ ଏଙ୍କରି କଲମରେ। ଶେଷ ଦସ୍ତଖତରେ। ଏତେଟିକେ ମଥାରେ ଏତେ ଭାରି ବୋଝ ! ଦାୟିତ୍ୱର ଦରିଆ। ଗଭୀରତା ଅକଳନୀୟ। ତେବେ ବି ମାଗିନାହିଁ ସହାୟତା ଈଶ୍ୱରଙ୍କୁ। ମାଗିଛି ଆଖିକୁ ତାଙ୍କର ନିଦ ଟୋପେ। ପ୍ରଭୁ ଶୁଣିଛନ୍ତି। ଅନଉ ଅନଉ ଶେଷ ହେଲା ସ୍ୱଚ୍ଛନ୍ଦରେ କର୍ମ ଜୀବନ। ଅବସର ଅନ୍ତେ ଆସିଲେ ଆପଣା ମାଟିକୁ। ଦେବସ୍ମିତାଙ୍କ ମଥାରୁ ଓହ୍ଲେଇଗଲା ଦାୟିତ୍ୱର ହିମାଦ୍ରି। ମନରୁ ଭୟର ବିଭୀଷିକା। ଶାନ୍ତିରେ ଛାତିଏ ନିଃଶ୍ୱାସ ନେଲେ। ଏଣିକି ଚିନ୍ତାଶୂନ୍ୟ ମଥାରେ ଖାଲି ଅବଶିଷ୍ଟ ଜୀବନ ବଞ୍ଚିବାର ଅଛି।

ତେବେ ବି ଆଗ୍ରହ ଅବ୍ୟାହତ ତାଙ୍କ ନିଦ ଟୋପେ ପାଇଁ। ବୟସ ବଢ଼ିଛି। ରାତି ଅନିଦ୍ରା ସହିବନି ଶରୀର। ସୁସ୍ଥତା ପାଇଁ ଆବଶ୍ୟକ ସୁଷୁପ୍ତି। ସେଇ ବେଡ୍‌ରୁମ। ସବୁଜାୟିତ ଝାପସା ଆଲୁଅର ଜଗନ୍ନାଥଙ୍କ ଦୁଇଆଖି। କାନ ପାଖରେ ଭଜନର ମୃଦୁଶବ୍ଦ। ସବୁ ସେଇମିତି। ଠିକ ଥିଲା। ଥରେ ପତା ପଡ଼ିଲା ତ ଖୋଲୁ ଖୋଲୁ ସକାଳ। ଆଜି କାଇଁକି ବ୍ୟତିକ୍ରମ? ରାତି ଦଶରୁ ଆସି ହେଲାଣି ଗୋଟାଏ। ଟୋପାଏ ନିଦ ଆସୁନି ଆଖିକୁ। ନା ଶୋଉଛନ୍ତି, ନା ଦେଉଛନ୍ତି ଶୋଇବାକୁ। ଆଉ କେଇଘଣ୍ଟା ପରେ ପାହିବ ରାତି। ଆରମ୍ଭ ହେବ ଦିନର ବ୍ୟସ୍ତତା।

ନିଦରେ ନଇଁ ଆସୁଛି ପତା। ଅଥଚ ହଉନି ନିଦ। କିମିତି ହବ, ଯେବେ ଏକା ବିଛଣାରେ ଆଉ ଜଣେ ଛଟପଟ ଯନ୍ତ୍ରଣାରେ? ନିଦ ତ ଦୂର, ଏବେ ପରିଣତି ଭାବନାରେ ଭୟଭୀତ ସିଏ। ଦେବଦତ୍ତ ଉଠି ଲମ୍ବା ହାଇମାରି, ଆଖିମଳି ଗଲେ ବାଥରୁମକୁ। ଫେରି ଦେବସ୍ମିତାଙ୍କୁ ଜାଗିଥିବା ଦେଖି ପଚାରିଲେ – ତମେ ଶୋଇ ନ ଏ ଯାକେ?

–ଏକା ପ୍ରଶ୍ନ ମୁଁ ପଚାରୁଛି ତମକୁ। କ'ଣ ହେଇଚି ଆଜି, ଶୋଇନ କାଇଁକି? ଦେହ ଖରାପ, ନା କିଛି ଚିନ୍ତା?

ଦେବସ୍ମିତାଙ୍କ ପ୍ରତି-ପ୍ରଶ୍ନ ଦେବଦତ୍ତଙ୍କୁ।

–ସିଏ କିଛି ନୁହେଁ। ତମେ ଶୋଇପଡ଼। ରାତି ଢେର ହେଲାଣି।

– ତାହା ତ ମୁଁ ଜାଣେ। ମୋତେ କୁହ ଅନିଦ୍ରା କାଇଁକି?

– ଶୁଣ ଦେବସ୍ମିତା, କାଲି ଯୋଉ ଆମେ ଯାଇଥିଲେ ପୁରୀ...

– ହଁ, ଯାଇଥିଲେ। କେତେ ସମ୍ମାନର ସହ ଆମକୁ ଶଙ୍ଖୋଳିଲେ ପଣ୍ଡାମାନେ। ପ୍ରଭୁଙ୍କ ଦର୍ଶନ କେତେ ଶାନ୍ତିରେ ହେଲା। ଅବଢ଼ା ପାଇଲେ। କୌଣସିଥିରେ ନ ଥିଲା ତ୍ରୁଟି। ସେକଥା ଆଜି, ଏବେ କାଇଁକି?

– ସେସବୁ କଥା ମୁଁ କହୁନି। ଶୁଣ, ମନ୍ଦିରରୁ ଫେରି ବାଟରେ ଲମ୍ବା ଧାଡ଼ିରେ ବସିଥିବା ଭିକାରିଙ୍କୁ ତମେ ଦେଇଚାଲିଲ ଭିକ୍ଷା। ପାଞ୍ଚ ଦଶ ଯାହାକୁ ଯାହା ପର୍ସରୁ କାଢ଼ି। ମୁଁ ଚାଲିଥାଏ ପଛେ ପଛେ। ତମେ ଦେଇ ଚାଲିଥାଅ ଏକଲୟରେ ଅନ୍ୟ କିଛି ପ୍ରତି ନଜର ନ ଦେଇ। ଭିକାରିଟିଏ ମୋତେ କହିଲା, ଚିହ୍ନି ପାରୁନାହାନ୍ତି ବାବୁ? କାହାକୁ କହୁଛି ବୋଲି ମୁଁ ଅନଉଥିବା ବେଳେ ଅନ୍ୟ ଆଡ଼େ, ଆପଣଙ୍କୁ କହୁଛି ବାବୁ, ଚିହ୍ନି ପାରୁନାହାନ୍ତି ମୋତେ? ଦେଖିଲି କୁଷ୍ଠ ରୋଗୀଟିଏ। ହାତ ପାଦ ଆଙ୍ଗୁଳିରୁ ଗଲାଣି ଅଧେ ଅଧେ। ମୁହଁ ବିବର୍ଣ୍ଣ ଲାଲ ଟକ୍ ଟକ୍। ମଥାରେ ଚୁଟି, ମୁହଁରେ ଦାଢ଼ି ବିପର୍ଯ୍ୟସ୍ତ। ପଚାରୁଛି ମୁଁ ଚିହ୍ନୁଚି କି ନାହିଁ ତାକୁ। କହିଲି, ନାଁ, ମନେ ପଡୁନି। ମୁଁ କିମିତି ଚିହ୍ନିବି ତମକୁ?

–ବାବୁ, ପଚିଶ ବର୍ଷ ତଳେ, ତଳ କୋର୍ଟ ଆଜୀବନ ସଜାରେ ମୋତେ ଦଣ୍ଡିତ କରିଥିଲେ। ହାଇକୋର୍ଟ ଯାଇଥିଲି ମୁଁ ଅପିଲରେ। ଆପଣ ସେତେବେଳେ ନ୍ୟାୟାଧୀଶ। ଢେର୍ ଦିନ କେସ୍ ଚାଲିବା ପରେ ମୋତେ ନିର୍ଦ୍ଦୋଷ ସାବ୍ୟସ୍ତ କରି ସଜାମୁକ୍ତ କରିଥିଲେ। ମୋ ପ୍ରତି ଆପଣଙ୍କ ରାୟ ଥିଲା ସେତେବେଳେ ଯୁଗାନ୍ତକାରୀ। ବୁଝିଲେ ବାବୁ, ମୋତେ ସିନା ଆପଣ ନିର୍ଦ୍ଦୋଷ ସାବ୍ୟସ୍ତ କଲେ, ପ୍ରକୃତରେ ମୁଁ ଥିଲି ଦୋଷୀ। ଆପଣଙ୍କ ପାଖରୁ ସିନା ଖସିଗଲି, ଖସିପାରିଲିନି ଉପର କୋର୍ଟରୁ। ସେଠି ବିଚାରପତି ସ୍ୱୟଂ ଭଗବାନ। ନା ଓକିଲ, ନା ଲୋଡ଼ା ତାଙ୍କର ସାକ୍ଷୀ ପ୍ରମାଣ। ରାୟ ଶୁଣାଯାଏନି, କର୍ମରେ ଦେଖେଇ ଦିଆଯାଏ କରି। ସେଇ ପରିଣାମ ଆଜି ଭୋଗୁଛି ମୁଁ। ଯାହା ଦେଖୁଛନ୍ତି ଏବେ....। ଲୋକଟାକୁ ଅନେଇବାକୁ ଆଉ ମୋର ସାହସ ନ ଥିଲା। ସିଧା ଫେରିଆସିଲି ତମ ପାଖକୁ।

**ମୋତେ ସିନା ଆପଣ ନିର୍ଦ୍ଦୋଷ ସାବ୍ୟସ୍ତ କଲେ, ପ୍ରକୃତରେ ମୁଁ ଥିଲି ଦୋଷୀ। ଆପଣଙ୍କ ପାଖରୁ ସିନା ଖସିଗଲି, ଖସିପାରିଲିନି ଉପର କୋର୍ଟରୁ।**

ସେଠୁ ଘର। ଆସିବା ଠାରୁ ମଥାରେ ସେଇ କଥା।

– ହେଇଥିବ। କେତେ କ'ଣ ହଉଚି ବିଚାରରେ। ଓକିଲଙ୍କ ଯୁକ୍ତି, ସାକ୍ଷୀ ପ୍ରମାଣ ଆଧାରରେ ଆଇନର ଧାରା ଅନୁଯାୟୀ ରାୟ। ତମେ କୋଉ ମନକୁ କରିଛ କି? ଗଲା କଥା ତ ଗଲାଣି। ନିଜେ ତ ସିଏ ସ୍ୱୀକାର କରୁଛି ଅପରାଧ ପାଇଁ ସେ ଭୋଗୁଛି ଈଶ୍ୱରଙ୍କ ଦଣ୍ଡ। ଏଥିରେ ଚିନ୍ତା କରିବାର ଅଛି କ'ଣ? ଛାଡ଼ ସେ ଗଲାକଥା....।

ଦେବସ୍ମିତା ସିନା ସାନ୍ତ୍ୱନା ଦେଉଥିଲେ ସ୍ୱାମୀଙ୍କ ମଥାରୁ ଚିନ୍ତା ଉତାରିବାକୁ, ନିଜେ ଭିତରେ ଭିତରେ ଆତଙ୍କିତ। କାଇଁ ଏଙ୍କ ଭୁଲ ନିଷ୍ପତ୍ତିରେ ଅସନ୍ତୁଷ୍ଟ ନୁହଁନ୍ତି ତ ପ୍ରଭୁ??

ଶୁଣ ଦେବ, ମୁଁ ଭାବୁନି ସେ ଅପରାଧୀର କଥା। ଭାବୁଛି ଈଶ୍ୱରଙ୍କ ଦରବାରରେ ମୋ ବିଚାରକୁ। କିମିତି ମୁଁ କରିପାରିଲି ଇମିତି ଏକ ବିରାଟ ଭୁଲ? ବିଚାରପତି ହେଇ, ନ୍ୟାୟାଧୀଶ ହେଇ ଶୁଣେଇଲି ଅନ୍ୟାୟ ନିଷ୍ପତ୍ତି? ସତ କହୁଛି, କେବେ ମୁଁ କରିନି ପକ୍ଷପାତିତା, କି ହେଇନି ପ୍ରଲୋଭିତ। ଯାହା କରିଛି ପ୍ରମାଣ ଓ ଆଇନ ଆଧାରରେ। ଏବେ ମୁଁ ଉତ୍ତରଦାୟୀ ଈଶ୍ୱରଙ୍କ ଦରବାରରେ। କି ଉତ୍ତର ଦେବି ପ୍ରଭୁଙ୍କୁ? ଜୀବନଯାକର ଶ୍ରମ ସାଧନା ଓ ପବିତ୍ରତା ସବୁ ଧୋଇଗଲା ଗୋଟିଏ ତ୍ରୁଟିପୂର୍ଣ୍ଣ ରାୟରେ। ଇଏ ଥିଲା ମୋ ଜୀବନର ସବୁଠୁ ପ୍ରଳୟଙ୍କାରୀ ସୁନାମି। କ'ଣ କହି କ୍ଷମା ମାଗିବି ପ୍ରଭୁଙ୍କ ପାଖରେ?

**ଜୀବନଯାକର ଶ୍ରମ ସାଧନା ଓ ପବିତ୍ରତା ସବୁ ଧୋଇଗଲା ଗୋଟିଏ ତ୍ରୁଟିପୂର୍ଣ୍ଣ ରାୟରେ।**

ଦେବସ୍ମିତାଙ୍କୁ ଆଉ ବାକି ରହିଲାନି ବୁଝିବାକୁ ଆଜିକା ଅନିଦ୍ରାର କାରଣ ସମ୍ପର୍କରେ। କ'ଣ କରିବେ ସିଏ? କ'ଣ କହି ହଟେଇବେ ମଥାରୁ ତାଙ୍କର ଏ ଭାରି ବୋଝକୁ। ଦେବସ୍ମିତା କହିଲେ, ତମେ ବୋଧେ ଭୁଲି ଯାଇଛ ସେ ଆପ୍ତବାଣୀ। ଈଶ୍ୱର କହିଛନ୍ତି – କରି କରାଉ ଥାଇ ମୁହିଁ, ମୋ' ବିନୁ ଅନ୍ୟ ଗତି ନାହିଁ। ଈଶ୍ୱରଙ୍କ ଇଚ୍ଛା ବିନା ପତ୍ର ବି ହଲେନା ଗଛରେ। ଆମେ ନିମିତ୍ତ ମାତ୍ର। ସବୁ କର୍ମର କାରଣ ସେଇ। ତମେ ଭାବିବା ଭ୍ରମ ଯେ ମୁଁ କରିଛି। ମାନୁଛି ତମେ କରିଛ। ପ୍ରକୃତରେ ତମ ଦ୍ୱାରାଇ କରାଯାଇଛି କର୍ମ। ଇଚ୍ଛା ତାଙ୍କର। ତାଙ୍କରି ଇଚ୍ଛାକୁ ସମ୍ମାନ ଜଣେଇ ଶୋଇପଡ଼। ଈଶ୍ୱରଙ୍କ ଦରବାରରେ ନିର୍ଦ୍ଦୋଷ ତମେ।

ଦେବଦତ୍ତ ଅନେଇଲେ ବଲବଲ କରି ସହଧର୍ମିଣୀ ଦେବସ୍ମିତାଙ୍କୁ। ଦେବସ୍ମିତା ସ୍ପଷ୍ଟ ପଢ଼ିପାରୁଥିଲେ ଦେବଦତ୍ତଙ୍କ ଆଖିରେ ଅସହାୟତାକୁ। ତାଙ୍କୁ ଦିଶୁଥିଲା, ହଜାରେ କେସ୍‌ର ରାୟ ଶୁଣେଇଥିବା ଜଣେ ପୋଖତ ଜଜ୍ ଅପେକ୍ଷା ରଖିଛି ତାଙ୍କ ମୁହଁର ରାୟକୁ। ସ୍ୱାମୀଙ୍କ ଉପରେ ହାତ ପକେଇ କହିଲେ, ମୋତେ ବିଶ୍ୱାସ କର, ଯାହା ମୁଁ କହିଲି, ସମ୍ପୂର୍ଣ୍ଣ ସତ୍ୟ। ତମେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ। ଦେବଦତ୍ତ ହାତ ଯୋଡ଼ିଲେ। ଆଖିରେ ସେଇ ଦୁଇ ଆଖି। କହୁଛନ୍ତି, ତୁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ। ଯାହା କରିଛି, ମୁଁ...।

ବୁଜି ହୋଇଆସୁଥିଲା ଆଖି ଦେବଦତ୍ତଙ୍କର। ତାଙ୍କ ଆଖିରୁ ନିଦ ସଞ୍ଚରି ଆସୁଥିଲା ଦେବସ୍ମିତାଙ୍କ ଆଖିକୁ। ରାତ୍ରିର ବୟସ ବଢୁଥିଲା।

□□

ଲେଖକଙ୍କ ଇ-ମେଲ ଠିକଣା:
prafullabarik988@gmail.com





**'ସାହିତ୍ୟ ଚର୍ଚ୍ଚା' ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ଅଛି। ଏହାର କେତେକ ଉପାଦେୟ ଲେଖା ତୁରନ୍ତ ପଢ଼ିବା ପାଇଁ ନିମ୍ନଲିଖିତ ଲିଙ୍କକୁ ଯାଆନ୍ତୁ :**

**www.sahityacharcha.com**

**ପ୍ରବନ୍ଧ**

# ଆମ ସାହିତ୍ୟରେ ଫ୍ରାନ୍‌ଜ କାଫ୍‌କାଙ୍କ ଜୀବନଦୃଷ୍ଟି



**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

୨୦୨୪ ମସିହାରେ ସମଗ୍ର ବିଶ୍ୱରେ ପାଳନ କରାଯାଉଛି ଅନବଦ୍ୟ ଚିନ୍ତନ, ସୃଜନଶୀଳତା ଓ ଦାର୍ଶନିକ ଜୀବନଦୃଷ୍ଟିର ଅନ୍ୟତମ ଆଦ୍ୟ ରୂପକାର ଫ୍ରାନଜ କାଫକାଙ୍କ ଏକ ଶହ ବର୍ଷ ମୃତ୍ୟୁପୂର୍ତ୍ତି। ଅଲବେୟାର କାମ୍ୟୁ ଓ ଜା ପଲ ସାର୍ତ୍ରେଙ୍କ ସହ କାଫକାଙ୍କୁ ଆମେ ସ୍ଥିତିବାଦୀ ବା ଅସ୍ତିତ୍ୱବାଦୀ ସାହିତ୍ୟିକଧାରାର ପ୍ରବର୍ତ୍ତକ ଭାବରେ ଗ୍ରହଣ କରିଥାଉ ଓ ସେମାନଙ୍କ ସାହିତ୍ୟକୃତିରେ ପରିସ୍ଫୁଟ ହୋଇଥିବା ଜୀବନଚିତ୍ର ଓ ଜାଗତିକ ଦୃଷ୍ଟିକୋଣ ଆମକୁ ଯଥେଷ୍ଟ ପ୍ରଭାବିତ କରିଥାଏ। ତେବେ, ଆଜିର ଏଇ ବସ୍ତୁବାଦୀ ଦୁନିଆରେ - ଅକଳ୍ପନୀୟ ଭୌତିକ, ପ୍ରାବିଧିକ ପ୍ରଗତି ସତ୍ତ୍ୱେ କାଫକା ଓ ଅନ୍ୟ ସ୍ଥିତିବାଦୀ ଲେଖକମାନେ ଯେପରି ଜୀବନର ଉଦ୍ଭଟତା, ଅନିଶ୍ଚିତତା ନେଇ ଘାରିହେଉଥିଲେ, ଆମେ ଠିକ ସେମିତି ଘାରି ହୋଇ ଚାଲିଛେ। ଏହି ପ୍ରସଙ୍ଗରେ ଆମେ କାଫକା ଓ ତାଙ୍କରି ସମଧର୍ମା ମାନଙ୍କ ବିଲକ୍ଷଣୀୟ ସାହିତ୍ୟିକ ତଥା ଦାର୍ଶନିକ ବୈଶିଷ୍ଟ୍ୟସମ୍ପର୍କରେ ସଂକ୍ଷିପ୍ତ ଆଲୋକପାତ କରିବା।



କାଫ୍‌କାଙ୍କ ବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶନ୍ଧିର ପୃଥିବୀ ଅବଶ୍ୟ କାହିଁ କେବେଠାରୁ ଅପସରି ଗଲାଣି, ମୁଦି ହୋଇଗଲାଣି ଅତୀତ-ସିନ୍ଦୁକରେ। ସେ ସମୟର ଜୀବନ, ସେ ସମୟର ଜଗତ ଓ ଆଜିର ଏ ଏକବିଂଶ ଶତାବ୍ଦୀର ଜୀବନ ଆଉ ଜଗତ ଭିତରେ କେତେ ଅକୁଳାଣ ଭିନ୍ନତା, କେତେ ଅକୁଳାଣ ଗୁଣଗତ ପ୍ରଭେଦ ନାହିଁ ଭାବନ୍ତୁ ତ!

ତଥାପି ବଡ଼ ବିସ୍ମୟକର ଭାବରେ କାଫ୍‌କା ଖୁବ୍ ଅନ୍ତରଙ୍ଗ ମନେ ହୁଅନ୍ତି ଆମକୁ, ଖୁବ୍ ପ୍ରାସଙ୍ଗିକ ମନେ ହୋଇଥାଏ ତାଙ୍କ କଥା, ତାଙ୍କ ଅନୁଭବ ଓ ସେ ତାଙ୍କ କୃତିମାନଙ୍କରେ ଆଙ୍କିଥିବା ଜୀବନର ଚିତ୍ର। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଘୋରଘର୍ଘର ଜୟଯାତ୍ରାରେ ଆମେ ପ୍ରାୟ ଆତ୍ମବିସ୍ମୃତ ହୋଇ ପଡୁଥିବାବେଳେ, ଯନ୍ତ୍ରପିତୁଳା ପରି ବଞ୍ଚୁଥିବା ବେଳେ କାହିଁକି କାଫ୍‌କାଙ୍କୁ ବାରମ୍ବାର ସ୍ମରଣ କରିଥାଉ, କାହିଁକି ତାଙ୍କ 'ମେଟାମର୍ଫସିସ୍' ଗଳ୍ପର ନାୟକ ଗ୍ରେଗୋର୍ ସାମ୍‌ସା କିମ୍ବା ତାଙ୍କ ଅସମ୍ପୂର୍ଣ୍ଣ ଉପନ୍ୟାସ 'ଦି ଟ୍ରାଏଲ୍'ର ନାୟକ ଜୋସେଫ୍ କେଙ୍କ ସହିତ ଆମେ ଭାବଗତ ଆତ୍ମୀୟତା ଅନୁଭବ କରୁ, ତା'ର ସମ୍ଭାବ୍ୟ ଉତ୍ତର ଦେବାପାଇଁ ନମ୍ର ପ୍ରୟାସ କରାଯାଇଛି ଏ ଆଲେଖ୍ୟରେ।

## ଅସ୍ତିତ୍ୱଗତ ବିଷାଦ-ଚେତନା

ଆଧୁନିକ ମଣିଷର ଅସ୍ତିତ୍ୱଗତ ବିଷାଦ-ବେଦନା, ବିଶେଷକରି ଜଣେ ଅତି ସୂକ୍ଷ୍ମ ସ୍ପର୍ଶକାତର ଚିନ୍ତାଚେତନାର ମଣିଷ ଅନୁଭବ କରୁଥିବା ଜୀବନ-ଯନ୍ତ୍ରଣାର ଚିତ୍ର ଆମେ ପାଇଥାଉ ଫ୍ରାନ୍‌ଜ କାଫକାଙ୍କ ଲେଖାମାନଙ୍କରେ। ବିଂଶ ଶତାବ୍ଦୀର ଦୁଇ ପ୍ରସିଦ୍ଧ ଅସ୍ତିତ୍ୱବାଦୀ ବା ସ୍ଥିତିବାଦୀ ଚିନ୍ତକ ଆଲ୍‌ବେୟାର୍ କାମ୍ୟୁ ଓ ଜାଁ ପଲ୍ ସାର୍ତ୍ରେଙ୍କ 'ଉଦ୍‌ଭଟତାର ଦର୍ଶନ' ଶିକ୍ଷିତ ମହଲରେ ଆଲୋଡ଼ନ ସୃଷ୍ଟି କରିବାର ଆଭାସ ଆମେ ପାଇସାରିଥିଲେ କାଫ୍‌କାଙ୍କ ସାହିତ୍ୟରେ। ଆପାତତଃ ଏକ ଉଦ୍‌ଭଟ୍, ଦୁର୍ବୋଧ, ଅର୍ଥହୀନ ଜୀବନଟିଏ ବଞ୍ଚିବାକୁ ମଣିଷ ଏକ ପ୍ରକାର ବାଧ ହେଉଥିବାବେଳେ ପ୍ରତି ପଦକ୍ଷେପରେ ସେ ଯେଉଁ ଅନିଶ୍ଚିତତା, ଯେଉଁ ଆକସ୍ମିକ ଘଟଣା ବା ଦୁର୍ଘଟଣାମାନଙ୍କର ସମ୍ମୁଖୀନ ହୋଇଥାଏ, ତା'ର ମର୍ମଥରା ବର୍ଣ୍ଣନା କରିଛନ୍ତି ସେ। 'ଦି ଟ୍ରାଏଲ୍' ଉପନ୍ୟାସର ଚରିତ୍ର 'ଜୋସେଫ୍ କେ'ର ମାଧ୍ୟମରେ କାଫ୍‌କା ଆଙ୍କି ଦେଇଛନ୍ତି ମଣିଷର ଅସହାୟତା, ମାନସିକ ଦୌର୍ବଲ୍ୟ ଓ ସ୍ଥବିରତା। ନିର୍ଦ୍ଦିଷ୍ଟ ଭାବରେ ଆମକୁ ଦେଖାଇ ଦେଇଛନ୍ତି ତଥାକଥିତ ଆଧୁନିକ ସଭ୍ୟସମାଜର ଦରଦହୀନ ବିଚାର ବ୍ୟବସ୍ଥା ଓ ଆଇନକାନୁନ୍‌ର ବୁଢ଼ିଆଣୀ ଜାଲରେ ଛନ୍ଦିହୋଇପଡୁଥିବା, ଅମଲାତନ୍ତ୍ରୀ ଶୋଷଣ, ଉତ୍ପୀଡ଼ନର

ଅସହାୟ ଶରବ୍ୟ ହେଉଥିବା ମଣିଷର ମାନସିକ ତଥା ଶାରୀରିକ ପୀଡ଼ାର ଚିତ୍ର। 'ଦି ଟ୍ରାଏଲ୍' ଉପନ୍ୟାସର ଆରମ୍ଭ ଏଇ କେତୋଟି ବାକ୍ୟରୁ – 'ଜୋସେଫ୍ କେ' ଙ୍କ ବିରୋଧରେ କେହି ଜଣେ ତାହା ମିଛ କଥାଗୁଡିକ ପ୍ରଘଟ କରି ଦେଇଥିବ ନିଶ୍ଚୟ। ସେ ଜାଣିଥିଲା ସେ କୌଣସି ଭୁଲ କେବେ କରିନାହିଁ, ମାତ୍ର ହଠାତ୍ ଦିନେ ସକାଳେ ତାକୁ ବନ୍ଦିକରି ନେଇଯିବାକୁ ଆସି ପହଞ୍ଚିଗଲେ ପୋଲିସ୍ ତା ଦ୍ୱାରମୁହଁରେ। ପ୍ରଥମରୁ ଜୋସେଫ୍ କେ ଭୋଗିଥିବା ଭାଗ୍ୟ କେତେ ଉଦ୍‌ଭଟ, କେତେ ଅନିଶ୍ଚିତ ଥିଲା ତାହା ଜଣାଇ ଦେଇଛନ୍ତି ଲେଖକ। ସମାଜ ବ୍ୟବସ୍ଥାର ଅଯୌକ୍ତିକ, କାଣ୍ଡଜ୍ଞାନହୀନ ଚରିତ୍ର ଯୋଗୁ ନିରୀହ, ନିରପରାଧ ମଣିଷ ଜଣେ କେତେ ଶକ୍ତିହୀନ, କେତେ ମୁହ୍ୟମାନ ହୋଇଯାଇଥାଏ, ତା'ର ପ୍ରତୀକାତ୍ମକ ବର୍ଣ୍ଣନା ଆମେ ପାଇଥାଉ କାଫ୍‌କାଙ୍କ ଏଇ ଉପନ୍ୟାସରେ। ତାଙ୍କର ଅନ୍ୟ ପ୍ରସିଦ୍ଧ ଉପନ୍ୟାସ 'ଦି କ୍ୟାସଲ୍'ରେ ଏକ ଅତି ଜଟିଳ, ଦୁର୍ବୋଧ, ଭୁଲ୍‌ଭୁଲେୟା ପୃଥିବୀର ବର୍ଣ୍ଣନା କରାଯାଇଛି, ଯାହାର ଆଦିଅନ୍ତ ପାଇନି ନାୟକ 'କେ' ଓ ଯିଏ ଶତଚେଷ୍ଟା ସତ୍ତ୍ୱେ ମଧ୍ୟ ଏଭଳି ଏକ ଦୁନିଆର ସେହି ଦୁର୍ଭେଦ୍ୟ କ୍ଷମତାକେନ୍ଦ୍ରର ସନ୍ଧାନ ପାଇବାରେ ହୋଇଛି ଏକବାର ଅସମର୍ଥ। ଉପନ୍ୟାସର ଶିରୋନାମା 'ଦି କାସଲ୍' (ଦୁର୍ଗ) ସ୍ପଷ୍ଟତଃ ଗୋଟିଏ ପ୍ରତୀକ – ଏକ ନିଷିଦ୍ଧାଞ୍ଚଳ, ଏକ ଅଗମ୍ୟ ବା ଅପହଞ୍ଚ ଇଲାକାର ପ୍ରତୀକ ଯାହାକୁ ଆମେ ସ୍ୱୈରତନ୍ତ୍ରୀ କ୍ଷମତାର ଦୁର୍ଭେଦ୍ୟ ଦୁର୍ଗଟିଏ ବୋଲି କହିପାରିବା। ଏହି 'ଦୁର୍ଗ'ର ରହସ୍ୟ ଭେଦ କରିବାକୁ ଅସଫଳ ହୋଇଛି ନାୟକ 'କେ'। ଫଳସ୍ୱରୂପ ଘୋର ନୈରାଶ୍ୟ, ଦୈନ୍ୟଭାବ ଓ ଏକାକିତ୍ୱବୋଧରେ ରୁଦ୍ଧ ହୋଇ ନିଃଶବ୍ଦ ଆର୍ତ୍ତନାଦ କରିଚାଲିଛି ତା'ର ଅନ୍ତରାତ୍ମା, ତା'ର ଚୈତ୍ୟସତ୍ତା।

ତେବେ କାଫ୍‌କା ଆମକୁ କେବଳ ଭୟଭୀତ, ହତବମ୍ଭ ବା ଆଶଙ୍କାଜର୍ଜର କରିବା ପାଇଁ ମଣିଷର ଏତାଦୃଶ ଦୁଃସ୍ଥିତି ବା ବୈକଲ୍ୟର ଅନ୍ତର୍ଭେଦୀ ବର୍ଣ୍ଣନା କରିନାହାନ୍ତି। ନାଟ୍ୟକାର ଇବସନ୍ କହିଥିବା ପରି କାଫ୍‌କା କେବଳ 'ସତ୍ୟ'ର ପକ୍ଷ ନେଇଛନ୍ତି । ତାଙ୍କ ଅବବୋଧରେ ମଣିଷର ଜୀବନ ଯେମିତି ପ୍ରତୀତ ହୋଇଛି ଏକ ପ୍ରକାର ନିର୍ମମ ବିଶ୍ୱସ୍ତତା ପ୍ରଦର୍ଶନ କରି ତାହା ସେ ଉପସ୍ଥାପିତ କରିଛନ୍ତି। ଜୀବନ ଯଦି ଉଦ୍‌ଭଟ, ଅର୍ଥହୀନ, ଅନିଶ୍ଚିତତାପିଷ୍ଟ, ତେବେ ପ୍ରତ୍ୟେକ ମଣିଷ ସେ ସମ୍ପର୍କରେ ପ୍ରଥମରୁ ସଚେତନ ହେବା ଆବଶ୍ୟକ- ଏହା ହିଁ ବୁଝିଥିଲେ ସେ।

**ମୁକ୍ତିର ସନ୍ଦେଶ**

ଉଭୟ କାମ୍ୟୁ ଓ ସାର୍ତ୍ରେ ସେମାନଙ୍କ 'ଉଦ୍‌ଭଟତା'ର ଦର୍ଶନ ପ୍ରତି ସାଲିସ୍‌ହୀନ ବୌଦ୍ଧିକ ପ୍ରତିବଦ୍ଧତା ଦେଖାଇଥିଲେ ମଧ୍ୟ ଖୁବ୍ ସୂକ୍ଷ୍ମ ଭାବରେ ମଣିଷ ପାଇଁ କିଛିଟା ଆଶା, କିଛିଟା ମୁକ୍ତିର ସନ୍ଦେଶ ଦେଇଛନ୍ତି। ଉଭୟେ ମଣିଷକୁ ଚେତାଇ ଦେଇଛନ୍ତି ଯେ ଯେହେତୁ ତା'ର ସ୍ୱାଧୀନତା ଅଛି, ସ୍ୱାଧୀନେଚ୍ଛା ଜାହିର କରିବାର ଯଥେଷ୍ଟ ସୁଯୋଗ ଅଛି, ସେ ତା'ର ସଦୁପଯୋଗ କରିପାରିବ ଓ ଉଦ୍‌ଭଟତା, ଅର୍ଥହୀନତାର ଅକ୍‌ଟୋପସୀୟ ଗ୍ରାସରୁ କିଛିଟା ମୁକ୍ତି ପାଇପାରିବ। ମାତ୍ର କାଫ୍‌କା ମଣିଷ ଜୀବନର ଅସହାୟତା, ଅସମର୍ଥତାର ଯେଉଁ ସର୍ଜନାତ୍ମକ ଚିତ୍ର ଦେଇଛନ୍ତି, ତାହା ଅତି ବିମର୍ଷକର ଓ ନୈରାଶ୍ୟପୂର୍ଣ୍ଣ। କାହିଁ କେଉଁଠି ମଣିଷ ପାଇଁ ଆଶା, ଆଶ୍ୱାସନା ବା ସାମୟିକ ମୁକ୍ତିର କ୍ଷୀଣତମ ଆଭାସ ଦେଇନାହାନ୍ତି ସେ। କାମ୍ୟୁ ବା ସାର୍ତ୍ରେଙ୍କ ପରି କେଉଁଠି ସେ କହିନାହାନ୍ତି ଯେ ମଣିଷ ଇଚ୍ଛାକଲେ, କିଛିଟା ବୌଦ୍ଧିକ ବା ବୈଚାରିକ ଦୃଢ଼ତା ଦେଖାଇଲେ ସେ କୌଣସି ନା କୌଣସି ମହତ୍ ବା ବୃହତ୍ତର ଲକ୍ଷ୍ୟ ବା ଆଦର୍ଶର ଅନୁସରଣ କରି ଉଦ୍‌ଭଟତାରୁ ମୁକ୍ତିର ମାର୍ଗଟିଏ ପାଇପାରିବ। କାମ୍ୟୁ ତାଙ୍କର ପ୍ରସିଦ୍ଧ ପ୍ରବନ୍ଧ 'ମିଥ୍ ଅଫ୍ ସିସିଫସ୍'ରେ ଜୀବନ ମୂଳତଃ ଉଦ୍‌ଭଟ୍, ଅନ୍ତଃସାରଶୂନ୍ୟ ବୋଲି କହିଥିଲେ ମଧ୍ୟ ସେହି ଉଦ୍‌ଭଟତା, ଅନ୍ତଃସାରଶୂନ୍ୟତା ବିରୋଧରେ ଆଜୀବନ ବିଦ୍ରୋହ କରିବା ପାଇଁ ମଣିଷକୁ ପରାମର୍ଶ ଦେଇଛନ୍ତି; ଏ ପ୍ରକାର ଜୀବନକୁ କଠୋର ନିର୍ବିକାରତାର ସହ ବଞ୍ଚି ଓ ଏ ପ୍ରକାର ଜୀବନର ଉଦ୍‌ଭଟାକୁ ସାହସର ସହ ଅସ୍ୱୀକାର କରି କୌଣସି ଏକ ଶୀର୍ଷତାର ଅଭିମୁଖେ ବିରତିହୀନ ଯାତ୍ରା ଜାରି ରଖିବାକୁ କହିଛନ୍ତି:- ଶୀର୍ଷତାକୁ ଛୁଇଁବା ପାଇଁ ମଣିଷର କ୍ଳାନ୍ତିହୀନ ପ୍ରୟାସ ତା'ର ମନ ପ୍ରାଣକୁ ଶକ୍ତ କରିପାରେ, ତା'ର ହୃଦୟକୁ ଆଲୋକିତ କରିପାରେ। ପାହାଡ଼ର ଶୀର୍ଷ ଦେଶକୁ

**କାଫ୍‌କା ମଣିଷ ଜୀବନର ଅସହାୟତା, ଅସମର୍ଥତାର ଯେଉଁ ସର୍ଜନାତ୍ମକ ଚିତ୍ର ଦେଇଛନ୍ତି, ତାହା ଅତି ବିମର୍ଷକର।**

ବାରମ୍ବାର ତଳକୁ ଗଡ଼ିଆସୁଥିବା ପ୍ରସ୍ତରଟିକୁ ପୁନଶ୍ଚ ସେହି ଶୀର୍ଷ ଦେଶକୁ ଉତ୍ତୋଳିତ କରିଚାଲିଥିବା ସିସିଫସ୍ ନିଶ୍ଚୟ ଜଣେ ସୁଖୀ ମଣିଷ ବୋଲି ଆମେ ଭାବିପାରିବା। ସାର୍ତ୍ରେ ତାଙ୍କର 'ବିଇଂ ଏଣ୍ଡ ନଥିଙ୍ଗ୍‌ନେସ୍' ପୁସ୍ତକରେ ନିର୍ଦ୍ଦିଷ୍ଟ ଏକ ଜୀବନଧାରା ବା ଜୀବନାଦର୍ଶକୁ ଅନୁସରଣ କରିପାରିବାର ଯେଉଁ ସ୍ୱାଧୀନତା ମଣିଷର ଅଛି ତା'ରି ଉପରେ ଗୁରୁତ୍ୱ ଦେଇଛନ୍ତି; ଜୀବନ ଓ ଜଗତର ଉଦ୍‌ଭଟତା, ଅନିଶ୍ଚିତତା ପାଖରେ ଆଦୌ ଆତ୍ମସମର୍ପଣ ନ କରିବା ପାଇଁ ଶାଣିତ ପରାମର୍ଶ ଦେଇଛନ୍ତି ମଣିଷକୁ। କାଫ୍‌କାଙ୍କ ଚରିତ୍ରମାନେ ବାହ୍ୟ ଘଟଣାପ୍ରବାହ, ବାହ୍ୟ ପ୍ରତିକୂଳତା ପାଖରେ ଆତ୍ମସମର୍ପଣ କରି ଦେଉଥିବାବେଳେ ସାର୍ତ୍ରେଙ୍କ ଚରିତ୍ର ସବୁ ନିଜେ ନିଜର ଭାଗ୍ୟର ନିର୍ମାତା ହେବାକୁ ପ୍ରାଣାନ୍ତକ ଉଦ୍ୟମ ଜାରି ରଖିଥାନ୍ତି – ଶତସହସ୍ର ବିଫଳତା ସତ୍ତ୍ୱେ, ଅସୁମାରୀ ମାନସିକ ଚେତନା -ସଂଘାତ ସତ୍ତ୍ୱେ।

### ବିପନ୍ନ ବୌଦ୍ଧିକ ସ୍ଥିତି

ପ୍ରଥମ ବିଶ୍ୱଯୁଦ୍ଧ ପରି ବିପର୍ଯ୍ୟସ୍ତ ପୃଥିବୀରେ ସମ୍ବେଦନଶୀଳ, ସଚେତନ ମଣିଷର ମାନସିକ ତଥା ବୌଦ୍ଧିକ ସ୍ଥିତି ବିପନ୍ନ ହୋଇପଡ଼ିବା ସ୍ୱାଭାବିକ ଥିଲା। କାରଣ ସେ ବେଦନାକ୍ତ ହୃଦୟ ନେଇ ଦେଖି



ଚାଲିଥିଲା ଗୋଟିଏ ପରେ ଗୋଟିଏ ପ୍ରଥାସିଦ୍ଧ, ପାରମ୍ପରିକ ଆଦର୍ଶ ଓ ମୂଲ୍ୟବୋଧର ମୃତ୍ୟୁ; ଭୋଗି ଚାଲିଥିଲା ଧର୍ମୀୟ, ଅଧ୍ୟାତ୍ମ ବା ପାରଲୌକିକ ଦର୍ଶନର ଅସାରତା ଓ ତତ୍‌ସହିତ ବସ୍ତୁବାଦୀ, ଭୌତିକବାଦୀ ଜୀବନଦୃଷ୍ଟି, ଜୀବନଚର୍ଯ୍ୟାର ଧ୍ୱଂସାତ୍ମକତା। ମଣିଷର ଏତାଦୃଶ ଚେତନାଗତ ବିକ୍ଷୋଭର ଯଥାଯଥ ରୂପାୟନ ପାଇଁ ସାହିତ୍ୟିକ ଓ କଳାକାରମାନେ ନାନାପ୍ରକାର ସର୍ଜନାତ୍ମକ ପରୀକ୍ଷାନିରୀକ୍ଷାରେ ପ୍ରବୃତ୍ତ ହେବା ପାଇଁ ବାଧ୍ୟ ହେଲେ। ଏମାନଙ୍କ ମଧ୍ୟରେ ସର୍ବାଗ୍ରେ ଥିଲେ ଫ୍ରାନ୍‌ଜ୍ କାଫ୍‌କା, ଟି.ଏସ୍. ଇଲିୟଟ୍, ଜେମସ୍ ଜୟେସ୍ ଓ ଭର୍ଜିନିଆ ଉଲ୍‌ଫ୍। ଏମାନଙ୍କ କୃତିମାନଙ୍କରେ ଆଧୁନିକ ମାନବୀୟ ସ୍ଥିତି, ଦୁଃସ୍ଥିତି ଓ ଚିତ୍ତ ବିକ୍ଷୋଭ ଅଭିନବ ଢଙ୍ଗରେ, ସଂପୂର୍ଣ୍ଣ ଅଣପାରମ୍ପରିକ ସାହିତ୍ୟିକ ଧାରାରେ ପ୍ରକାଶିତ ହେବା ଦେଖିବାକୁ ମିଳିଲା। ଆଧୁନିକ କାଳଖଣ୍ଡରେ ମଣିଷ ଯେଉଁ କ୍ଲିଷ୍ଟ, ଦୁର୍ବୋଧ ଭାବଗତ ତଥା ଦାର୍ଶନିକ ସମସ୍ୟାମାନଙ୍କର ସମ୍ମୁଖୀନ ହେଲା, ତା'ର ଠିକ୍ ଉପସ୍ଥାପନା ପାଇଁ ଉପରୋକ୍ତ ସାହିତ୍ୟିକମାନଙ୍କ ସହ ଆହୁରି ଅନେକ କୃତବିଦ୍ୟ ସାହିତ୍ୟିକଙ୍କ ରଚନାର ଭାଷା, ଆଙ୍ଗିକ ଓ କେନ୍ଦ୍ରୀୟ କଥାବସ୍ତୁ ଅଭିନବ ସ୍ୱର, ଅଭିନବ ଆଟୋପ ଗ୍ରହଣ କଲା। ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବେଳକୁ ବିଶ୍ୱ ସାହିତ୍ୟାକାଶରେ ଆବିର୍ଭାବ ହୋଇସାରିଥିଲେ ଆଲବେୟାର୍ କାମ୍ୟୁ, ଜାଁ ପଲ୍ ସାର୍ତ୍ରେ ଓ ସାମୁଏଲ ବେକେଟ୍, ଯାହାଙ୍କୁ ଆମେ ନିର୍ବିବାଦରେ କାଫ୍‌କାଙ୍କ ସମଗୋତ୍ରୀୟ ବୋଲି କହିପାରିବା। ଏହି ଲେଖକ-ଚିନ୍ତକମାନଙ୍କ ଜୀବନବୋଧ ଓ ଜୀବନ ତଥା ଜଗତ ପ୍ରତି ଏମାନଙ୍କ ଦୃଷ୍ଟି ଓ ଦର୍ଶନର ପ୍ରଭାବରେ ଯେଉଁ ନିର୍ଦ୍ଦିଷ୍ଟ ସାହିତ୍ୟିକ ଧାରାଟିଏ ସୃଷ୍ଟି ହେଲା, ତାହା ମୋଟାମୋଟି ଭାବରେ ସ୍ଥିତିବାଦୀ ବା ଅସ୍ତିତ୍ୱବାଦୀ ଧାରା ବୋଲି ସର୍ବସ୍ୱୀକୃତି ଲାଭ କଲା।

ଦୁଇ ଦୁଇଟି ମହାଯୁଦ୍ଧର ବିଭୀଷିକା ପରେ ମଣିଷ ଗୋଷ୍ଠୀଗତ ବା ସାମୂହିକ ଜୀବନର ଅନ୍ତଃସାରଶୂନ୍ୟତା ସଂପର୍କରେ ସଚେତନ ହେଲା ପରେ ତା'ର ମୋହଭଙ୍ଗ ହେଲା ଓ ସେ ଆପଣାର ବୈକ୍ତିକ ସ୍ଥିତି, ଆପଣାର ଅସ୍ତିତ୍ୱର ରହସ୍ୟକୁ ବୁଝିବା ପାଇଁ, ଆପଣାର ଅନନ୍ୟ ଅସ୍ତିତ୍ୱକୁ ନିରୋଳା ନିର୍ବିକାରତାର ସହ ଭୋଗ କରିବା ପାଇଁ ବଦ୍ଧପରିକର ହେଲା। ପୂର୍ବପ୍ରତିଷ୍ଠିତ ସାମାଜିକ, ସାଂସ୍କୃତିକ ବା ରାଜନୈତିକ ରୀତି, ନୀତି, ଆଦର୍ଶ, ଶାସ୍ତ୍ରୀୟ ନୀତି ନୈତିକତା ଓ ମୂଲ୍ୟବୋଧ ସବୁକୁ ପ୍ରତ୍ୟାଖ୍ୟାନ କରି ମଣିଷ ଖୋଜି ବସିଲା ଭିନ୍ନ ମାର୍ଗ, ଭିନ୍ନ ଦୃଷ୍ଟି ଦର୍ଶନ, ଭିନ୍ନ କଳା କୌଶଳ। ସେ ଆପଣାର ଜୀବନର ସଂଜ୍ଞା ଆପେ ନିର୍ଦ୍ଧାରଣ କରିବା ପାଇଁ ଦୃଢ଼ବ୍ରତୀ ହେଲା, ଆପଣାର ମୁକ୍ତ, ଲଗାମହୀନ ଇଚ୍ଛା ଓ କଳ୍ପନାପ୍ରବଣତା ଜାହିର କରିବା ପାଇଁ ଚାହିଁଲା, ଧର୍ମୀୟ ସାଂସ୍କୃତିକ, ସାମାଜିକ ଅଙ୍କୁଶଗୁଡ଼ିକରୁ ଆପଣାକୁ ମୁକ୍ତ କରି ନିଜ ଭାଗ୍ୟର ଡୋରିକୁ ନିଜ ହାତରେ ବଜ୍ରମୁଠିରେ ଧରି ରଖିବାକୁ ସଂକଳ୍ପ କଲା। ଏକାକୀତ୍ୱବୋଧ, ବିଚ୍ଛିନ୍ନତାବୋଧ, ବିଷାଦ-ଅବସାଦବୋଧକୁ ଅଙ୍ଗୀକାର କରି ଆପଣାର ନିଚ୍ଛକ ଅସ୍ତିତ୍ୱକୁ ନେଇ କିପରି ଉଦାସ ଔଦାର୍ଯ୍ୟର ସହ ବଞ୍ଚିହେବ, ସେହି କଳାକୌଶଳ ଆୟତ୍ତ କରିବାକୁ ନିରବଚ୍ଛିନ୍ନ ପ୍ରୟାସ

କରିଚାଲିଲା। ତା'ର ଏଇ ପ୍ରୟାସ, ଏଇ ସଂକଳ୍ପ ଯେଉଁ ପ୍ରମୁଖ ଇଉରୋପୀୟ ଲେଖକମାନଙ୍କର କୃତିମାନଙ୍କରେ ଅଭିନବ ସାହିତ୍ୟିକ ସ୍ୱର, ଅଭିନବ ସାହିତ୍ୟିକ ଭାବରସ ମାଧ୍ୟମରେ ସର୍ଜନାତ୍ମକ ରୂପ ପରିଗ୍ରହଣ କଲା, ସେମାନଙ୍କ ମଧ୍ୟରେ ସ୍ଥିତିବାଦୀ ବା ଅସ୍ତିତ୍ୱବାଦୀ ଚିନ୍ତକ କାଫ୍‌କା, କାମ୍ୟୁ ଓ ସାର୍ତ୍ରେଙ୍କ ଦ୍ୱାରା ପ୍ରଭାବିତ ସାହିତ୍ୟିକମାନଙ୍କ ସ୍ଥାନ ସର୍ବାଗ୍ରେ। ସ୍ଥିତିବାଦୀ ବା ଅସ୍ତିତ୍ୱବାଦୀ ଚିନ୍ତାଧାରାର ସାହିତ୍ୟ ପ୍ରଥମେ ପାଶ୍ଚାତ୍ୟ ଦେଶମାନଙ୍କର ବୌଦ୍ଧିକ ମହଲରେ ଆଲୋଡନ ସୃଷ୍ଟି କରିବା ପରେ ପ୍ରାଚ୍ୟର ଭାରତ ସମେତ ଅନ୍ୟାନ୍ୟ ଦେଶମାନଙ୍କରେ ପରିବ୍ୟାପ୍ତ ହେବାକୁ ଆରମ୍ଭ କଲା। ଏ ଜଗତ ଉଦ୍‌ଭଟ, ଅନିଶ୍ଚିତ, ଦୁର୍ବୋଧ, ଏ ଜଗତର ଘଟଣାପ୍ରବାହ ଆକସ୍ମିକ ଓ ଅସଂଲଗ୍ନ, ମଣିଷ ଏକ ଅସହାୟ ନିର୍ବେଦ ପିତୁଳା ମାତ୍ର, ଯିଏ ଏ ସଂସାର ରୂପକ କାରାଗାରରେ ଆପଣାର ଅର୍ଥହୀନ ସ୍ୱାଧୀନତାର କଷାଘାତରେ ଚିର ଜର୍ଜରିତ, ଯିଏ ଦୁଃଖ, ବେଦନା, ନୈରାଶ୍ୟରେ ଘାରି ହୋଇ ଆପଣାର ଅସ୍ତିତ୍ୱଜନିତ ସଂକଟର ରହସ୍ୟ ଜାଣିବା ପାଇଁ ସଦା ଉଦ୍‌ବିଗ୍ନ ଓ ଯାହା ପାଇଁ ତା'ର ସ୍ଥିତି ବା ଅସ୍ତିତ୍ୱ ହିଁ ଏକମାତ୍ର ସତ୍ୟ- ଏହି ସମସ୍ତ ବିଲକ୍ଷଣୀୟ ସ୍ଥିତିବାଦୀ ଚିନ୍ତନ-ଦର୍ଶନ ବିଶ୍ୱ ସାହିତ୍ୟ ସମେତ ଓଡ଼ିଆ ସାହିତ୍ୟକୁ ନୂତନ ମୋଡ଼ ଦେଲା।

**ଏ ଜଗତ ଉଦ୍‌ଭଟ, ଅନିଶ୍ଚିତ, ଦୁର୍ବୋଧ। ଏ ଜଗତର ଘଟଣାପ୍ରବାହ ଆକସ୍ମିକ ଓ ଅସଂଲଗ୍ନ, ମଣିଷ ଏକ ଅସହାୟ ନିର୍ବେଦ ପିତୁଳା ମାତ୍ର।**

### କାଫ୍‌କାକୀୟ ଧାରା


ଓଡିଆ ସାହିତ୍ୟରେ ସ୍ଥିତିବାଦୀୟ ଧାରା, ଯାହାକୁ ଆମେ ସୀମିତ ଅର୍ଥରେ 'କାଫ୍‌କାକୀୟ' ବି କହିପାରିବା, ତା'ର ପଥିକୃତ ସ୍ରଷ୍ଟା କିଏ ନିର୍ଦ୍ଦିଷ୍ଟ ଭାବରେ ଅବଶ୍ୟ କହି ହେବ ନାହିଁ। ତେବେ, ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ନରକିନ୍ନର' (୧୯୬୮) ଉପନ୍ୟାସର ବିଷୟବସ୍ତୁ, ବିଷୟବିନ୍ୟାସ, ଘଟଣାପ୍ରବାହ ଏବଂ ଏହାର ନାୟକ 'ଜର୍ଜ'ର ବିଚିତ୍ର, ବେଖାପ ଅଥଚ ସୂକ୍ଷ୍ମ ଗଭୀର ମନସ୍ତାତ୍ତ୍ୱିକ ରୂପାୟନ ଆମକୁ ବୋଧହୁଏ ସର୍ବପ୍ରଥମେ ସ୍ଥିତିବାଦୀ ଚିନ୍ତନ – ସମ୍ବଳିତ ସାହିତ୍ୟର ରଚନାସୌଷ୍ଠବ ତଥା ରଚନାଗରିମା ସହିତ ଅଳ୍ପବହୁତେ ପରିଚିତ କରାଇ ଦେଇଥିଲା। 'ନରକିନ୍ନର' ଉପନ୍ୟାସର ଉପୋଦ୍‌ଘାତ (ଯାହାର ଶୀର୍ଷକ 'ସଂକେତ')ରେ ଔପନ୍ୟାସିକଙ୍କର ଏହି କେତୋଟି ନିମ୍ନୋକ୍ତ ବାକ୍ୟରୁ ପାଠକମାନଙ୍କୁ ଭିନ୍ନ ଏକ ଚେତନାଜଗତର ଆଭାସ ମିଳିଥାଏ:

"…..'ସତ୍' ଜିନିଷଟିକୁ ବାହାରକୁ ଓଟାରି ଆଣିବାର କ୍ଷମତାର ଅଧିକାରୀ, ଆଖିଫାଡ଼ି ଯେତେ ଖୋଜିଲେ ବି ସେଇ ଯନ୍ତ୍ରର ନିର୍ମାଣକର୍ତ୍ତା ଇଞ୍ଜିନିୟର, ସେ ସୁଇଚ୍‌ଟିକୁ କୋଉଠି ଗୁପ୍ତରେ ଖଞ୍ଜି ଦେଇଥାଏ, ତାକୁ ବାହାର କରିବା କାଠିକର ପାଠ ବୋଲି ବିବେଚିତ ହୁଏ।

ଯନ୍ତ୍ର ହେଇଟି-
ସୁଇଚ୍ କାହିଁ?
ସୁଇଚ୍ ଧର ଏଇଠି ………"

ଉପନ୍ୟାସର ନାମ 'ନରକିନ୍ନର' କାହିଁକି ଦେଲେ, ତା'ର କୈଫିୟତ୍ ଦେବାକୁ ଯାଇ ଶ୍ରୀ ଆଚାର୍ଯ୍ୟ କହିଛନ୍ତି, 'ତେବେ ମୁଁ କହିପାରିବି ନାହିଁ (ପୁଣି ନ କହିବି ବା କାହିଁକି), ନରକିନ୍ନର ଉପନ୍ୟାସରେ ଏ ଧର୍ମ (ସୁଇଚ୍ ଖୋଜିବା ଧର୍ମ?) କେତେଦୂର ନିଷ୍ଠାର ସହ ପାଳିତ ହୋଇପାରିଛି। କିନ୍ତୁ ଯାହା ହେଉ, ନାମ ମୁଁ ଯାର ବାଛି ଦେଇଛି ସେମିତି - 'ନରକିନ୍ନର'। ଗୋଟାଏ ମଣିଷ, ଆଉ ଗୋଟାଏ ହଉଚି ବି ମଣିଷ, କିନ୍ତୁ ଟିକିଏ ଘୋଡ଼ାମୁହାଁ। ଗୋଟାଏ ମର୍ତ୍ତ୍ୟଲୋକର ଜୀବ, ଆଉ ଅନ୍ୟଟା ତା'ର ଏଇ ବିକୃତ ଘୋଡ଼ାମୁହଁ ସତ୍ତ୍ୱେ, ହଉଚି ଦେବଯୋନୀରୁ ଜନ୍ମ ଓ ଭଲ ଗୀତବୋଲାଳିଟିଏ ମଧ୍ୟ (ହାୟ, ଘୋଡାମୁହାଁ, ଗୀତବୋଲାଳି)'। ଲକ୍ଷ୍ୟ କରନ୍ତୁ, ପାଠକମାନଙ୍କୁ ଉପନ୍ୟାସର ଏ ଭାଷା, ଏ ବାକ୍ୟଗଠନ, ଏ ରୂପକାତ୍ମକତା କେତେ ଚମତ୍କୃତ କରି ଦେଲା ଭଳି। ସେହିପରି ଆମେ ଅନ୍ୟ କେତୋଟି ଉପନ୍ୟାସର ଦୃଷ୍ଟାନ୍ତ ଦେଇପାରିବା। ପ୍ରଥମଟି ହେଉଛି ଗୋପୀନାଥ ମହାନ୍ତିଙ୍କ 'ଲୟ ବିଲୟ' , ଯା'ର ବର୍ଣ୍ଣନାଶୈଳୀ ଓ ନାୟକ 'ତରୁଣ ରାୟ'ର ବୈକ୍ତିକ ନିମଜ୍ଜନତା, ଜର୍ଜର ଏକାକିତ୍ୱବୋଧ ଓ ସେହି ଏକାକିତ୍ୱବୋଧରୁ ଏକ ରହସ୍ୟମୟ ଆଲୋକିତ ଏକାକିତ୍ୱବୋଧର ଅନୁଭୂତି ପାଇଁ ପ୍ରୟାସ ଆମକୁ ଏକ ବିଶେଷ ଧରଣର ସ୍ଥିତିବାଦୀୟ ସାହିତ୍ୟିକ ସ୍ୱାଦ ଦେଇଥାଏ। ସୁରେନ୍ଦ୍ର ମହାନ୍ତିଙ୍କ 'ଅନ୍ଧ ଦିଗନ୍ତ'ରେ ସ୍ୱାଧୀନତା ପରବର୍ତ୍ତୀ ଭାରତବର୍ଷର ସାଂସ୍କୃତିକ ଅବକ୍ଷୟ, ମାନସିକ ବିପର୍ଯ୍ୟୟ, ମୂଲ୍ୟବୋଧର

ସଂକଟ, ଚାରିତ୍ରିକ ଅଧୋପତନ, ସ୍ୱାର୍ଥପର ମନୋବୃତ୍ତିର କଳାତ୍ମକ ଅଭିବ୍ୟକ୍ତି ହେବା ସହିତ ଏହାର ନାୟକ 'ନିଧି ଦାସ'ର ବିଡ଼ମ୍ବିତ ଭାଗ୍ୟ, ରାଜନୀତିର ଅନ୍ଧ ଦିଗନ୍ତରେ ମୁହ୍ୟମାନ ହୋଇ ସେ ଭୋଗି ଚାଲିଥିବା ବିଷାଦ, ମାନସିକ ବେଦନା-ବୈକଲ୍ୟର ମର୍ମସ୍ପର୍ଶୀ ବର୍ଣ୍ଣନା କାଫ୍‌କାଙ୍କ 'ଜୋସେଫ କେ'ର ଅସହାୟ ସ୍ଥିତି ସ୍ମରଣ କରାଇ ଦେଇଥାଏ। ଚନ୍ଦ୍ରଶେଖର ରଥଙ୍କ ଯନ୍ତ୍ରାରୂଢ଼ (୧୯୬୭)ରେ ଆମେ ଦେଖୁ ଜଣେ ମୁକ୍ତିକାମୀ ମଣିଷର ଆତ୍ମାନୁସନ୍ଧାନର ତୀବ୍ର ଅଭୀପ୍‌ସା ଓ ସଂସାରର ମାୟାସୃଷ୍ଟ କାରାଗାରରେ ତା'ର ଅସ୍ତିତ୍ୱ -ଯନ୍ତ୍ରଣା ଏବଂ ସେହି ଯନ୍ତ୍ରଣାରୁ ଉତ୍ତରଣ ପାଇଁ ତା'ର ଅନ୍ତରୀଣ ସଂଗ୍ରାମ। ଚନ୍ଦ୍ରଶେଖର ରଥଙ୍କ ଅନ୍ୟ ଉପନ୍ୟାସ 'ଅସୂର୍ଯ୍ୟ ଉପନିବେଶ'ର ଏକଲା ଚରିତ୍ର 'ଜୟନ୍ତ' ଓ ଗୋବିନ୍ଦ ଦାସଙ୍କ 'ଅମାବାସ୍ୟାର ଚନ୍ଦ୍ର'ର ଯାଯାବରୀ, ଏକପ୍ରକାର ଛିନ୍ନମୂଳ ଚରିତ୍ର 'ରମେଶ କାଉଲ୍'- ପ୍ରତ୍ୟେକ ଆପଣା ଅସ୍ତିତ୍ୱର ରହସ୍ୟାଚ୍ଛନ୍ନ ଇଲାକା ଭିତରକୁ ବାରମ୍ବାର ପ୍ରବେଶ କରିଯାଇଥାନ୍ତି ସମ୍ପୂର୍ଣ୍ଣ ଫୁଙ୍ଗୁଳା ହୋଇ, ପ୍ରତ୍ୟେକ ଆପଣା ଜୀବନର ଅର୍ଥ, ପରିଚୟ ଖୋଜିଥାନ୍ତି ଆପଣା ଆପଣା ଢଙ୍ଗରେ, ଠିକ୍ ସାର୍ତ୍ରେଙ୍କ 'ନସିଆ' ଉପନ୍ୟାସର ନାୟକ 'ରୋକେ୍ୱଣ୍ଟାଇନ୍' ଭଳି।




## ସ୍ଥିତିବାଦୀୟ ଚେତନା

ଓଡ଼ିଆ କବିତା, ଗଳ୍ପ ଓ ନାଟକ (ମୁଖ୍ୟତଃ ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ସମୟର) ମାନଙ୍କରେ ସ୍ଥିତିବାଦୀୟ ଚେତନା ପ୍ରମୂର୍ତ୍ତ ହେବା ଦେଖିବାକୁ ମିଳିଥାଏ। ସଚ୍ଚି ରାଉତରାୟଙ୍କ 'ଆକାଶର ଫିକା ଜହ୍ନ', 'ପ୍ରତିମା ନାୟକ', 'ବିଷଣ୍ଣ ଗୋଧୂଳି', ଗୁରୁପ୍ରସାଦ ମହାନ୍ତିଙ୍କ 'କାଳପୁରୁଷ', 'ଗୋବର ଗଣେଶ', ରମାକାନ୍ତ ରଥଙ୍କ 'ଶ୍ରୀପଳାତକ' ଓ ସୀତାକାନ୍ତ ମହାପାତ୍ରଙ୍କ 'ସାରା ଜୀବନ ଲୋକଟା' ପ୍ରଭୃତି କବିତା ଓ କବିତା ସଂକଳନରେ ସ୍ଥିତିବାଦୀୟ ଏକାକିତ୍ୱବୋଧ, ବିଚ୍ଛିନ୍ନତାବୋଧ, ଶୂନ୍ୟତାବୋଧ, ଅସ୍ତିତ୍ୱଗତ ବିଷାଦ-ବେଦନାର ସ୍ପଷ୍ଟ ଆଭାସ ସହିତ ଜୀବନର ରହସ୍ୟାଚ୍ଛନ୍ନ ବିରୋଧାଭାସରୁ ମୁକ୍ତି ଲୋଡ଼ିବାର ବିକଳ ପ୍ରୟାସ ସମ୍ପର୍କରେ ଆଭାସ ମିଳିଥାଏ। ସୁରେନ୍ଦ୍ର ମହାନ୍ତି, ଉତ୍ତମ କୁମାର ପ୍ରଧାନ, ଶାନ୍ତନୁ କୁମାର ଆଚାର୍ଯ୍ୟ ଓ ଚନ୍ଦ୍ରଶେଖର ରଥଙ୍କ ଗଳ୍ପରେ ସ୍ଥିତିବାଦୀ ଚେତନା ସହିତ ମାର୍କସବାଦୀ ଚେତନା ଓ ଅତିବାସ୍ତବତାର ସମନ୍ୱୟ ଘଟିଥାଏ। ଦାର୍ଶନିକତା, ଗଭୀର ମନନଶୀଳତା, ସୂକ୍ଷ୍ମ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଓ ଆତ୍ମସମୀକ୍ଷାର ଅଭିନବ ପରୀକ୍ଷାମୂଳକ ଧାରାରେ ସମୃଦ୍ଧ ଏହି ଓଡ଼ିଆ କଥାକାରମାନଙ୍କ ସୃଜନୀ ପାଠକଙ୍କୁ ମାନବୀୟ ଚେତନାର ବହୁପାର୍ଶ୍ୱିକ ସ୍ୱରୂପକୁ ଚିହ୍ନାଇ ଦେଇଥାଏ। ଓଡ଼ିଆ ନବ୍ୟନାଟକ ଧାରାର ନାଟ୍ୟକାରମାନଙ୍କ ଅନେକ ନାଟକରେ ଆମେ ସ୍ଥିତିବାଦର ପ୍ରଭାବରେ ବିଶ୍ୱବ୍ୟାପୀ ଚହଳ ସୃଷ୍ଟି କରିଥିବା ଉଦ୍‌ଭଟ ନାଟକର ବୈଶିଷ୍ଟ୍ୟମାନ ଦେଖିବାକୁ ପାଇଥାଉ। ମନୋରଂଜନ ଦାସଙ୍କ 'ଆଗାମୀ', 'ବନହଂସୀ' ଓ 'ଅରଣ୍ୟ ଫସଲ' , ବିଜୟ ମିଶ୍ରଙ୍କ 'ଶବ ବାହକମାନେ', 'ଦୁଇଟି ସୂର୍ଯ୍ୟଦଗ୍‌ଧ ଫୁଲକୁ ନେଇ', ରମେଶ ପାଣିଗ୍ରାହୀଙ୍କ 'ମୁଁ , ଆମ୍ଭେ, ଆମ୍ଭେମାନେ' ଓ 'ହାତୀକୁ ହୋମିଓପାଥି', ହରିହର ମିଶ୍ରଙ୍କ 'ନିନ୍ଦିତ ଗଜପତି', କାର୍ତ୍ତିକ ରଥଙ୍କ 'ବହ୍ନିମାନ' ଓ 'ମାଂସର ଫୁଲ' ଏବଂ ବିଶ୍ୱଜିତ୍ ଦାସଙ୍କ 'ସମ୍ରାଟ' (କାମ୍ୟୁଙ୍କ 'କାଲିଗୁଲା'ର ଅନୁବାଦ) ପ୍ରଭୃତି ନାଟକରେ ଅସ୍ତିତ୍ୱବାଦୀ ଦର୍ଶନ ତଥା ଭାବଧାରାରେ ମର୍ମସ୍ୱର ଅନୁରଣିତ। ତେବେ, ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ଯେ କାଫ୍‌କା ଓ ତାଙ୍କ ସତୀର୍ଥ ସାହିତ୍ୟିକମାନଙ୍କ ପ୍ରଭାବ ଏବେ ମଧ୍ୟ ଏଇ ଏକବିଂଶ ଶତାବ୍ଦୀରେ, ପୃଥିବୀର କଳା ଓ ସାହିତ୍ୟ କ୍ଷେତ୍ରରେ ପୂର୍ବଭଳି ଶକ୍ତିଶାଳୀ ରହିଛି, ବରଂ କୁହାଯାଇପାରେ ଆହୁରି ତୀବ୍ର ଭାବରେ ଏହା ସମସାମୟିକ ଶିକ୍ଷିତ ମାନସପଟରେ ପ୍ରତିଧ୍ୱନି ତୋଳି ଚାଲିଛି। ଜାପାନର ପ୍ରସିଦ୍ଧ ଔପନ୍ୟାସିକ ହାରୁକୀ ମୁରାକାମୀଙ୍କ ୨୦୦୨ ମସିହାର ଉପନ୍ୟାସ 'କାଫ୍‌କା ଅନ୍ ଦି ସୋର୍'ରୁ ଏଇ ମାତ୍ର ଚାରିବର୍ଷ ତଳେ ପୁନେର ଏକ ପ୍ରତିଷ୍ଠିତ ନାଟ୍ୟସଂସ୍ଥାର ନିର୍ଦ୍ଦେଶକ ଜମିର ବାଦ୍‌ରୁନିସାଙ୍କ ରଚିତ ନାଟକ 'ସୁନୋ ଭାଇ କାଫ୍‌କା' ଓ ଓଡିଶାର ଲେଖକ - ଅନୁବାଦକ କମଳାକାନ୍ତ ମହାପାତ୍ରଙ୍କ ଦ୍ୱାରା କାଫ୍‌କାଙ୍କ 'ମେଟାମରଫସିସ୍'ର ଅନୁବାଦ 'ରୂପାନ୍ତର'ର ଦିଲ୍ଲୀର ଏକ ପ୍ରଦର୍ଶନୀ (ଗେଟେ ଇନ୍‌ଷ୍ଟିଚ୍ୟୁଟ ଆନୁକୂଲ୍ୟରେ)ରେ ପଠନ କାର୍ଯ୍ୟକ୍ରମ - ଏହି ସବୁ କାଫ୍‌କା-ସଂପର୍କିତ ରଚନା ଓ ପ୍ରାୟୋଜନରୁ ସ୍ପଷ୍ଟ ହୋଇଥାଏ ଯେ କାଫ୍‌କା, ତାଙ୍କ ମୃତ୍ୟୁର ଏକ ଶହ ବର୍ଷ ପରେ ମଧ୍ୟ, ଆମର ଚିନ୍ତାରାଜ୍ୟରେ ଅମର।

## ନବପିଢ଼ିର ପ୍ରତିମାପୁରୁଷ

ତେବେ, ସ୍ୱାଭାବିକ ଭାବରେ ପ୍ରଶ୍ନଟିଏ ଉଠିପାରେ ଯେ ଯେଉଁ କାଫ୍‌କାଙ୍କ ଦର୍ଶନ-ଚିନ୍ତନ ଏତେ ନୈରାଶ୍ୟବାଦୀ, ଏତେ ଜୀବନବିମୁଖ, ନିରୁତ୍ସାହଜନକ, ସେ କିପରି ଆଜିର ଏଇ ଉପଭୋଗସର୍ବସ୍ୱ ବସ୍ତୁବାଦୀ କାଳଖଣ୍ଡର ମଣିଷଙ୍କ ପାଇଁ ଏତେ ବଡ଼ ସାହିତ୍ୟିକ ବା ବୌଦ୍ଧିକ ପ୍ରେରଣା ହୋଇପାରିଛନ୍ତି, କିପରି ନବପିଢ଼ିର ଯୁବବର୍ଗଙ୍କ ପାଖରେ ଏକ ଆଇଡଲ୍ ବା ପ୍ରତିମାପୁରୁଷ ହୋଇ ପାରିଛନ୍ତି ? କାହିଁକି ଆଜି ସମଗ୍ର ବିଶ୍ୱରେ କାଫ୍‌କାଙ୍କ ଏକଶହ ବର୍ଷ ମୃତ୍ୟୁପୂର୍ତ୍ତିକୁ ଏତେ ଉତ୍ସାହର ସହ ପାଳନ କରାଯାଉଛି, କାହିଁକି ୟୁ ଟ୍ୟୁବ୍, ଫେସ୍‌ବୁକ୍, ହ୍ୱାଟସ୍‌ଆପ୍ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମରେ କାଫକାଙ୍କ ଲେଖାମାନଙ୍କର ସୁନିର୍ବାଚିତ ଉଦ୍ଧୃତିଗୁଡ଼ିକୁ ଆମେ ଦେଖିବାକୁ ପାଉଛେ ? ଏହାର କାରଣ ଜାଣିବାକୁ ହେଲେ ପ୍ରଥମେ ଆମକୁ ଆମ ଯୁବବର୍ଗଙ୍କୁ, ବିଶେଷ କରି 'ଜେନେରେସନ୍ - ଜେଡ୍' ଭାବରେ ଆମେ ଚିହ୍ନିତ କରୁଥିବା ଆମ ଅଧୁନାତନ ପିଢ଼ିର ଯୁବାବର୍ଗଙ୍କ ମାନସିକତାକୁ, ସଂବେଦନାକୁ ବୁଝିବାକୁ ହେବ। ଦ୍ରୁତ ପରିବର୍ତ୍ତିତ ହୋଇ ଚାଲିଥିବା ଏଇ ଏକବିଂଶ ଶତାବ୍ଦୀରେ କୌଣସି ମାର୍ଗ, କୌଣସି ଆଦର୍ଶ ବା ଭାବଭାବନା ଆମ ଯୁବାବର୍ଗଙ୍କୁ ଆକୃଷ୍ଟ କରିପାରୁନାହିଁ। ସବୁକିଛି ଶୂନ୍ୟଗର୍ଭ, ସବୁକିଛି ଭୟଙ୍କର ଭାବରେ ବିରୋଧାଭାସାକ୍ରାନ୍ତ, ଅରାଜକ ଓ ଅନିଶ୍ଚିତ - ଏହିପରି ଏକ ଧାରଣା ସୃଷ୍ଟି ହୋଇଚାଲିଛି ଯୁବ ମାନସପଟରେ। 'ଉତ୍ତର-ସତ୍ୟ' ଓ 'ଡିପ୍ ଫେକ୍' ବା 'ଡାହା ମିଛ'ର ଏ ଦୁନିଆରେ ସଚେତନ ଯୁବାମାନସ ଘୋର ସଂଶୟ, ସନ୍ଦିଗ୍ଧତାରେ ପୀଡ଼ିତ ହେବା ସ୍ୱାଭାବିକ। ଡିଜିଟାଲ୍ ଦୁନିଆ ବି ସୃଷ୍ଟି କରିଚାଲିଛି ନୂତନ ଧରଣର ଚାପ, ନୂତନ ଧରଣର ବୋରଡମ୍ ଓ ଏକାକିତ୍ୱବୋଧ। ପୁଞ୍ଜିବାଦୀ ଅର୍ଥନୀତି ସୃଷ୍ଟ ଅର୍ଥନୈତିକ ବୈଷମ୍ୟ, ଉଗ୍ର ଦକ୍ଷିଣପନ୍ଥୀ ବା ଉଗ୍ର ବାମପନ୍ଥୀ ରାଜନୈତିକ ହଟଚମଟ, ଯନ୍ତ୍ରଣାଦାୟକ ଭେଦଭାବମୂଳକ ସାମାଜିକ ସ୍ଥିତି ଓ ସର୍ବୋପରି ମାରାତ୍ମକ ବେରୋଜଗାରୀ ସମସ୍ୟା- ଏ ସବୁକିଛି ଯୁବାବର୍ଗଙ୍କୁ ଗଭୀର ଭାବରେ ଆଲୋଡିତ କରିବା ସ୍ୱାଭାବିକ।

**ଆଜି ଯୁବବର୍ଗ କାହିଁକି, ପ୍ରତ୍ୟେକ ସଚେତନ ମଣିଷ ଉତ୍କଣ୍ଠା, ଉଦ୍‌ବେଗ, ବିରକ୍ତି ତଥା ନିଷ୍ଫଳ କ୍ରୋଧରେ ଘାରି ହୋଇ ଚାଲିଛି।**

ଫଳସ୍ୱରୂପ, ଆଜି ଯୁବବର୍ଗ କାହିଁକି, ପ୍ରତ୍ୟେକ ସଚେତନ ମଣିଷ ଉତ୍କଣ୍ଠା, ଉଦ୍‌ବେଗ, ବିରକ୍ତି ତଥା ନିଷ୍ଫଳ କ୍ରୋଧରେ ଘାରି ହୋଇ ଚାଲିବାରେ କିଛି ବିଚିତ୍ରତା ନାହିଁ। କେହି ଯଦି ସେ ଭୋଗୁଥିବା ଅନ୍ୟାୟ, ଅନୀତି, ବିସଂଗତି ବା ଉଦ୍‌ଭଟ ଶାସନ / ପ୍ରଶାସନ ବ୍ୟବସ୍ଥା ବିରୋଧରେ ବିଦ୍ରୋହର ସ୍ୱର ତୋଳିବାକୁ ସାମାନ୍ୟ ଉଦ୍ୟମ କରୁଛି, ଯଦି କେହି ସ୍ୱେଚ୍ଛାଚାରୀ କ୍ଷମତାକେନ୍ଦ୍ର ପ୍ରତି ସର୍ତ୍ତହୀନ ଆନୁଗତ୍ୟ ପ୍ରକାଶ କରିବା ପାଇଁ କୁଣ୍ଠିତ ହେଉଛି, ଯଦି ଅନ୍ଧ ପ୍ରଥା, ପରମ୍ପରା ବା ଧର୍ମସଂସ୍କୃତିରେ ଥିବା ଅସଂଗତିକୁ ଅସ୍ୱୀକାର କରୁଛି, ତାକୁ ବହିଷ୍କାର କରିଦିଆଯାଉଛି ମୁଖ୍ୟସ୍ରୋତରୁ- ଠିକ୍ ଯେପରି କାଫ୍‌କାଙ୍କ 'ମେଟାମରଫସିସ୍'ର ହତଭାଗ୍ୟ ନାୟକ ଗ୍ରେଗୋର୍ ସାମ୍‌ସା ଆପଣାକୁ କୀଟଟିଏ ହୋଇଯାଇଥିବା ଜାଣିବା ପରେ ବୁଝିଯାଇଥିଲା ସେ ବହିଷ୍କୃତ ହୋଇଯାଇଛି ତା' ଚତୁର୍ଦ୍ଦିଗର ସମାଜରୁ, ତା'ର ଆତ୍ମୀୟମାନଙ୍କ ପରିସରରୁ।

ଏକବିଂଶ ଶତାବ୍ଦୀର ନାନା ସମସ୍ୟାବହୁଳ, ନାନା ଘନଘଟା ବହୁଳ ପୃଥିବୀ କାଫ୍‌କା, କାମ୍ୟୁ ଓ ସାର୍ତ୍ରେଙ୍କ ପୃଥିବୀ ପରି ଉଦ୍‌ଭଟ, ଅର୍ଥହୀନ, ଅନିଶ୍ଚିତ ମନେ ହୋଇଥାଏ ଅନେକ ସମୟରେ। ବିଶେଷ କରି ଯୁବବର୍ଗ ଏ ପ୍ରକାର ପୃଥିବୀରେ ଅନୁଭବ କରିଥାନ୍ତି କାଫ୍‌କାଙ୍କ ଚରିତ୍ର ସବୁ ଅନୁଭବ କରିଥିବା ମାନସିକ ବୈକଲ୍ୟ। କାରଣ ସେମାନଙ୍କୁ ସାମ୍ନା କରିବାକୁ ପଡୁଛି ନାନା ଅରାଜକ, ଦୋଷଦୁଷ୍ଟ ବ୍ୟବସ୍ଥା ବା ଅବସ୍ଥା ସହ। ପର୍ଯ୍ୟାବରଣୀୟ ଅସନ୍ତୁଳନ, ଜଳବାୟୁ ପରିବର୍ତ୍ତନଠାରୁ ଆରମ୍ଭ କରି ଆଣବିକ ଯୁଦ୍ଧ ଆଶଙ୍କା, ଅର୍ଥନୈତିକ ବୈଷମ୍ୟ, ଅସମାନତା ଓ ସବୁଠାରୁ ଉଦ୍‌ବେଗଜନକ-କୃତ୍ରିମବୁଦ୍ଧିମତ୍ତାର ଅନିୟନ୍ତ୍ରିତ ବ୍ୟବହାର - ସବୁକିଛି ଆଜି ବିବ୍ରତ, ଅସ୍ଥିର, ଅସହାୟ କରୁଛି ଯୁବାବର୍ଗଙ୍କୁ ଓ ଆମ ସଭିଙ୍କୁ। ଫ୍ରାନ୍‌ଜ କାଫ୍‌କା ତେଣୁ ଏବେ ବି ପ୍ରାସଙ୍ଗିକ।

□□

ଲେଖକଙ୍କ ଇ-ମେଲ ଠିକଣା:
acharyadurgaprasad123@gmail.com

**ଧାରାବାହିକ ବ୍ୟଙ୍ଗ**

# ଅସ୍ମିତାଳୟ



ଡ. ଅଜୟ କୁମାର ମିଶ୍ର

*ଅସ୍ମିତା ମଳୟ ବହିଲା ଖୋଲେ କେତେ ସେଣ୍ଟର*
*ଘଣ୍ଟୁ ଘଟାଇବ ଘଟଣା, ଘାଣ୍ଟିହୁଏ ଅନ୍ତର।*

ପରିବାର, ଗାଆଁ, ୱାର୍ଡ, ସାଇ, ବସ୍ତି, ବ୍ଲକ, ତହସିଲ, ଜିଲ୍ଲା ବା ରାଇଜ – ସବୁଆଡ଼େ ଘଣ୍ଟୁର ଛଉକା ନିଘା। ଦି' ଆଖିରୁ ଏକ୍ସଟ୍ରା ନୟନ ତା'ର, ଦି' କାନ ତା'ର ଷଡ଼କାନ ପାଲଟିଯାଏ। କିଛି ଘଟଣା, ଅଘଟଣ ଘଟି, ପରଦାକୁ ଆସିବା ବେଳକୁ, ଘଣ୍ଟୁ ତା'ର ଆଡଭାନ୍ସ କାମ ଆରମ୍ଭ କରିନେଇଥାଏ। ଖବରକାଗଜ, ଟି.ଭି., ସ୍ମାର୍ଟଫୋନ୍ – ଯୁଆଡ଼େ ଦେଖିବ ଅସ୍ମିତା ହୁରି। କେତେ କେତେ ବଡ଼ ମୁଣ୍ଡିଆଙ୍କର ଅତି ବଡ଼ ବଡ଼, ମଝଲା ମୁଣ୍ଡିଆଙ୍କର ମଝଲା ସାଇଜ୍ ବଡ଼, ତଳତଳିଆଙ୍କ ସାଧାରଣ ଆଲୋଚନା। ଘରଠୁ ପଦା ଯାଏ – ସବୁଆଡ଼େ ଅସ୍ମିତାକୁ ନେଇ ବାନା ଉଡ଼ାଣ, ଏଇ ଅସ୍ମିତା ଘୋଓକୁ ହେଜିଲା ଘଣ୍ଟୁ। ଭାବୁଥିଲା ଝିଅଟିର ନାଆଁ ଅସ୍ମିତା, ସେ କ'ଣ ଏମିତି କାଣ୍ଡ କାରଖାନା କଲା ଯେ, ତା' ନାଆଁ ଖାଲି ରାଇଜ ସାରା ଉଠୁଛି ପଡୁଛି।




### ନାଗୁଆ ଶିଷ୍ୟ

ବାଙ୍କା ପଣ୍ଡିତଙ୍କର ଘଣ୍ଟୁ ହେଲା ନାଗୁଆ ଶିଷ୍ୟ। ଶ୍ରେଣୀ ଛାଡ଼ିବା ପରେ କେହି ବି ବାଙ୍କା ପଣ୍ଡିତଙ୍କ ପାଖ ମାଡ଼ନ୍ତି ନାହିଁ, ଭୟରେ ନୁହେଁ, ତାଙ୍କ ହାବୁଡ଼େ ପଡ଼ିଲେ ଅତଳରେ ପଡ଼ିବା ଭଳି ଲାଗେ। ତାଙ୍କ ଦେହସାରା ବ୍ୟାକରଣ ଟାଙ୍କ ମରା ହେଇ ଝଲେଇ ହେଇଛି। ଚୁଡ଼ାଭଜା ବିକ୍ରି କରୁଥିବା କେଉଟୁଣୀ ତାଙ୍କ ଦାଣ୍ଡରେ ଡାକ ଛାଡ଼ିଲା – "ଚୁଡ଼ା ଭଜା ନବ ଚୁଡ଼ା ଭଜା"– ଭୋକରେ ଥିବା ବାଙ୍କା ପଣ୍ଡିତେ ଚିହିଁକ ଉଠି, ଡାକ ପକାଇଲେ – ଆହେ କୈବର୍ତ୍ତରମଣି! ଏତେ ତ୍ରୁଟି ତମର। ଜୀବନରେ ବ୍ୟାକରଣ ପାର୍ଶ୍ୱ ସ୍ପର୍ଶ କରିନାହଁ? ଭଜା ହୋଇଥିବା ଚୁଡ଼ା – ଚୁଡ଼ାଭଜା ନୁହେଁ, ଭଜାଚୁଡ଼ା ହେବ।" କେଉଟୁଣୀ ବ୍ୟାକରଣ କ'ଣ ବୁଝିବ, କହିଲା – "ହଇଯେ ବୁଢ଼ା ଭାକୁଡ଼ା! କେତେ ଫନ୍ଦିରେ କଥା କହୁଛ ହେ?" ତତ୍‌କ୍ଷଣାତ୍ ସେ ଦାଣ୍ଡେ ଦାଣ୍ଡେ ଦାଣ୍ଡିଆ ମାରିଲା; ଭୋକରେ ରହିଲେ ପଣ୍ଡିତେ। ଅସ୍ମିତା ଅର୍ଥ ପଚାରିଲା ଘଣ୍ଟୁ। ପଣ୍ଡିତେ ଅତି ପ୍ରେମରେ କହିଲେ – "ବତ୍ସ! ତୁମେ ହିଁ ବିଦ୍ୟାଗ୍ରହୀ। ଶ୍ରେଣୀବିଚ୍ୟୁତ ହେବା ପରେ ବି, ତମେ ନିୟମିତଃ ମଦୀୟ ସାହାଯ୍ୟ ଗ୍ରହଣ କରିଆସୁଚ। ତେବେ "ଅସ୍ମିତା – ହେଉଛି – "ଅସ୍ମିତ-ତା" ଅର୍ଥାତ୍ ଅହଂଜ୍ଞାନ। ଘଣ୍ଟୁ ପୁନଶ୍ଚ ପ୍ରଶ୍ନ କଲା – "ମହାଶୟ! ଆଳୟ ଅର୍ଥ କ'ଣ? ବାଙ୍କା ପଣ୍ଡିତେ ତ ନିଜେ ଚଳନ୍ତା ଅଭିଧାନ। ସଙ୍ଗେ ସଙ୍ଗେ ଉତ୍ତର ଦେଲେ – ଆ-ଲୀ-ଅ ଅର୍ଥାତ୍ ବାସସ୍ଥାନ।

ପଣ୍ଡିତଙ୍କ ପାଖରୁ ଏସବୁ ଜାଣିବା ପରେ ଘଣ୍ଟୁ ମନ ଭିତରେ ଘଣ୍ଟାଚକଟା ଲାଗିଲା। ସନ୍ଦେହ ପାଣିରେ ଘାଣ୍ଟି ହେଲା ସେ। କହିଲା ବଅସ ବଢ଼ିବାରୁ ପଣ୍ଡିତଙ୍କ ହାର୍ଡ଼ଡିକ୍ସ ଜାମ ହେଇଗଲାଣି, ଏତେ ଷ୍ଟୋରେଜ୍ କେମିତି ହେବ ଯେ! ଆଳୟ କଥା ମନକୁ ପାଇ ନ ପାଇଲା ଭଳିଆ ହେଲା। ରାଇଜରେ କାର୍ଯ୍ୟାଳୟ, ଭାର୍ଯ୍ୟାଳୟ, ଶୌଚାଳୟ, ସଚିବାଳୟ, ମାତୁଳାଳୟ, ଦେବାଳୟ, ଏମିତି କେତେ କେତେ ଆଳୟ। ସବୁ କ'ଣ ଘର? ଭାର୍ଯ୍ୟାଳୟ ସ୍ତ୍ରୀ ଘର, ଶ୍ୱଶୁରାଳୟ ଶଶୁରଘର, ମାତୁଳାଳୟ, ମାମୁଘର – ଏମିତି ଚଳିବ। ଶୌଚାଳୟ କ'ଣ ରହିବା ଥାନ, ଘର କେମିତି ହେବ? ଠାକୁର ତ ସବୁଠି, ଦେବାଳୟ କେମିତି ତାଙ୍କ ଘର ହେବ। ସଚିବାଳୟରେ କ'ଣ ସଚିବମାନେ ଘର ଭଳି ରହନ୍ତି – ସେଇଟା ସଚିବାଳୟ କେମିତି ହେବ ଯେ?

ଅସ୍ମିତା କଥା କାହା କାହାଠାରୁ ବାରବାର ବୁଝାବୁଝି କରି

ଜାଇଁଲା ଯେ, ଏଇଟା ଖାଲି ଅହଂକାର ହେବନି। ଆମେ ଅଛୁ – ଆମେ ଥିଲୁ ଏସବୁ ଆମ ଥାଇତାପଣ, ଆକୁ ଉଖାରି ନିଖାରି ଠିଆ କରାଇବା ତ ଅସ୍ମିତା ହବ ବୋଲି ବି ଶୁଣିଲା। ଆମର ପୂର୍ବ ପୁରୁଷେ ଗଙ୍ଗାରୁ ଗୋଦାବରୀ ଯାଏ ରାଜପଣ କରୁଥିଲେ, ବେପାର ବଣିଜ କରି ସୁନା, ହୀରା, ନୀଳା ବୋହି ଆଣୁଥିଲେ। ତାଙ୍କୁ ବଡ଼ କରି ଦେଖାଇବା ତ ଆମ ଥିଲାପଣ। ରାତିଦିନ ଚିନ୍ତାର ଚବିଶି ପହର କରି, କହିଲା ଦିଇଟା ଶବଦକୁ ଯୋଡି ଦେଲେ ନୂଆଟିଏ ମିଳିବ – ଅସ୍ମିତା+ଆଳୟ = 'ଅସ୍ମିତାଳୟ'। ଅହଂକାର ଘର, ଅତୀତ ଘଟଣାର ଘର। ଏମିତି କେତେ କ'ଣ ଭାବିନେଲା।

### ଅସ୍ମିତାକୁ ନେଇ ହଇଚଇ

ରାଇଜସାରା ଅସ୍ମିତାକୁ ନେଇ ହଇଚଇ, ତୁମ୍ଭିତୋଫାନ, କଥା କଟାକଟି, ଯୁକ୍ତି ତରକ। କିନ୍ତୁ ଏସବୁ ଏକାଠି ଘାଣ୍ଟିଘୁଣ୍ଟି ଦେଲେ ଗାଏମୋଟ ଲହୁଣି ହେଲା ଆମ ପୁରୁଣା ଜିନିଷର ଥାଇତାପଣକୁ ଯେମନ୍ତ ପ୍ରକାରେ ହେଲେ ଷ୍ଟାମ୍ପ୍ ମରାଇବା। କେତେକେତେ ଗୋବେଷିକିଆଙ୍କ ଉର୍ବରା ମଥାରୁ ବାହାରିଲା କେତେ କେତେ କଥା। କିଏ କିଏ କହିଲେ ଆମର ବୋପା ଅଜା ସାତପୁରୁଷ ଅମଳର ପୁରୁଣା ପୋଥିପତ୍ର ସାଉଁଟା ହେବ, ସେଥିରେ ଅଛି ଅତୀତର ଗଦା ଗଦା ଜ୍ଞାନ, ପେଡ଼ିପେଡ଼ି ନଲେଜ୍, ଟ୍ରକ୍ ଟ୍ରକ୍ ବିଦ୍ୟା। ଏସବୁ ସାଉଁଟି ଆଣି ପହିଲେ ଗୋଟାଏ ବଡ଼ ଘରେ ଗଦେଇ ଦେବାକୁ ହେବ। ଷ୍ଟାମ୍ପ୍‌ଦିଆ ପାଠୁଆ ପାଠୋଇଙ୍କୁ ବଛାବଛି କରି କୁମିଟି ଗଢ଼ାହେବ। ଏଇଠାରେ ସେମାନେ ଅତୀତର ପୋଥିପୁରାଣରୁ ଜ୍ଞାନ ରତ୍ନ ଉଦ୍ଧାରିବେ, ଶଙ୍ଖାସୁର ବେଦ ଉଦ୍ଧାର କଲା ଭଳିଆ ଘଟଣା ହେବ। ଯା ସାଙ୍ଗରେ ବି ପୁରୁଣା ବହି ପାଣ୍ଡୁଲିପିମାନ ଦରଣ୍ଡା ଦରଣ୍ଡି କରାଯିବ।


**ଗାଁ ଭାଗବତ ଘରକୁ କିଳାବ ଟୋକାଏ ଉଜାଡ଼ି ଦେଇ ତାସ୍, କ୍ୟାରମ୍ ମୋବାଇଲ୍ ଗେମ୍ ପାରାୟଣ କଲେଣି।**

ଘଣ୍ଟୁ ମନକୁ ଘାଇଲା କଲା ଏମନ୍ତ କାମ। ଭାବିଲା ପାଣ୍ଡୁଲିପି ପଛକଥା, ପୁରୁଣା ପୋଥି ଆଉ ପୁରୁଣା ବହିମାନ ଓ ଯୋଗାଡ଼ କରିହେବ। ଘରପୋଡ଼ିର ନିଆଁ ଭଳିଆ, ଚାଏଁକିନା ଘଣ୍ଟୁ ମଗଜରେ ଆଇଡିଆ ନିଆଁ ଚର୍ ଚର୍ ହେଇ ହୁତ୍‌ହୁତ୍ ହେଲା। କେତେ ଜାଗା ବୁଲି ପୁରୁଣା ପୋଥି ହାତେଇବ, କାହା କାହା ପାଖରେ ପୋଥି ଥିବ – ଏମନ୍ତ କାମ ପାଇଁ ପୋଥି ଦବ କିଏ? ଘରେ ରୋଷେଇବାସ ନ କରି ନିତ୍ୟବଜାର ବୁଲୁଣୀ ମାଇକିନା, ରାସ୍ତାକଡ଼ର ଠେଲାଗାଡ଼ିରୁ ଫାଷ୍ଟଫୁଡ୍‌କୁ ତଣ୍ଟିଯାଏ ଗିଳିଲା ଭଳିଆ, ଘଣ୍ଟୁ ପୋଥି ଦରଣ୍ଡା ଦରଣ୍ଡି କଥାଟାକୁ ଉଡ଼େଇଦେଲା। ପୁରୁଣା ପୋଥି ସାଉଁଟିବାଠାରୁ ନୂଆପୋଥିକୁ ପୁରୁଣା କରିଦେଲେ ତ ଚଳନ୍ତା। ମତଲବକୁ ଶହେ ଶହେରେ ସଫଳ କରିବାକୁ ଘଣ୍ଟୁ ସହର ଛାଡ଼ି ଗାଆଁ ଆଡେ ମୁହାଁଇଲା। ତାଙ୍କ ବାଡ଼ିରେ ଫାଳରଟାରେ ବଡ଼ ଛୋଟ ବହୁ ତାଳଗଛ। ଲୋକ ଲଗେଇ ତାଳଗଛଗୁଡିକରୁ ବାହୁଙ୍ଗା କଟେଇଲା। ବରଡ଼ା ସଂଗ୍ରହ ହେଲା ପରେ ତାକୁ ବିଡ଼ା ବିଡ଼ା କରି ପଙ୍କରେ ପୋତା କରେଇଲା। ଏକ ମାସ ପରେ ପଙ୍କ ପୋତା ବରଡ଼ାକୁ ଆଣି କଞ୍ଚା ଗୋବରରେ ଉବୁଟୁବୁ କରେଇ ପକ୍ଷେ ଦି' ପକ୍ଷ ରଖିଲା। ତାକୁ ଉଦ୍ଧାର କରିବା ପରେ ବଢ଼େଇ ପାଖକୁ ଯାଇ ପତଳା ପତଳା ପଟାମାନ କଟେଇଲା। ପୋଥି ପତ୍ର ପ୍ରକାରେ ବରଡ଼ାତକ କଟେଇ, ଦି'ପାଖରେ ସରୁପଟା ଯୋଡ଼ି, କଣା କରି, ଅତି ମାଟିଆ ସୂତାରେ ବନ୍ଧା କରେଇଲା।

ଗାଁ ଭାଗବତ ଘରକୁ କିଳାବ ଟୋକାଏ ଉଜାଡ଼ି ଦେଇ ତାସ୍, କ୍ୟାରମ୍ ମୋବାଇଲ୍ ଗେମ୍ ପାରାୟଣ କଲେଣି। ଗୋଟାଏ କଣରେ ଗୋଟାଏ ଉଇଭୁକ୍ତ ଦଦରା ବିମାନରେ ଦୁଇଚାରି ପୋଥିକୁ ସବୁରି ଅଜଣାରେ ହାତେଇ ନେଲା। ତା'ର ଚର ଅନୁଚର ଲଗେଇ ତାଙ୍କ ଆଖପାଖ ଅଞ୍ଚଳର ମୁରୁକୁଟିଆ, ଦଦରା ଭାଗବତ ଚାଳିଆଗୁଡ଼ିକରୁ କେତେ ପୋଥି ବି ହାତେଇଲା। କିଳାବ ମୁଖିଆଙ୍କୁ ନାଲିପାଣି ଆଉ ଚାଖେଣା ଖର୍ଚ୍ଚା କିଛିଦେଇ, ପୋଥି ହାତେଇବା ପରେ ଗାଡ଼ିରେ ଲଦି ଏକମୁହାଁ ହେଇ ରାଜଧାନୀରେ କ୍ଷୀପ୍ର ପ୍ରବେଶ କଲା। ମାଟି, ଗୋବର ଲଗେଇ ନୂଆ ବରଡ଼ା ପୋଥି ସହ କୀଟଖିଆ ପୁରୁଣା ପୋଥିକୁ ଫେଣ୍ଟାଫେଣ୍ଟି କରି ସାଇତିଲା। ନୂଆକୁ ପୁରୁଣା କରି ଦେଖାଇବାରେ ଘଣ୍ଟୁର ବୈଜ୍ଞାନିକ ବୁଦ୍ଧି କାମ ଦେଲା। ଏକାଠି କରିଥିବା ପୋଥିରୁ ସତପୁରୁଣା ଓ ନୂଆ ଭାବେ ମିଛପୁରୁଣା କରାଯାଇଥିବା ବିଡ଼ାକୁ ଚିହ୍ନଟ କରିବା ହେଲା କାଠିକର ପାଠ।

ବସାଘର ଆଗରେ ଗୋଟାଏ ବ୍ୟାନର୍ ଟଙ୍ଗେଇ ଦେଲା। ଲେଖାଥିଲା – 'ଅସ୍ମିତାଳୟ' – ତଳେ ଲେଖାଥିଲା – ସବୁ

ପ୍ରକାରର ମୂଲ୍ୟବାନ୍ ପୁରୁଣା ପୋଥି ଓ ଅମୂଲ୍ୟ ଗ୍ରନ୍ଥର ଗନ୍ତାଘର ଓ ଗବେଷଣା କେନ୍ଦ୍ର। ତଳେ ନିଜର କାନଫୁଙ୍କା ନମ୍ବର। ଲୋକଙ୍କ ଆଖି ପଡ଼ିବା ମାତ୍ରେ ଘଣ୍ଟୁଙ୍କ ଗୋବେଷଣା କେନ୍ଦ୍ରର ପ୍ରଚାର ହୁରସ୍ତ ସୁନାମି ଭଳି ମାଡ଼ିଲା। ସ୍ମାର୍ଟଫୋନ୍‌ରେ ସବୁ ଭାଇରାଲ୍ ହେବା ବା କେତେ ଡେରି ? ଇଏ ରାଜଧାନୀ ବା, ଏଠି ସବୁ ପ୍ରକାରର ହଟଚମଟ ଚଳେ, ବ୍ୟାପିଯାଏ ଯୋଜନ ଯୋଜନ, ତୁଣ୍ଡବାଇଦ ତ ସହସ୍ର ସହସ୍ର ଯୋଜନ ବିସ୍ତାରିତ ହେଇଯାଏ। ଏଠି କାଉ ଉଡ଼ିଗଲେ ହେଲିକ୍ୟାପ୍ଟର୍ ଖସିଲା ବୋଲି ପ୍ରଚାର ହେଇଯାଏ। ୟୁଟ୍ୟୁବ୍ ଏଥିକି ଖୋରାକ ଯୋଗାଏ, ଅତିନିଷ୍ଠାରେ। ଦଳେ କୋଢ଼ିଆ କୋଢ଼ିଆଣୀ ହ୍ୱାଟ୍‌ସଆପ୍ କେଞ୍ଚ କେଞ୍ଚ ଫୋନ୍ ଉଠା ଖବରଗୁଡ଼ିକୁ ପବନେ ପବନେ ଉଡ଼ାନ୍ତି। 'ଶତାୟୁଙ୍କର ସନ୍ତାନପ୍ରସବ', 'ଭୂଇଁରେ ନ ପଡୁଣୁ ନବଜାତକର ବେଦପାଠ', 'ଜଳହସ୍ତୀର ଚା' ପାନ', 'ବିରାଡ଼ି ପାଟିରୁ ସିଗାରେଟ ଧୂଆଁ', 'ଝିଟିପିଟିର ଝାକାସ୍ ଆର୍କେଷ୍ଟ୍ରା', 'ଷଣ୍ଢର ବ୍ୟାଟିଂରେ ଛକା ବର୍ଷା' – ଏମିତି ନାନା କିସମର କୋଟିଂକାରୀ ଉଡାଣଛୁ ଖବର।



## ସିଜିନ୍ ବେପାର

ଘଣ୍ଟୁର ଅସ୍ମିତାଳୟ ଖବର ତ ଏକ ପ୍ରକାରର ସିଜିନ୍ ବେପାର। ଦୋଳବେଳକୁ ଅବିର, ରଙ୍ଗ, ପିଚକାରି ଦୋକାନ, ଗହ୍ମାପୂନେଇଁ ବେଳକୁ ରାଖୀ ବେପାର, ସାବିତ୍ରୀ ଅମେଇସା ବେଳକୁ ଫଳମୂଳ ବେପାର ଭଳିଆ ଘଣ୍ଟୁ ଜଣେ ନାଉଆଁ ସିଜିନ୍‌ବେପାରୀ। ଦେଖିଲା ଅସ୍ମିତା ଖେଳଟା ଜମିଆସିବ ଏଣିକି। ସରକାରୀ ଘୋଷଣା ପରେ ଏଇଟା ଏକଦମ୍ ତାଉ ଧରିଛି ବେସରକାରୀ ବୁଦ୍ଧୁମାନେ ନାନା ଖବରକାଗଜରେ ଅସ୍ମିତା ବାନ୍ତି କରୁଛନ୍ତି। ପୁରାଣର କୋକୁଆ ଭଳିଆ, କେହି କେହି ଏହାର ଯମକ ବ ବଖାଣୁଛନ୍ତି। କେହି କେହି ସଭା କରି, ଅସ୍ମିତା ଦେଖାଇବେ ବୋଲି ଶ୍ରୋତାଙ୍କୁ ଡକେଇ ଅସ୍ମିତା ବାନ୍ତି କରୁଛନ୍ତି। ଘଣ୍ଟୁର ଏମନ୍ତ 'ଅସ୍ମିତାଳୟ'– ଖବର ଜାଣି କେତେ ବେସରକାରୀ ଭାଟ, କେତେ ଅର୍ଦ୍ଧସରକାରୀ ଟରଣୀ, କେତେ ଉପସରକାରୀ ବାବୁ, କେତେ ପାଖୁଆ ପାର୍ଶ୍ୱ ସରକାରୀ ବାବୁ ବାବୁଆଣୀମାନେ ଘଣ୍ଟୁ ସହିତ ଏ ବିଷୟରେ କାନଫୁଙ୍କାରେ କଥା ହେଇସାରିଲେଣି। ମାଛ ଦେଖାଇ ପୋଖରୀ ନ ଦେଖାଇବା ତରିକା ଛଉକା ଲୋକଙ୍କ କାଣ୍ଡ। ଘଣ୍ଟୁ ସେମାନଙ୍କଠାରୁ ଆଉ ପାଦେ ଆଗରେ। ଦେଖାଇବା କଥା ମିଛ, ମାଛ କଥା ବଖାଣି କରି ଗୋବେଷିକିଆମାନଙ୍କୁ ଖାଳେଇରେ ପୂରାଇବାକୁ କେତେ ଫିକର ଭେଇରାଣି ଘଣ୍ଟୁ। ଅତି ଉଚ୍ଛନିଆଁ ଗରାଖଙ୍କ ଆକୁଳିଆ ପଣ ଦେଖି, ଦୋକାନୀ ଜିନିଷ ହାଇକ୍ କରି ରେଟ୍ ହାଇ କରିବା ଭଳିଆ ଘଣ୍ଟୁ ଲୋକଙ୍କୁ ବଡ଼ ବଡ଼ ଧାରଣା ଦେଇ ଝାଇଆଁ ଜଉତିଷ, ଧଇଆଁ ଗୁଣିଆ – ନିଜ ନିଜ ତୁଣ୍ଡରେ ନିଜ ବଡ଼ିମା ବଖାଣିବା ଭଳିଆ ବଖାଣିଲା ତା' ଅସ୍ମିତାଳୟର ବିରାଟ ରତ୍ନଭଣ୍ଡାର କଥା। କେତେ ସଂସ୍କୃତି ଠିକାଦାର ଏ ଭଣ୍ଡାର ମାଲ ସମ୍ପର୍କରେ ମୂଳଚାଲ କଲେ। ଆଉ କେତେ କେତେ ସଂସ୍କୃତି ହୋଲସେଲ୍‌ର ଘଣ୍ଟୁଙ୍କ ସହ ଯୋଗାଯୋଗରେ ରହିଲେ। କାରଣ ସେମାନେ ଜାଣିଛନ୍ତି, ଏ ପୁରୁଣା ମାଲ ହଉଚି ଆଉ ବଡ଼ିମା। ବଡ଼ିମା କିଣିବାକୁ କେହି କେହି ହାତ ଖୋଲା ଖର୍ଚ୍ଚା ଦେବାକୁ ବି ରାଜି ହେଲେ।

ସେମାନେ ଡାଳରେ ଗଲେ, ଘଣ୍ଟୁ ପତରରେ ଯାଏ, ସେମାନେ ପତରରେ ଗଲେ ଘଣ୍ଟୁ ଶିରାରେ, ସେମାନେ ଶିରାରେ ଗଲେ ଘଣ୍ଟୁ ପ୍ରଶିରାରେ ଯାଆସ କରିବା ଲୋକ। ଗାଁ କୋଠପୋଖରୀ ନିଲାମ ହେବା ଭଳିଆ, ଗୋଟାଏ କାଇଦା ପକେଇଲା। ପୁରୁଣାପୋଥି ଆଉ ପୁରୁଣା ବହିର ସଂଖ୍ୟା ବି ଫୋନ୍‌ରେ ଜଣାଇଦେଲା। ଖଣ୍ଡେ ଖଣ୍ଡେ ଜମିକୁ ଆଠ ଦଶ ଲୋକଙ୍କୁ କବଲା କରିବା, ରାଜଧାନୀର ଫନ୍ଦି। ଏ ଜାଲ ଖେପିଲା ଘଣ୍ଟୁ। ହାରାହାରି ଆଠଜଣ ସଂସ୍କୃତିଆ, ଗୋବେଷକିଆଙ୍କୁ ମନାମନି କରି ନଗଦ ଗାନ୍ଧିମୁଣ୍ଡିଆମାନ ସଂଗ୍ରହ କରି, ଥାନା ଆଡେ ମୁହାଁଇଲା। ଠନ୍ ଠନ୍ ଗଣିଥିବାଲୋକେ ଠିକ୍ ସମୟରେ ଘଣ୍ଟୁ ଟଙ୍ଗେଇଥିବା ବ୍ୟାନର୍ ପାଖରେ ହାଉଯାଉ। ଠାଣିରେ ମାଣିରେ ଏକୁ ଆରେକ ବହକା, ମାତ୍ର ବାଣୀରେ ଘଣ୍ଟୁ ସେମାନଙ୍କୁ ପାଣି ତେଣ୍ଡେଇ ଦେଇଛି – ଏକଥା ସେମାନେ ଜାଣିବା

ବେଳକୁ ଛୋଟ ଖଣ୍ଡେ ମହାଭାରତ ଆରମ୍ଭ ହେଇଗଲା। କୋଠ ପୋଖରୀରୁ ଯିଏ ଯେଉଁମାଛ ଧରିବା ଭଳିଆ; ଯାହା ହାତରେ ଯାହା ପଡ଼ିଲା ପୋଥି, ପୁରୁଣା ବହିମାନ ଝିଙ୍କାଝିଙ୍କି କରି ନେଇଗଲେ। ଅତି ଝାଗଡ଼ିଆ ବେଳକୁ ଦିଇଟା ତାମ୍ପେଡ଼ା କନିଷ୍ଟବଳ ଘନ ଘନ ହୁଇସିଲ୍ ମାରୁଥିଲେ। ଅସ୍ମିତାଳୟ ଲଙ୍କାପୁର ପାଲଟି ସାରିଥିଲା।

**ଅସ୍ମିତା ଖୋଜଣା କାର୍ଯ୍ୟକ୍ରମ**

ସରକାରୀ ସ୍ତରରେ ଅସ୍ମିତା ଖୋଜଣା କାର୍ଯ୍ୟକ୍ରମର ବିଜ୍ଞାପନ ବାହାରିବା ଦେଖି, ଅସ୍ମିତାଳୟରୁ ମାଲ ସଂଗ୍ରାହକମାନେ, ପୁରୁଣା ମାଲ ଯୋଗାଇ ଦେବାକୁ ଦରଖାସ୍ତ କଲେ। ସାଉଁଟିଥିବା ପୋଥିର ତାଲିକା କରି ନମ୍ବର ଚଢ଼େଇବା ବେଳକୁ ଜାଣିଲେ, ଅନେକ ପୋଥି ଭିତର ପୃଷ୍ଠା ସବୁ ଶୂନ୍ୟ। ଅକ୍ଷରଗୁଡ଼ା ଉଭାନ। ଏଗୁଡିକ ଘଣ୍ଟୁଙ୍କ ନଗଦିଆ ପତରରେ ପୁରୁଣା ପୋଥି ତିଆରି କାରନାମା। ପୁରୁଣା ବହି ବି ଯାହା ଦେଖିଲେ ହାପ୍‌ରେଟ୍‌ରେ ରାସ୍ତା କଡ଼ରେ ମିଳୁଥିବା ବହିରୁ କେତେ ଖଣ୍ଡ। ଦାଖଲ କରିବା ଦୂରେ ଥାଉ, ମୁଣ୍ଡ କୋଡ଼ି ହେଇ ସେମାନେ ଅସ୍ମିତା ଦରାଣ୍ଡୁଥିଲେ।

ଅତୀତ ଅସ୍ମିତା ଉଚ୍ଛବରେ କାନ୍ତକବି କଣ୍ଠକୁ ଆଇଥେଲେ, ଆଉ ଦି'ଚାରି ଦିନ ହେଇଥିଲେ, କଣ୍ଠରୁ କାନ୍ଧକୁ, କାନ୍ଧରୁ ଛାତିକୁ- ଏମିତି ହୁଏତ ଖସିଥାନ୍ତେ। ଭଲ ହେଇଛି, ଉଚ୍ଛବ ଆଉ ବଢ଼ିନାଇଁ।

ଅତୀତ ଅସ୍ମିତା ଉତ୍ସବରେ କାନ୍ତକବି କଣ୍ଠକୁ ଆଇଥେଲେ, ଆଉ ଦି'ଚାରି ଦିନ ହେଇଥିଲେ, କଣ୍ଠରୁ କାନ୍ଧକୁ, କାନ୍ଧରୁ ଛାତିକୁ- ଏମିତି ହୁଏତ ଖସିଥାନ୍ତେ ।

ଲୋକେ ଅସ୍ମିତାମୁହାଁ ହେଲାବେଳକୁ, ଉଚ୍ଛବ ଆରମ୍ଭର ଅନେକ ପୂର୍ବରୁ ଘଣ୍ଟୁ, ଅସ୍ମିତାବିକା ଗାନ୍ଧିମୁଣ୍ଡିଆତକ ଗଣାଗଣି କରି, ଥଇଥାନ କରେଇବାକୁ ବ୍ୟାଙ୍କ୍ ଶାଖାକୁ ଧାଉଁଥିଲା। ତା ଚାମଚା ବେଲଚାମାନେ ଟଙ୍ଗା ହେଇଥିବା ବ୍ୟାନର୍‌ଟା ଉଲାରି ପକେଇଥିଲେ ।

ଆଗାମୀ ବ୍ୟାନର୍ ଟଙ୍ଗେଇବା ପାଇଁ ଘଣ୍ଟୁଙ୍କୁ ଫୋନ୍ କଲେ ବି ଫୋନ୍‌ଟା ବିଜି ଥିଲା।

□□

ଲେଖକଙ୍କ ଇ-ମେଲ୍ ଠିକଣା:
mishrasala.ctc@gmail.com

**ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ସୁଲଭ ମୂଲ୍ୟରେ।**

***It's Easy !***

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.23.60 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

ପ୍ରତି ସଂଖ୍ୟାର ମୂଲ୍ୟ-
ଟ.୨୩.୬୦
(ତେଇଶି ଟଙ୍କା ଏବଂ ଷାଠିଏ ପଇସା ମାତ୍ର)

Google Play Books




ଅନୁବାଦ

# ଏମିତି ବି ହୁଏ ?

ନେପାଳୀ - ଡ. ମୃଦୁଳା ଶର୍ମା ଅନୁବାଦ - କନକ ମଞ୍ଜରୀ ସାହୁ



ଉଁ..ଉଁ..ଉଁ...! ଅଗଣାରେ ବସି ଖରା ଖାଉଥିଲି ହଠାତ୍ କାନ୍ଦିବା ଶବ୍ଦ ଶୁଣି ଚମକି ପଡ଼ିଲି। ଛୟାନବେ ବର୍ଷର ଜୀର୍ଣ୍ଣଶୀର୍ଣ୍ଣ ମୋ ବାପାଙ୍କର ସେଇ ଶବ୍ଦ ଥିଲା। ଭାବିଲି, ଏମିତି କ'ଣ ହୋଇଗଲା ଯେ ବାପା କାନ୍ଦୁଛନ୍ତି ? ସେଇ ସମୟରେ କଠୋର ଶବ୍ଦ ଶୁଣାଗଲା, 'ହଁ..ହଁ ! ଆପଣଙ୍କର କ'ଣ ଅଛି ? ମୁଁ ମରୁଛି, ପୁଅ ଆମେରିକାରୁ ସପରିବାର ଆସୁଛନ୍ତି। ବୋହୂ ନାତି ସହିତ ପ୍ରଥମଥର ଆମ ଘରକୁ ଆସୁଛି। ନାତିର ଅନ୍ନପ୍ରାଶନ ହେବ, ପାର୍ଟି ଦେବାକୁ ହେବ ଆଉ ଆପଣ ଏହି ବୁଢ଼ା ବୟସରେ ପଇସା କଥା ଭାବୁଛନ୍ତି।'



'କେତେ ମୋତେ ନଚାଇବୁ ? ଶରୀରରେ ଆଉ କ'ଣ ବାକି ଅଛି ? ଏପର୍ଯ୍ୟନ୍ତ ମୋତେ ତୁ କ'ଣ ଦେଇଛୁ ? କେବଳ ଲଢ଼ିବା, ଝଗଡ଼ା କରିବା ଏବଂ ଧମକାଇବା ଖାଲି ଜାଣୁ। ମୁଁ କେବେ ବି ତତେ କିଛି ସାହାଯ୍ୟ କରିନି ? ପାଠପଢ଼ାରୁ ନେଇ, ଘର ତିଆରି, ଡେଲିଭରୀ, ପିଲାଙ୍କ ବିବାହ କରିବାଠାରୁ ଆମେରିକା ଯିବା ପର୍ଯ୍ୟନ୍ତ ମୁଁ ତତେ ସାହାଯ୍ୟ କରିଆସିଛି। ମା'ର ଅସୁସ୍ଥତା ଆଉ ପକ୍ଷାଘାତ ବେଳେ ବି ତତେ ସାହାଯ୍ୟ ମାଗିନି। ଝିଅମାନଙ୍କ ବାହାଘରରେ ବି କେବେ କିଛି ତତେ ମାଗିନି। ଘର, ଜମିବାଡ଼ି ସବୁକିଛି ଏକୁଟିଆ ସମ୍ଭାଳୁଛି। ଏବେ ଆଉ ଅଧିକ କ'ଣ ତୁ ମୋ ଠାରୁ ଆଶା କରୁଛୁ ?' ଏହା କହି ବାପା କଇଁ କଇଁ ହୋଇ କାନ୍ଦିଲେ।

ଗୋଡ଼ରେ ପ୍ଲାଷ୍ଟର ହୋଇଥିବାରୁ ହଠାତ୍ ଶିଡ଼ିରେ ଉପରକୁ ଯାଇପାରିଲି ନାହିଁ। ପରିସ୍ଥିତିକୁ ଦେଖି ଧୀରେ ଧୀରେ ଶିଡ଼ି ଚଢ଼ି ଉପର ଘରେ ପହଞ୍ଚିଲି। ଏପର୍ଯ୍ୟନ୍ତ କାନରେ ଯେଉଁ ଶବ୍ଦ ଆସୁଥିଲା ତାହା ସମ୍ପୂର୍ଣ୍ଣ ବୁଝିପାରୁ ନ ଥିଲି। ତେଣୁ ପ୍ରଶ୍ନିଳ ଦୃଷ୍ଟିରେ ଦୁହିଁଙ୍କୁ ଚାହିଁଲି। ଦୁହିଁଙ୍କ ମୁହଁରେ କ୍ରୋଧ ଦେଖିଲି। ବାପା ତାଙ୍କ ଶିରାଳ ହାତକୁ ଧଳା କେଶ ଥିବା ମୁଣ୍ଡରେ ହାତ ବୁଲାଇଆଣି କାନ୍ଦି କହିଲେ, 'ଏବେ ଆଉ ମୁଁ କିଛି କରିପାରିବି ନାହିଁ। ତୋ ସାଙ୍ଗରେ ମୁଁ ଆଉ ରହିପାରିବି ନାହିଁ। ମୋ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ବି ବ୍ୟାଙ୍କରେ ତୋ ନାଁରେ ପଇସା ରଖିଦେଇଛି। ମୋତେ ଛାଡ଼ିଦେ। ମୁଁ ମରିଯିବାକୁ ଚାହୁଁଛି। ଏବେ ବଞ୍ଚି ରହିବାକୁ କ'ଣ ବା ବାକି ରଖିଛୁ ? ମୁଁ ବଞ୍ଚିବାକୁ ଚାହୁଁନି।'

'ହଁ, ହଁ ମୋର ବି ସଂସାରରେ କୁକୁର ଏବଂ ପୁଅମାନଙ୍କ ବ୍ୟତୀତ କିଏ ବି ନାହିଁ।' ଦାନ୍ତ ନିକୁଟି ମୋ ଆଡ଼କୁ ଚାହିଁ ଭାଇ କହିଲେ, 'ଯକ୍ଷ ବୁଢ଼ା, ପୁଅ ଦରକାର ନାହିଁ, ପଇସା ଦରକାର।'

ବାପା ପୁଅ ଦୁହେଁ କ୍ରୋଧରେ କମ୍ପୁଥିଲେ, ସେଥିପାଇଁ ମୋତେ ଲାଗିଲା, ଯଦି ଦୁହେଁ ଏମିତି ଭାବେ ଯୁକ୍ତି କରୁଥିବେ ତା'ହେଲେ ଦୁହିଁଙ୍କ ଭିତରୁ ଜଣଙ୍କର ଜୀବନ ନିଶ୍ଚୟ ଯିବ। ତେଣୁ ମୁଁ ଆଗକୁ ବଢ଼ି ବାପାଙ୍କ ବାହୁକୁ ଧରି ତାଙ୍କୁ ପାଖରେ ଥିବା ପଲଙ୍କ ଉପରେ ବସାଇଲି। ବାପା ଗାଲ ଉପରେ ବହି ଆସୁଥିବା ଅଶ୍ରୁକୁ ପୋଛିଲେ। ଗମ୍ଭୀର ପରିସ୍ଥିତିକୁ ଦେଖି ରୁନ୍ଧିଲା ଗଳାରେ ମୁଁ କହିଲି, 'ଭାଇ ! ଲଢ଼େଇ ଝଗଡ଼ା ଛାଡ଼ିଦିଅନା। ଦେଖ, ତୁମେ ଦୁହେଁ ବୁଢ଼ା ହେଇଯାଇଛ। ତୁମେ ଦୁହେଁ ହିଁ ମୋର ପ୍ରିୟ। କାହାର ବି କ'ଣ ହୋଇଗଲେ ମୁଁ ଛଟପଟ ହୋଇ ମରିଯିବି।' ମୋ କଥା ଶୁଣି ବାପା ଲମ୍ବା

ନିଃଶ୍ୱାସ ନେଲେ। ଭାଇ ମୁହଁ ଫୁଲାଇ ସାଙ୍ଗେ ସାଙ୍ଗେ ରୁମ ଛାଡ଼ି ଚାଲିଗଲେ। ମୁଁ ପାଟି ବନ୍ଦ କରି ପଲଙ୍କ ଉପରେ ବସିରହିଲି। ବାପା ବି ଧୀରେ ଉଠି ଶିଡ଼ି ଆଡ଼କୁ ଚାଲିଗଲେ। ତା'ପରେ ନିଜର ଜୀର୍ଣ୍ଣଶୀର୍ଣ୍ଣ କାନ୍ତିହୀନ ଶରୀରରେ ତଳେ କଳ ଆଡ଼କୁ ବଢ଼ିଲେ। ତାଙ୍କୁ ଆସିବା ଦେଖି ମୋହନ ଯିଏ ତାଙ୍କ ସେବା କରେ, ସେ ଚଟାପଟ୍ ବାଲ୍ଟିରେ ପାଣି ଭରି ପାଇଖାନାରେ ରଖିଲା। ଉପର ରୁମରୁ ମୁଁ ସବୁ ଗତିବିଧିକୁ ମୂକ ପ୍ରାଣୀ ଭଳି ଚାହୁଁଥିଲି। ରୁମରେ ଅଜବ ପ୍ରକାର ଅଣନିଃଶ୍ୱାସୀ ଲାଗୁଥିଲା। ତେଣୁ ଛୋଟେଇ ମୁଁ ତଳକୁ ଓହ୍ଲେଇ ଆସିଲି। ଭାଇ ଜେଜେ ଅମଳର ବଡ଼ ଆରାମଚେୟାରରେ ମୁହଁ ଫୁଲାଇ ଚିତ୍ ହୋଇ ପଡ଼ିଥିଲେ। ମୋ ପାଦ ଶବ୍ଦ ଶୁଣି ପଛକୁ ମୁଣ୍ଡ ଘୂରାଇ ପୁଣି ଅଭିଯୋଗଭରା ସ୍ୱରରେ କହିଉଠିଲେ, 'ମରିବା ପର୍ଯ୍ୟନ୍ତ ବୁଢ଼ାର ମୁଣ୍ଡ ତଳକୁ ହେବନି। ବୁଢ଼ା ବୟସରେ ବି ବୁଢ଼ାକୁ ପଇସା ଦରକାର, ପୁଅର ସୁଖ ନୁହେଁ।'

ମୋତେ ତାଙ୍କ କଥା ଆଦୌ ଭଲ ଲାଗିଲାନି। ବାରମ୍ବାର ନିଜ ବାପାଙ୍କୁ ବୁଢ଼ା କହିବା କେତେ ଦୂର ଉଚିତ୍ କଥା? ମୋତେ ବହୁତ ଖରାପ ଲାଗିଲା। ମୋର ସହନଶକ୍ତି ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା କିନ୍ତୁ ବିବେକ ତା' ଉପରେ ଅଙ୍କୁଶ ଲଗାଇଲା। ତେଣୁ ନିଜକୁ ନିୟନ୍ତ୍ରିତ କରି ବାସ୍ ଶାଳୀନତାର ସହ କେବଳ ଏତିକି କହିପାରିଲି,

'ଭାଇ ! ବାପାଙ୍କୁ କାହିଁକି ବାରମ୍ବାର ବୁଢ଼ା କହୁଛ ମୋତେ ଭଲ ଲାଗୁନି। ତୁମେ ନିଜେ ବି ତ ବୁଢ଼ା ହେଇ ଚାଲିଛ। ସତୁରି ବର୍ଷ ହେଲାଣି। ବାପା ତୁମକୁ ସବୁ ପରିସ୍ଥିତିରେ ସାହାଯ୍ୟ କରି ଆସୁଛନ୍ତି। ସାରା ଜୀବନ ତ ଆମକୁ ଲାଳନପାଳନ ଏବଂ ପାଠପଢ଼ାରେ କଟାଇଦେଲେ। ଅସୁବିଧା ସମୟରେ ବି ଆମକୁ କୌଣସିଥିରେ ବି କମ୍ କରିନାହାନ୍ତି। ଆମେ ସମସ୍ତେ ନିଜ ନିଜ ଢଙ୍ଗରେ ଆରାମ ଜୀବନ କାଟିଛନ୍ତି। ସ୍ୱତନ୍ତ୍ରତା ସେନା ହୋଇଥିବାରୁ କିଛି ପେନ୍‌ସନ ଭାବେ ଯଦି କିଛି ମିଳୁଛି ଆମେ ତା'ଉପରେ ଆଖି ପକାଇବା କଥା ନୁହେଁ। ତାହା ତାଙ୍କ ପାଇଁ ଛାଡ଼ିଦେବା ଉଚିତ୍। ପେନସନ ଯୋଗୁ ତ ତାଙ୍କ ହାତରେ ଦୁଇ ପଇସା ରହୁଛି। ସାରା ଜୀବନ ଦାରିଦ୍ର୍ୟ ଯୋଗୁ ହାତ ଖୋଲା କରି ଖର୍ଚ୍ଚ କରିପାରି ନାହାନ୍ତି। ଏହି ବୁଢ଼ା ବୟସରେ ଭାଗ୍ୟ ତାଙ୍କୁ ଟିକେ ସାଥ୍ ଦେଲା, ସେଥିଯୋଗୁ ତାଙ୍କୁ ଟିକେ ଶାନ୍ତି ମିଳୁଛି। ଏହି ପଇସା ବଳରେ ତ ଗାଁଲୋକେ ତାଙ୍କୁ ମାନୁଛନ୍ତି। ଆମଠାରୁ ସେ ତ କେବେ କିଛି ନେଇନାହାନ୍ତି। ନିଜ ପେନ୍‌ସନରେ ସେ ନିଜ ଖର୍ଚ୍ଚ ତୁଲାଉଛନ୍ତି। ସେଇ ପେନସନରୁ ସେ ଆମକୁ କିଛି ନା କିଛି ଦେଇ ଆସିଛନ୍ତି। ଭଗବାନ ତୁମକୁ କିଛି କମ୍ ଦେଇନାହାନ୍ତି। କୌଣସିଥିରେ ତୁମର ଅଭାବ ନାହିଁ। କ୍ଲାସ ଓ୍ୱାନ ଅଫିସରର ପେନସନ ସହିତ ଘର ଭଡ଼ା ବି ସବୁଠୁ ତୁମକୁ ଅଧିକ ମିଳୁଛି। ଦୁଇ ପୁଅ ବୋହୂ ଆମେରିକାରେ । ସେମାନେ ତୁମଠାରୁ କିଛି ବି ନେଉନାହାନ୍ତି, ଓଲଟା ତୁମକୁ ଗିଫ୍ଟ ଭାବେ ବହୁତ କିଛି ଦେଉଛନ୍ତି। ତା'ହେଲେ ଏଥିରେ ସେଥିରେ କାହିଁକି ଆଖି ପକାଉଛ? ପୁଅ ଆସିଲେ ତ ଆମେରିକା ଟଙ୍କାରେ ନିଜେ ପାର୍ଟି ଦେବ। କ'ଣ ଭୁଲିଗଲ? ସାନ ପୁଅ ବାହାଘରରେ ତୁମେ କ'ଣ ଦେଇଥିଲ? ସେମାନେ ଭଲଭାବେ ପାର୍ଟି ଦେଇଥିଲେ। ସେ ଆମକୁ ଖୁଆଇ ପିଆଇ ବୁଲାଇଥିଲେ। ବାପାଙ୍କ ପେନସନରେ ଲୋଭ କରନି।'

**'ଭାଇ ! ବାପାଙ୍କୁ କାହିଁକି ବାରମ୍ବାର ବୁଢ଼ା କହୁଛ, ମୋତେ ଭଲ ଲାଗୁନି। ତୁମେ ନିଜେ ବି ତ ବୁଢ଼ା ହେଇଚାଲିଛ।'**

ଏତିକି ଶୁଣିବାପରେ ସେ ଭଡ଼କିଯାଇ ପାଟିକରି କହିଲେ, 'ଆରେ! ଛାଡ଼େ। ଭାଷଣ ଦେ'ନା। ତୁ କ'ଣ ଜାଣିଛୁ, ମୁଁ ଯଦି ଖାଲି ହାତରେ ଫେରିବି, ତା'ହେଲେ ଭାଉଜ ଝାଡ଼ୁ ଧରି ମୋତେ ମାରି ଗୋଡ଼େଇବନି?'

ମୋ ମୁଣ୍ଡ ଘୂରାଇଦେଲା। ତେଣୁ ହଠାତ୍ କହିଉଠିଲି, 'କି କଥା କହୁଛ? ଭାଉଜ ତୁମକୁ ଟଙ୍କା ରୋଜଗାର ପାଇଁ ଏଠାକୁ ପଠାଇଛନ୍ତି? ତାଙ୍କୁ ତ ଜଣାଅଛି ତୁମେ ତୁମ ବୁଢ଼ା ବାପାଙ୍କ ପାଖକୁ ଦେଖା କରିବାକୁ ଆସିଛ। ତୁମେ କ'ଣ ତାଙ୍କୁ ବୁଝାଇ ପାରିବନି, ମୁଁ ପଇସା ପାଇଁ ନୁହେଁ, ବୁଢ଼ା ବାପାଙ୍କୁ ଦେଖା କରିବାକୁ ଯାଇଥିଲି।'

'ଛାଡ଼େ ଛାଡ଼େ। ତୁମେ ସବୁ ତ ବୁଢାକୁ ମୁଣ୍ଡ ଉପରେ ବସେଇ ରଖିଛ। ଏହି ଘରର ଝିଅ ହିସାବରେ ଏହା କ'ଣ ତୁମର ଦାୟିତ୍ୱ ନୁହେଁ, ପୁଅ ବୋହୂକୁ ସବୁକିଛି ସମର୍ପି ଦେବାକୁ ତାଙ୍କୁ କହିବାକୁ। କିନ୍ତୁ ତୁମେ ତିନିହେଁ ଚୁପ ରହୁଛ। ବୁଢ଼ାର ଏତିକି ଅକଲ ନାହିଁ ଯେ ଗୋଟିଏ ବୋଲି ପୁଅକୁ ସବୁ କିଛି ସମର୍ପି ଦେବାକୁ।

ଭାଇଙ୍କ କଥା ଶୁଣି ମୁଁ ଭିତରେ ଭିତରେ ଜଳିଯାଉଥିଲି କିନ୍ତୁ ହୃଦୟର ଜ୍ୱାଳାମୁଖିକୁ ଫୁଟିବାକୁ ଦେଲିନି। ଆଘାତ ଏବଂ କ୍ରୋଧର ନିଆଁରେ ସହନଶୀଳତା ଏବଂ ମର୍ଯ୍ୟାଦାର ପର୍ଦ୍ଦା ପକାଇଦେଲି। କାରଣ ବାପଘରେ ଝିଅମାନଙ୍କ ହସ୍ତକ୍ଷେପ ଠିକ୍ ନୁହେଁ। ନିଜର ଭାଗ୍ୟ ଉପରେ ବି କ୍ରୋଧ ଆସିଲା, ଭାବିବାକୁ ବାଧ୍ୟ ହେଲି କି ଆମ ସମାଜରେ ବିବାହ ପରେ ଲୋକେ ଝିଅମାନଙ୍କୁ ପର ବୋଲି ଭାବନ୍ତି କାହିଁକି ? ସେମାନେ କ'ଣ ସେଇ ବଗିଚାର ଫୁଲ ନୁହନ୍ତି, ଯେଉଁଠି ପୁଅଙ୍କୁ ଘରର ପ୍ରଦୀପ ଭାବନ୍ତି ? କାହିଁକି ଆମ ନିଜ ଝିଅମାନଙ୍କ ଭାବନାକୁ ବୁଝି ପାରନ୍ତିନି ? ? ?

**ଭାଇଙ୍କ କଥା ଶୁଣି ମୁଁ ଭିତରେ ଭିତରେ ଜଳିଯାଉଥିଲି କିନ୍ତୁ ହୃଦୟର ଜ୍ୱାଳାମୁଖିକୁ ଫୁଟିବାକୁ ଦେଲିନି।**

ଭିତରେ ଭିତରେ ହୃଦୟ କାନ୍ଦି ଉଠିଲା। ଅଶ୍ରୁକୁ ଭିତରେ ଚାପି ରୁମ ବାହାରକୁ ଚାହିଁଲି। ହଠାତ୍ କେତେ ବର୍ଷ ତଳେ ପଢ଼ିଥିବା ଏହି ପଂକ୍ତି ମନେ ପଡ଼ିଲା।


ଅବଳା ଜୀବନ ହାୟ ତୁମର ଏହି କାହାଣୀ।

□□

ଅନୁବାଦିକାଙ୍କ ଇ-ମେଲ ଠିକଣା:
sahukanakmanjari@gmail.com

*ଲେଖକ ବନ୍ଧୁମାନଙ୍କୁ ଅନୁରୋଧ*

**'ସାହିତ୍ୟ ଚର୍ଚ୍ଚା'ରେ ପ୍ରକାଶନ ପାଇଁ ପଠାଇବାକୁ ଥିବା ଲେଖା କେବଳ ଆମର ଇ-ମେଲ୍ ଠିକଣା info@sahityacharcha.com କିମ୍ବା ହ୍ୱାଟସ୍ଆପ୍ ନଂ. ୯୩୬୮୭୭୨୫୦୬ କୁ ପଠାନ୍ତୁ ।**




*ପ୍ରକାଶ ପାଇଲା*

# ଅନ୍ତରଙ୍ଗ ଆଳାପ

## ପରିବର୍ଦ୍ଧିତ ସଂସ୍କରଣ

**ସାହିତ୍ୟ ଚର୍ଚ୍ଚାର ବିଭିନ୍ନ ସଂଖ୍ୟାରେ ପ୍ରକାଶିତ ୩୨ ଜଣ ପ୍ରବୀଣ ସାହିତ୍ୟିକଙ୍କ ସହ ସାକ୍ଷାତକାର**

*ପ୍ରକାଶକ :*
ସାହିତ୍ୟ ଚର୍ଚ୍ଚା, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା
ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ମୋବାଇଲ : ୯୩୬୮୭୭୨୫୦୬

**ମୂଲ୍ୟ : ଟ.୨୫୦/-**

**ବିଭିନ୍ନ ବହି ଦୋକାନ ତଥା amazonରେ ଉପଲବ୍ଧ।**



ପ୍ରବନ୍ଧ

# ଓଡ଼ିଆ ସାହିତ୍ୟ ପ୍ରେକ୍ଷାପଟରେ ରେଙ୍ଗୁନ୍ ଓଡ଼ିଆଙ୍କ ଜୀବନଚିତ୍ର

ଡ. ଶରତ କୁମାର ଜେନା

ବ୍ରହ୍ମଦେଶ (ଆଧୁନିକ ମିଆଁମାର) ସହିତ ଓଡ଼ିଶା (କଳିଙ୍ଗ)ର ସମ୍ପର୍କ ବହୁ ପୂର୍ବରୁ ପ୍ରତିଷ୍ଠିତ ହୋଇଥିବାର ଲକ୍ଷ୍ୟ କରାଯାଏ। ବ୍ରହ୍ମଦେଶର ପୂର୍ବନାମ ଥିଲା ବର୍ମା ବା ରେଙ୍ଗୁନ ଦେଶ। ବହୁ ପ୍ରାଚୀନ କାଳରେ ବ୍ରହ୍ମଦେଶକୁ ସୁବର୍ଣ୍ଣଭୂମି ବୋଲି କୁହାଯାଉଥିଲା। ଏହାର ସମୁଦ୍ରତଟଠାରୁ ଓଡ଼ିଶାର ସମୁଦ୍ରତଟର ଦୂରତା ମାତ୍ର ୧୭୮୦ କିଲୋମିଟର। ଉଭୟ ଦେଶର ଭୌଗୋଳିକ ଅବସ୍ଥିତି ଓ ପରିସ୍ଥିତି ହିଁ ସମ୍ପର୍କର ଉନ୍ନତି ପାଇଁ ସହାୟକ ହୋଇଉଠିଥିଲା।




ଐତିହାସିକମାନଙ୍କ ମତରେ ଦୁଇଦେଶ ମଧ୍ୟରେ ସମ୍ପର୍କ ଥିଲା ସୁଦୂରପ୍ରସାରୀ। ସେହି ସମୟରେ ବ୍ରହ୍ମଦେଶର ପେଗୁ ଅଞ୍ଚଳ କଳିଙ୍ଗ ନାମରେ ଏବଂ ତାର ଉତ୍ତର ପଶ୍ଚିମାଞ୍ଚଳ ଉତ୍କଳ ନାମରେ ପରିଚିତ ହୋଇଥିଲା।(୧) ପ୍ରାଚୀନ ବୌଦ୍ଧଗ୍ରନ୍ଥ 'ମହାଜନ ଜାତକ' ଓ 'ସୁପାରକ ଜାତକ' ପ୍ରଭୃତି ପୁସ୍ତକରେ କଳିଙ୍ଗ ଓ ବ୍ରହ୍ମଦେଶ ମଧ୍ୟରେ ଥିବା ସମ୍ପର୍କର ସୂଚନା ମିଳେ। 'ମହାକର୍ମ ବିଭଙ୍ଗ' ନାମକ ପୁସ୍ତକରେ କଳିଙ୍ଗ ଓ କୋଶଳର ସୌଦାଗରମାନେ ତାମ୍ରଲିପ୍ତ ବନ୍ଦରରୁ ବୋଇତ ଚଢ଼ି ସୁବର୍ଣ୍ଣଭୂମିକୁ ଯାତ୍ରା କରୁଥିଲେ ବୋଲି ବିବୃତ ହୋଇଅଛି। 'ବୌଦ୍ଧଜାତକ'ରେ ଭାରତ ଓ ସୁବର୍ଣ୍ଣଭୂମି ବର୍ମା ମଧ୍ୟରେ ଥିବା ନୌବାଣିଜ୍ୟର ନାନାବିଧ ବର୍ଣ୍ଣନା ଥିବାର ଦେଖାଯାଏ। 'ମହାଜନ ଜାତକ'ରେ ଅଛି, ଦଳେ ଭାରତୀୟ ବଣିକ ମହାଜନଙ୍କ ନେତୃତ୍ୱରେ ବୋଇତରେ ବହୁ ପଣ୍ୟଦ୍ରବ୍ୟ ନେଇ ସୁବର୍ଣ୍ଣଭୂମିକୁ ବାଣିଜ୍ୟ ଉଦ୍ଦେଶ୍ୟରେ ଯାତ୍ରା କରିଥିଲେ। (୨) ସେମିତି ସୁବର୍ଣ୍ଣଭୂମିର ଦଳେ ବଣିକ ଭାରତର ପଶ୍ଚିମ ଉପକୂଳ ପର୍ଯ୍ୟନ୍ତ ବୋଇତରେ ଆସି ଭୃଗୁକଚ୍ଛ ବନ୍ଦରରେ ପହଞ୍ଚିଥିଲେ ଏବଂ ସେମାନଙ୍କ ଆମନ୍ତ୍ରଣ କ୍ରମେ ଭାରତୀୟ ବଣିକମାନେ ସୁବର୍ଣ୍ଣଭୂମିକୁ ଯାତ୍ରା କରିଥିଲେ। 'ମହାକର୍ମ ବିଭଙ୍ଗ' ନାମକ ଗ୍ରନ୍ଥରୁ କଳିଙ୍ଗ ଓ କୋଶଳର ବଣିକମାନେ ସୁବର୍ଣ୍ଣଭୂମିକୁ ଯିବା ନିମନ୍ତେ ତାମ୍ରଲିପ୍ତ ବନ୍ଦରରୁ ବୋଇତ ଭସାଇ ନେଇଥିଲେ। ରେଙ୍ଗୁନ ନିକଟସ୍ଥ ତୁଞ୍ଜେ ନାମକ ସ୍ଥାନରେ ଯେଉଁ ପ୍ରାଚୀନ ଜାହାଜର ଭଗ୍ନାବଶେଷ ମିଳିଛି, ତାହା କଳିଙ୍ଗ ବଣିକଙ୍କର ବୋଲି ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି।

**ନିବିଡ଼ ସମ୍ପର୍କ**

ଅତଏବ ବର୍ମା ସହିତ ଓଡ଼ିଶାର ଏକ ନିବିଡ଼ ସମ୍ପର୍କ ରହିଥିଲା। ତେଣୁ ପରବର୍ତ୍ତୀ ସମୟରେ ଓଡ଼ିଶାର ଲୋକମାନେ ଅର୍ଥ ରୋଜଗାର ନିମନ୍ତେ ବର୍ମାର ରାଜଧାନୀ ରେଙ୍ଗୁନ ଯାଇ ବିଭିନ୍ନ କାମ କରୁଥିଲେ। ତେବେ ସେଠାରେ ତାଙ୍କର ଜୀବନ ଥିଲା ବେଶ୍, ସଂଘର୍ଷଶୀଳ ଓ ସମସ୍ୟା ଜର୍ଜରିତ।

ଊନବିଂଶ ଶତାବ୍ଦୀର ଶେଷଭାଗ ଓ ବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଓଡ଼ିଶାରେ ଯେଉଁ ନବଜାଗରଣ ଦେଖାଦେଇଥିଲା, ସେ ସମୟରେ ଓଡ଼ିଆ ଲୋକମାନଙ୍କ ଭିତରେ ଆତ୍ମସଚେତନତା ସୃଷ୍ଟି ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ଓଡ଼ିଶା ଭିତରେ ଥିବା ଓଡ଼ିଆ ଲୋକଙ୍କ ଭିତରେ ଯେଉଁଭଳି ଜନସଚେତନତା ସୃଷ୍ଟି ହୋଇଥିଲା, ଓଡ଼ିଶା ବାହାରେ ରହୁଥିବା

ଲୋକମାନଙ୍କ ଭିତରେ ମଧ୍ୟ ଜାଗରଣ ଦେଖାଦେଇଥିଲା। ବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଓଡ଼ିଶା ଏକ ଗରିବ ରାଜ୍ୟ ଥିଲା। ପ୍ରତ୍ୟେକ ବର୍ଷ ବନ୍ୟା ଓ ମରୁଡ଼ିରେ ଓଡ଼ିଶାର ଲୋକମାନେ ଆହୁରି ବ୍ୟତିବ୍ୟସ୍ତ ହେଉଥିଲେ। ତେଣୁ ଦାଦନ ନିମନ୍ତେ ବିଭିନ୍ନ ରାଜ୍ୟ ଓ ବିଦେଶ ଯାଉଥିଲେ। ୧୯୧୪ ମସିହା ବେଳକୁ ରୋଜଗାର କରିବା ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାର ବହୁ ଶ୍ରମିକ ଶ୍ରେଣୀର ଲୋକ ବର୍ମା ଯାଇଥିଲେ। ସେତେବେଳେ ଓଡ଼ିଶାର ଆର୍ଥିକ ସ୍ଥିତି ଅତ୍ୟନ୍ତ ଖରାପ ଥିଲା। ତେଣୁ ଅର୍ଥ ରୋଜଗାର ଆଶାରେ ହଜାର ହଜାର ଓଡ଼ିଆ ଲୋକ ବର୍ମା (ମିଆଁମାର) ଯାଇଥିଲେ।

୧୯୩୦ ଜନଗଣନା ଅନୁସାରେ ବର୍ମାରେ ୪୩,୦୦୦ ଓଡ଼ିଆ ଲୋକ ଥିଲେ। ପରବର୍ତ୍ତୀ ସମୟରେ ଦୁଇଲକ୍ଷରୁ ଅଧିକ ଲୋକ ରେଙ୍ଗୁନ୍ ଯାଇଥିଲେ। ରେଙ୍ଗୁନ୍‌ରେ ଅବସ୍ଥାପିତ ବିଭିନ୍ନ କଳକାରଖାନାରେ କୁଲିଭାବରେ କାମ କରୁଥିଲେ। ଏତେ ଓଡ଼ିଆ କାମ କରୁଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଏକତା ନ ଥିଲା। ଗୋଟିଏ କାରଖାନା ମଧ୍ୟରେ ଓଡ଼ିଆମାନେ ଏକାଠି ହୋଇପାରୁ ନ ଥିଲେ। ସେମାନେ କାର୍ଯ୍ୟକ୍ଷମ ଓ ପରିଶ୍ରମୀ ଥିଲେ। ତେଣୁ ବର୍ମାର କଳକାରଖାନାରେ ଅନେକ ଓଡ଼ିଆ ଶ୍ରମିକ ଓ ମିସ୍ତ୍ରି କାମ କରୁଥିଲେ। ଏହା ବ୍ୟତୀତ ଚାଷ କରିବା, ଧାନ କାଟିବା ଆଦି କାମ ମଧ୍ୟ କରୁଥିଲେ। ସେମାନେ କୌଣସି ନା କୌଣସି ମିସ୍ତ୍ରି ଅଧୀନରେ କାମ କରୁଥିଲେ। ସେହି ମିସ୍ତ୍ରିମାନେ ହିଁ ଶ୍ରମିକମାନଙ୍କୁ ଶୋଷଣ କରୁଥିଲେ। କାର୍ଯ୍ୟରେ ଯୋଗଦେବା ନିମନ୍ତେ ଯେଉଁ ଅର୍ଥ ପ୍ରଦାନ କରୁଥିଲେ ତା'ର ସୁଧ ଆଦାୟ କରୁଥିଲେ। ସେ ସୁଧ ଏତେ ବଢ଼ିଯାଉଥିଲା ଯେ ଅନେକ ଶ୍ରମିକ ମିସ୍ତ୍ରିର ଅର୍ଥ ଶୁଝି ନ ପାରି ସାରା ଜୀବନ ତା'ର ଅଧୀନରେ ରହୁଥିଲେ। ଓଡ଼ିଆ ଶ୍ରମିକମାନେ ନିଜ ପରିବାର ଛାଡ଼ି ସାରା ଜୀବନ ସେଇଠି ଅତିବାହିତ କରୁଥିଲେ। ସେମାନଙ୍କର ସେଇ ସଂଘର୍ଷ କାହାଣୀ ସେତେବେଳେ ପ୍ରକାଶ ପାଉଥିବା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ। ବିଂଶ ଶତାବ୍ଦୀର ଆରମ୍ଭରେ ଓଡ଼ିଶାରୁ ପ୍ରକାଶ ପାଉଥିବା ସାପ୍ତାହିକ ପତ୍ର 'ନବୀନ', 'ଆଶା', 'ଡଗର' ଆଦି ପତ୍ରପତ୍ରିକାରେ ରେଙ୍ଗୁନ୍‌ରେ ଅବସ୍ଥାପିତ ଓଡ଼ିଆଙ୍କ ଦୁର୍ଦ୍ଦିନ ଅବସ୍ଥାର ଚିତ୍ର ବର୍ଣ୍ଣିତ।

**ଓଡ଼ିଆ ଶ୍ରମିକମାନଙ୍କର ସେଇ ସଂଘର୍ଷ କାହାଣୀ ସେତେବେଳେ ପ୍ରକାଶ ପାଉଥିବା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ।**

**ଓଡ଼ିଆ ପ୍ରକାଶନ**

ଏହା ବ୍ୟତୀତ ରେଙ୍ଗୁନ୍‌ରେ ବାସ କରୁଥିବା ଓଡ଼ିଆ ଲୋକଙ୍କ ସମସ୍ୟାକୁ ନେଇ ସେତେବେଳେ ଦୁଇଟି ପୁସ୍ତକ ପ୍ରକାଶ ପାଇଥିଲା। ପ୍ରଥମ ବହିଟି ହେଉଚି 'ରେଙ୍ଗୁନ୍ ଗୀତ', ଏହା ୧୯୨୯ ମସିହାରେ ପ୍ରକାଶିତ ହୋଇଥିଲା। ଏହାର ଲେଖକଥିଲେ ଗଞ୍ଜାମ ଜିଲ୍ଲାର ନିମପଦର ଗ୍ରାମର ଯୋଗୀ ମଲିକ। ପ୍ରକାଶକ ଥିଲେ ଅନନ୍ତ ଦାଶ ଶର୍ମା। ଏହା କଟକର ହରନାଥ ପ୍ରେସ୍‌ରେ ଛପାଯାଇଥିଲା। ଏହି ପୁସ୍ତକରେ ଓଡ଼ିଆ ଲୋକମାନଙ୍କ ରେଙ୍ଗୁନ୍ ଯାତ୍ରା, ଗୋପାଳପୁର ବନ୍ଦରରେ ଅବସ୍ଥାନ, ମିସ୍ତ୍ରିଙ୍କ ଶୋଷଣ, ଡଙ୍ଗାରେ ଦୀର୍ଘକାଳୀନ ଯାତ୍ରାର ଦୁଃଖ, ରେଙ୍ଗୁନ୍‌ରେ ପହଞ୍ଚିବା ପରେ ସେମାନଙ୍କ ସଂଘର୍ଷ, ଦୁଃଖ, ଯନ୍ତ୍ରଣାର ଚିତ୍ର ଗୀତ ଆକାରରେ ବର୍ଣ୍ଣିତ। ରେଙ୍ଗୁନ୍ ଗଲା ପରେ ଘରେ ଥିବା ତା'ର ପତ୍ନୀ ତା'ର ଭଲମନ୍ଦ ବୁଝିବା ପାଇଁ ଚିଠି ଲେଖେ। ରେଙ୍ଗୁନ୍ ଦେଶର ଖବର ଜାଣିଲେ ଅନ୍ତତଃ ସେ ଖୁସିହେବ। କବିତାର ଆରମ୍ଭରେ କାବ୍ୟ ନାୟିକା କବିଙ୍କୁ ପ୍ରଶ୍ନ କରିଛନ୍ତି-

କାନ୍ତ କହ କେମନ୍ତ ରେଙ୍ଗୁନ୍ ଦେଶ
କିନ୍ତୁ ଶୁଣିଲେ ମନ ହେବ ଉଲ୍ଲାସ।(୩)

ରେଙ୍ଗୁନ୍ ସମ୍ପର୍କରେ ଜାଣିବା ନିମନ୍ତେ ଘରର ପତ୍ନୀ ପତି ପାଖକୁ ଚିଠି ଲେଖି ପଠାଏ। ରେଙ୍ଗୁନ୍‌ର ଭାଷା କିଭଳି ? ଘର କିଭଳି ? କେତେ ଧାର୍ମିକ ଅଛନ୍ତି ? କେତେ ପ୍ରକାର ମେସିନ୍ ଅଛି ? - ଏଭଳି ପ୍ରଶ୍ନ ପଚାରିଥିବା ପତ୍ନୀ ନିମନ୍ତେ ପତି ତା'ର ପ୍ରତ୍ୟୁତ୍ତର ଦିଏ। ଚିଠିର ଉତ୍ତର ମାଧ୍ୟମରେ ରେଙ୍ଗୁନ୍ ଦେଶର ସାମଗ୍ରିକ ବର୍ଣ୍ଣନା ଓ ତା'ସହିତ ଓଡ଼ିଆ ଲୋକଙ୍କ ବିପର୍ଯ୍ୟୟ ଜୀବନ କଥା ବି ବର୍ଣ୍ଣିତ।

ରେଙ୍ଗୁନ୍ ଯିବା ପୂର୍ବରୁ ଗାଁ ଗାଁ ବୁଲି ମିସ୍ତ୍ରିମାନେ ଲୋକ ସଂଗ୍ରହ କରନ୍ତି। ସେମାନଙ୍କୁ ଅଧିକ ଅର୍ଥ ଆଦାୟ କରିବାର ଲୋଭ ଦେଖାନ୍ତି। ଲୋକମାନେ ଅତ୍ୟନ୍ତ ଗରିବ ହୋଇଥିବା ଯୋଗୁ ସେମାନଙ୍କ ପାଖରେ ଟଙ୍କା ନ ଥାଏ। ତେଣୁ ମିସ୍ତ୍ରିମାନେ

ସେମାନଙ୍କୁ ଅଗ୍ରିମ ଟଙ୍କା ଦେଇ ଗୋପାଳପୁର ନିଅନ୍ତି। ତେଣୁ ସେମାନେ ରେଙ୍ଗୁନ୍ ଗଲାବେଳେ ନିଜ ପରିବାର ଭିତରେ କାରୁଣ୍ୟ ପରିବେଶ ସୃଷ୍ଟି ହୋଇଥାଏ। ସ୍ୱାମୀଙ୍କ ବିରହରେ ସ୍ତ୍ରୀମାନେ, ବାପାଙ୍କ ବିରହରେ ପୁଅଝିଅମାନେ ଦୁଃଖରେ ମୁଣ୍ଡପିଟି କାନ୍ଦନ୍ତି। ନିଜ ପୁଅକୁ ସମ୍ବୋଧନ କରି ମାଆ କହେ,

ଆୟକୁ ନିଅଂଟ ହୋଇଛି କିସ

ତୁହିଥିଲେ ବାବୁ ସବୁ ଅଛି ମୋର, ରେଙ୍ଗୁନ ଧନରେ ନାହିଁ ମୋ ଆଶ।(୪)

ସେତେବେଳେ ରେଙ୍ଗୁନ୍ ପ୍ରତି ଲୋକଙ୍କ ବୀତସ୍ପୃହ ଭାବ ଆସିଯାଇଥିଲା। ତେଣୁ ରେଙ୍ଗୁନ୍ ଯିବାକୁ କେହି ଚାହୁଁ ନ ଥିଲେ। କିନ୍ତୁ ଘରର ଆର୍ଥିକ ସ୍ଥିତି ଏତେ ଖରାପ ଯେ, ରେଙ୍ଗୁନ୍ ଯିବାକୁ ବାଧ ହେଉଥିଲେ।

**ଶ୍ରମିକ-ଶୋଷଣ**

ରେଙ୍ଗୁନ୍ ଯାଇ ସେମାନେ ମିସ୍ତ୍ରି ଅଧୀନରେ କାମ କରୁଥିଲେ। କେତେ ଘଣ୍ଟା କାର୍ଯ୍ୟ କରିବାକୁ ହେବ ତା'ର କିଛି ନିୟମ ନ ଥିଲା। ଠିକାଦାରମାନେ ମାଟି ଖୋଳା କାର୍ଯ୍ୟରେ, ପଥରବୁହା କାର୍ଯ୍ୟରେ ସବୁଥିରେ ଶ୍ରମିକମାନଙ୍କୁ ଠକୁଥିଲେ। କଣ୍ଟ୍ରାକ୍ଟରମାନେ ପଥର ଡବାକୁ ୪୦ ଟଙ୍କାରେ ବିକ୍ରି କରୁଥିଲେ। କିନ୍ତୁ ଶ୍ରମିକମାନେ ସେଥିରୁ ମାତ୍ର ୬ ଟଙ୍କା ପାଉଥିଲେ।



ଶ୍ରମିକମାନଙ୍କ ଖାଇବା ପିଇବା ନିମନ୍ତେ ଠିକାଦାରମାନଙ୍କ ଦୋକାନ ଥିଲା। ମାତ୍ର ଦୋକାନରେ ସବୁ ଜିନିଷ ଚଢ଼ାଦରରେ ବିକ୍ରି ହେଉଥିଲା। ଟଙ୍କା ଅଭାବରୁ ଶ୍ରମିକମାନେ ଅନ୍ୟ ଦୋକାନରୁ କିଣିପାରୁ ନ ଥିଲେ। ଠିକାଦାରମାନେ ଟଙ୍କା ଦେବାରେ ଏତେ ବିଳମ୍ବ କରୁଥିଲେ ଯେ କୁଲିମାନେ ବାଧହୋଇ ସେମାନଙ୍କ ଦୋକାନରୁ ହିଁ ଚଢ଼ାଦରରେ ଖାଉଥିଲେ। ହିସାବ ଶୁଣାଇ ଦେବା ପରେ ବର୍ଷ ବର୍ଷ ଧରି ସେମାନଙ୍କୁ ଟଙ୍କା ମିଳୁ ନ ଥିଲା। ପ୍ରତିଥର ସେମାନେ ମିସ୍ତ୍ରି ଓ ଠିକାଦାରମାନଙ୍କ ଦ୍ୱାରା ଶୋଷିତ ହେଉଥିଲେ । ଏ ମଧ୍ୟରେ ଯଦି କୁଲି ଓ ଠିକାଦାର ମଧ୍ୟରେ ମତଭେଦ ଘଟୁଥିଲା, ତେବେ ସବୁ ଟଙ୍କା ବୁଡ଼ିଯିବାର ବି ସମ୍ଭାବନା ଥିଲା।

କୌଣସି କୁଲି କାର୍ଯ୍ୟ କଲାବେଳେ ଦୁର୍ଘଟଣା ଘଟିଲେ କିମ୍ବା ସେ ମରିଗଲେ, ତା'ର ପରିବାର ଲୋକମାନେ କ୍ଷତିପୂରଣ ପାଇବାର ବିଧି ରେଙ୍ଗୁନ୍‌ରେ ନ ଥିଲା। ୧୯୩୫ ମସିହାରେ ଗଞ୍ଜାମ ଜିଲ୍ଲାର ଜଣେ ବ୍ୟକ୍ତି କୈବଲ୍ୟ ନାୟକ ଡିନାମାଇଟ୍ ବିସ୍ଫୋରଣରେ ମରିଗଲା ପରେ ତାଙ୍କ ଘରଲୋକଙ୍କୁ ଜଣାଗଲା ନାହିଁ। (ଆଶା, ୧୯୩୫) କାରଣ ଛଅ ମାସ ପର୍ଯ୍ୟନ୍ତ ଓଡ଼ିଶାକୁ ଖବର ଦିଅନ୍ତି ନାହିଁ। ଏଭଳି ଅନେକ ଅତ୍ୟାଚାର ଓଡ଼ିଆ ଶ୍ରମିକଙ୍କ ଉପରେ ପ୍ରତିଦିନ ହେଉଥିଲା। ଓଡ଼ିଆ ଶ୍ରମିକମାନଙ୍କର ସେଠାରେ କେହି ନିୟନ୍ତ୍ରଣକାରୀ ନ ଥିବାରୁ ଏପରି ହୋଇପାରୁଥିଲା। ତେଣୁ ୧୯୩୫ରେ ଓଡ଼ିଶାର ଜାତୀୟବାଦୀ କର୍ମୀମାନେ ଓଡ଼ିଆ ସମ୍ବାଦପତ୍ରରେ ପ୍ରକାଶ କରି ଲେଖିଥିଲେ- ଓଡ଼ିଶା ସରକାର ଗଠିତ ହେଲେ ଓଡ଼ିଆ ଶ୍ରମିକଙ୍କ ପାଇଁ ଜଣେ ଅଫିସର ଓ ଗୋଟିଏ ଅଫିସ୍ ବର୍ମାରେ ଖୋଲିବା ଆବଶ୍ୟକ। (ଆଶା,୧୯୩୫)

ଏକଦା ବର୍ମାରେ ଅନେକ ଅଞ୍ଚଳ ବଣ୍ୟଜନ୍ତୁ ପରିପୂର୍ଣ୍ଣ ନିବିଡ଼ ଅରଣ୍ୟ ଥିଲା। ଜଙ୍ଗଲ ଭୂମିକୁ ମନୁଷ୍ୟ ବାସୋପଯୋଗୀ କରିବାକୁ ଅଧିକାଂଶ କୁଲିଙ୍କର ଆବଶ୍ୟକତା ଥିଲା। ଓଡ଼ିଆ ଶ୍ରମିକମାନେ ଖୁବ୍ କମ୍ ଦିନରେ ଅନୁର୍ବର ପାର୍ବତ୍ୟ ଦେଶରେ କଳାକାରଖାନା, ହୋଟେଲ, କମ୍ପାନୀ, ବଜାର ଆଦି ଗଢ଼ିଦେଇ ସୁଶୋଭିତ କରିଦେଲେ। ତଥାପି ଓଡ଼ିଆମାନେ ସେଠାରେ ଚାକିରି ପାଇଲେ ନାହିଁ। କଳକାରଖାନାରେ ବସ୍ତାବୁହା କୁଲି ରୂପେ ଓଡ଼ିଆମାନେ ଅଶାନ୍ତ ଜୀବନଯାପନ କରୁଥିଲେ। ସେତେବେଳେ ସେଠାରେ ଓଡ଼ିଆମାନେ ବର୍ମା ଭାଷା ଶିଖିବା ନିମନ୍ତେ ଓଡ଼ିଶାରେ 'ବର୍ମା ଭାଷା ଶିକ୍ଷା' ନାମରେ ଗୋଟିଏ ବହି ବି ପ୍ରକାଶ ପାଇଥିଲା। ବର୍ମା ଭାଷାରେ କଳକୁ 'ମେରା' ବୋଲି କୁହାଯାଏ। ଏବେ ବି 'ମେରା' ଶବ୍ଦଟି ଗଞ୍ଜାମ ଜିଲ୍ଲାରେ ପ୍ରଚଳିତ ରହିଛି। ବ୍ରହ୍ମପୁର ସହରରେ ଗୋଟିଏ ସାହିର ନାମ

'ଧାନମେରା' ସାହି ଅର୍ଥାତ୍ ଧାନକଳ ଥିବା ସାହି।

**ଓଡ଼ିଆଙ୍କ ସଂଖ୍ୟା**

୧୯୩୪ ମସିହାରେ ବର୍ମା ପ୍ରବାସୀ ଓଡ଼ିଆଙ୍କର ଏକ ଚିତ୍ର ସାପ୍ତାହିକ 'ନବୀନ' (ଫେବୃୟାରୀ)ରେ ପ୍ରକାଶିତ। ସେଥିରେ ଲେଖାଯାଇଛି ଯେ – 'ଭାରତ ବର୍ଷର ପ୍ରାୟ ସମସ୍ତ ପ୍ରଦେଶରେ କୋଟିଏରୁ ଅଧିକ ଲୋକେ ବର୍ମାରେ ରୋଜଗାର କରନ୍ତି। ଏମାନଙ୍କ ମଧ୍ୟରେ ଓଡ଼ିଆ ସଂଖ୍ୟା ଅନ୍ୟୂନ ୮୦,୦୦୦।'

୧୯୨୯ ମସିହା ମାର୍ଚ୍ଚ ୧୮ ତାରିଖରେ 'ଆଶା' ପତ୍ରିକାରେ ଲେଖାଯାଇଛି ଯେ – 'ଏତେ କୁଲି ଓଡ଼ିଶାରୁ ବର୍ମାରେ କାମ କରନ୍ତି ସତ, କିନ୍ତୁ ସେମାନଙ୍କ ମଧ୍ୟରେ ଥିବା ନାନା ଅସହକାର୍ଯ୍ୟ ଦୂର ହୋଇପାରନ୍ତା।'

ସେତେବେଳେ ଗୋପାଳପୁରରୁ ରେଙ୍ଗୁନକୁ ଜଳଦୁର୍ଗା ଓ ଚିଲିକା ନାମରେ ଦୁଇଟି ଜାହାଜ ଯାତାୟାତ କରୁଥିଲା। ଗୋପାଳପୁରରୁ ବୋଇତରେ ବସି ରେଙ୍ଗୁନ୍ ଗଲାବେଳେ ଲୋକଙ୍କ ଭୟକୁ ଲେଖକ ଅତି ମର୍ମସ୍ପର୍ଶୀ ଭାବେ ବର୍ଣ୍ଣନା କରିଛନ୍ତି। ବୋଇତରେ ବସିବାର ଅଭ୍ୟାସ ସମସ୍ତଙ୍କର ନ ଥାଏ। ସମୁଦ୍ର ଲହଡ଼ି ଦେଖି ସମସ୍ତେ ଭୟ କରିଥାନ୍ତି। ତେଣୁ ହରିବୋଲ ଡାକ ଦେଇଥାନ୍ତି। ବାନ୍ତି କରିବା ଆଶଙ୍କାରେ କେହି କେହି ଲେମ୍ବୁ ଧରି ଶୁଙ୍ଘୁଥାନ୍ତି। ପୁରୁଣା ଲୋକମାନେ ନୂଆଲୋକମାନଙ୍କୁ ଧୈର୍ଯ୍ୟ ଧରିବାକୁ କହୁଥାନ୍ତି। କେହି କେହି ଭୟରେ କାନ୍ଦୁଥାନ୍ତି। ଘରୁ କାହିଁକି ଆସିଲି ବୋଲି ନିଜକୁ ନିଜେ ପ୍ରଶ୍ନ ପଚାରୁଥାନ୍ତି। ବୋଇତରେ ବସି ନିଜ ଘର କଥା, ପରିବାରର କଥା, ଟଙ୍କା ରୋଜଗାରରେ ସ୍ୱପ୍ନ ଆଦି ବହୁ ଗପ କରିଥାନ୍ତି। ପରସ୍ପର ଭିତରେ କଥାବାର୍ତ୍ତା ହୋଇ କୌଣସି ପ୍ରକାରେ ରେଙ୍ଗୁନ୍‌ରେ ପହଞ୍ଚିଯାନ୍ତି। ରେଙ୍ଗୁନ୍‌ରେ ପହଞ୍ଚିଲା ପରେ ରେଙ୍ଗୁନ୍ ସହରକୁ ଦେଖି ଆଶ୍ଚର୍ଯ୍ୟ ହୁଅନ୍ତି। କବିଙ୍କ ଭାଷାରେ–

ରେଙ୍ଗୁନ୍ ସହର କେହୁ ପାରିବ କଳି
ଭିନ୍ନ ଭିନ୍ନ ପକା ଗୃହ ଭଳିକି ଭଳି।
କାହାର ଏକପୁର କାହାର ଦୁଇପୁର
କାର ପକା ତାଉଆ, କାହାର ଝିକର ନୂଆଁ।
ସ୍ୱର୍ଗପୁର ପରାଏ ଦିଗେ ନୁହଁଇ ବଳି।
ପଚାଶ ଦାଣ୍ଡରେ ଶହେ ଛପନ ଗଳି
ବତି ତେଜକୁ ରାତି, କରୁ ନ ଥାଏ ଭୀତି
ହଜାର ସେ ହଜାର, ବସିଅଛି ବଜାରର
ଶୋଭାକୁ କବି ବର୍ଣ୍ଣି ନୁହଁଇରେ। (ପୃ-୮)

କିଛି ଦିନ ରହିବା ପରେ ସେମାନଙ୍କ ସ୍ୱପ୍ନ ଭଙ୍ଗ ଘଟେ। ମିସ୍ତ୍ରିମାନଙ୍କ ଦ୍ୱାରା ଶୋଷିତ ହୁଅନ୍ତି। ରେଙ୍ଗୁନ୍ ଦେଶର ରାସ୍ତାଘାଟ ବଜାର ଅତୀବ ସୁନ୍ଦର ହେଲେ ମଧ୍ୟ ଓଡ଼ିଆ ଶ୍ରମିକମାନେ ନିର୍ଯାତନା ଭୋଗୁଥିବାରୁ ସେମାନେ ଏ ସୌନ୍ଦର୍ଯ୍ୟ ଉପଭୋଗ କରିପାରନ୍ତି ନାହିଁ। ଦୁଃଖ, ଅବସାଦ, ନିର୍ଯାତିତ ହୋଇ ବିନା ଟଙ୍କାରେ ଘରକୁ ଫେରନ୍ତି। ତାଙ୍କର ଆଶା ଆଶାରେ ହିଁ ରହିଯାଏ। ଓଡ଼ିଆ ଲୋକଙ୍କ ଏହି ଅବସୋସର ଚିତ୍ର ଏହି ପୁସ୍ତକରେ ବର୍ଣ୍ଣିତ।

**ରେଙ୍ଗୁନ୍ ଦେଶର ରାସ୍ତାଘାଟ ବଜାର ଅତୀବ ସୁନ୍ଦର ହେଲେ ମଧ୍ୟ ଓଡ଼ିଆ ଶ୍ରମିକମାନେ ନିର୍ଯାତନା ଭୋଗୁଥିବାରୁ ସେମାନେ ଏ ସୌନ୍ଦର୍ଯ୍ୟ ଉପଭୋଗ କରିପାରୁନଥିଲେ।**

ରେଙ୍ଗୁନ୍‌ରେ ପ୍ରଥମେ 'ବର୍ମା ଓଡ଼ିଆ ପତ୍ରିକା' ନାମରେ ଏକ ସାପ୍ତାହିକ ପତ୍ରିକା ପ୍ରକାଶ ପାଇଥିଲା। ଓଡ଼ିଆ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା, ବର୍ମାର ରାଜନୀତିକ ପରିସ୍ଥିତି ସହିତ ସେଠାର ଅଧିବାସୀମାନଙ୍କ ସାମାଜିକ, ରାଜନୀତିକ ଓ ଆର୍ଥିକ ଅବସ୍ଥା ବିଷୟରେ ଏଥିରେ ଲେଖା ପ୍ରକାଶ ପାଇଥିଲା। ୧୯୪୦ ମସିହାରେ 'ଲୋକଶିକ୍ଷା' ନାମରେ ଅନ୍ୟ ଏକ ଓଡ଼ିଆ ପତ୍ରିକା ପ୍ରକାଶ ପାଇଲା। ୧୯୪୨ ମସିହା ବେଳକୁ ବର୍ମାରୁ ୫୮ ହଜାର ଓଡ଼ିଆ ଓଡ଼ିଶା ଫେରିଆସିଥିଲେ। ଫେରିଆସିଲାବେଳେ ସେମାନଙ୍କ ପାଖରେ ଆଦୌ ଟଙ୍କା ନ ଥିଲା। ତେଣୁ ଅନେକ ଲୋକ ଚାଲିଚାଲି ଦୁଇ ତିନି ମାସରେ ଘରକୁ ଫେରିଥିଲେ। ଅନେକ ଓଡ଼ିଆ ସେଠାରେ ବାସିନ୍ଦା ହୋଇ ରହିଯାଇଥିଲେ।

**ବିଶ୍ୱଯୁଦ୍ଧ ପରିସ୍ଥିତି**

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ୍ ୧୯୪୧ ଡିସେମ୍ବର ୨୩ ତାରିଖରେ ରେଙ୍ଗୁନରେ ଏବଂ ଡିସେମ୍ବର ୩୦ ତାରିଖରେ ଗୋପାଳପୁରରେ ବୋମା ମାଡ଼ କରିଥିଲା। ଫଳ ସ୍ୱରୂପ ଗୋପାଳପୁର ଓ ରେଙ୍ଗୁନ ମଧ୍ୟରେ ଥିବା ବାଣିଜ୍ୟିକ କାରବାର ବନ୍ଦ ହୋଇଯାଇଥିଲା। ୧୯୪୨ ମସିହାରେ ୫୮,୦୦୦

ଓଡ଼ିଆ ରେଙ୍ଗୁନରୁ ଫେରିଆସିଥିଲେ। ସେମାନେ ବାଂଲାଦେଶ, ଆସାମ ଓ ପଶ୍ଚିମବଙ୍ଗ ଦେଇ ତିନିମାସ ଧରି ନ ଖାଇ ନ ପିଇ ଚାଲି ଚାଲି ଘରକୁ ଫେରିଥିଲେ। କାରଣ ସେତେବେଳେ ସେମାନଙ୍କ ପାଖରେ ଆଦୌ ପଇସା ନ ଥିଲା। ଯେଉଁମାନେ ଆସିବାକୁ ଅକ୍ଷମ ଥିଲେ ସେମାନେ ମିଆଁମାରରେ ପରିବାର ବସେଇ ରହିଗଲେ। ସେ ସମୟରେ ମୋ ସାନଅଜା ରେଙ୍ଗୁନରୁ ଚାଲି ଚାଲି ଘରକୁ ଫେରି ଆସିଥିଲେ, କିନ୍ତୁ ମୋ ଅଜା ନାରାୟଣ ଭୂୟାଁ ଫେରିନପାରି ରେଙ୍ଗୁନରେ ରହିଯାଇଥିଲେ। ବର୍ତ୍ତମାନ ମଧ୍ୟ ମହାନ୍ତି, ପାଇକ, ଆଚାରି, ଦଳବେହେରା, ପାତ୍ର, ପ୍ରଧାନ, ଦାସ, ଭୂୟାଁ ଆଦି ଓଡ଼ିଆ ସଂଜ୍ଞାଧାରୀ ୨୦,୦୦୦ରୁ ଅଧିକ ଲୋକ ରେଙ୍ଗୁନରେ ବାସ କରୁଛନ୍ତି।

**୧୯୩୭ ମସିହାରେ ରେଙ୍ଗୁନ୍‌ରେ ଯେଉଁ ପ୍ରଳୟଙ୍କରୀ ବନ୍ୟା ହୋଇଥିଲା ତା'ର ଭୟାବହ ଚିତ୍ର ରହିଛି 'ରେଙ୍ଗୁନ୍ ବଢ଼ି ଗୀତ'ରେ।**

୧୯୩୭ ମସିହାରେ ରେଙ୍ଗୁନ୍‌ରେ ଯେଉଁ ପ୍ରଳୟଙ୍କରୀ ବନ୍ୟା ହୋଇଥିଲା ତା'ର ଭୟାବହ ଚିତ୍ର ରହିଛି ଅନ୍ୟ ଏକ ପୁସ୍ତକ 'ରେଙ୍ଗୁନ୍ ବଢ଼ି ଗୀତ'ରେ। ଏହି ଗୀତ ବହିର ରଚୟିତା ହେଉଛନ୍ତି ଓଡ଼ିଶାର ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ବିଦ୍ୟାଧର ସାହୁ। ପୁସ୍ତକଟି ରେଙ୍ଗୁନ୍‌ରେ ବର୍ମା ସମାଚାର ପ୍ରେସ୍‌ରେ ଛପାଯାଇଥିଲା। ଅତଏବ ସେତେବେଳକୁ ବର୍ମାରେ ଓଡ଼ିଆ ପ୍ରେସ୍ ବି ରହିଥିଲା। ଓଡ଼ିଆ ସଙ୍ଗଠନ, ଓଡ଼ିଆ ପତ୍ରପତ୍ରିକା ଓ ପୁସ୍ତକ ମାଧ୍ୟମରେ ଓଡ଼ିଆ ଲୋକଙ୍କ ଭିତରେ ଜାଗରଣ ସୃଷ୍ଟି କରିଥିଲେ। ମାତ୍ର ୫୭ଟି ପଦ ଥିବା ଏହି ଛୋଟିଆ ବହିରେ ରେଙ୍ଗୁନ୍‌ରେ ହୋଇଥିବା ଭୟଙ୍କର ବନ୍ୟା ଯେ, ପରିବାର ଲୋକମାନେ ସମସ୍ତେ ଧରାଧରି ହୋଇ ଭାସିଗଲେ। ଧନଲୋଭରେ ଯେଉଁମାନେ ଘରୁ ବାହାରିଲେ ନାହିଁ, ସେମାନେ ସେଠାରେ ହିଁ ପାଣିରେ ବୁଡ଼ିମଲେ। ଛେଳି, ମେଣ୍ଢାମାନେ ଶୂନ୍ୟ ହୋଇଗଲେ। କୁକୁର ବିଲେଇ କେହି ବି ରକ୍ଷା ପାଇଲେ ନାହିଁ। କବିଙ୍କ ଭାଷାରେ – ତୁଟିଗଲା ସର୍ବଶିରୀ, ଘୋଟିଗଲା ତିନି ଦଶା କିପରି କାନ୍ଦୁଛନ୍ତି ଦଇବ ସୁମରି।' ଗୋଟିଏ ଘର ଭିତରେ ଥିବା ୧୫ ଜଣ ଏକାଠି ଭାସିଗଲେ ତା'ର କରୁଣ ଦୃଶ୍ୟ ବି ଦେଖିବାକୁ ମିଳେ। ସେଥିରୁ ଜଣେ ଲୋକ ଗୋଟିଏ କାଠଗଣ୍ଡିକୁ ଧରିଲା ବେଳକୁ ସେ କାଠରେ ଗୋଟିଏ ସାପ ବସିଛି। ଅନ୍ୟପଟରେ ଗୋଟିଏ ମାଙ୍କଡ଼ ବସିଛି। ସେତେବେଳେ ଭଗବାନଙ୍କୁ ସ୍ମରଣ କରିବା ବ୍ୟତୀତ ଅନ୍ୟ ଗତି ନାହିଁ। ସେତେବେଳେ କେହି କାହାକୁ ଆକ୍ରମଣ କରନ୍ତି ନାହିଁ। କୂଳରେ ଲାଗିଲା ପରେ ସମସ୍ତେ ନିଜ ନିଜ ରାସ୍ତାରେ ଯାଆନ୍ତି। ଏଭଳି ପରିସ୍ଥିତିରେ ଲୋକମାନେ ଖାଦ୍ୟ ପାଇଲେ ନାହିଁ।

ସେତେବେଳେ ବର୍ମାରେ ରହୁଥିବା ଓଡ଼ିଆମାନେ ବି ବହୁ ସମସ୍ୟାରେ କାଳ କାଟିଥିଲେ। ଓଡ଼ିଆ ଲୋକମାନେ ସେଠାରେ କିଭଳି ଶ୍ରମିକ କାମ କରୁଛନ୍ତି, ବାଲି, ପଥର ବୋହୁଛନ୍ତି, ତା'ର ଚିତ୍ର ମଧ୍ୟ ଲେଖକ ପ୍ରଦାନ କରିଛନ୍ତି।

ଆଲୋଚ୍ୟ ଦୁଇଟିଯାକ ପୁସ୍ତକ ଓଡ଼ିଆରେ ରଚନା ହୋଇଥିଲେ ମଧ୍ୟ ଏଥିରେ ରେଙ୍ଗୁନ୍‌ର ଚିତ୍ର ସହ ଓଡ଼ିଆ ଚରିତ୍ରକୁ ସ୍ଥାନ ଦିଆଯାଇଛି। ପ୍ରବାସରେ ରହୁଥିବା ଓଡ଼ିଆ ଲୋକ ଏହି ପୁସ୍ତକ ମାଧ୍ୟମରେ ନିଜର ଆତ୍ମପରିଚିତି ଅନ୍ୱେଷଣ କରୁଥିଲେ। ରେଙ୍ଗୁନ୍‌ର ଦୁଃଖଦ ଅନୁଭୂତି, ଅପାସୋରା ସ୍ମୃତି ହିଁ ଏହି ଦୁଇଟି ପୁସ୍ତକର ଅନ୍ତଃସ୍ୱର।

**ସହାୟକ ସୂଚୀ :**

୧. ଓଡ଼ିଶା ଇତିହାସ (୧ମ ଭାଗ), ଯଜ୍ଞ କୁମାର ସାହୁ, ପୃ-୩୨୯

୨. ପ୍ରାଚୀନ ଉତ୍କଳର ନୌବାଣିଜ୍ୟ, ରବୀନ୍ଦ୍ରନାଥ ସାମଲ, ସୁବର୍ଣ୍ଣଶ୍ରୀ ପ୍ରକାଶନୀ, ବାଲେଶ୍ୱର, ୧ମ ସଂ, ୨୦୧୩, ପୃ-୩୯

୩. ରେଙ୍ଗୁନ ଗୀତ, ଯୋଗୀ ମଳିକ, ହରନାଥ ପ୍ରେସ୍, କଟକ, ୧୯୨୯, ପୃ-୧

୪. ତତ୍ରୈବ, ପୃ-୪

୫. ତତ୍ରୈବ, ପୃ-୪

୬. ରେଙ୍ଗୁନ ବଢ଼ି ଗୀତ, ବିଦ୍ୟାଧର ସାହୁ, ରେଙ୍ଗୁନ ସମାଚାର ପ୍ରେସ, ୧୯୩୭, ପୃ-୨

□□

ଲେଖକଙ୍କ ଇ-ମେଲ ଠିକଣା:
jksarat@gmail.com

**ଗଳ୍ପ**

# ଭରା କାରୁଣ୍ୟର ସ୍ୱର



ଜୟନ୍ତୀ ସାହୁ

ଦଶ ବର୍ଷର ଝିଅ ଶେଫାଳି। ଦେଖିବାକୁ ବେଶ୍ ଡଉଲଡାଉଲ ଚେହେରା, ଶୁଭ୍ରବର୍ଣ୍ଣ। ମୁହଁ ଉପରେ ନାକଟି ତିଳ ପୁଷ୍ପ ପ୍ରାୟ। ଆଖି ଦୁଇଟି ଈଷତ୍ ଟଣାଟଣା ହୋଇ ଉପେନ୍ଦ୍ର ଭଞ୍ଜଙ୍କ ମୃଗନୟନୀର ଭ୍ରମ ସୃଷ୍ଟି କରେ। ସେ ସ୍ଥାନୀୟ ବାଳିକା ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ଛାତ୍ରୀ। ଅତି ଭଲ ପାଠ ପଢୁ ନ ଥିଲେ ବି ଅତି ନିକୃଷ୍ଟ ମାନର ଶିକ୍ଷ୍ୟା ସେ ନ ଥିଲା। ତା'ର ଚାଲିରେ ଗୋଟାଏ ସ୍ୱତନ୍ତ୍ରତା ସମସ୍ତେ ଲକ୍ଷ୍ୟ କରନ୍ତି। ପ୍ରାୟତଃ ସେ ସବୁବେଳେ ନାଚି ନାଚି ଚାଲୁଥାଏ। ଘରେ ତା' ମାଆଙ୍କୁ କେହି ପଚାରିଲେ ସେ ହସି ହସି କହନ୍ତି : ବୋଧେ ଚାଲି ଶିଖିବା ଆଗରୁ ଶେଫାଳି ନାଚ ଶିଖିଯାଇଥିଲା। ସେଥିପାଇଁ ତା'ର ପ୍ରତ୍ୟେକଟି ପଦପାତରେ ନୃତ୍ୟର ମୁଦ୍ରା ଫୁଟି ଉଠେ। କେଉଁଠି ଟି.ଭି. କିମ୍ବା ଟେପ୍ ରେକର୍ଡରରେ ଗୀତ ବାଜିବା ଆରମ୍ଭ ହେଲେ ତତ୍‌କ୍ଷଣାତ୍ ଶେଫାଳିର ନାଚ ଆରମ୍ଭ ହୋଇଯାଏ।



ସେଦିନ ଗଣେଶ ପୂଜାରେ ଅନୁଷ୍ଠିତ ହେବାକୁ ଥିବା ଡ୍ରାମା ପାଇଁ ସେଥର ପିଲାଙ୍କ ମଧ୍ୟରେ ଅଭିନେତା, ଅଭିନେତ୍ରୀ ସିଲେକ୍ସନ ଚାଲିଥାଏ। ସିଲେକ୍ସନ୍ ସରିବା ପରେ ଚିରାଚରିତ ରୀତିରେ ଛୁଟି ଘଣ୍ଟା ବାଜି ଉଠିଲା। ପିଲାମାନେ ବହି ବସ୍ତାନି ଧରି ଯେଝା ଯେଝା ଘର ଅଭିମୁଖେ ଚାଲିଲେ। ମୁଁ ବି ସେହି ସ୍କୁଲର ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ପାଇଥିବାରୁ ମୋ ଭ୍ୟାନିଟି ବ୍ୟାଗ୍ ଧରି ଗେଟ୍ ପାଖକୁ ଆସୁଛି, ଠିକ୍ ଏତିକିବେଳେ ଦେଖିଲି, ଶେଫାଳି ଖୁବ୍ ଜୋର୍‌ରେ ନାଚି ନାଚି କ୍ଲାସ ରୁମ୍‌ରୁ ଗେଟ୍ ପାଖକୁ ଆସୁଛି। ତାକୁ ସାଙ୍ଗରେ ଘରକୁ ନେବା ପାଇଁ ତା'ର ମା' ମଧ୍ୟ ଗେଟ୍ ପାଖରେ ଠିଆ ହୋଇ ତାକୁ ଅପେକ୍ଷା କରିଥାନ୍ତି। ମା'ଙ୍କ ପାଖରେ ପହଞ୍ଚିଲାବେଳକୁ ନାହିଁ ନ ଥିବା ଖୁସିରେ ଫାଟି ପଡୁଥାଏ ସେ। ଏତେ ଖୁସିର କାରଣ ପଚାରିବାରୁ ଗଦ୍‌ଗଦ୍ ହୋଇ କହିଲା, ଜାଣିଛ ମାଆ, ମୁଁ ଆଜି ଆମ କ୍ଲାସ୍‌ରୁ ଡ୍ରାମାରେ ନାଚିବା ପାଇଁ ପ୍ରଥମ ରାଉଣ୍ଡରେ ସିଲେକ୍ଟ ହେଲି। ମୁଁ ଯଦି ଏ ଡ୍ରାମାରେ ଭଲ ନାଚିବି ନା ତେବେ ସ୍କୁଲର ବାର୍ଷିକୋତ୍ସବ ଡ୍ରାମାରେ ମତେ ବିନା ସିଲେକ୍‌ସନ୍‌ରେ ନିଆହେବ। ଏତିକି ଚଟାପଟ୍ କହି ମାଆଙ୍କୁ କୁଣ୍ଢାଇ ଧରି ସେଇ ଗେଟ୍ ପାଖରେ ଅସଂଖ୍ୟ ପିଲା, ଶିକ୍ଷକ ଓ ଅଭିଭାବକଙ୍କ ଆଗରେ ଭରା ଖୁସିରେ ନାଚିଗଲା ସେ।

ମୁଁ ତା'ର କ୍ଲାସ୍ ଟିଚର ଥିବାରୁ ଠିକ୍ ପ୍ରଥମ ପିରିୟଡ୍‌ରେ ତା'ର ସ୍ୱଭାବ ସୁଲଭ ଭଙ୍ଗୀରେ ଅଣ୍ଟା ହଲାଇ, ଆଖି ନଚାଇ ଖୁବ୍ ଖୁସିରେ ନାଚ କ୍ଲାସ୍ ଯିବା ପାଇଁ ସେ ମତେ ଅନୁମତି ମାଗେ। ଗଣେଶ ପୂଜା ପାଖ ହୋଇ ଆସୁଥିବାରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଆଦେଶ ମତେ ଶେଫାଳି ସମେତ ଅନ୍ୟ ସମସ୍ତ ଡ୍ରାମା ପିଲାଙ୍କୁ ମୁଁ ଅକ୍ଲେଶରେ ଛାଡ଼ିଦିଏ। କିନ୍ତୁ ଅନ୍ୟ ସମସ୍ତଙ୍କ ମଧ୍ୟରେ ଅନନ୍ୟତମା ଶେଫାଳି ମୁହଁରୁ ତା' ନାଚିବାରେ ଅଦମ୍ୟ ଇଚ୍ଛାକୁ ମୁଁ ବେଶ୍ କ୍ଷଣକରେ ପଢ଼ିନେଉଥିଲି। ମଣିଷର ମୁଖ ମଣ୍ଡଳ ଯେ ମଣିଷର ସଂଗୁପ୍ତ ମନର ସୂଚିପତ୍ର, ଏହା ଗଭୀର ଭାବେ ହୃଦୟଙ୍ଗମ କରୁଥିଲି। ଆଜିର ଏଇ ସାଧାରଣ ଶେଫାଳି ଭିତରେ ଏକ ଅସାଧାରଣ ତୀବ୍ର ନୃତ୍ୟ ପ୍ରତିଭା ଲୁକ୍କାୟିତ ଅଛି। ଆଉ ଏଇ ପ୍ରଚଣ୍ଡ ପ୍ରତିଭାଧାରିଣୀ ଝିଅ ଯେ ଦିନେ ତା' ନୃତ୍ୟର

ଛନ୍ଦରେ ସମଗ୍ର ବିଶ୍ୱକୁ ଛନ୍ଦାୟିତ କରି ନ ଦେବ, ଏ କଥା କିଏ କହିବ? ଶେଫାଳିର ଏଭଳି ଅନନ୍ୟ ପ୍ରତିଭା ଓ ପ୍ରଖର ଇଚ୍ଛାଶକ୍ତି ଦେଖି ତା'ର ଜଣେ ହିତାକାଂକ୍ଷିଣୀ ଗୁରୁମା' ଭାବେ ସ୍ୱତଃ ମୋ ହୃଦୟରୁ ତା' ଉଦ୍ଦେଶ୍ୟରେ ଆଶୀର୍ବାଦ ଝରିଆସେ। ଶେଫାଳି, ତୋ ମଥାରେ ଫୁଲ ଚନ୍ଦନ ବର୍ଷୁ। ଶେଫାଳି ପୁଷ୍ପ ପ୍ରାୟ ତୋର ଏଇ ଅନ୍ତର୍ନିହିତ ସୁଶୋଭିତ ପ୍ରତିଭାର ବାସ୍ନା ଅଚିରେ ସାରା ଭୂଖଣ୍ଡରେ ସଞ୍ଚରିଯାଉ। ତୁ ଅନନ୍ୟା ଅସାମାନ୍ୟା ହୋଇ ଉଠ୍ ଶେଫାଳି।

ସତକୁ ସତ ରିହର୍ସାଲ୍ ବେଳେ ତା'ର ନୃତ୍ୟର ଅଭ୍ୟାସ ଦେଖି ଛାତ୍ରୀଠାରୁ ଶିକ୍ଷୟିତ୍ରୀ ଯାଏଁ ସମସ୍ତ ଚକିତ ହୋଇ ପଡୁଥିଲେ। ନୃତ୍ୟ ଶିକ୍ଷକଙ୍କୁ କୌଣସି ନୃତ୍ୟର ତାଳ, ଲୟ ଦ୍ୱିତୀୟ ବାର ଶିଖାଇବାକୁ ପଡୁ ନ ଥିଲା। ରିମ୍‌ଝିମ୍ ତାନରେ ଶ୍ରାବଣ ଆକାଶରୁ ବର୍ଷା ବର୍ଷିଲା ଭଳି, ସ୍କୁଲ କକ୍ଷରେ ଶେଫାଳି ପାଦର ଚଳଚଞ୍ଚଳ ନୂପୁର ନିକ୍ୱଣ ଏକ ଅନନୁଭୂତ ଝଙ୍କାର ତୋଳୁଥିଲା। ସମଗ୍ର ସ୍କୁଲରେ ଭଲ ନାଚିପାରୁଥିଲା ବୋଲି ଡ୍ରାମାରେ ସମସ୍ତଙ୍କ ମଧ୍ୟରେ ଜଣେ ହୋଇ ପ୍ରାଇଜ୍ ପାଇବାର ସ୍ୱପ୍ନ ସେ ଅନବରତ ଦେଖୁଥିଲା। ଶେଫାଳି ଯୋଗୁ ପରିବାର ଦିନେ ସମ୍ମାନ ସମୃଦ୍ଧିର ଶିଖରରେ ପହଞ୍ଚିବ ବୋଲି ବାପା, ମା'ଙ୍କର ଗୋଡ଼ ବି ତଳେ ଲାଗୁ ନ ଥାଏ।

**ନିଖୁଣ ଓଡ଼ିଶୀ ବେଶ ପରିପାଟୀରେ ସୁସଜ୍ଜିତା ହୋଇ ମଞ୍ଚରେ ପ୍ରବେଶ କଲେ ସେହି ବହୁଆକାଂକ୍ଷିତା ଓଡ଼ିଶୀ ନୃତ୍ୟଶିଳ୍ପୀ।**

ଶେଷରେ ଗଣେଶ ପୂଜାର ବହୁ ପ୍ରତୀକ୍ଷିତ ଡ୍ରାମା ଆସି ପହଞ୍ଚିଗଲା। ପିଲାମାନଙ୍କର ଉତ୍ସାହ ଉଦ୍ଦୀପନା କହିଲେ ନ ସରେ। ଦିନ ସାରା ଅଗ୍ରପୂଜ୍ୟ ସିଦ୍ଧିଦାତା ବିଘ୍ନ ବିନାଶକ ଗଣନାଥଙ୍କ ପୂଜା, ପୁଷ୍ପାଞ୍ଜଳି ଓ ଭୋଜିରେ ବ୍ୟସ୍ତ ରହିବା ପରେ ରାତିରେ ମନୋରଞ୍ଜନ ସକାଶେ ସ୍କୁଲ ପିଲାମାନଙ୍କ ମଧ୍ୟରେ ଏ ଡ୍ରାମାର ଆୟୋଜନ।

ଅର୍ଦ୍ଧରାତ୍ରିର ଅବ୍ୟବହିତ ପୂର୍ବରୁ ପ୍ରଧାନ ଶିକ୍ଷୟିତ୍ରୀ ସମସ୍ତ ଦର୍ଶକ ଓ ପିଲାଙ୍କୁ ଶୁଭ ସଂଧ୍ୟା ଜଣାଇ ଡ୍ରାମା ଆରମ୍ଭ କରିବାର ନିର୍ଦ୍ଦେଶ ଦେଲେ। ସୁସଜ୍ଜିତ ମଞ୍ଚର ଅନ୍ତରାଳରୁ ଗୀତ ପିଲାମାନଙ୍କର ବୀଣାଜିଣା କଣ୍ଠର ସଂଗୀତ, ବାଦ୍ୟର ତାଳେ ତାଳେ ଅଗଣିତ ଦର୍ଶକଙ୍କ ଚିତ୍ତରେ ସୁମଧୁର ମୂର୍ଚ୍ଛନା ତୋଳୁଥିଲା। ପ୍ରାରମ୍ଭିକ ସଙ୍ଗୀତ ପରେ ମାଇକ୍ରୋଫୋନ୍‌ରୁ ଭାସି ଆସିଲା ନିର୍ଦ୍ଦେଶିକାଙ୍କ ଘୋଷଣା- ପ୍ରଥମ ଦୃଶ୍ୟରେ ପ୍ରଥମତଃ ଓଡ଼ିଶୀ ନୃତ୍ୟଶିଳ୍ପୀ ଶେଫାଳି ପଟ୍ଟନାୟକ। ଉକ୍ତ ଘୋଷଣାଟି ଶେଷ ନ ହେଉଣୁ ଅଜସ୍ର କରତାଳିରେ କମ୍ପି ଉଠିଲା ଦର୍ଶକ ଦରବାର। ତା'ପରେ ନିଖୁଣ ଓଡ଼ିଶୀ ବେଶ ପରିପାଟୀରେ ସୁସଜ୍ଜିତା ହୋଇ ମଞ୍ଚରେ ପ୍ରବେଶ କଲେ ସେହି ବହୁଆକାଂକ୍ଷିତା ଓଡ଼ିଶୀ ନୃତ୍ୟଶିଳ୍ପୀ। ବେନିହସ୍ତର ଆଞ୍ଜୁଳାରେ ଆଞ୍ଜୁଳାଏ ପୁଷ୍ପ, ସ୍ୱର୍ଗର ଅପ୍ସରାକୁ ନିନ୍ଦି ବେଶଭୂଷା। ସମସ୍ତଙ୍କ ଆଖିରେ ଭରା ଜାଣି ନ ଜାଣିବାର ଜିଜ୍ଞାସା। କିଏ ଏଇ ଅପରୂପା, ଲାସ୍ୟମୟୀ, ମୃଦୁ ହାସ୍ୟମୟୀ ନିଖୁଣ ନାୟିକା? କିଶୋରୀ ଶେଫାଳି କ'ଣ ବଞ୍ଚପାରେ ଏତେ ଲାବଣ୍ୟର ଫୁଆରା? ଦର୍ଶକବୃନ୍ଦ ତଟସ୍ଥ ହୋଇ ନିର୍ନିମେଷ ନୟନରେ ଚାହିଁ ରହିଛନ୍ତି ସେହି ଦେବୀ ପ୍ରତିମା ପ୍ରାୟ ପ୍ରତିଭାତ ଅଶେଷ ସୌନ୍ଦର୍ଯ୍ୟମୟୀ ନୃତ୍ୟରତା ଶେଫାଳିକୁ। ନିର୍ଭୁଲ ପଦପାଦ, ନିରବଚ୍ଛିନ୍ନ ନୂପୁର ନିକ୍ୱଣ, ନିରୂପଣମଚ୍ଛଟା ପରିଶୋଭିତ ନିଟୋଳ ଅଙ୍ଗଭଙ୍ଗୀ ବିମୁଗ୍ଧ ଦର୍ଶକମାନଙ୍କୁ ବ୍ରହ୍ମାନନ୍ଦ ସୁଖ ପ୍ରଦାନ କରୁଥିଲା।

ଶେଷ ବେଳକୁ ଶେଫାଳିକୁ ଲାଗିଲା, ଯେମିତି ବହୁତ ଜୋର୍‌ରେ ନାଚିଥିବାରୁ ସେ ଅତିଶୟ କ୍ଳାନ୍ତ ହୋଇପଡିଛି। ମୁଣ୍ଡଟା ଜୋର୍‌ରେ ବୁଲାଇ ଦେଉଛି। ଅବଶ ଦେହର ଭାରସାମ୍ୟ ରକ୍ଷା କରି ନ ପାରି ଦଶବର୍ଷର ଝିଅ ଶେଫାଳି ସେହି ଷ୍ଟେଜ୍ ଉପରେ ହିଁ କଚାଡି ହୋଇ ପଡିଥିଲା।

ଶେଫାଳିର ନୃତ୍ୟରେ ହଠାତ୍ ଅସ୍ୱାଭାବିକ ଯବନିକା ପଡ଼ିବା ଦେଖି ଯଥାଶୀଘ୍ର ସାମ୍ନା ପର୍ଦାଟାଣି ଆଢୁଆଳ କରି ଦିଆଗଲା। ମଞ୍ଚର ପ୍ରଚ୍ଛଦପଟରେ ଉପସ୍ଥିତ ଥିବା ବାଦକ, ଶିକ୍ଷୟିତ୍ରୀ, ନୃତ୍ୟ ଶିକ୍ଷକ ଆଦି ସମସ୍ତେ ଶେଫାଳିକୁ ନେଇ ଗ୍ରୀନ୍‌ରୁମ୍‌ରେ ଶୋଇଦେଲେ। କିଛି ସମୟ ପ୍ରାଥମିକ ଚିକିତ୍ସା ପରେ ଶେଫାଳିର ଚେତା ଆସିଲା। ତଥାପି ତାକୁ ଦୁର୍ବଳ ଲାଗୁଥାଏ। ଗୋଡ ହାତ ଝିମିଝିମି କରୁଥାଏ। ମୁଣ୍ଡ ବି ସେମିତି ବୁଲାଇ ଦେଉଥାଏ। ଏତିକିବେଳେ ତାକୁ ଶୁଭିଲା କିଏ କହୁଛି, ଶେଫାଳି! ତୁ ଏଥର ଡ୍ରାମାରେ ବେଷ୍ଟ ଡ୍ୟାନ୍ସର ପ୍ରାଇଜ୍ ପାଇଛୁ। ଏତିକି କଥା ଶେଫାଳିର କାନରେ ପଡିବା କ୍ଷଣି ମୁଦି

ହୋଇଯାଇଥିବା ଆଖି ଦୁଇଟା ବିସ୍ଫାରିତ ହୋଇଗଲା। ସେ ଶୋଇବା ଜାଗାରୁ ଉଠି ବସିଲା। ତା' ମୁଖମଣ୍ଡଳ ଆହୁରି ଉଜ୍ଜ୍ୱଳ ଦେଖାଗଲା। କିନ୍ତୁ ଡକ୍ଟର ଚତୁର୍ବେଦୀ ନିର୍ଦ୍ଦେଶ ଦେଲେ ତାକୁ ତୁରନ୍ତ ହସ୍‌ପିଟାଲ ନେଇଯିବା ପାଇଁ।

ତା'ପରଦିନ ମୁଁ ସ୍କୁଲରେ ପହଞ୍ଚିବାବେଳେ ଏତେ କୋଳାହଳ ସତ୍ତ୍ୱେ ବି ସ୍କୁଲର ପରିବେଶ ଭାରି ଗମ୍ଭୀର ଜଣାଯାଉଥିଲା। ପରେ ଜାଣିବାକୁ ପାଇଲି ଯେ ଶେଫାଳିକୁ ବ୍ଲଡ କ୍ୟାନ୍‌ସର ହୋଇଛି। ହେ ଭଗବାନ୍! ଏଡ଼େ ଟିକେ ନିଷ୍ପାପ ନିରୀହ ଛୁଆର ପବିତ୍ର ରକ୍ତରେ ପୁଣି ଏ ଭୟଙ୍କର ଜୀବାଣୁ କେମିତି ଭରିଦେଲ? ଜ୍ୱଳନ୍ତ ସମ୍ଭାବନାରେ ଦେଦୀପ୍ୟମାନ ଶିଖାଟିକୁ ତେଜି ଆସିବା ମୁହୂର୍ତ୍ତରେ କ'ଣ ନିର୍ବାପିତ କରିଦେବ? ହେ ଚିର ମଙ୍ଗଳମୟ ସୃଷ୍ଟିକର୍ତ୍ତା! ଏ କି ଅବିଚାର ପ୍ରଭୁ ତମର? ସ୍ୱତଃ ଦୁଇ ହାତ ମୋର ଉପରକୁ ଉଠିଗଲା। ଅସ୍ପଷ୍ଟ କଣ୍ଠରେ ବିଶ୍ୱ ସମ୍ରାଟଙ୍କ ଉଦ୍ଦେଶ୍ୟରେ କହିଲି ହେ ମହିମାମୟ! ଯଦି ପ୍ରାରବ୍ଧଜନିତ କର୍ମଫଳ ଏହା ହୋଇଥାଏ, ତେବେ ତା'ର ସମସ୍ତ ପ୍ରିୟଜନଙ୍କ ପ୍ରାର୍ଥନାର ଫଳ ନେଇ ଏ ଅସ୍ଫୁଟ କଳିକା ଅପାପବିଦ୍ଧା ଶେଫାଳୀକୁ ରକ୍ଷାକର ଭଗବାନ!



ଆଖିରୁ ଲୁହ ପୋଛି କ୍ଲାସ୍ ରୁମ୍‌କୁ ଗଲି। ବଡ଼ପାଟି କରି ପାଠ ପଢ଼ାଇବା ପାଇଁ ସେଦିନ କାହିଁକି ଆଦୌ ଇଚ୍ଛା ହେଉ ନ ଥାଏ, କ୍ଲାସ ସରିବା ପରେ ସିଧା ଶେଫାଳିଙ୍କ ଘରକୁ ଗଲି। ଶେଫାଳିଙ୍କ ଗେଟ୍ ଖୋଲୁଖୋଲୁ ଘର ସାରା ବିଷାଦର ଛାୟା ଯେ ବ୍ୟାପି ଯାଇଛି, ତାହା ଅବିଳମ୍ବେ ଜାଣି ପାରିଲି। ଶେଫାଳି ଶୋଇଥିବା ରୁମ୍‌କୁ ଗଲି। ତା' ମୁଣ୍ଡରେ ହାତ ଥୋଇଲି। ଶେଫାଳି ମତେ ଚାହିଁ ହାତ ଟେକି ନମସ୍କାର କଲା। ଭାରି ଦୟନୀୟ ଦିଶୁଥିଲା ତା'ର ସଜ ଗୋଲାପ ଭଳି ମୁହଁଟି। କହିଲା ମ୍ୟାଡାମ୍! ମା ଓ ବାପାଙ୍କୁ ଡକ୍ଟର ଅଙ୍କଲ କହୁଥିଲେ, ମତେ କୁଆଡ଼େ ବ୍ଲଡ୍ କ୍ୟାନ୍‌ସର ହୋଇଛି। ମତେ ଶୀଘ୍ର ବମ୍ବେ ନେବା ପାଇଁ ପଡ଼ିବ। ଡେରି ହେଲେ ଏ ରୋଗ ଆଦୌ ଭଲ ହେବ ନାହିଁ। ମ୍ୟାଡାମ୍, ସତରେ ମୋ ଦେହ କ'ଣ ଭଲ ହୋଇଯିବ?

ଉଦ୍‌ଗତ କୋହକୁ ଛାତିରେ ଚାପି ଭ୍ୟାନିଟିରୁ କୃଷ୍ଣମୂର୍ତ୍ତିଟିଏ ବାହାର କଲି। କହିଲି ଶେଫାଳି। ଦେଖୁଛୁ, ଇୟେ ଭଗବାନ୍ ବାଳକୃଷ୍ଣଙ୍କ ମୂର୍ତ୍ତି। ତୁ ବମ୍ବେ ଗଲେ ମୂର୍ତ୍ତିକୁ ସାଙ୍ଗରେ ନେଇଯିବୁ। ତୁ ତ କେତେ ନାହିଁ କେତେ ପ୍ରାର୍ଥନା, ଜଣାଣ, ଭଜନ ଜାଣିଛୁ। ଏଥର ସବୁବେଳେ ଏଇ ବାଳକୃଷ୍ଣଙ୍କ ପାଖରେ ହୃଦୟନିଗିଡ଼ା ପ୍ରାର୍ଥନା ଗାଇ ଗାଇ ତୋ ଦେହ ଶୀଘ୍ର ଭଲ ହୋଇଯିବା ପାଇଁ ଗୁହାରି କରିବୁ। ଠିକ୍ ଏମିତି ଦିନେ ଭକ୍ତ ପ୍ରବର ସାଲବେଗ ଅତିଶୟ ଅସୁସ୍ଥତାରେ ଶଢୁଥିଲେ। ଯବନ ରାଜ କୂଳରେ ଜନ୍ମ ହୋଇଥିବାରୁ ଅସଂଖ୍ୟ ରାଜବୈଦ୍ୟ ତାଙ୍କ ଚିକିତ୍ସାରେ ଲାଗିପଡ଼ିଥିଲେ। କିନ୍ତୁ ରାଜ୍ୟର କୌଣସି ବିଶିଷ୍ଟ ଚିକିତ୍ସକ କିମ୍ବା କୌଣସି ଆଶୁ ଫଳପ୍ରଦ ମହୌଷଧି ତାଙ୍କ କ୍ଷତଯୁକ୍ତ ଶରୀରର ଜ୍ୱାଳାକୁ ଲାଘବ କରିପାରି ନ ଥିଲେ। ପୁଅର କଷ୍ଟରେ ବ୍ୟଥିତ ହୋଇ ସାଲବେଗଙ୍କ ଗର୍ଭଧାରିଣୀ ଜନନୀ, ଯିଏ କି ନୈଷ୍ଠିକ ହିନ୍ଦୁ ବ୍ରାହ୍ମଣ ପରିବାର ସମ୍ଭୂତା, ଛଳଛଳ ନୟନରେ ହିନ୍ଦୁର ପରମ ଆରାଧ୍ୟ ଦେବତା ଜଗନ୍ନାଥଙ୍କୁ ହାତ ଠାରି ଦେଖାଇ ଦେଇଥିଲେ। ପ୍ରଭୁ କରୁଣାସାଗର ଜଗତର ନାଥ ଜଗନ୍ନାଥଙ୍କ ଅପାର କରୁଣାର ଲୀଳା ରୋଗଗ୍ରସ୍ତ ପୁଅ ସମ୍ମୁଖରେ ଭାବବିହ୍ୱଳ କଣ୍ଠରେ ବଖାଣି ବସିଥିଲେ। ମାଆଙ୍କ ଅମୃତ ବଚନରେ ଅନୁପ୍ରାଣିତ ହୋଇ ସାଲବେଗ ଜଗନ୍ନାଥଙ୍କ ପରମ ଭକ୍ତ ପାଲଟିଥିଲେ। ତାଙ୍କ ଅନ୍ତରଭରା କାତର ପ୍ରାର୍ଥନା ଦାରୁଭୂତ ମୁରାରୀଙ୍କୁ ମୁଗ୍ଧ କରିଥିଲା ଏବଂ ସାଲବେଗ ଅଚିରେ ରୋଗମୁକ୍ତ ହୋଇଥିଲେ। ପ୍ରଭୁ ତୋ ପ୍ରାର୍ଥନା ମଧ ନିଶ୍ଚୟ ଶୁଣିବେ ଶେଫାଳି। ଈଶ୍ୱର ପରମଦୟାଳୁ, ପରମ କୃପାଳୁ। ବିଶ୍ୱ ବେଦନାର ବୈଦ୍ୟ ସେ। ପ୍ରାର୍ଥନାର ବ୍ୟାକୁଳତା, ଆତୁରଣ, ଗଭୀରତା ଓ ନିଷ୍ଠାପରତା ତାଙ୍କୁ ସ୍ପର୍ଶ କରେ। ଯେ କୌଣସି ନାମରେ ବି ତୁ ପ୍ରଭୁଙ୍କୁ

ଡାକିପାରିବୁ। ସେ ପରା ସର୍ବନାମ। ତାଙ୍କୁ ଆମ ପ୍ରାର୍ଥନାର ଶବ୍ଦ, ଆକାର, ଶୈଳୀର କୌଣସି ଆବଶ୍ୟକତା ନ ଥାଏ। ମହାପ୍ରଭୁ କେବଳ ଭକ୍ତ ଅନ୍ତରର ଭାବକୁ ହିଁ ଦେଖନ୍ତି, ସେଇଥିପାଇଁ ତ ସେ ଭାବଗ୍ରାହୀ ଅଟନ୍ତି। ସେ ପୁଣି ପ୍ରେମମୟ, ସତ୍ୟ ଓ ନିରନ୍ତନ। ସରଳ ହୃଦୟର ବ୍ୟାକୁଳତା ଭରା ପ୍ରାର୍ଥନା ହିଁ ସେ ଶୁଣିଥାନ୍ତି। ତୁ ସେହି କରୁଣା ବରୁଣାଳୟ ଶ୍ରୀହରିଙ୍କୁ ଦୃଢ଼ ବିଶ୍ୱାସର ସହ ଖାଲି ଅବିରତ ଅଶ୍ରୁନିଗାଡ଼ି ପ୍ରାର୍ଥନା କର ଶେଫାଳି। ସେ ହିଁ ତୋ ପ୍ରାଣରେ ଅମୃତର ସଞ୍ଜୀବନୀ ବୋଳି ଦେବେ। ତାଙ୍କର ଅଦେଖା ହାତର ସ୍ପର୍ଶ ପୁନର୍ବାର ତୋତେ ନୂତନ ତେଜରେ ଉଦ୍‌ଭାସିତ କରିବ। ମନେରଖ, ପ୍ରତ୍ୟେକ ପ୍ରାର୍ଥନା ଭଗବାନ୍‌ଙ୍କୁ ଆହୁରି ନିକଟରୁ ନିକଟତର କରେ। ପ୍ରାର୍ଥନା ଉପରକୁ ଉଠିଯାଏ ଏବଂ ଆଶିଷର ଧାରା ତଳକୁ ଝରିଆସେ। ତୋ ମଥା ଉପରେ ସେହି କୃପାବାରିଧିଙ୍କ କୃପାର ମନ୍ଦାକିନୀ ନିଶ୍ଚିତ ଝରିବ ଶେଫାଳି। ତୁ ଅଚିରେ ରୋଗମୁକ୍ତ ହୋଇ ପୁନର୍ବାର ଚଳଚଞ୍ଚଳ ହୋଇ ଉଠିବୁ। ନୃତ୍ୟ ପଟ୍ଟୀୟସୀ ହେବୁ। ଦେଖିବୁ, ଆମ ସ୍କୁଲର ବାର୍ଷିକ ଉତ୍ସବ ବେଳକୁ ତୋ ଦେହ ସମ୍ପୂର୍ଣ୍ଣ ଭଲ ହୋଇଯାଇଥିବ। ତୁ ଏଇ ଡ୍ରାମାରେ ପାଇଥିବା ବେଷ୍ଟ ଡ୍ୟାନ୍‌ସର ପ୍ରାଇଜ୍ ସେଦିନ ଖୁସିରେ ନାଚି ନାଚି ଘରକୁ ଆଣିବୁ।

**ପ୍ରଭୁ ବାଳକୃଷ୍ଣଙ୍କ ପାଖରେ ତା'ର ଲୁହଭିଜା ପ୍ରାର୍ଥନା ଯେତେ ହୃଦୟସ୍ପର୍ଶୀ ହେଉଥାଏ, ତା' ରୋଗ ସେତେ ଭଲ ହେବାର ଲକ୍ଷଣ ସ୍ପଷ୍ଟ ବାରିହୋଇ ଉଠୁଥାଏ।**

ମୋର ଏତକ କଥାରେ ଶେଫାଳିର ମୁହଁ ପୂର୍ଣ୍ଣମୀର ଚାନ୍ଦ ଭଳି ଖୁବ୍ ଉଜ୍ଜ୍ୱଳ ଦିଶିଲା। ସେ ମୋ ହାତରୁ ବାଳକୃଷ୍ଣଙ୍କ ମୂର୍ତ୍ତି ନେଇ ମୁଣ୍ଡରେ ଲଗାଇଲା ଏବଂ ଭରା ଅବେଗରେ ଛାତିରେ ଚାପି ଧରିଲା। ତା' ଆଖିରୁ ଦୁଇ ବୁନ୍ଦା ଲୁହ ଆସି ବାଳକୃଷ୍ଣଙ୍କ ମୂର୍ତ୍ତି ଉପରେ ଗଡିପଡିଲା। ମୁଁ ମଧ୍ୟ ତା'ର ଅଲକ୍ଷ୍ୟରେ ମୋ ଆଖିର ଲୁହକୁ ସହସା ମୋ ଶାଢ଼ି କାନିରେ ପୋଛି ନେଇ ଘରକୁ ଆସିଲି।

ତା'ପରଠାରୁ ମୁଁ ପ୍ରସୂତିକାଳୀନ ଛୁଟି ନେଇ ରହିଯାଇଥିଲି। ଶେଫାଳି ଭଳି ସୁନ୍ଦର ସୁନ୍ଦର ଝିଅଟିଏ ଦୟାମୟଙ୍କ ଦିବ୍ୟ ଇଚ୍ଛାରୁ ମୋ କୋଳ ମଣ୍ଡନ କରିଛି। ଠିକ୍ ସ୍କୁଲର ବାର୍ଷିକ ଉତ୍ସବ ଦିନ ହିଁ ମୋ ଛୁଟିର ମିଆଦ ପୂର୍ଣ୍ଣ ହୋଇଯାଇଥାଏ। ମୁଁ ସୁନ୍ଦର ରଙ୍ଗବେରଙ୍ଗ ବହିର୍ବାସରେ ସଜ୍ଜିତ ହୋଇ ଉତ୍ସବରେ ଯୋଗ ଦେବା ପାଇଁ ଯାଇଥାଏ। ଠିକ୍ ପ୍ରାଇଜ୍ ଡିଷ୍ଟ୍ରିବ୍ୟୁସନ୍ ବେଳେ ହିଁ ମୋର ଶେଫାଳି କଥା ମନେ ପଡିଗଲା। ତା'ର ବି ଆଜି ବେଷ୍ଟ ଡ୍ୟାନ୍ସର ପ୍ରାଇଜ୍ ପାଇବାର ଥିଲା। ଏହି ପ୍ରାଇଜ ପାଇଁ ସେ କାହିଁ କେତେ ଆଗରୁ କେତେ ସ୍ୱପ୍ନ ଦେଖୁଥିଲା। ବିଚାରୀ ଆଜି କେଉଁ ସୁଦୂର ବମ୍ବେର କ୍ୟାନ୍ସର ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଥିବ। ଜୀବନର ସବୁ ରଙ୍ଗିନ ଆଶା ଓ ସ୍ୱପ୍ନ ଧୀରେ ଧୀରେ ମଉଳି ଯାଉଥିବ। ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ପିଲାମାନଙ୍କ ନାଁ ମାଇକ୍ରୋଫୋନ୍‌ରେ ଖୁବ୍ ଜୋର୍‌ରେ ଡକାଯାଉଥାଏ। ସମସ୍ତେ ଖୁସି ହୋଇ ଦୌଡି ଦୌଡି ପ୍ରାଇଜ୍ ନେବା ପାଇଁ ଷ୍ଟେଜ୍ ଉପରକୁ ଆସୁଥାଆନ୍ତି। ପ୍ରାଇଜ୍ ଧରି ଅତି ଆନନ୍ଦରେ ଡେଇଁ ଡେଇଁ ନିଜ ବାପା, ମାଆଙ୍କ ପାଖକୁ ଚାଲିଯାଉଥାନ୍ତି। ଏତିକି ବେଳେ ବେଷ୍ଟ ଡ୍ରାନ୍ସର ଶେଫାଳି ପଟ୍ଟନାୟକ ବୋଲି ଖୁବ୍ ଜୋର୍‌ରେ ଡକାହେଲା। ତା' ନାଁ ଶୁଣି ଛାତିଟା ମୋର ଧଡ୍‌କିନା ହୋଇଗଲା। ଆଖି କୋଣରେ ଦୁଇ ବୁନ୍ଦା ଲୁହ ଅକସ୍ମାତ୍ ଜକେଇ ଆସିଲା। ଆହା! ଆଜି ଶେଫାଳି ଥିଲେ କେତେ ଖୁସିରେ ନାଚି ନାଚି ଅଣ୍ଟା ହଲାଇ ଆସି ପ୍ରାଇଜ୍ ଧରି ଯାଇଥାନ୍ତା। ନିଷ୍ଠୁର ଦଇବ ଏ ଖୁସିକୁ, ତା' ପାଖରୁ ଆଜି ସିନା ଛଡାଇ ନେଲା। କିନ୍ତୁ ମୋ ଭାବନାରେ ପୂର୍ଣ୍ଣଚ୍ଛେଦ ପକାଇ ଶେଫାଳି ଧୀରେ ଧୀରେ ପଛ ପଟରୁ ଆସି ଷ୍ଟେଜ୍ ପାଖରେ ପହଞ୍ଚି ଯାଇଥିଲା। ମୋ ଆଖିକୁ ମୁଁ ବିଶ୍ୱାସ କରିପାରିଲି ନାହିଁ। ସତରେ, ଏହା କ'ଣ ସମ୍ଭବ? ଶେଫାଳି ଦେହ କ'ଣ ତା' ହେଲେ ଭଲ ହୋଇଯାଇଛି? ସେ ମୁମ୍ବାଇରୁ ଫେରି ଆସିଛି? ତାକୁ ସେଠି ଦେଖି ମୁଁ ଏତେ ଖୁସି ହୋଇଗଲି ଯେ, ମୋ ଜୀବନରେ କୌଣସି ବିଶେଷ ସଫଳତାରେ ବି ମୁଁ ଏତେ ଖୁସି ହୋଇପାରି ନ ଥିବି।

ପ୍ରାଇଜ୍ ବଣ୍ଟା ସରିବା ପରେ ମୁଁ ମୋ ସିଟ୍ ଛାଡି ଶେଫାଳି ଓ ତା' ବାପା, ମାଆଙ୍କ ପାଖେ ପହଞ୍ଚିଗଲି। ତାଙ୍କ ମାଆ କହିଲେ ଦିଦି! ଆପଣଙ୍କ ପାଇଁ ମୋ ଝିଅ ଆଜି ବଞ୍ଚିଯାଇଛି। କାରଣ ମୁମ୍ବାଇର ହସ୍ପିଟାଲରେ ବାଳକୃଷ୍ଣଙ୍କ ପାଖରେ ଶେଫାଳିର ପ୍ରାର୍ଥନା ଏତେ କରୁଣ ଥିଲା ଯେ, ତାହା ସେଠାକାର ରୋଗୀ, ଭୋଗୀ ନିର୍ବିଶେଷରେ ଯିଏ ଶୁଣିଲା, ତା' ଆଖିରେ ଲୁହ ରହିଲା ନାହିଁ। ଡାକ୍ତର ପ୍ରତିଦିନ ଆସି

ତା'ର ଚିକିତ୍ସା କରୁଥାନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା, ପ୍ରଭୁ ବାଳକୃଷ୍ଣଙ୍କ ପାଖରେ ତା'ର ଲୁହଭିଜା ପ୍ରାର୍ଥନା ଯେତେ ହୃଦୟସ୍ପର୍ଶୀ ହେଉଥାଏ, ଦିନକୁ ଦିନ ତା' ରୋଗରେ ସେତେ ଭଲ ହେବାର ଲକ୍ଷଣ ସ୍ପଷ୍ଟ ବାରିହୋଇ ଉଠୁଥାଏ।

ପ୍ରାର୍ଥନା କଲା ବେଳେ ଶେଫାଳି ଦୁନିଆର ସବୁ କିଛି ଭୁଲି ଦୁଇ ବାହୁ ଟେକି ଅତି ଦୟନୀୟ ଭାବେ ଲୁହଭର୍ତ୍ତି ଆଖିରେ ଠାକୁରଙ୍କୁ ତା' ଦୁଃଖ ଶୁଣିବା ପାଇଁ ନିବେଦନ କରୁଥାଏ। ଶେଷରେ ଦିନେ ମୁମ୍ବାଇର କ୍ୟାନ୍ସର୍ ବିଭାଗର ପ୍ରଫେସର ଡକ୍ଟର ଡାଙ୍ଗା ଶେଫାଳିକୁ ତନ୍ନ ତନ୍ନ ଭାବେ ପରୀକ୍ଷା କରି ରିପୋର୍ଟ ଦେଲେ ଯେ ଶେଫାଳି ଏବେ ସମ୍ପୂର୍ଣ୍ଣ କ୍ୟାନସର୍‌ମୁକ୍ତ। ସେ ମଧ୍ୟ କହିଲେ ବହୁ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଚିକିତ୍ସା ବିଜ୍ଞାନୀମାନେ ମଧ୍ୟ ଏବେ ମତ ଦେଉଛନ୍ତି ଯେ ପ୍ରାର୍ଥନାର ଏକ ଅଦ୍ଭୁତ ସ୍ୱତନ୍ତ୍ର ଶକ୍ତି ଥାଏ। ତାହା ହୃତ୍‌ପିଣ୍ଡ, ଧମନୀ, ଫୁସ୍‌ଫୁସ୍, ଯକୃତ ଆଦିର ଆଭ୍ୟନ୍ତରୀଣ ଅସ୍ୱାଭାବିକ କ୍ରିୟାକୁ ବହୁ ପରିମାଣରେ ନିୟନ୍ତ୍ରଣ କରି ସ୍ୱାଭାବିକ କରିଥାଏ। ଯାହା ଫଳରେ ରକ୍ତ ସଞ୍ଚାଳନ ପ୍ରକ୍ରିୟା ନିୟନ୍ତ୍ରିତ ହୋଇ ଦୂଷିତ ରକ୍ତ ବି ବିଶୁଦ୍ଧ ପାଲଟିଯାଏ। ଯାହା ଶେଫାଳି କ୍ଷେତ୍ରରେ ଅସମ୍ଭବ ତଥା ଅଲୌକିକ ଭାବେ ଦେଖାଯାଇଛି।

**ମୁଁ ସେଇ ପରିଶୁଦ୍ଧ, ନିଷ୍ପାପ କଳିକାଟିକୁ ବିସ୍ଫାରିତ ନୟନରେ ଚାହୁଁଥିଲି।**

ମୁଁ ଏଥର ସେଇ ପରିଶୁଦ୍ଧ, ନିଷ୍ପାପ କଳିକାଟିକୁ ବିସ୍ଫାରିତ ନୟନରେ ଚାହୁଁଥିଲି। ଦିବ୍ୟକୃପା ପ୍ରାପ୍ତିଜନିତ ଏକ ଐଶ୍ୱରୀୟ ଦିବ୍ୟ ସତ୍ତା ତା' ଶରୀରରେ ପରମଦ୍ୟୁତି ତୋଳୁଥିଲା।

□□

ଲେଖିକାଙ୍କ ଇ-ମେଲ ଠିକଣା:
jayantisahoo10@gmail.com

PROZOSYS
TECHNOLOGIES PVT. LTD.

+91 9777060101
Call us now!

DESIGN, DEVELOPMENT & MARKETING SERVICES

*Contact for :*

- Website Designs
- Website Development
- Web Application Development
- Mobile Application Development
- eCommerce Website Development
- Software Development
- Google Ads Services
- Search Engine Optimization
- Digital Marketing Services
- Web Hosting
- Logo Design
- Domain Registration

Contact No:- +91 9777060101, 9777980101, Address:- N6/315, Jayadev Vihar, Bhubaneswar
Website:- www.prozosys.com, Email Id :- info@prozosys.com




ଅନୁଭୂତି

# ମୋ'ର ସୃଜନ ଅନୁଭୂତି

**ଶୈଳବାଳା ମହାପାତ୍ର**

**କେ**ଡ଼େ ବୋକି ମୁଁ ଥିଲି ସତେ; ତାଙ୍କୁ ପୁଣି ବତଉଥିଲି ସମୁଦ୍ର କୂଳକୁ ରାସ୍ତା !

୧୯୭୬ ମସିହାରୁ ୧୯୮୪ ମସିହା ମୋ ସାହିତ୍ୟ ସାଧନାର ଏକ ବିଶେଷ ସମୟ । ଗୁଡ଼ାଏ କବିତା, ଗପ ଛପୁଥିଲା - ଧରିତ୍ରୀ, ସ୍ୱରାଜ, ପ୍ରଜାତନ୍ତ୍ର ଭଳି ଦୈନିକ ଖବରକାଗଜରେ ଏବଂ ଅନ୍ୟାନ୍ୟ ଅନେକ ପତ୍ରପତ୍ରିକାରେ। ହାତଗଣତି ଝିଅ ସେତେବେଳେ ଲେଖାଲେଖିରେ ଥିଲେ। ତେଣୁ ଖୁବ୍ ଶୀଘ୍ର ଏକ ପରିଚୟ ତିଆରି କରିପାରିଥିଲି। ଅନେକ ଚିଠି ଆସୁଥିଲା ପ୍ରତିଦିନ। ଶୈଳବାଳା ପଲାଇ ନାଁରେ ଲେଖୁଥିଲି। ଡାକବାଲା ଏତେ ଅଭ୍ୟସ୍ତ ହେଇଯାଇଥିଲା ଯେ କେବଳ ମୋ ନାଁ ତଳେ ପୁରୀ ଲେଖିଦେଲେ ବି ଚିଠି ପହଞ୍ଚି ଯାଉଥିଲା।



**ଭୂରି ଭୂରି ପ୍ରଶଂସା**

ଚିଠିଟିଏ ପହଞ୍ଚିଲା। ଖୁବ୍ ସୁନ୍ଦର ଅକ୍ଷର। ମୋ କବିତାର ଭୂରି ଭୂରି ପ୍ରଶଂସା ଏବଂ ତା' ସହିତ ଲେଖାଥିଲା ଯେ, 'ତମ ଗାଁ ନଈ କୂଳରେ ବୁଲିବାକୁ ଥରେ ଖୁବ୍ ଇଚ୍ଛା। ମତେ ବାଟ ବତେଇ ଦବ ନା ! ?'

ମୁଁ ସେତେବେଳେ ପୁରୀ ଏସ୍.ସି.ଏସ୍. କଲେଜର ତୃତୀୟ ବର୍ଷ ଅର୍ଥାତ୍ ବି.ଏ. ଫାଷ୍ଟ ଇୟର୍ ଛାତ୍ରୀ। ବୋଧହୁଏ ୧୯୭୮ ମସିହାର ଶେଷ ଭାଗ। ସେ ଚିଠିର ଉତ୍ତର ଦେଇ ନ ଥାଏ ମୁଁ। ଏମିତିରେ ବି ମୁଁ ପ୍ରଥମରୁ ଇ ଚିଠି ଲେଖିବା, ଫୋନ୍ କରିବାରେ ଖୁବ୍ ମାନ୍ଦା। ଏବେ ବି ସେୟା। ତେବେ ମୁଁ ଭାବି ହେଉଛି ଏ ଲୋକ ଏମିତି କାହିଁକି ଲେଖିଲେ। ସତରେ କ'ଣ ସେ ବାଟ ଜାଣି ନାହାନ୍ତି ! ସେତେବେଳକୁ ସମ୍ପୃକ୍ତ ଚିଠି ଲେଖକ ଜଣେ ଜଣାଶୁଣା କବି ଓ ଗାଳ୍ପିକ। ତାଙ୍କର ପ୍ରାୟ ଗଳ୍ପରେ 'କୁନି' ବୋଲି ଚରିତ୍ରଟିଏ ନିଶ୍ଚୟ ଥାଏ। ଏମିତି ଭାବୁଛି - ହଠାତ୍ ସେ ଆସି ଆମ ଘରେ ହାଜର। କଟକ ସହର ମଣିଷ ସେ। ହେ ପ୍ରଭୁ !

ଘରେ ତାଙ୍କୁ ଠିକ୍ ଆତିଥ୍ୟ ଦିଆଗଲା। ନିଜେ ମୁଁ ଖୁବ୍ ଭଲଭାବେ ଜାଣି ନ ଥିଲେ ବି ଯେତିକି ଜାଣିଥିଲି ସମୁଦ୍ର କୂଳକୁ ରାସ୍ତା ବତେଇଦେଲି । ସେ କିନ୍ତୁ ନଛୋଡ଼ବନ୍ଦା - ତୁମେ ଚାଲ।

ମତେ କୁଆଡ଼େ ଯିବାକୁ ଭଲ ଲାଗେନି। ସେଥିରେ ପୁଣି ଗୋଟେ ଧାରଣା ଥିଲା ଯେ ଏକୁଟିଆ ପୁଅ ଝିଅ ସମୁଦ୍ର କୂଳରେ ବୁଲିବା ନିହାତି ଖରାପ କଥା। ସେଦିନ ପୁଣି 'ଶନିବାର ସାହିତ୍ୟ ସନ୍ଧ୍ୟା'ର ଆସର ଆମରି ଘରେ ହେବାର ଥାଏ। ଏଇସବୁ କାରଣ ଦେଖାଇ ଯେତେ କହିଲେ ବି କବି ଜଣକ ଅଡ଼ି ବସି ଥାଆନ୍ତି ଆମ ଗଦି ନ ଥିବା ଭଙ୍ଗା କାଠ ସୋଫାରେ। ଶେଷକୁ ମୁଁ, ମୋ ସାନ ଭଉଣୀ ଓ ଟୁନିକି - ଆମ ଘରକାମର ସାହାଯ୍ୟକାରୀ ଝିଅ, ସାଙ୍ଗ ହୋଇ ବାହାରିଲୁ। ବଡ଼ଶଙ୍ଖରେ ଆମ ସହ ଯୋଗ ଦେଲା ସାନ ଭଉଣୀ ସାଙ୍ଗ ଡଲି।

ଗୁଣ୍ଡିଚା ଘର ଆଡ଼କୁ ମୁହଁ କରି ବଡ଼ଶଙ୍ଖ ଉପରେ ଠିଆ ହେଲେ ଡାହାଣ ପଟକୁ ଷ୍ଟେସନ ଆଡକୁ ଯେଉଁ ରାସ୍ତା ପଡ଼ିଛି ଏବେ ତାକୁ ରେଡ୍‌କ୍ରସ ରୋଡ୍ କହୁଛନ୍ତି। ସେତେବେଳେ ତାକୁ ଡ୍ରଗ୍ ହାଉସ୍ ରୋଡ୍ କୁହାଯାଉଥିଲା। କାରଣ ସେଠାରେ ସେଇ ଏକମାତ୍ର ଭରସାଯୋଗ୍ୟ ବଡ଼ ଔଷଧ ଦୋକାନ ଥିଲା। କେହି କେହି ସେ ରାସ୍ତାକୁ କବରଖାନା ରାସ୍ତା କହୁଥିଲେ, କାରଣ ସେଇପଟେ କବରଖାନାଟିଏ ଥିଲା।

## ନାଇଁ, ଆପଣ ଯାଆନ୍ତୁ

ଆମେ ସେଇ ରାସ୍ତାରେ ଯାଉଛୁ। ମୁଁ କୁନ୍ଥୁକୁନ୍ଥୁ ହେଇ ଯାଉଥାଏ। ତାଙ୍କୁ ବାରବାର ରାସ୍ତା ବତଉଥାଏ । ସେ ବି କହି ଚାଲିଥାନ୍ତି' ଚାଲ... ଚାଲ...! ଠିକ୍ ଟେଲିଫୋନ ଏକ୍ସଚେଞ୍ଜ ପାଖରେ (ଏବେ ବି ସେ ଏକ୍ସଚେଞ୍ଜ ସେଇଠି ଅଛି) ମୁଁ ଅଟକି ଗଲି ,'ନାଇଁ ନାଇଁ ଆପଣ ଯାଆନ୍ତୁ। ରାସ୍ତା ତ ବତେଇ ଦେଲି। ମୋର ସେଠି କବି ବନ୍ଧୁମାନେ ଆସିଯିବେ...!' କଥା ସରିନି। ଭଉଣୀ, ଭଉଣୀ ସାଙ୍ଗ, ଟୁନିକି ସମସ୍ତେ ଡିଆଁ ମାରିଲୁ ବଡ଼ଶଙ୍ଖ ଆଡ଼କୁ।

କବିତାରେ କବିତାରେ ପରିଚୟ। ଅଥଚ ସେ କେତେ ମତୁଆଲା ଥିଲେ ଗୋଟେ ୧୭/୧୮ ବର୍ଷ ବୟସର ଅଚିହ୍ନା ଝିଅ ସହ ସମୁଦ୍ର କୂଳରେ ବୁଲିବା ପାଇଁ ! ପରବର୍ତ୍ତୀ ସମୟରେ ଜାଣିଲି, କଟକ ଜିଲ୍ଲାର ସେ କବି ବନ୍ଧୁ ତାଙ୍କ 'କୁନି' ନାମକ ଚରିତ୍ରଟି ସହ ଆମ ଗାଁ ନଈ କୂଳରେ ଢେର୍ ଜହ୍ନ ରାତି ବିତେଇ ଥିଲେ !

## ମାନସ ବୋଲି ପିଲାଟିଏ

ଏଇ କଥା କହିଲା ବେଳେ ଆଉ ଗୋଟିଏ ଦୁଇଟି ଘଟଣା ମନେ ପଡୁଛି। ଛ'ସ୍ତରି ମସିହାର ଶେଷ ଭାଗ। ଡିସେମ୍ବରର ଏକ ଶୀତ ସକାଳ। ଖରା ପଡ଼ି ସାରିଥିଲା। ସମୟ ସାତଟା ଉପରେ। ମୁଁ ଶୋଇଥାଏ। ବୋଉ ଡାକିଲା , 'ଝିଅ, ମାନସ ବୋଲି କିଏ ପିଲାଟେ ଡାକୁଛି।' ମୁଁ ଧଡ଼ପଡ଼ ହେଇ ଉଠିଲି। ମାନସ ଆମ ଘରକୁ କାହିଁକି ଆସିଛି ! ଆମ ସ୍କୁଲର ଆମେ ଦୁଇଟି ମାତ୍ର ପିଲା ଏସ୍.ସି.ଏସ୍. କଲେଜର କଳା ବିଭାଗର ପ୍ରଥମ ବର୍ଷର ଛାତ୍ର ଥିଲୁ। ସେ କ'ଣ ପାଇଁ ଆସିଛି। ମୁଁ ଆମ ଅଙ୍କି ପାଖକୁ ଗଲି।

**ଯଥେଷ୍ଟ ବୟସ୍କ ଥିଲେ ସେ। ତାଙ୍କ ହାତରେ ପିତୃତ୍ୱର ସ୍ନେହିଳ ସ୍ପର୍ଶ ରହିବା କଥା। ମତେ କିନ୍ତୁ କେମିତି ଗୋଟେ ଲାଗିଲା।**

'ସାତଟା ବାଜିଲାଣି ଶୋଇଛ ! ଏଇ ନିଅ କାର୍ଡ। ଆଜି କବିତା ଆସର ଅଛି ସାନ ହିନ୍ଦୀ ସ୍କୁଲରେ। ଆସିବ। କବିତାଟେ ନେଇ।' ସେ ଚାଲିଗଲା। ମୁଁ ଭାବି ହେଲି ଇଏ କେମିତି ଜାଣିଲା ମୁଁ ଲେଖୁଛି ବୋଲି। ଓ ... ପ୍ରକାଶିତ କବିତାଟି ଦେଖିଥିବ ପରା !

ମୁଁ ସାନ ହିନ୍ଦୀ ସ୍କୁଲର କବିତା ଆସରରେ ଯୋଗ ଦେଲି। 'ଶାନ୍ତି ପ୍ରତୀକ୍ଷାରେ' ନାଁର କବିତାଟି ପଢ଼ିଲି। ମୋ ପଢ଼ିବା ଶୈଳୀକୁ ସମସ୍ତେ ପ୍ରଶଂସା କଲେ। ସମସ୍ତଙ୍କ ଭିତରେ ଥିଲେ ଜଣେ ଶିକ୍ଷକ। ସେ ମୋ ପାଖକୁ ଆସିଲେ । କହିଲେ, 'ଝିଅ, ତମେ ଭଲ ଲେଖିଛ। ଭଲ ବି ପଢିଲ। ହେଲେ ଆଉ ଟିକେ ସଂଶୋଧନ ଦରକାର। ପଢ଼ିବା ଶୈଳୀ ମଧ୍ୟ ଆଉ ଟିକେ ଜାଣିବା ଦରକାର। ତମେ ଆମ ଘରକୁ ଆସ। ମୁଁ କିଛି ବାଟ ବତେଇବି। ତୁମ ଲେଖା ବିଭିନ୍ନ ଜାଗାକୁ ପଠାଇବାର ବନ୍ଦୋବସ୍ତ କରିବା।'

ମୁଁ ଶୁଣିଲି। ଘରକୁ ଫେରିଲି। ଭୁଲିଗଲି। କିଛି ଦିନ ପରେ ଚିଠିଟିଏ ପହଞ୍ଚିଲା। ଉପରୋକ୍ତ ସାର୍‌ଙ୍କର। ଲେଖିଥିଲେ ସେଇକଥା ଓ ଠିକଣା ଦେଇଥିଲେ। ମୁଁ ବୋଉକୁ ଚିଠିଟି ପଢ଼ି ଶୁଣାଇଲି। ତାଙ୍କ ଘର ବଡ଼ ମନ୍ଦିର ପଟ ଗଳିରେ -ମଣିକର୍ଣ୍ଣିକା ସାହି ବୋଧେ। ବୋଉ ଓ ମୁଁ ରିକ୍ସାରେ ଗଲୁ। ଘର ପଚାରି ଭିତରକୁ ଗଲି। ଭିତର ବାରଣ୍ଡାରେ ସ୍ତ୍ରୀ ଲୋକ ଜଣେ ପିଲାଙ୍କୁ ପଖାଳ ଖୁଆଉଥିଲେ। ମୁଁ ସାର୍‌ଙ୍କ ନାଁ କହି ପଚାରିଲି। ସେ ଉପରକୁ ଯିବାକୁ କହିଲେ। ବୋଉକୁ ତାଙ୍କ ଭାଉଜ ଚଉକିଟିଏ ବସିବାକୁ ଦେଲେ।

## ଆବିଳତାର ଗନ୍ଧ

ମୁଁ ସାର୍‌ଙ୍କୁ ଦେଖାକଲି। କିଛି ବି ବିଶେଷ ବାର୍ତ୍ତା ସେ ଲେଖା ସମ୍ବନ୍ଧରେ କହିଲେ ନାହିଁ। ଖାଲି ପଚାରିଲେ କ'ଣ କ'ଣ ଲେଖିଛ, କୋଉ କ୍ଲାସ୍‌ରେ ପଢୁଛ ଇତ୍ୟାଦି। ଏଇ ମାତ୍ର କେତେ ପଦ କଥା ଭିତରେ; ଆମେ ଯେମିତି ଛୋଟ ପିଲାଙ୍କୁ ଗୋଟେ ହାତରେ ଦୁଇ ପଟ ଗାଲରେ ଆଙ୍ଗୁଠି ରଖି ଗେଲରେ ଚିପିଦିଏ, ଠିକ୍ ସେମିତି ସେ ଗୋଟେ ହାତରେ ମୋର ଦୁଇ ପଟ ଗାଲକୁ ଚିପି ଦେଲେ। ଯଥେଷ୍ଟ ବୟସ୍କ ଥିଲେ ସେ। ତାଙ୍କ ହାତରେ ପିତୃତ୍ୱର ସ୍ନେହିଳ ସ୍ପର୍ଶ ରହିବା କଥା। ମତେ କିନ୍ତୁ କେମିତି ଗୋଟେ ଲାଗିଲା। ସେମିତି କରିବାର ସେଭଳି କୌଣସି ବାର୍ତ୍ତାଳାପ ବା ପରିବେଶ ସେଠାରେ ସୃଷ୍ଟି ହୋଇ ନ ଥିଲା। ଏତିକି ମାତ୍ର ଆଚରଣ। ଅଥଚ ଗୋଟେ ଆବିଳତାର ଗନ୍ଧ ମୋ ନାକରେ ବାଜିଲା।' ସାର୍ ବୋଉ ତଳେ ଅପେକ୍ଷା କରିଛି। ଆପଣ ପରେ ସଜେସନ୍ ଦେବେ', କହି ମୁଁ ପଳେଇ ଆସିଲି।

ରାସ୍ତା ସାରା ରିକ୍ସାରେ ମୁଁ ଗୁମସୁମ୍ । ବୋଉ ପଚାରିଲା, 'ତୋ କବିତା ବିଷୟରେ ସେ କଁ କହିଲେ?'

...'ବାଜେ ମାଷ୍ଟ୍ରଟେ। କିଛି ଜାଣିନି। ଭାରି ବତେଇଲା

ବାଲା... !'

ବୋଉ କହିଲା, 'ଥାଉ। ଯେତିକି ପାରିବୁ, ସେତିକି ନେଖିବୁ। ଛାପିବୁ। କାହାକୁ କିଛି କହିବା ଦରକାର ନାହିଁ।'

**ଏକଲା ଚଲୋରେ**

ସେଇଦିନଠୁ ମୋ ସାହିତ୍ୟ ସାଧନା - ଏକଲା ଚଲୋରେ ! କେହି କହିପାରିବେନି କାହାକୁ ଥରକ ପାଇଁ ଅନୁରୋଧ କରିଛି ବୋଲି ମୋ ଗପ କବିତାର ପ୍ରକାଶ ପାଇଁ। ଲେଖିଛି। ସମ୍ପାଦକଙ୍କ ପାଖକୁ ପଠେଇଛି। ଛପି ଚାଲିଛି।

**ସେ ଶିକ୍ଷକ ଜଣକ ମତେ ଆଉ କେବେ ଦେଖା ଦେଇନାହାନ୍ତି କି ଚିଠି ଲେଖି ପରାମର୍ଶ ଦେବାକୁ ଡାକି ନାହାନ୍ତି।**

ସେ ଶିକ୍ଷକ ଜଣକ ମତେ ଆଉ କେବେ ଦେଖା ଦେଇନାହାନ୍ତି କି ଚିଠି ଲେଖି ପରାମର୍ଶ ଦେବାକୁ ଡାକି ନାହାନ୍ତି। ପୁରୀ ସହରର ସମସ୍ତେ ତାଙ୍କର ଏ ଗୁଣ ଜାଣନ୍ତି। ବର୍ତ୍ତମାନ ସେ ଦିବଂଗତ।

ଆଜି ଯେତେବେଳେ ବହୁତ କମ୍ ଦିନ ଲେଖିଥିବା କଞ୍ଚା ହାତର ସ୍ୱାକ୍ଷର କୌଣସି ପ୍ରତିଷ୍ଠିତ ପତ୍ରିକାରେ ଦେଖେ, ମୋର ସେଇ ଖୁଣ୍ଟିଆ ସାରଙ୍କ କଥା ମନେପଡ଼େ। ଭାବେ, ଯା'ର ନେପଥ୍ୟରେ କୌଣସି ଖୁଣ୍ଟିଆ ସାର୍ ନାହାନ୍ତି ତ ! ଏଇଭଳି ଶହଶହ ଚରିତ୍ର ସମାଜରେ ଆତଯାତ ହେଉଛନ୍ତି। ବୟସ ବଢ଼ିବା ସହ ଏମାନଙ୍କୁ ମୁଁ ଠିକ୍ ଚିହ୍ନି ପାରୁଛି।

ଅବଶ୍ୟ ସମସ୍ତେ ସେଇ କବି ବନ୍ଧୁ ବା ଖୁଣ୍ଟିଆ ସାର୍ ନୁହନ୍ତି। ଏଇ ସାହିତ୍ୟ ସାଧନା ମତେ ଅନେକ ବଳିଷ୍ଠ ବ୍ୟକ୍ତିତ୍ୱଙ୍କ ସହ ପରିଚିତ କରାଇଛି ଏବଂ ସେମାନଙ୍କ ସହ ପରିଚୟ ମତେ ଯଥେଷ୍ଟ ପ୍ରେରିତ କରିଛି।

□□

ଲେଖିକାଙ୍କ ଇ-ମେଲ୍ ଠିକଣା:
sailabala.mahapatra@gmail.com

Greetings from:

DAWS
Design Advertisement Web Solution
Print Media Consultation

Design & Advertisement

We Deal in : Vinyl, Flex, Inkjet, Oneway, Translite & Offset Printing

Contact us :
C 2/140, Vibhuti Khand, Gomti Nagar, Lucknow - 226 010 (India)
Mobile : 9919001828, E-mail : vikas.daws@gmail.com, Website : www.dawsindia.com

**ପ୍ରବନ୍ଧ**

# ଲୋକସାହିତ୍ୟ କ୍ରମରେ ଟାଇପ୍ ଓ ମୋଟିଫ୍



ଡ. ସମୀର ଭୋଇ

**ଲୋ**କସାହିତ୍ୟ ତତ୍ତ୍ୱବିଦ୍ ଉଇଲିୟମ ଜନ୍ ଥମସ୍ଙ୍କ ଦ୍ୱାରା ୧୯୪୬ ମସିହାରେ 'ପପୁଲେସନ ଆଂଟିକ୍ୟୁରୀ' ପତ୍ରିକାରେ 'ଫୋକ୍‌ଲୋର୍' ଶବ୍ଦଟି ଚିହ୍ନିତ କରିଥିଲେ। ଏହା 'ଫୋକ୍' ଓ 'ଲୋର୍' ଶବ୍ଦଦ୍ୱୟର ସମନ୍ୱୟରେ 'ଫୋକ୍‌ଲୋର୍' ଗଠିତ ବୋଲି ସେ ମତ ପ୍ରଦାନ କରିଥିଲେ। 'ଫୋକ୍' (ଲୋକ)କହିଲେ ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ବର୍ବର ଓ ଆଦିମ ଗୋଷ୍ଠୀକୁ ସୂଚିତ କରୁଥିବା ବେଳେ 'ଲୋର୍' କହିଲେ ସାହିତ୍ୟ, ସଂସ୍କୃତି, ତତ୍ତ୍ୱ, ଯାନ, ବାର୍ତ୍ତା, ଧାରା, ଚର୍ଚ୍ଚା, ବିଜ୍ଞାନ, ପଲ୍ଲୀ ସାହିତ୍ୟ, ଗାଉଁଲି ସାହିତ୍ୟ ଆଦିକୁ ଆମେ ବୁଝିଥାଉ। ପ୍ରକୃତରେ ଦେଖିବାକୁ ଗଲେ ମଣିଷ ଶିକ୍ଷିତ ହେଉ ବା ଅଶିକ୍ଷିତ, ଯଦି ତା'ର ମାନସ ବୁକୁରେ ଲୋକ ପରମ୍ପରାକୁ ମାନ୍ୟତା ପ୍ରଦାନ କଲା ଆମେ ତାକୁ ଲୋକ ବୋଲି ଗ୍ରହଣ କରିପାରିବା। ଲୋକ କହିଲେ ଆମ ମନରେ ଧାରଣା ଆସେ ଯେ ଗାଁରେ ବସବାସ କରୁଥିବ, ଲୁଙ୍ଗି ପରିଧାନ କରୁଥିବ, ଶିକ୍ଷା କ୍ଷେତ୍ରରେ ଅନଗ୍ରସର ଥିବ, ନିୟମିତ ଚାଷକାର୍ଯ୍ୟରେ ନିୟୋଜିତ ଥିବ କିମ୍ବା ଦିନମଜୁରିଆ କାମ କରି ଜୀବନ ବଞ୍ଚୁଥିବ ଇତ୍ୟାଦି। ମାତ୍ର ପ୍ୟାଣ୍ଟ୍, ସାର୍ଟ ପରିଧାନ କରି ସହରୀ ସଭ୍ୟତାର ଚାକଚକ୍ୟରେ ନିଜକୁ ହଜେଇ ଦେଇ ଶିକ୍ଷାର ସର୍ବୋଚ୍ଚ ସୋପାନରେ ପହଞ୍ଚି ଅତ୍ୟାଧୁନିକ ଜୀବନ (ଅଲ୍‌ଟ୍ରା ମଡ଼ର୍ଣ୍ଣ ଲାଇଫ୍) ବଞ୍ଚୁଥିଲେ ମଧ୍ୟ ଆମେ ତାକୁ ଲୋକ ବୋଲି କହିପାରିବା। ଯଦି ସେ ଲୋକ ପରମ୍ପରା ବା ଲୋକ ମାନସିକତାକୁ ସ୍ୱୀକୃତି ପ୍ରଦାନ କରିବ। ଉଦାହରଣ ସ୍ୱରୂପ ବ୍ୟକ୍ତି ଉଚ୍ଚଶିକ୍ଷିତ ହେଲେ ମଧ୍ୟ ସେ ଯେତେବେଳେ କୌଣସି ଏକ ଗୃହ ନିର୍ମାଣ କରିବାକୁ ଯାଉଛି କିମ୍ବା ନୂତନ ଯନ୍ତ୍ରଟିଏ କ୍ରୟ କରି ଘରକୁ ଆଣୁଛି ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରିଥାଏ। ଏହା କୌଣସି ପୁସ୍ତକ ନିର୍ଦ୍ଦେଶିତ ନୁହେଁ। ଏପରି ନ କଲେ କାଳେ କିଛି ଅଘଟଣ ଘଟିବ ତେଣୁ ସେ ପରମ୍ପରାକ୍ରମେ ଚଳି ଆସୁଥିବା ରୀତି-ନୀତି, ପୂଜା-ପଦ୍ଧତିକୁ ମାନ୍ୟତା ପ୍ରଦାନ କରେ। ଏହା ଲୋକ ମାନସିକତା ଅଟେ।

> **ମଣିଷ ଶିକ୍ଷିତ ହେଉ ବା ଅଶିକ୍ଷିତ, ଯଦି ତା'ର ମାନସ ବୁକୁରେ ଲୋକ ପରମ୍ପରାକୁ ମାନ୍ୟତା ପ୍ରଦାନ କଲା ଆମେ ତାକୁ ଗ୍ରହଣ କରିପାରିବା।**

ଏକଦା ସହରରେ ବାସ କରୁଥିବା ସମ୍ଭ୍ରାନ୍ତ ଶିକ୍ଷିତା ମହିଳାର ଶିଶୁଟି କାନ୍ଦିଲା। ମା' ଶିଶୁଟିକୁ ଶାନ୍ତ କରିବା ପାଇଁ ତା'ର ସମସ୍ତ କୌଶଳ ଆପଣେଇଲା, ମାତ୍ର ସେ ବିଫଳ ହେଲା। ପାଖ ପଡୋଶୀ ତଥା ଡାକ୍ତରଙ୍କ ପରାମର୍ଶ ନେଲା। ତଥାପି ପିଲାଟିର କାନ୍ଦ ବନ୍ଦ ନ ହେବାରୁ ମା'ର ମନ ଶଙ୍କିତ ହୋଇପଡିଲା। ମନେ ମନେ କେତେ ଯେ ଦେବଦେବୀଙ୍କୁ ଗୁହାରି କଲା। ଆତ୍ମୀୟସ୍ୱଜନମାନେ ଶିଶୁଟିର ଖାଇବା, ପିଇବା, ଯିବା, ଆସିବା ସ୍ଥାନ ସମ୍ପର୍କରେ ପଚାରି ବୁଝିଲେ ଏବଂ ଅଦୃଷ୍ଟ ଶକ୍ତିର କୁପ୍ରଭାବ ବୋଲି ମନେ କଲେ। ଗାଁରେ ଝଡ଼ାଫୁଙ୍କା କରୁଥିବା ଗୁଣିଆ ପାଖକୁ ନେଇ ଶିଶୁଟିକୁ ଝାଡ଼ିଦେବା ପାଇଁ ପରାମର୍ଶ ଦେଲେ। କଥାରେ ଅଛି "ଯା ପୁଅକୁ ସାପ କାମୁଡ଼ିଥାଏ, ତା' ମା' ପାଳ ଦଉଡି ଦେଖିଲେ ଡରେ" ନ୍ୟାୟରେ ମା' ଟି କାଳବିଳମ୍ବ ନ କରି ଆପଣା ପିତୃପୁରୁଷ ଗାଁରେ ରହୁଥିବା ଦଧି ମଉସାକୁ ଫୋନ ଲଗାଇଲା। ପିଲାଟିର ସମସ୍ତ ଲକ୍ଷଣ ବଖାଣିଲା। ସେଇଠୁ ଦଧି ମଉସା ଆଖି ଦୁଇଟି ବନ୍ଦ କରି, ଇଷ୍ଟଦେବଙ୍କୁ ସ୍ମରଣ କରି ଫୋନ ମାଧ୍ୟମରେ ଗୁଣୁଗୁଣୁ କରି ମନ୍ତ୍ର ପଢ଼ିଲା ଯଥା-


"ଆସକୁଟି ବାସକୁଟି ଲୁସକୁଟି
ଗଛରେ ଥିଲୁ କି ପତ୍ରରେ ଥିଲୁ
ମୋ ଶିଶୁ ଦେହରେ ପ୍ରବେଶ କଲୁ
ଏବେ ଛାଡ଼ି ଚାଲି ଯା' ବୋଲି କାହାର ଆଜ୍ଞା

ଈଶ୍ୱର ପାର୍ବତୀଙ୍କର କୋଟି କୋଟି କୋଟି ଆଜ୍ଞା।"

କହି ଫୁ... ଫୁ... ଫୁ... କରି ତିନିଥର ଫୁଙ୍କିଲା। ପୁଣି ତିନିଥର କରତାଳି ଦେ ଯା... ଯା... ଯା... କହି ଲୁଣପାଣି ମୁହାଁଏ ପିଲାଟିକୁ ପିଇବା ପାଇଁ ପରାମର୍ଶ ଦେଲା। ଏଠାରେ ଯଦିଓ ମା'ଟି ଉଚ୍ଚଶିକ୍ଷିତା। ସହରୀ ସଭ୍ୟତାର ଚାକଚକ୍ୟରେ ତା'ର ଜୀବନଶୈଳୀ ଅତିବାହିତ। ଏସବୁ ଅନ୍ଧବିଶ୍ୱାସ ପ୍ରତି କୁଠାରାଘାତ କଲେ ମଧ୍ୟ ଆପଣା ପରିବାର, ସନ୍ତାନସନ୍ତତି ମଙ୍ଗଳ କାମନା କରି ଲୋକ ପରମ୍ପରା ଓ ଲୋକମାନସକୁ ଆପଣେଇଥିବା ହେତୁ ସେ ଲୋକ ପର୍ଯ୍ୟାୟବାଚୀ ମନେହୁଏ।

## ପାରମ୍ପରିକ କାହାଣୀ

ଟାଇପ୍ ହେଉଛି ଏକ ପାରମ୍ପରିକ କାହାଣୀ, ଯାହାର ଏକ ନିରପେକ୍ଷ ଅସ୍ତିତ୍ୱ ଅଛି। ଏହାକୁ ବାସ୍ତବରେ ଅନ୍ୟ ଏକ କାହାଣୀ ସହିତ କୁହାଯାଇପାରେ ଏବଂ ଏହାର ଅର୍ଥ କିମ୍ବା ଅନ୍ୟ କୌଣସି କାହାଣୀ ପାଇଁ ନିର୍ଭର କରେ ନାହିଁ। କିନ୍ତୁ ଏହା ଏକାକୀ ଦେଖାଯିବା ଫଳରେ ଟାଇପ କାହାଣୀର ସ୍ୱାଧୀନତାକୁ ପ୍ରମାଣ କରେ। ଟାଇପ କାହାଣୀଗୁଡିକ ସର୍ବକାଳୀକ ତଥା ସାର୍ବଜନୀନ ଧର୍ମ ରକ୍ଷା କରିଥାଏ। ଭୌଗୋଳିକ ଅବସ୍ଥିତି, ସାମାଜିକ ରୀତିନୀତି, ଅର୍ଥନୈତିକ ପରିସ୍ଥିତି, ଭାଷାଗତ ବୈଷମ୍ୟ ତଥା ସର୍ବୋପରି ଆଞ୍ଚଳିକ ବୈଷମ୍ୟ ଯୋଗୁ ଟାଇପ କାହାଣୀମାନଙ୍କରେ ଆଞ୍ଚଳିକ ପ୍ରଭାବ ପଡିଥାଏ।




ଲୋକକଥା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପରିବର୍ତ୍ତନ ହୁଏ ତେଣୁ ଲୋକ କାହାଣୀକୁ ସମ୍ପୂର୍ଣ୍ଣ ଭାବରେ ଭୁଲି ଯାଇପାରେ କିନ୍ତୁ ମୋଟିଫ୍‌ର ବିଶେଷ ବୈଶିଷ୍ଟ୍ୟ ହେଉଛି ବିସ୍ମୟରେ ହଜିଯିବା। ଏହା କଳ୍ପନାକୁ ଉତ୍ସାହିତ କରେ ଏବଂ ଏକ ନୂତନ ଇନ୍‌ପୁଟ୍ ଯୋଗ୍ୟତା ପ୍ରଦାନ କରେ, ତେଣୁ ଡେଣା ବିଶିଷ୍ଟ ଗୋଟିଏ ଘୋଡ଼ା ଶ୍ରୋତାମାନଙ୍କୁ ଆକର୍ଷିତ କରେ ଏବଂ ଲୋକ କାହାଣୀର କିଛି ଜଟିଳ ସମସ୍ୟାର ସମାଧାନ କରେ। ପରମ୍ପରାକୁ ବଜାୟ ରଖିବାରେ ମୋଟିଫ୍ ହେଉଛି ସବୁଠାରୁ ଛୋଟ ଉପାଦାନ। ଏହି ଶକ୍ତି ପାଇବାକୁ ହେଲେ ଏଥିରେ କିଛି ଅସାଧାରଣ ଏବଂ ଚମତ୍କାରିତା କିଛି ରହିବା ଆବଶ୍ୟକ।

## ଟାଇପ୍ ଓ ମୋଟିଫ୍

ଲୋକସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରୁ ଲୋକକାହାଣୀରେ ଟାଇପ୍ (Type) ଓ ମୋଟିଫ୍ (Motif)ର ସ୍ଥାନ ଗୁରୁତ୍ୱପୂର୍ଣ୍ଣ ଅଟେ। ଲୋକକାହାଣୀର ବର୍ଗୀକରଣ ଓ ସଂରଚନା ଅନୁଶୀଳନ କରିବା ପାଇଁ ଉଭୟଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ମନେହୁଏ। ୧୯୧୦ ମସିହାରେ ଆଣ୍ଟି ଆର୍ନେ 'ଟାଇପ୍‌ସ ଅଫ୍ ଫୋକ୍ ଟେଲ୍‌ସ୍' ଗ୍ରନ୍ଥରେ ଟାଇପ୍ ସମ୍ପର୍କରେ ଆଲୋଚନା କରିଛନ୍ତି। ୧୯୨୮ ମସିହାରେ ଷ୍ଟିଥ୍ ଥମ୍ପସନ ଏହାକୁ ଇଂରାଜୀରେ ଅନୁବାଦ କରିବା ସହିତ ଏହାର ପରିବର୍ଦ୍ଧିତ ସଂସ୍କରଣ ୧୯୬୧ ମସିହାରେ 'ଦି ଟାଇପ୍ ଅଫ୍ ଫୋକ୍ ଟେଲ୍‌ସ୍ : ଏ କ୍ଲାସିଫିକେସନ ଆଣ୍ଡ ବିବିଲିଓଗ୍ରାଫି' ଗ୍ରନ୍ଥ ପ୍ରକାଶିତ ହେଲା। ଯେଉଁ ଲୋକ କାହାଣୀଗୁଡିକ ପରମ୍ପରାକ୍ରମେ ନିଜର ସ୍ୱତନ୍ତ୍ର ସତ୍ତା ବଜାୟ ରଖେ ତାହା ହିଁ ଟାଇପ୍ ଗଳ୍ପ ହୁଏ। ଟାଇପ୍ ଗଳ୍ପ ସମ୍ପର୍କରେ ଡ. କୃଷ୍ଣଦେବ ଉପାଧ୍ୟାୟ କହନ୍ତି "ଅପନୀ କୁଛ ବିଶେଷତାଏଁ (କ୍ୟାରେଟରରାଇଷ୍ଟିକ୍‌ସ୍) କେ କାରଣ କୋଇ କଥା କ ବର୍ଗ ଦୁସରି କଥାଓଁ ସେ ପୃଥକ ହୋତା ହେ। ଇସ ବର୍ଗ କୋ ଟାଇପ୍ କହତେ ହେଁ।" (ଲୋକ ସାହିତ୍ୟ କି ଭୂମିକା, ପୃ. ୧୪୨) ଟାଇପ୍ ଗଳ୍ପର କଥାବସ୍ତୁରେ କିଛି ପରିବର୍ତ୍ତନ ହେଉଥିଲେ ମଧ୍ୟ ତା'ର ଗଢ଼ଣ(ଫ୍ରେମ୍)ଟି ଅପରିବର୍ତ୍ତନୀୟ। ବିଭିନ୍ନ ଅଞ୍ଚଳରେ ଗୋଟିଏ ଲୋକକାହାଣୀ ପରିଦୃଷ୍ଟ ହୁଏ। ଓଡ଼ିଶାର ପଶ୍ଚିମାଞ୍ଚଳରେ ଥିବା ସମ୍ବଲପୁର ଜିଲ୍ଲା ହୁମାଠାରେ ପୂଜିତ ହେଉଥିବା ଶିବ ମନ୍ଦିରରେ ବିମଳେଶ୍ୱର ବାବାଙ୍କ ସମ୍ପର୍କିତ ଲୋକକାହାଣୀରୁ ସ୍ପଷ୍ଟ ଅନୁମିତ ହୁଏ।

ମହାନଦୀ କୂଳରେ ଏକ ଗିଲ୍ ବୃକ୍ଷ ମୂଳରେ ବିମଳେଶ୍ୱର ବାବାଙ୍କ ଲିଙ୍ଗ ଆବିର୍ଭାବ ହେଲା। କଥିତ ଅଛି, ପ୍ରତିଦିନ ଏକ ଦୁଧିଆଳୀ ଗାଇ ମହାନଦୀ ଅତିକ୍ରମ କରି ଲିଙ୍ଗ ସମୀପକୁ

ଆସେ ଏବଂ ତା' ପହ୍ନାରୁ ଆପେ ଆପେ କ୍ଷୀର ନିସୃତ ହୋଇ ଲିଙ୍ଗ ଉପରେ ପଡ଼େ। ଗାଈ ଜଗୁଆଳ ଗାଈ ପ୍ରତିଦିନ ନଈ ଆରପାରିକୁ ଯାଉଥିବା ଗାଈଟିର ଗତିବିଧିକୁ ଲକ୍ଷ୍ୟ କରି ଦିନେ ତାକୁ ଅନୁସରଣ କଲା। ଯେତେବେଳେ ଏପରି ଅଲୌକିକ ଦୃଶ୍ୟ ଦେଖିଲା ସେ ଯାଇ ଗାଈର ମାଲିକକୁ ଏ ବିଷୟରେ ଜଣାଇଲା। ମାଲିକ ପ୍ରକୃତ ଘଟଣା ଜାଣିବା ପାଇଁ ନିଜେ ଯଥା ସ୍ଥାନରେ ପହଞ୍ଚିଲା। ସତକୁ ସତ ଗାଈ ପହ୍ନାରୁ ଆପେ ଆପେ କ୍ଷୀର ନିସୃତ ହୋଇ ତଳକୁ ଶୋଷି ହୋଇଯାଉଛି। ଏ ବିରଳ ଦୃଶ୍ୟ ଦେଖି ସେ ସ୍ତମ୍ଭୀଭୂତ ହୋଇଗଲା। ରାତିରେ ସ୍ୱୟଂ ବିମଳେଶ୍ୱର ବାବା ସ୍ୱପ୍ନରେ ଉକ୍ତ ବ୍ୟକ୍ତିକୁ ନିଜର ଆବିର୍ଭାବ ବିଷୟ ଜଣାଇଲେ। ସେହିଦିନଠାରୁ ବିମଳେଶ୍ୱର ବାବାଙ୍କ ପୂଜା ଆରାଧନାରେ ସେ ମନୋନିବେଶ କଲେ। ଘଟଣାଟି ରାଜାଙ୍କ କର୍ଣ୍ଣଗୋଚର ହେବାମାତ୍ରେ ଉକ୍ତ ସ୍ଥାନରେ ମନ୍ଦିର ନିର୍ମିତ ହେଲା। ଏପରି ଲୋକକାହାଣୀ ଢେଙ୍କାନାଳ ଜିଲ୍ଲାର କପିଳେଶ୍ୱର ଶିବମନ୍ଦିର, ଗଞ୍ଜାମର ଲଙ୍ଗଳେଶ୍ୱର, ଧବଳେଶ୍ୱର ଶିବମନ୍ଦିରର ଲିଙ୍ଗ ଆବିର୍ଭାବ ସମ୍ପର୍କରେ ଲୋକକାହାଣୀ କଥିତ ଅଛି। ଏସବୁ କାହାଣୀଗୁଡିକ ଗୋଟିଏ ପ୍ରକାର (ଟାଇପ୍) ମନେ ହୁଏ। ତେଣୁ ଏହା ଏକ ଟାଇପ୍ ଗଳ୍ପ ବା କାହାଣୀ କୁହାଯିବ।

**ଲୋକକାହାଣୀରେ ଯେଉଁ ମୌଳିକ ଉଦ୍ଦେଶ୍ୟ ବା ବିଷୟ ରହିଥାଏ ତାକୁ ମୋଟିଫ୍ କୁହାଯାଏ।**

### ଅଞ୍ଚଳଭେଦରେ ବିବିଧତା

ଓଡ଼ିଶାର ବିଭିନ୍ନ ଅଞ୍ଚଳ ତଥା ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ କଥିତ ବେଙ୍ଗଲୀ କଥା ଭିନ୍ନ ଭିନ୍ନ ରୂପେ ଆବୃତ୍ତି କରାଯାଉଥିଲେ ମଧ୍ୟ ବିଷୟବସ୍ତୁ ଗୋଟିଏ ପ୍ରକାର ମନେହୁଏ। ସେହିପରି 'ବୁଢ଼ା ଚିଙ୍ଗୁଡ଼ି' ଲୋକକାହାଣୀକୁ ନିରୀକ୍ଷଣ କଲେ ଜଣାଯାଏ – ବୁଢ଼ା ଗାଁ ପୋଖରୀରୁ ଚିଙ୍ଗୁଡ଼ି ମାଛ ଧରିଆଣି ବୁଢ଼ୀକୁ ରୋଷେଇ କରିବା ପାଇଁ ପରାମର୍ଶ ଦେଇ ଗାଧୋଇବା ପାଇଁ ଚାଲିଗଲା। ବୁଢ଼ୀ ଉତ୍ତମରୂପେ ରୋଷେଇ ସାରି ସ୍ୱାଦ ଚାଖିଲା। ଚିଙ୍ଗୁଡ଼ି ମାଛ ଝୋଳର ସ୍ୱାଦ କହିଲେ ନ ସରେ। ବୁଢ଼ାର ଫେରିବାର ବିଳମ୍ବ ହେବାରୁ ଅଳ୍ପ ଅଳ୍ପ କରି ବୁଢ଼ୀ ସବୁତକ ଖାଇଦେଲା। ଭୟରେ ଆପଣା ପିଚାର କିଛି ଅଂଶ କାଟି ତା' ପାଇଁ ରୋଷେଇ କଲା ଓ ଗୋଟେ ଛିଣ୍ଡା ଦଉଡିଆ ଖଟରେ କନ୍ଥା ଘୋଡେଇ ହୋଇ ଶୋଇପଡିଲା। ବୁଢ଼ା ଗାଧୋଇ ଆସି ବୁଢ଼ୀକୁ ଭାତ ବାଢ଼ିବା ପାଇଁ କହିଲା। ବୁଢ଼ୀ ପାଟି ଖନ ଖନ କରି ଆପଣା ଶରୀର ଅସୁସ୍ଥ ବୋଲି ବୁଢ଼ାକୁ ଜଣାଇଲା ଏବଂ ନିଜେ ଭାତ ବାଢ଼ି ଖାଇବା ପାଇଁ କହିଲା। ବୁଢ଼ା ଭୋକରେ ଆଉଟୁ ପାଉଟୁ ହେଉଥାଏ ତେଣୁ ବୁଢ଼ୀ କଥାରେ ବିଶ୍ୱାସ କରି ରୋଷେଇ ଗୃହକୁ ପଶିଲା। ଭାତ, ତିଅଣ ବାଢ଼ି ଯେମିତି ଖାଇବା ଆରମ୍ଭ କରିଛି ପୂର୍ବରୁ ଛପି ରହିଥିବା ପୁଷି ବିଲେଇଟି କହିଲା –

ମ୍ୟାଉଁ ମ୍ୟାଉଁ
ଦୁଧ ଭାତ କରି ଗୁଣ୍ଡିଏ ଦେଉ
ମରମ କଥାଟି କହୁଁ
ବୁଢ଼ୀ ଖାଉଥାଏ ଚିଙ୍ଗୁଡ଼ି ମାଛ
ବୁଢ଼ା ଖାଉଥାଏ ପିଚା ମାଉଁସ।

ପଶ୍ଚିମାଞ୍ଚଳୀୟ ଚିଙ୍ଗୁଡ଼ି ଲୋକକାହଣୀରେ –

ବୁଢ଼ୀ ଖାଏଲା ଚିଙ୍ଗିରି ଝୋଲ୍
ବୁଢ଼ାକେ ଦେଲା ଗିଜର ମାଉଁସ୍
ମ୍ୟାଉଁ... ମ୍ୟାଉଁ....।

ବଙ୍ଗଳା ଲୋକକାହାଣୀରେ –

ବଉ ଖାୟ ଚିଡିଂ ମାଛର ଝୋଲ୍
ଆର କଉାଖାୟ କୁକୁରେର୍ ଲେଞ୍ଜ୍।

ସମାନ ଧରଣର କାହାଣୀ ଅଞ୍ଚଳ ଭେଦରେ ଭିନ୍ନ ଭିନ୍ନ ରୂପେ କଥିତ ହେଉଥିଲେ ହେଁ ବିଷୟବସ୍ତୁ ବା ଗଢ଼ଣ (ଫ୍ରେମ୍)ଟି ଗୋଟିଏ ପ୍ରକାର ମନେହୁଏ। ଟାଇପ୍ କାହାଣୀଗୁଡିକ ବିଭିନ୍ନ ପ୍ରକାର ରହିଛି ଯଥା- ଜୀବଜନ୍ତୁ କାହାଣୀ, ହାସ୍ୟ ଓ ବ୍ୟଙ୍ଗ କାହାଣୀ, ବାସ୍ତବ ଘଟଣା କୈନ୍ଦ୍ରିକ କାହାଣୀ, ସାଧାରଣ କାହାଣୀ ଇତ୍ୟାଦି।

ଲୋକକାହାଣୀରେ ଯେଉଁ ମୌଳିକ ଉଦ୍ଦେଶ୍ୟ ବା ବିଷୟ ରହିଥାଏ ତାକୁ ମୋଟିଫ୍ କୁହାଯାଏ। ମୋଟିଫ୍‌କୁ ହିନ୍ଦୀରେ 'ଅଭିପ୍ରାୟ' ଓଡ଼ିଆରେ 'ଜୀବନନାଟି' ବୋଲି କୁହାଯାଏ। ମୋଟିଫ୍ ହେଉଛି କାହାଣୀର ପ୍ରାଣକେନ୍ଦ୍ର। ଘଟଣା, ଚରିତ୍ର ଓ କାର୍ଯ୍ୟ ଏ ସମସ୍ତ ମୋଟିଫ୍‌ରେ ପ୍ରକାଶିତ ହୁଏ। ମୋଟିଫ୍‌ରେ ଅସାଧାରଣ କାର୍ଯ୍ୟ ଓ ଅପୂର୍ବତା ରହିବା ଅନିବାର୍ଯ୍ୟ।

ଲୋକକାହାଣୀରେ ଥିବା ସଂସ୍କୃତି, ପରମ୍ପରା, ମନୋବିଜ୍ଞାନ, ନୈତିକତା ଆଦି ରୂପ ମୋଟିଫ୍ ଦ୍ୱାରା ପରିଲକ୍ଷିତ ହୁଏ।

ଗ୍ରୀମସ୍ ଭାତୃଦ୍ୱୟ (ୱିଲିୟମ୍ ଗ୍ରୀମ୍ସ୍ ଓ ଜନ୍ ଗ୍ରୀମ୍ସ୍) ବିଭିନ୍ନ ଦେଶର ଲୋକକାହାଣୀରେ ଥିବା ସାମ୍ୟ ବୈଷମ୍ୟକୁ ପାଠ କରି ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସମୟ ବେଳକୁ ମୋଟିଫ୍ ଅନୁଶୀଳନ ଅୟମାରମ୍ଭ ଘଟି ନ ଥିଲା। ଗ୍ରୀମସ୍‌ଙ୍କ ପରେ ଅର୍ଥାତ୍ ଊନବିଂଶ ଶତାବ୍ଦୀ ବେଳକୁ ନୃତତ୍ତ୍ୱବିଦ୍ ଓ ଲୋକତତ୍ତ୍ୱବିଦ୍ ଯଥା ବ୍ଲୁମଫିଲଡ୍, ଟେମ୍ପଲ, (ରିଚାର୍ଡ଼ ଟେମ୍ପଲ୍), ଫ୍ରେଜର ଭେରିଅର ଏଲଉଇନ, ଆଣ୍ଟିଆର୍ନେ କ୍ରିଷ୍ଟେନସନ ଆଦି ଗବେଷକ ମୋଟିଫର ଆଲୋଚନା କ୍ଷେତ୍ରରେ ସଫଳତା ଅର୍ଜନ କରିପାରିନାହାନ୍ତି। ମାତ୍ର ସମସ୍ତ ବିଦ୍ୱାନଙ୍କ ମନରେ ଅଦମ୍ୟ ଉତ୍ସାହ ରହିଥିଲା। ପ୍ରତ୍ୟେକ ଗବେଷକ ଏଥିପାଇଁ ତତ୍ପର ଥିଲେ। ମାକସମୁଲାର ମୋଟିଫ୍‌କୁ 'ମିଥ୍'ର ଏକ ଅଂଶଭାବେ ବିବେଚନା କରିଛନ୍ତି। କେତେକ ମୋଟିଫ୍‌ରେ 'ମିଥ୍'ର ଅବସ୍ଥିତି ଲକ୍ଷ୍ୟ କରାଯାଉଥିଲେ ହେଁ ମୋଟିଫ୍ ମିଥ୍‌ର ଅଂଶବିଶେଷ ନୁହେଁ। ସୌରସିଦ୍ଧାନ୍ତବାଦୀ ମିଥ୍‌କୁ ମୋଟିଫ୍ ଆଖ୍ୟା ଦେଇଥିବାବେଳେ ନୃତତ୍ତ୍ୱବିଦ୍‌ମାନେ ସଭ୍ୟତା ଓ ସଂସ୍କୃତିର ଆଦିମ ଅନୁଭୂତି ହିଁ ମୋଟିଫ୍ ବୋଲି କହିଛନ୍ତି।

**କେତେକ ମୋଟିଫ୍‌ରେ 'ମିଥ୍'ର ଅବସ୍ଥିତି ଲକ୍ଷ୍ୟ କରାଯାଉଥିଲେ ହେଁ ମୋଟିଫ୍ ମିଥ୍‌ର ଅଂଶବିଶେଷ ନୁହେଁ।**

## କ୍ଷୁଦ୍ରତମ ଏକକ

ଲୋକସାହିତ୍ୟ ଗବେଷକ ଷ୍ଟିଥ୍ ଥମ୍ପସନ ବିଶ୍ୱର ଲୋକକାହାଣୀଗୁଡ଼ିକୁ ଅନୁଶୀଳନ କରି ମୋଟିଫ୍‌କୁ ସର୍ବକାହାଣୀର କ୍ଷୁଦ୍ରତମ ଏକକ ରୂପେ ପରିଚିତ କରାଇପାରିଛନ୍ତି। ୧୯୩୫ ମସିହାରେ ମୋଟିଫ୍ ଇଣ୍ଡେକ୍ସ ନାମକ ଏକ ପୁସ୍ତକ ସମଗ୍ର ମୋଟିଫ୍ ସୂଚୀକୁ ନେଇ ଗ୍ରନ୍ଥ ପ୍ରସ୍ତୁତ କରିଛନ୍ତି। ମନସ୍ତତ୍ତ୍ୱବିଦ୍ ସିଗମଣ୍ଡ ଫ୍ରଏଡ, କାର୍ଲ ୟୁଙ୍ଗ ଏବଂ ଫ୍ରାନଜ ବୋଆସ ମୋଟିଫ୍‌କୁ ସଂସ୍କୃତିର ଏକ ବିଭବ ବୋଲି କହିଛନ୍ତି।

ମୋଟିଫ୍‌ର ଅଧ୍ୟୟନ ଓ ବିଶ୍ଳେଷଣ କରି ଡ. କୁଞ୍ଜବିହାରୀ ଦାଶ ମୋଟିଫ୍‌ର ସଂଜ୍ଞା ସମ୍ପର୍କରେ କହନ୍ତି : ଦି ମୋଟିଫ୍ ଇଜ୍ ଆନ୍ ଆଇଡିଆ ଅର୍ କନ୍‌ସେପ୍ଟ ଅଫ୍ ଦି ଫୋକ୍ ଟେଲ୍ସ। ଏ ଫୋକ୍ ଟେଲ୍ ମେ ଚେଞ୍ଜ ଫ୍ରମ୍ ପ୍ଲେସ୍ ଟୁ ପ୍ଲେସ୍। (ଦାସ କୁଞ୍ଜବିହାରୀ : ଫୋକ୍‌ଲୋର୍ ଅଫ୍ ଓଡ଼ିଶା (୧୯୯. ପୃଷ୍ଠା. ୧୯୦)

ମୋଟିଫ୍ ମାଧ୍ୟମରେ ଲୋକକଥାର ମଞ୍ଜ ଘଟଣାକୁ ଅବଧାରଣା କରିହୁଏ। ଲୋକକାହାଣୀ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଗତି କଲାବେଳେ ପରିବର୍ତ୍ତନ ଘଟିବା ସ୍ୱାଭାବିକ। ଏହାର ବିଷୟବସ୍ତୁ ସମ୍ପୂର୍ଣ୍ଣ ରୂପେ ଲୁପ୍ତ ହୋଇଗଲେ ମଧ୍ୟ କଳ୍ପନାକୁ ଉତ୍ସାହିତ କରେ ଏବଂ କାହାଣୀକୁ ନୂତନ ପ୍ରେରଣା ପ୍ରଦାନ କରେ।

## ମୋଟିଫ୍‌ର ସଂଜ୍ଞା

ମୋଟିଫ୍‌ର ସଂଜ୍ଞା ନିରୂପଣ କରିବାକୁ ଯାଇ ବିଦ୍ୱାନମାନଙ୍କ ମଧ୍ୟରେ ଯେମିତି ମତଦ୍ୱୈଧ ପରିଲକ୍ଷିତ ହୋଇଥାଏ। ମୋଟିଫ୍ ବିଭାଗୀକରଣକୁ ନେଇ ଆଲୋଚକମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି କରିଛି। ରୂପ ତତ୍ତ୍ୱବିଦ୍ ଭି-ପ୍ରପ୍, ରୁଷୀୟ ପଣ୍ଡିତ ବୋରିଶ ଟୋମାସ୍କୋଭସ୍କି, ଫ୍ରାନ୍ସର ସଂରଚନାବାଦୀ ଟୋଡଭର ଲୋକକାହାଣୀର ଘଟଣାବଳି, ବିଷୟବସ୍ତୁ, ଚରିତ୍ର ଆଦିକୁ ଭିତ୍ତିକରି ବିଭାଗୀକରଣ କରିଥିଲେ ହେଁ, ମୋଟିଫର ବର୍ଗୀକରଣର ଚରମ ପ୍ରୟାସ ଷ୍ଟିଥ୍ ଥମ୍ପସନଙ୍କଠାରେ ଦେଖିବାକୁ ମିଳେ। ଯଥା:


୧. ବ୍ୟକ୍ତି ଓ ଦେବତା ମଧ୍ୟରେ କଥାବାର୍ତ୍ତା, ଅସାଧାରଣ ଘଟଣା ସୃଷ୍ଟି କରୁଥିବା ପଶୁ, ଆଶ୍ଚର୍ଯ୍ୟଜନକ ଜୀବ ଯଥା- ଭୂତ, ପ୍ରେତ, ଅସୁର, ଅସୁରୁଣୀ, ସ୍ୱର୍ଗର ଅପସରା ଇତ୍ୟାଦି।

୨. ଜଗତରେ ଏପରି ବସ୍ତୁ ରହିଛି ଯାହା ଲୋକକାହାଣୀରେ ସହାୟକ ହୁଏ। ଯଥା- ଯାଦୁବିଦ୍ୟା, ଅସାଧାରଣ ବିଶ୍ୱାସ।

୩. ଅଲୌକିକ ଘଟଣା, ଯେଉଁଥିରେ ମୋଟିଫ୍ ନିହିତ ଥିବ।

ମୋଟିଫ୍ ହେଉଛି ଏକ ଉପାଦାନ। ବିଶ୍ୱର ବିଭିନ୍ନ ଦେଶର ଲୋକକାହାଣୀରେ ଦେଖାଯାଉଥିବା କଥାକୁହା ପଶୁ, ରାକ୍ଷସ, ଭୂତ, ପରୀ, ମାଲୁଣୀ, ଐନ୍ଦ୍ରଜାଲିକ ବସ୍ତୁ ଗୋଟିଏ ଗୋଟିଏ ମୋଟିଫ୍ ଯୋଗୁ ଲୋକେ କାହାଣୀକୁ ପୁରୁଷାନୁକ୍ରମେ ମନେ ରଖନ୍ତି। କାହାଣୀ ମଧ୍ୟରେ ତା'ର ପୁନରାବୃତ୍ତି ମଧ୍ୟ କରନ୍ତି। ଲୋକକାହାଣୀରେ ସାଧାରଣ ମା' ମୋଟିଫ୍ ନୁହେଁ। କିନ୍ତୁ

ସାବତ ମା' ବା ନିଷ୍ଠୁରା ମା' ଗୋଟିଏ ମୋଟିଫ୍ କାରଣ ନିଷ୍ଠୁରା ମା' ଭିତରେ କିଛି ବୈଚିତ୍ର୍ୟ ଅଛି ଯାହା ତାକୁ ମନେ ରଖିବାରେ ସାହାଯ୍ୟ କରେ। ଉଦାହରଣ ସ୍ୱରୂପ : ବୁଢ଼ୀ ଅସୁରୁଣୀଟିଏ ଘଞ୍ଚ ଜଙ୍ଗଲରେ ବାସ କରୁଥାଏ। ସେହି ଇଲାକା ତା'ର ଅଧୀନରେ ଥାଏ। ସେଇ ବାଟ ଦେଇ ଯିଏ ଯାଉଥିଲା ତାକୁ କିଛି ଖାଦ୍ୟ ପଦାର୍ଥ ଦେଇ ଯିବାକୁ ପଡୁଥିଲା। ନଚେତ ବୁଢ଼ୀ ଅସୁରୁଣୀ ତା'ର ଅନିଷ୍ଟ କରୁଥିଲା। ଏକଦା ସ୍ତ୍ରୀ ଲୋକଟିଏ ସ୍ୱାମୀ ସହିତ ଝଗଡା କରି ସେହି ବାଟ ଦେଇ ବାପଘରକୁ ଫେରୁଥିଲା। ଫେରୁ ଫେରୁ ସନ୍ଧ୍ୟା ହେଲା। ହଠାତ ବୁଢ଼ୀ ଅସୁରୁଣୀ ସହିତ ତା'ର ସାକ୍ଷାତ୍ ହେଲା। ଭୟରେ ସେ ନିଜକୁ ଅସହାୟ ମନେକଲା। ବୁଢ଼ୀ ଅସୁରୁଣୀଠାରୁ ମୁକ୍ତି ପାଇବା ପାଇଁ ଶିଶୁକନ୍ୟାଟିକୁ ଅସୁରୁଣୀକୁ ପ୍ରଦାନ କଲା। ଅସୁରୁଣୀ ତାକୁ ହତ୍ୟା ନ କରି ଆପଣା ଘରକୁନେଇ ନେଇ ପାଳି ପୋଷି ବଡ କଲା। ଶିଶୁଟି ବଡ଼ ହେଲାରୁ ଘରୋଇ କାମରେ ତାକୁ ନିୟୋଜିତ କଲା। ଘରକାମ ଧୀରେ ଧୀରେ ବଢ଼ିବାରୁ ଝିଅଟି ବୁଢ଼ୀ ଅସୁରୁଣୀ ଉପରେ ବିରକ୍ତି ଭାବ ପ୍ରକାଶ କଲା। ଗ୍ରୀଷ୍ମମାସ, ଦ୍ୱିପ୍ରହର ଖରାବେଳଟାରେ ଉଭୟ ଖାଇସାରି ବିଶ୍ରାମ ନେବାକୁ ଗଲାବେଳେ ବୁଢ଼ୀ ଅସୁରୁଣୀର ମୁଣ୍ଡ କୁଣ୍ଡେଇ ହେଲା। ଝିଅକୁ ଉକୁଣି ଗୋଟାଇବା ପାଇଁ ଆଦେଶ କଲା। ଉକୁଣି ଗୋଟାଉ ଗୋଟାଉ ଝିଅଟି ମନେ ମନେ ଚିନ୍ତା କଲା ଏଇ ସମୟରେ ବୁଢ଼ୀର ତଣ୍ଟିକୁ ମୋଡ଼ି ଦିଅନ୍ତି କି ? ବୁଢ଼ୀ ମରିଯାଆନ୍ତା ମୋତେ ସବୁ କାମରୁ ନିସ୍ତାର ମିଳନ୍ତା। ଝିଅଟିର ମନକଥା ଜାଣିପାରି ବୁଢ଼ୀ କହିଲା – ଆଲୋ ଝିଅ ମୋ ତଣ୍ଟି ମୋଡିଦେଲେ ମରିଯିବି ବୋଲି ଭାବୁଛୁ କି? ମୋତେ ମାରିବାକୁ ହେଲେ ଏ ଯେଉଁ ଦେଖୁଛୁ ସାତତାଳ ପୋଖରୀ (ଅର୍ଥାତ ସାତଗୋଟି ତାଳ ଗଛକୁ ଯୋଡ଼ିଲେ ଯେତେ ଉଚ୍ଚ ହେବ ସେତେ ପାଣି) ପାଣି ଭିତରେ ଘର କରି ରହିଛି ମଣିଷଖିଆ କୁମ୍ଭୀର। କୁମ୍ଭୀର ପେଟ ଭିତରେ ଗୋଟିଏ ଫରୁଆ। ଫରୁଆ ଭିତରେ ଭଅଁର, ସେହି ଭଅଁର ବେକକୁ ମୋଡିଲେ ମୋର ମୃତ୍ୟୁ ହେବ। ଏଠାରେ ବୁଢ଼ୀ ଅସୁରୁଣୀର ଜୀବନନାଟି ଭଅଁର ପାଖେ ରହିଛି। ଭଅଁରଟି ଗୋଟିଏ ମୋଟିଫ୍ ରୂପେ ଚିହ୍ନିତ ହୁଏ।




**ସାଧବବୋହୂ କାହାଣୀ**

ସାଧବ ବୋହୂ କାହାଣୀରେ ସାଧବର ସବା ସାନ ବୋହୂ ଶାଗ କାଟୁଥିବାବେଳେ ହାତ କଟିଯାଇ ପ୍ରଚୁର ରକ୍ତସ୍ରାବ ହୋଇଛି। ସେପରି ଅବସ୍ଥାରେ ରୋଷେଇ କାମ ସାରି ଶ୍ୱଶୁରକୁ ଖାଇବାକୁ ଦେଇଛି। କାହିଁ କି କେଜାଣି ପରିବାରର ସମସ୍ତ ସଦସ୍ୟଙ୍କୁ ସେ ଦିନର ରୋଷେଇ ସୁମିଷ୍ଟ ଲାଗିଲା। ଏହାର କାରଣ ଜାଣିବା ପାଇଁ ଶ୍ୱଶୁର ବୋହୂକୁ ଏକାନ୍ତରେ ଡାକି ପଚାରିଲା। ବୋହୂ ଶ୍ୱଶୁରକୁ ବାପା ମନେକରି ମନରେ ତିଳେ ହେଲେ କୁଣ୍ଠା ପ୍ରକାଶ ନ କରି ସବୁକଥା ଖୋଲି କହିଦେଇଛି। ସନ୍ଧ୍ୟାରେ ଶ୍ୱଶୁର ସବା ସାନ ପୁଅକୁ ଛାଡ଼ି ଅନ୍ୟ ବଡ ଛଅ ପୁଅକୁ ଡାକି ଖାଦ୍ୟର ସ୍ୱାଦିଷ୍ଟ ହେବାର ଘଟଣା ବର୍ଣ୍ଣନା କରି ବୋହୂର ମାଂସ ଖାଇବା ପାଇଁ ସ୍ଥିର ହେଲା। କିନ୍ତୁ ତାକୁ ମାରିବ କିଏ ? ବଡ଼ ଭାଇ ଏକ ଉପାୟ ପାଞ୍ଚିଲା। ସାନବୋହୂ ଏତେଦିନ ହେଲା ରୋଷେଇ କାମରେ ବ୍ୟସ୍ତ ଥିବା ହେତୁ ସେ ଆଜି ବିଲକୁ ଯିବ। ବଡ଼ଭାଇର ନିର୍ଦ୍ଦେଶକ୍ରମେ ସେ ବିଲକୁ ଗଲା। ଜାମୁକୋଳି ଦେଖି ଖାଇବାକୁ ଲୋଭ ହେଲା। ଭାଇମାନେ ତାକୁ ଗଛ ଉପରକୁ ଟେକିଦେଲେ। କିଛି ଜାମୁକୋଳି ଖାଇବା ପରେ ଗଛ ଉପରୁ ପେଲି ଦେଲେ। ଗଛ ଉପରୁ ପଡ଼ି ସାନବୋହୂର ମୃତ୍ୟୁ ହେଲା। ସେଇଠି ତା'ର ମାଂସକୁ ଟିକ୍ ଟିକ୍ କରି କାଟି ରୋଷେଇ କରି ଖାଇଲେ। କିଛି ବଳି ପଡ଼ିବାରୁ ଘରକୁ ନେଇ ଆସିଲେ। ମାତ୍ର ସାନ ଭାଇ ଘଟଣାଟି ଜାଣିଯିବା ଭୟରେ ଘର ବାଡ଼ିପଟେ ଥିବା ଉଇହୁଙ୍କାରେ ବାକିତକ ମାଂସ ଭର୍ତ୍ତି କରିଦେଲେ। ସେଇଠୁ ଗୋଟିଏ କନିଅରୀ ଫୁଲଗଛ ଜାତ ହେଲା। ଗଛଟି ଧୀରେ ଧୀରେ ବଡ଼ ହୋଇ କଢ ହେଲା। ଏପଟେ ସାନବୋହୂକୁ ନ ପାଇ ଘରେ ପୂଜାବିଧିର ଆୟୋଜନ ହେଲା। ପୂଜା ନିମିତ୍ତ ଫୁଲର ଆବଶ୍ୟକତା ପଡ଼ିବାରୁ ବଡ ଯାଆ ବାଡିପଟେ ଥିବା କନିଅର ଫୁଲ ତୋଳିବା ପାଇଁ ଗଲେ। ଯେମିତି ଫୁଲଟି

ଛିଣ୍ଡାଇଛି ଗଛରୁ ଏକ ସୁମଧୁର ଗୀତ ଭାସି ଆସିଲା –

ଥିରି ଥିରି କରି ତୋଳରେ ମୋ ଯାଆ
ଗଛରୁ ପତର ଝରେଟି
ମୋ ଦେଢ଼ଶୁର ଗଛରୁ ପେଲିଲେ
ତହିକି ମୋ ଦେହ ଥରେ ଟି।

ଏପରି ଗୀତ ଶୁଣି ବଡ ଯାଆ ଆଶ୍ଚର୍ଯ୍ୟ ଚକିତ ହୋଇପଡିଲେ। ସଙ୍ଗେ ସଙ୍ଗେ ଘରର ସମସ୍ତଙ୍କୁ ଏ ବାର୍ତ୍ତାଟି ଜଣାଇଦେଲେ। ଯେଉଁମାନେ ଏ କାର୍ଯ୍ୟରେ ସମ୍ପୃକ୍ତ ଥିଲେ ସେମାନେ ଫୁଲ ତୋଳିବାକୁ ଗଲାବେଳେ ସେମାନଙ୍କୁ ଶତ୍ରୁ ବୋଲି ସମ୍ବୋଧନ କଲାବେଳେ ଅନ୍ୟମାନଙ୍କୁ ମାନ୍ୟ ପ୍ରଦାନ କରି ଗୀତ ବୋଲୁଛି। ସବା ସାନପୁଅକୁ ସ୍ୱାମୀ ବୋଲି ସମ୍ବୋଧନ କରିବାରୁ ସେ କୋହ ସମ୍ଭାଳି ନ ପାରି ଡାଳକୁ ଧରି ଜୋରରେ ଟାଣି ଆଣିଛି। ଗଛଟି ମୂଳରୁ ଉପୁଡି ଯାଇଛି। ତା' ଭିତରୁ ଅନିନ୍ଦ୍ୟ ସୁନ୍ଦରୀ ରୂପସୀ କନ୍ୟା ଉଭା ହୋଇଛି। ସାନପୁଅ ଆପଣା ସ୍ତ୍ରୀକୁ ଚିହ୍ନିପାରି କୋଳେଇ ନେଇଛି। ଏଠାରେ କନିଅର ଗଛ ଏକ ମୋଟିଫ୍ ସାନବୋହୂର ଜୀବନନାଟି ତା'ରି ମୂଳରେ ନିହିତ ଅଛି।

**ମୋଟିଫ୍‌ର ବ୍ୟାପ୍ତି ଅନନ୍ତ ଓ ଅସୀମ। ଏହାର ସୁଦୀର୍ଘ ଇତିହାସ ବା ପରମ୍ପରା ରହିଛି।**

ମୋଟିଫ୍‌ର ବ୍ୟାପ୍ତି ଅନନ୍ତ ଓ ଅସୀମ। ଏହାର ସୁଦୀର୍ଘ ଇତିହାସ ବା ପରମ୍ପରା ରହିଛି। ମୋଟିଫ୍ ଏବଂ କାହାଣୀର ପ୍ରକାର (ଟେଲ୍ ଟାଇପ୍) ମଧ୍ୟରେ ପାର୍ଥକ୍ୟ ପରିଲକ୍ଷିତ ହୁଏ। ବିଭିନ୍ନ ଦେଶର ଲୋକ କାହାଣୀଗୁଡିକରେ ଗୋଟିଏ ପ୍ରକାର ମୋଟିଫ୍ ଲକ୍ଷ୍ୟକରି ହୁଏ। କିନ୍ତୁ ଲୋକକାହାଣୀର ଟାଇପ୍ ଦେଶ ବିଦେଶରେ ଭୌଗୋଳିକ ସୀମା ମଧ୍ୟରେ ସୀମିତ ରହେ।

**ସହାୟକ ଗ୍ରନ୍ଥସୂଚୀ :**


ଦାଶ କୁଞ୍ଜବିହାରୀ (୧୯୫୮) : ଓଡ଼ିଆ ଲୋକଗୀତ ଓ କାହାଣୀ।
ବିଶ୍ୱଭାରତୀ, ଶାନ୍ତିନିକେତନ, ଓଡ଼ିଆ ଗବେଷଣା ବିଭାଗ।

ପଟ୍ଟନାୟକ କୈଳାସ (୧୯୮୯) : ଲୋକସାହିତ୍ୟ ଚର୍ଚ୍ଚା। ଓଡ଼ିଶା ଜଗନ୍ନାଥ କମ୍ପାନୀ

ପଣ୍ଡା ନିମାଇଁ ଚରଣ (୧୯୯୭) : ପଶ୍ଚିମ ଓଡିଶାର ଲୋକସାହିତ୍ୟର ସ୍ୱରୂପ। ମେନକା ପ୍ରକାଶନୀ, ଗୋଲବଜାର, ସମ୍ବଲପୁର।

ପ୍ରଧାନ କୃଷ୍ଣଚନ୍ଦ୍ର (୧୯୯୮) : ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି। ବିଦ୍ୟାପୁରୀ, ବାଲୁବଜାର, କଟକ -୨।

ମହାପାତ୍ର ଶ୍ୟାମସୁନ୍ଦର (୧୯୯୫) : ଲୋକସାହିତ୍ୟ ତତ୍ତ୍ୱ। ଓଡ଼ିଶା ବୁକଷ୍ଟୋର, କଟକ-୨।

ମିଶ୍ର ଅଜୟ କୁମାର (୧୯୯୫) : ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି। ଇଣ୍ଡିଆନ ବୁକ ଡିଷ୍ଟ୍ରିବ୍ୟୁଟର୍ସ, ବାଦାମବାଡ଼ି, କଟକ -୨।

ମିଶ୍ର ପ୍ରସନ୍ନ କୁମାର (୧୯୮୧) : ପୂର୍ବ ଭାରତର ହିନ୍ଦୁ ଲୋକମିଥ୍। ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ।

ମିଶ୍ର ମହେନ୍ଦ୍ର କୁମାର (୧୯୯୦) : ନୀଳକଣ୍ଠ ସ୍ମାରକୀ (୬ଷ୍ଠ ଖଣ୍ଡ) ଲୋକ ସଂସ୍କୃତିବିଦ
ନୀଳକଣ୍ଠ। ଖାରବେଳ ନଗର, ଭୁବନେଶ୍ୱର-୧।

ପାଣିଗ୍ରାହୀ କୁମୁଦ ରଞ୍ଜନ (୨୦୧୨) : ଲୋକଧାରା ଲୋକସଂସ୍କୃତି ଓ ଲୋକସାହିତ୍ୟ। ସୁଖଦୁଃଖ ପବ୍ଲିକେଶନ୍, ଆଶିଆନା, ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ର ଲେନ, ସମ୍ବଲପୁର -୭୬୮୦୦୧

ଡନ୍ ବେ୍ ଆମୋସ୍ (୧୯୮୨) : ଫୋକ୍‌ଲୋର୍ ଇନ୍ କନ୍‌ଟେକ୍ସ ଏସେଜ୍, ସାଉଥ୍ ପବ୍ଲିକେସନ ପ୍ରାଇଭେଟ୍ ଲି. ଦିଲ୍ଲୀ।

ଦାଶ କୁଞ୍ଜବିହାରୀ (୧୯୯୧) : ଫ୍ଲୋକ୍‌ଲୋର ଅଫ୍ ଓରିଶା, ଓଡ଼ିଶା ସାହିତ୍ୟ ଏକାଡେମୀ।

ଦାସ କେ.ବି. ମହାପାତ୍ର ଏଲ୍.କେ (୧୯୭୯) : ଫୋକ୍‌ଲୋର୍ ଅଫ୍ ଓରିଶା, ନ୍ୟାସନାଲ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ।

ଡୁଣ୍ଡେସ୍ ଆଲାନ୍ (୧୯୭୮) : ଏସେଜ୍ ଇନ୍ ଫୋକ୍‌ଲୋରିଷ୍ଟିକ୍‌ସ, ଫୋକ୍‌ଲୋର୍ ଇନ୍‌ଷ୍ଟିଚ୍ୟୁଟ୍, ମେରଠ।

ଡ. ସତ୍ୟାନନ୍ଦ (୧୯୬୨) : ଲୋକସାହିତ୍ୟ ବିଜ୍ଞାନ ରାଜସ୍ଥାନୀ ଗ୍ରନ୍ଥାଗାର, ଯୋଧପୁର।

ଉପାଧ୍ୟାୟ କୃଷ୍ଣଦେବ : ଲୋକସାହିତ୍ୟ କି ଭୂମିକା, ସାହିତ୍ୟ ଭବନ ପ୍ରା. ଲି.।


□□

ଲେଖକଙ୍କ ଇ-ମେଲ ଠିକଣା:
sameer_648@rediffmail.com

ଗଳ୍ପ

# ଜୀବନର ସୂର୍ଯ୍ୟାସ୍ତ



ଲଳିତ ମୋହନ ମିଶ୍ର

ସୂର୍ଯ୍ୟ ପୂର୍ବ ଦିଗରେ କେତେବେଳୁ ଉଦୟ ହୋଇ ଗଲେଣି। ପ୍ରସନ୍ନ ବାବୁ ଦାଣ୍ଡ ଘରଟାରେ ବସି ରହିଛନ୍ତି। ମଝିରେ ମଝିରେ ପିଠି ବୁଲାଇ ବାଡ଼ିପଟ ଆଡ଼କୁ ଟିକେ ନଜର କରି ଦେଉଛନ୍ତି। ପୁଣି ଚଷମାଟିକୁ ସଜାଡ଼ି ଦାଣ୍ଡ ଆଡକୁ ନଜର କରି, ଖବରକାଗଜ ପଢ଼ାରେ ନିମଗ୍ନ ରହୁଛନ୍ତି। ବୁଢ଼ୀଟା ଥିଲେ ମନର କଥା କହିଥାନ୍ତେ, ସେ ତ ଏକା କରି କେଉଁ ଦିନଠାରୁ ଚାଲିଗଲାଣି। ଗୋଟିଏ ବୋଲି ପୁଅ ତାକୁ ତ ଆଶ୍ରା କରି ଚଳିବା କଥା। ସମୟର ଭାର ଆଉ ଜୀବନର ଜଞ୍ଜାଳ, ମଣିଷକୁ ବେଳେ ବେଳେ ଭାରାକ୍ରାନ୍ତ କରିଦିଏ। ବୟସ ଥିଲା ସମୟ ନ ଥିଲା, ଏବେ ସମୟ ଅଛି ବୟସ ନାହିଁ।



କାହାକୁ ଭଲରେ ସୁଖ ଦୁଃଖ ଦି'ପଦ କଥା ହେବାକୁ ସେତେବେଳେ ବେଳ ମିଳୁ ନ ଥିଲା। ଏବେ ସମୟ କଟୁ ନାହିଁ। କିଏ ଟିକେ ଭଲରେ କଥାବାର୍ତ୍ତା ହେବା ପାଇଁ ମଧ୍ୟ ଏବେ ଲୋକଟିଏ ମିଳୁ ନାହାନ୍ତି। ପୁଅ ବୋହୂ ଦୁହେଁ ଚାକିରିଆ। ବାସ୍ତବ ଦୁନିଆରେ ଥାଇ ବି ସତେ ଯେମିତି ଏକ ଅସହାୟ ଓ ଅପ୍ରାକୃତିକ ଦୁନିଆରେ ଥିଲା ଭଳି ମନେହୁଏ। ଯେମିତି ଏକ ଲୋତକ ଧାରର ସୁଅରେ ଅସହାୟ ପିମ୍ପୁଡ଼ି ପରି ଖୋଜି ବୁଲେ ରଙ୍ଗିନ ଦୁନିଆରେ ରଙ୍ଗ ଛିଟାଟିଏ ପାଇଁ। ହେଲେ ସବୁ ରଙ୍ଗକୁ ସେ ଲୋତକ ଧାର କରିଦେଇଛି ଶ୍ୱେତ।

ସବୁ ସ୍ୱପ୍ନ ଯେମିତି ପାଲଟି ଯାଇଛି ଅନ୍ଧକାରମୟ ମରୀଚିକା। ଆଉ ଜୀବନର ଜଳୁଥିବା ବତିରେ ସତେ ଯେମିତି ପଡ଼ି ଚାଲିଛି ଜଳର ଅନବରତ ଛିଟା। କେଉଁ ମୁହୂର୍ତ୍ତରେ ସେ ଦୀପ ଲିଭିଯିବ, ଆଉ ସେ ଶ୍ୱେତ ରଙ୍ଗ ପାଲଟି ଯିବ ସ୍ୱଚ୍ଛ, ରଙ୍ଗହୀନ, ବର୍ଣ୍ଣହୀନ, ନିର୍ଜୀବ ଶରୀରଟିଏ... କିଏ କହିପାରିବ? ପୁଅ ବୋହୂଙ୍କୁ ଦାୟିତ୍ୱରୁ ମୁକ୍ତ କରାଇବାର ମାନସିକତା ଏକ ରକମର ସ୍ଥାଣୁତ୍ୱ ପ୍ରଦାନ କରିଛି ପ୍ରସନ୍ନ ବାବୁଙ୍କୁ। ପରିଣତ ବୟସରେ ଉଦାସ ଚେହେରା ସୀମା ଲଙ୍ଘି ଅପେକ୍ଷା କରିଛି ମୃତ୍ୟୁର ଅମୋଘ ସ୍ପର୍ଶ। ଏକଲା ଜୀବନକୁ ଦୁଃଖ ନାହିଁ। ଦୁଃଖ ତ ସେଇଠି, ଏ ବୁଢ଼ା ବାପାର ବୋଝ। ଜୀବନ ତମାମ ବୟସକୁ ଜିଇ ସାରିବା ପରେ ପାଦ ଦୁଇଟି ଏବେ ସୀମାନ୍ତର ଶେଷ ପର୍ଯ୍ୟାୟରେ।

ଜୀବନ ଯାକର ଝଡଝଞ୍ଜାକୁ ପିଠି ଦେଖାଇ, କ୍ଷତବିକ୍ଷତ ଏବେ ସମ୍ପୂର୍ଣ୍ଣ ଅବୟବ। ଉପଶମର ମଲମ ଆଡୁଆଳେ ଛୁଟିଆସେ ପିଲାର ସ୍ୱାର୍ଥାନ୍ୱେଷୀ ଚିନ୍ତାଧାରା। ଯେତେହେଲେ ବି ସେ ପରିପକ୍ୱ। ତା'ର ହାତ ପାଇଲାଣି ମଥା ଉପରକୁ। ଆଉ ଲୋଡ଼ା ପଡୁନି ଏ ବୁଢ଼ା ବାପାର କାନ୍ଧ। ତେଣୁ ଏ ବୁଢ଼ା ବାପାଟି ବୋଝ ହୋଇ ପଡ଼ିଛି ତା' ପାଖରେ। ଅସହାୟ ହାତ ଓ ପାଦର ଭାରସାମ୍ୟ ରକ୍ଷା ପୂର୍ବକ ପ୍ରସନ୍ନବାବୁ ଆସି ବସି ରହିଛନ୍ତି ଘରଟିରେ। ଘରର କିଛି ଦୂରରେ ଅର୍ଜୁନ ଗୁଡ଼ିଆର ସେ ପୁରୁଣା ଅମଳର ଜଳଖିଆ ଦୋକାନ। ସାଥିରେ ଅଛନ୍ତି ଦୁଇଜଣ ବାଲ୍ୟବନ୍ଧୁ। ପିଲାଦିନର ସ୍ମାରକୀ ସାଜି ଦଣ୍ଡାୟମାନ ଏହି ଜଳଖିଆ ଦୋକାନ। ଦିନେ ନିଜ ବାପାଙ୍କ ହାତ ଧରି ଠୁକୁ ଠୁକୁ ପାଦରେ ଚାଲି ଆସୁଥିଲି ବରା ଖାଇବା ଲାଳସାରେ। ପୁଣି ସ୍କୁଲ ଜୀବନର କେତେ ଯେ ଅଭୁଲା ଇତିହାସ ପରସ୍ତ ପରସ୍ତ ହୋଇ ଛପି ରହିଛି ଏହି ଦୋକାନର କାନ୍ଥ ବାଡ଼ରେ। ସେତେବେଳେ ଥିଲା ଅର୍ଜୁନର ବାପାର ଦୋକାନ। ସେ ଗଲା ପରେ ପୁଅ ସମ୍ଭାଳିଛି ବାପାର କୌଳିକ ବୃତ୍ତିକୁ। ଏବେ ଜୀବନର ଶ୍ରେଷ୍ଠତମ ଅଭିନୟ, ପିତା ଭୂମିକାରେ। ପିଲାକୁ ନେଇ ପିତୃତ୍ୱର ଅଭିମାନରେ ଆଙ୍କି

ଦେଇଥିବା କିଛିଟା ଅଭୁଲା ଖୁସି ଆଜି ବି ସ୍ମୃତିରଚରଣ କରେ ଏହି ଜଳଖିଆ ଦୋକାନ।

ସାଥିରେ ଥିବା ଅନ୍ୟ ଦୁଇବନ୍ଧୁ ମଧ୍ୟ ବୁଝିସାରିଲେଣି ଜୀବନର ବାସ୍ତବତା। ମନ ମଧ୍ୟରେ 'ବେନି ଜନେ ସମ ଦଶା'ର ମନ୍ତ୍ରଟିକୁ ଗୁଣୁଗୁଣୁ ହୋଇ ଚାହିଁ ହସୁଛନ୍ତି ପରସ୍ପରର ମୁହଁକୁ। ଅକୁହା ଭାଷାରେ ପଢ଼ିପାରୁଛନ୍ତି ଲୁକ୍କାୟିତ ମନର ଅସମ୍ଭାଳ ବ୍ୟଥା ସବୁକୁ। କୋଳାହଳର ଅନ୍ତରାଳେ ବେଢ଼ି ବସିଛି କେମିତି କେଜାଣି ଏକ ଅଜବ ନୀରବତା। ଯିଏ ବିନା ଶବ୍ଦର ଉଚ୍ଚାରଣରେ ବି ଜଣାଇଦେଉଛି ଅନେକ କିଛି। ପାଦତଳେ ନିଃଶବ୍ଦ ପୃଥିବୀ। ଉପରେ ନିରବ ଆକାଶ ଏବଂ ଆଖି ସାମ୍ନାରେ ଅସ୍ପଷ୍ଟ ଦୁନିଆ। ଚଷମାର ମୋଟା ଲେନ୍ସ ମଧ୍ୟ ପଡ଼ିଯାଉଛି ଫିକା ସମୟର ସ୍ରୋତ ଆଗରେ। ଗଡି ଚାଲେ ଦିନ।

**ଆଖି ସାମ୍ନାରେ ବିତିଯାଇଛି କୈଶୋରରୁ ବାର୍ଦ୍ଧକ୍ୟ; ବାଙ୍କୁଲି ବାଡ଼ିର ବକ୍ର ଅଂଶ ପରି ବଙ୍କି ଯାଇଛି ଶରୀରର ମେରୁଦଣ୍ଡ।**

ବିତିଚାଲେ ସମୟ। ତା' ସହ ବିତିଯାଏ ବୟସର କ୍ରମାଙ୍କ। ଯେମିତି ଆଖି ସାମ୍ନାରେ ବିତିଯାଇଛି କୈଶୋରରୁ ବାର୍ଦ୍ଧକ୍ୟ। ବାଙ୍କୁଲି ବାଡ଼ିର ବକ୍ର ଅଂଶ ପରି ବଙ୍କି ଯାଇଛି ଶରୀରର ମେରୁଦଣ୍ଡ, ଯାହା ଦିନେ ସରଳ ରେଖାର ଉଦ୍ଦାମତାରେ ନିଜକୁ ସକ୍ରିୟ କରି ଗଢି ତୋଳିଥିଲା। ଆଜି ସେ ନିଷ୍କ୍ରିୟତାର ଖୋଳପା ମଧ୍ୟରେ କରିଛି ଆତ୍ମସମର୍ପଣ। ଗୋଡ଼ ହାତର ପାକଳ ନଖଗୁଡିକ ଦର୍ଶାଇ ଦେଉଛନ୍ତି ଅଦରକାରୀ ପଦାର୍ଥର ମାନ୍ୟତା। ବ୍ୟଥା, ସଂଘର୍ଷ ଏବଂ ଜୀର୍ଣ୍ଣଶୀର୍ଣ୍ଣ ଶରୀର ଜଣାଇବାକୁ ବାଧ୍ୟ କରୁଛି ଏ ବାର୍ଦ୍ଧକ୍ୟର ବଳିଷ୍ଠତା। ସତରେ କେତେ ଦୁଃଖଦ ଏ ବାର୍ଦ୍ଧକ୍ୟ !!!

ମଣିଷ ଜୀବନର ଏଇ ନିଛାଟିଆ ସମୟରେ ଖୋଜିବ ସେ ଜଣେ କେହି ସହଯାତ୍ରୀ। ଅଗନା ଅଗନି ବନସ୍ତ ମଧ୍ୟରେ ଥକ୍କା ମାରି ବସିପଡିଲେ ଲୋଡ଼ା ପଡନ୍ତି ଆତ୍ମୀୟସ୍ୱଜନଙ୍କ ଆଞ୍ଜୁଳାଏ ଆଶ୍ୱାସନା। ନିଜ ପିଲାମାନଙ୍କ କର୍ମମୟ ଜୀବନ ଭିତରୁ କାଣିଚାଏ ସମୟର ଆଶା ଓ ପଦୁଟିଏ ମିଠା ଉତ୍ତରର ଆଶାରେ ନିରାଶାର ସ୍ୱାଦ କେତେ ଯେ ଉକ୍ଟ ! ବାର୍ଦ୍ଧକ୍ୟ; ଏମିତି ଏକ ଅନିଚ୍ଛାକୃତ ସମୟ ଯାହା ଆପଣା ଛାଏଁ ଜମାଇ ବସେ ନିଜର ପ୍ରାଧାନ୍ୟ। ନା ଦେହରେ ବଳ ଥାଏ, ନା ପାଖରେ ସମୟ। ଯାହା ଜୀବନ ବ୍ୟାପୀ ସମ୍ବଳ କରିଥାଏ ମାନ, ସମ୍ମାନ ଓ ପ୍ରତିଷ୍ଠା। ପ୍ରତିପତ୍ତି ମୁହଁ ମାଡି ପଡ଼ିଥାନ୍ତି ଚତୁଃପାର୍ଶ୍ୱରେ। ସକାଳୁ ଖବରକାଗଜ ପଢ଼ିବାକୁ ଇଚ୍ଛାକରି ଦାଣ୍ଡଘରଟିରେ ବସିଛନ୍ତି ପ୍ରସନ୍ନ ବାବୁ। ପ୍ରାୟତଃ ପ୍ରତ୍ୟହ ଏହିଠାରେ ହିଁ ସକାଳର ଜଳଖିଆ ଶେଷ କରନ୍ତି ସେ। ଗତ ରାତିରୁ କାହିଁକି କେଜାଣି ଏ ରୋଗଣା ଶରୀରଟା ଅଧିକରୁ ଅଧିକ ବିଷର୍ଣ୍ଣ ମନେ ହେଉଛି। ଛାତି ଭିତରେ ଅଜବ ଏକ ଶିହରଣ। ଅଣନିଃଶ୍ୱାସୀ କରିପକାଉଛି ତାଙ୍କୁ। ହେଲେ ଏଠି ଶୁଣିବାକୁ କିଏ ଅଛି ?

ପୁଅ ବୋହୂ ଦୁଇଜଣ ଯାକ ଚାକିରିଆ। ସମୟର ଘୋର ଅଭାବ ସେମାନଙ୍କ ପାଖରେ। ଭୋକରେ ପେଟ ଭିତରଟା ଆଉଟୁ ପାଉଟୁ ହେବାକୁ ଲାଗିଲାଣି, ଅଥଚ ଏ ଯାଏଁ ଚା'ରୁ କପେ କି ଜଳଖିଆ ଟିକେ ମିଳିଲା ନାହିଁ। ମୁଣ୍ଡ ଭିତରଟା ଝାଇଁ ଝାଇଁ କରି ଦେଉଛି ଯେମିତି। ଉଠିବାକୁ ବଳ ପାଉନି। ତରବର ହୋଇ ଘରୁ ବାହାରି ଆସିଲେ ପୁଅ ବୋହୂ। ହାତରେ ଏକ ବଡ଼ବ୍ୟାଗ୍। ଗଲାବେଳେ କହିଗଲେ 'ବାପା ବହୁତ ଡେରି ହୋଇଗଲାଣି। ଜଳଖିଆ ବନାଇପାରିନାହୁଁ। ଟିକେ ଅର୍ଜୁନ ଦୋକାନ ଯାଇ ଜଳଖିଆ ଖାଇନେବ। ଆମେ ଟିକେ ଶଳା ପାଖକୁ ଯାଉଛୁ କାମ ଅଛି। କହି ଚାଲିଗଲେ ସେମାନେ। ସାଥିରେ ନେଇଗଲେ ସେମାନଙ୍କ ମାନବିକତା।

ପ୍ରକୃତରେ ଜୀବନର ସୂର୍ଯ୍ୟାସ୍ତ ବଡ଼ ବିଚିତ୍ର। ନା ଥାଏ ସେଥିରେ ସୂର୍ଯ୍ୟଙ୍କ ପ୍ରକୃତ ଔଜଲ୍ୟ, ନା ଥାଏ ସୂର୍ଯ୍ୟଙ୍କ ଭୀଷଣ ତେଜ। ଖାଲି ଯାହା ଅସ୍ତମିତ ରଙ୍ଗ ସୂଚାଉଥାଏ ସମୟର ସମାପ୍ତି। ବୋଝଟିକୁ ଓହ୍ଲାଇ ଦେଲେ ଦୁଃଖ ସରେ। ସରିଯାଏ ଚିନ୍ତା ଓ ଭାବନା। ଯେମିତି ସେ ନେଇବସିଛନ୍ତି ଏକ ବୋଝର ଆକାର। ପାଖରେ ଆଉ କିଏ ଅଛି ଯେ କାହାକୁ କହିବେ? କ'ଣ ଅବା ହେବ? ଖବରକାଗଜଟିକୁ ପଢ଼ିବାକୁ ପ୍ରଯତ୍ନ କଲେ ପ୍ରସନ୍ନବାବୁ। କାଗଜର ପ୍ରଥମ ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ବିଦିତ ହୋଇଥିଲା-'ପିତୃ ଦିବସର ଅଭିନନ୍ଦନ।' ଖବରଟିକୁ ପଢ଼ିବା ମାତ୍ରେ ଛାତି ଭିତରେ ଏକ ଅଜବ ଶିହରଣ ସୃଷ୍ଟି ହେଲା। ଭୋକିଲା ପେଟକୁ ଅନାଦର କରି ଲୋକ ଦେଖାଣିଆ ସେବା କରିବାରେ କି ଆତ୍ମସନ୍ତୋଷ? ଏକଥା ବୁଝିବାକୁ ବାକି ନ ଥିଲା ତାଙ୍କର। କାହିଁକି କେଜାଣି ଖୁବ୍

ବ୍ୟସ୍ତ ବିବ୍ରତ ଲାଗୁଛି। କିଛି ଜାଣିପାରୁନାହାନ୍ତି ସେ। ଆଖି ଆଗରେ ସବୁକିଛି ଧୂମ୍ରମୟ। ବୋଧହୁଏ ରକ୍ତଚାପ କମିଯାଇଛି। ପାଟି ଖୋଲି ବଡ଼ପାଟିରେ ଡାକିବାକୁ ବଳ ପାଉନି। ପାଇଲେ ବା ଲାଭ କ'ଣ? ଆଜି ବି ମନେ ପଡ଼େ ପିଲାର କଥା। ଥଣ୍ଡା ଜ୍ୱର ହେଲେ ବେଳ ଊଣା ନ କରି ରାତି ଅଧରେ କିପରି ଦଉଡ଼ି ଯାଉଥିଲେ ଡାକ୍ତରଙ୍କ ପାଖକୁ। ଟର୍ଚ୍ଚ୍ ଲାଇଟରେ ସାପ ବେଙ୍ଗଙ୍କୁ ଖାତିର ନ କରି ସାଇକେଲରେ ଅତିକ୍ରମ କରୁଥିଲେ ମାଇଲ ମାଇଲ ଦୂରତା। ହେଲେ ଆଜି ...। ମନ ଊଣା କରିବା ଛଡ଼ା ଆଉ ଉପାୟ କ'ଣ? ନିଜ ପୁଅ ଉପରେ ଦୁଃଖ କଲେ ତା' ଉପରେ ଅଭିଶାପ ପଡିବ, ନା ନା.. ଯାହା ହେଲେ ଜନ୍ମ କରିଛି। ମୋ ପୁଅ ବୋହୂ ତ...। ଶୋଇବା ଘରକୁ ଯିବା ପାଇଁ ଆଉ ସାହସ ପାଉନି। କେହି ଟିକେ ସାହାରା ଦେଲେ ହୁଏତ ଯାଇପାରନ୍ତେ। ହାମୁଡେଇ ପଡ଼ନ୍ତେ ତକିଆଟା ଉପରେ। କାଗଜଟିକୁ ଏପାଖ ସେପାଖ କରି ଦୁଇଥର ପଢ଼ିଲା ଭିତରେ ଆଖି ଲାଖି ଯାଇଛି କେତେବେଳେ। ତାଙ୍କ କ୍ଲାନ୍ତ ଶରୀର ଶୋଇ ଯାଇଛି ଶାନ୍ତିରେ। ତା' ସହ ଶୋଇ ଯାଇଛି ଶାରୀରିକ ଯନ୍ତ୍ରଣା। ଦୀର୍ଘ ପାଞ୍ଚ ଘଣ୍ଟା ପରେ ପୁଅ ବୋହୂ ପ୍ରତ୍ୟାବର୍ତ୍ତନ କଲେ ଘରକୁ। ବାପାଙ୍କୁ ଦାଣ୍ଡ ଘରେ ଶୋଇଥିବାର ଦେଖି ଚେଷ୍ଟା କଲେ ଉଠାଇବାକୁ। ହେଲେ ତାଙ୍କ ଶବ୍ଦର ଘନତା ଶୁଷ୍କ ହୋଇ ମିଳାଇଗଲା ଶୂନ୍ୟରେ। ଶୂନ୍ୟ ହୋଇଗଲା ବୋଝର ଟୋକେଇ। ବୋଝମୁକ୍ତ ହୋଇ ପୁଅ ବୋହୂ ଝରାଉଥିଲେ ଲୋକ ଦେଖାଣିଆ ଲୁହ.....। ଜୀବନର ସୂର୍ଯ୍ୟାସ୍ତରେ ଜୀବନ ପ୍ରଦୀପ କେତେବେଳୁ ଲିଭିଗଲାଣି। ଯାହା ଦୀପ ଖଣ୍ଡିକ ପଡ଼ିରହିଛି।

**ନିଜ ପୁଅ ଉପରେ ଦୁଃଖ କଲେ ତା' ଉପରେ ଅଭିଶାପ ପଡିବ, ନା ନା.. ଯାହା ହେଲେ ଜନ୍ମ କରିଛି। ମୋ ପୁଅ ବୋହୂ ତ...।**

□□

ଲେଖକଙ୍କ ଇ-ମେଲ ଠିକଣା:
lalitamohanmishra@gmail.com

bbsrshop
One Day Delivery
www.bbsrshop.com
BUY
SELL
PRODUCTS ONLINE
COMING SOON
Contact No:- +91 8895592170
Email Id :- info@bbsrshop.com




କବିତା

# ଏ ସମୟ ବି ସରିଯିବ ଦିନେ

ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ

ଦେଖ୍
ଚଢ଼େଇ ମାନଙ୍କ ଚିଁ ଚିଁ ରେ
କେମିତି ଫରଜି ଯାଉଛି ରାତି !
ଆକାଶର ପେଟ ଚିରି
ମୁଣ୍ଡ କାଢ଼ିଲାଣି
ମୁକ୍ତା ରଙ୍ଗର ସକାଳ,
ଅପେକ୍ଷାର ଅଙ୍ଗବସ୍ତ୍ର ଓଲହେଇଦେଇ ଯତ୍ନରେ,
ପବନ ଗାଉଛି ପୂବେଇ ସଙ୍ଗୀତ ।

ପଇଁଚାଳିଶ ଡ଼ିଗ୍ରୀର
ଭାତଫୁଟା ତାତିକୁ
ବେଖାତିର କରି,
ଆଶାୟୀ ହେଇ
ଚାହିଁଛି ଚାତକ
ପାଣି ମୁନ୍ଦାଏ ପାଇଁ,
ବିକାର ନାହିଁ
କି ପ୍ରଶ୍ନ ବି ନାହିଁ
ସତରେ
ଆକାଶରୁ ଝରିବ କି ପାଣି
ତାକୁ ଓଦା କରିଦେବା ପାଇଁ ?



ତେରସ୍ତା ବର୍ଷ ମରୁଡ଼ି
ଆଉ ଗଲାସନ ବାତ୍ୟାରେ
ସ୍ୱପ୍ନ ସବୁ ଉଜୁଡ଼ିଲା ପରେ ବି
ଚାଷ ଛାଡ଼ିନି ଭାଗଚାଷୀ,
ଊଣା କରିନି ସାର ବିଷ
କି ମୂର୍ଚ୍ଛି ଦେଇନି ମନରୁ ସବୁତକ ବିଶ୍ୱାସ,
ଯେହେତୁ ସେ ଜାଣେ ଏ ବିଶ୍ୱାସ ହିଁ
ଟାଙ୍ଗରା ଭୂଇଁରୁ ଦିନେ
ଫଳେଇବ ସୁନାଫଳ !

ଦେଖିବୁ
ଏ ସମୟ ବି ସରିଯିବ ଦିନେ
ବିଶ୍ୱାସରୁ ଛଳନାର ଆଂଚୁଡା ଦାଗ
ଲିଭିଯିବ ଦିନେ,
ପାରୁଛୁ ଯଦି
ଫିଙ୍ଗିଦେ
କଳ୍ପନା ନାଁ ରେ
ଯେତେସବୁ କଟାକ୍ଷ,
ସୁଖର ନଈରେ
ଦୁଃଖକୁ ଭସେଇ ଦେ
କାଗଜ ଡ଼ଙ୍ଗା କରି ।

ତୁ ଏତିକି ବୁଝିପାରୁନୁ
ସୁଖର ହେଉ କି ଦୁଃଖର
ଭଲର ହେଉ କି ମନ୍ଦର
କାହାର ବି ସାରାକାଳ
ରହିନି ଏ ମର୍ତ୍ତ୍ୟରେ ଆଧିପତ୍ୟ !

ଏଇ ବିଶ୍ୱାସ ଟିକକରେ ହିଁ ତ
ଠିଆ
ଏ ସମଗ୍ର କାଳଖଣ୍ଡ !

□□

କବୟିତ୍ରୀଙ୍କ ଇ-ମେଲ ଠିକଣା:
priyankapdas9@gmail.com

ଗଳ୍ପ

# ଦୁଇଟି ମିନିଗପ



ଡ. ସଚ୍ଚିଦାନନ୍ଦ କର

## ବାପା

ପୁଅ ପାଇଁ ବହୁତ ବଡ଼ ସ୍ୱପ୍ନ ଦେଖିଥିଲେ ବାପା । ହସ, ଖୁସି, ଆନନ୍ଦ କିଛି ତ ମିଳିଲାନି । ପୁଅ ପାଠ ପଢ଼ି ଚାକିରି କଲେ କାଳେ ସେତିକି ମିଳିବ !

ଖାସ୍ ପୁଅ ପାଇଁ ସଂସାର ଜଞ୍ଜାଳରେ ଥକିପଡ଼ିବା କେବେ ଜାଣିନଥିଲେ ସେ । ଖରା, ବର୍ଷା, ଶୀତ, କାକରକୁ ତାଙ୍କର ଖାତିର୍ ନ ଥିଲା । ଯେତେ ଦୌଡ଼ିଲେ ବି ନିଜକୁ ସେ ଅଣନିଃଶ୍ୱାସୀ ଅନୁଭବ କରୁ ନ ଥିଲେ ।



ପୁଅ ପାଇଁ ସେ କେତେ ପରିଶ୍ରମ କରୁଛନ୍ତି ସ୍ତ୍ରୀଙ୍କୁ କହିବାକୁ ଚାହୁଁଥିଲେ, ମାତ୍ର କହିପାରୁନଥିଲେ । ଦିନେ ସେ ଖବରକାଗଜରୁ ପଢ଼ିଲେ ଜଣେ ରିକ୍ସାବାଲାର ପୁଅ ଅଫିସର୍ ହୋଇଛି । ଖବରକାଗଜଟି ଧରି ସ୍ତ୍ରୀଙ୍କ ପାଖରେ ପହଞ୍ଚିଲେ ସେ । ଖବରଟି ବଡ଼ ପାଟିରେ ପଢ଼ି ଶୁଣାଇଲେ । ପରେ କହିଲେ – 'ଦେଖୁଥିବୁ ତ କେତେ ଖଟୁଛି ମୁଁ! ଆମ ପୁଅଟି ଯଦି କାଲି ଅଫିସର୍ ହୋଇଯାଏ ଆମ ଦୁଃଖ ଯିବ ।'

ସ୍ତ୍ରୀ କହିଲେ – 'ଖବରକାଗଜରେ ବାହାରୁଥିବା ସ୍ୱାର୍ଥପର ପୁଅମାନଙ୍କର ଖବର ବୋଧହୁଏ ତୁମ ଆଖିରେ ପଡୁନାହିଁ ! ତେଣୁ ପୁଅ ପାଇଁ ଏତେ ଆଉ ଖଟିବା ଦରକାର ନାହିଁ । ଶୁଣିପାରୁଛ ତ ମୁଁ କ'ଣ କହୁଛି !'

ବାପା କହିଲେ – 'ଶୁଣିପାରୁଛି, ହେଲେ ସେପରି କଥା ତୁ ମତେ କହନାହିଁ । ମୁଁ ଶୁଣିପାରିବି ନାହିଁ । ମୁଁ ପରା ତା'ର ବାପା !'

## ମାଆ

ପୁଅର କାର୍ଯ୍ୟକଳାପକୁ ନେଇ ଭାରି ଦୁଃଖୀ ଆଉ ଚିନ୍ତିତ ଥିଲେ ବାପା । ତା'ର ମାଆକୁ କିଛି କହିବାକୁ ଚାହୁଁଥିଲେ ।

ଏଇ ଯେମିତି ଖରା, ବର୍ଷା, ଶୀତ, କାକର ସହି, ବିଲବାଡ଼ିରେ ଖଟି ସେ କେମିତି ପୁଅକୁ ପାଠ ପଢ଼ାଇଲେ । ପାଠ ପଢ଼ି ପୁଅ ଚାକିରି କଲା । ସ୍ତ୍ରୀକୁ ସାଙ୍ଗରେ ଧରି ଯାଇ ସହରରେ ରହିଲା । ଆଉ ଗାଆଁ ମୁହଁ ଚାହୁଁନି କି ବାପାମାଆଙ୍କୁ ପଚାରୁନି ।

ହେଲେ ଏଇ କଥାଟିକୁ କହିବାକୁ ବାପା ସମୟ, ସୁଯୋଗ ପାଉ ନ ଥିଲେ ।

ଦିନେ ବାପା ଦେଖିଲେ ତାଙ୍କ ଘର ଆଗରେ ଥିବା ଗଛଟିରେ ଚଢ଼େଇଟିଏ ବସା ଗଢ଼ିବାରେ ଲାଗିଛି । ଥଣ୍ଟରେ ଖଣ୍ଡେ ଖଣ୍ଡେ କାଠି ଗୋଟାଇବାକୁ ଖୁବ୍ ମେହନତ୍ କରୁଛି ! ତଥାପି ଥକି ପଡୁନି । କାର୍ଯ୍ୟରେ ଲାଗିଛି ।

ଚଢ଼େଇଟିର ସେଇ କାର୍ଯ୍ୟ ଦେଖୁ ଦେଖୁ ପୁଅର ମାଆକୁ ତାହା ଦେଖାଇଦେଇ ବାପା କହିଲେ – 'ଦେଖ ଏ ଚଢ଼େଇଟିକୁ । କେଡ଼େ କଷ୍ଟରେ ବସା ଗଢୁଛି । ଅଣ୍ଡା ଦେବ । ଛୁଆ ଫୁଟେଇବ । ଛୁଆ ବଡ଼ ହେବେ । ଖଣ୍ଡିଉଡ଼ା ଶିଖିବେ । ଡେଣା ଶକ୍ତ ହେଲେ କୁଆଡ଼େ ଉଡ଼ି ଚାଲିଯିବେ । ଠିକ୍ ଆମ ପୁଅ ପରି ।'

ପୁଅର ମାଆ ସବୁ ଶୁଣି ଚୁପ୍ ରହିଲେ ।

– 'ମୋ କଥା ତୁମକୁ କିଛି ଶୁଭୁଛି ନା ନାହିଁ ?' ବାପା ପୁଣି କହିଲେ ।

ପୁଅର ମାଆ କହିଲେ – 'ସବୁ ଶୁଭୁଛି । ହେଲେ ମତେ ସେପରି କୁହନାହିଁ । ମୁଁ ଶୁଣିପାରିବି ନାହିଁ । ମୁଁ ପରା ତା'ର ମାଆ !'

□□

ଲେଖକଙ୍କ ଇ-ମେଲ୍ ଠିକଣା:
sachidanandakar62@gmail.com



ଶିଶୁ ଗଳ୍ପ

# ମାମୁ ଶୋଇଲେଣି, ଯାଅ ପଳେଇ

ସଂଗ୍ରାମ କେଶରୀ ପୃଷ୍ଟି

**ସେ**ଦିନ ବାଘମାମୁ ଗୁମ୍ଫାରେ ପହଞ୍ଚୁ ପହଞ୍ଚୁ ବାଘୁଣୀ ଉଦ୍ଦେଶ୍ୟରେ ଡାକ ଛାଡ଼ିଲେ - "ଆହେ ଶୁଣୁଛ ! କୁଆଡ଼େ ଗଲ ? ଦେଖ, ମୁଁ ତୁମ ପାଇଁ କ'ଣ ଆଣିଛି।"

ବାଘୁଣୀ ମାଇଁ ପାଟି ଶୁଣି ଗୁମ୍ଫା ବାହାରକୁ ଆସିଲେ। ଦେଖିଲେ ବାଘ ଧରିଛନ୍ତି ଦୁଇଟି ଠେକୁଆ। ଦେଖିବାକୁ ଧୋବ ଫରଫର ପୁଣି ଛନଛନିଆ। ସୁଆଦିଆ ଜଳଖିଆ ଦେଖି ମାଇଁଙ୍କ ଖୁସି କହିଲେ ନ ସରେ। ଭାବିଲେ, ଯା' ହେଉ ଏତେଦିନ ପରେ କଅଁଳ ମାଉଁସ ଟିକିଏ ପାଟିରେ ବାଜିବ।

ବାଘମାମୁ ଠେକୁଆ ଦୁଇଟିକୁ ମାଇଁଙ୍କୁ ଧରାଇ ଦେଇ କହିଲେ - "ଶୁଣ, ମୁଁ ଆଜି ପେଟପୂରା ଖାଇଦେଇଛି। ମୋତେ ଆଉ ଭୋକ ନାହିଁ। ଏ ଠେକୁଆ ଯୋଡ଼ିକୁ ତୁମ ପାଇଁ ଆଣିଛି। ମନଭରି ଖାଇନିଅ। ମୁଁ ଯାଉଛି ଟିକିଏ ବିଶ୍ରାମ ନେବି।"



ବାଘୁଣୀ ମାଇଁ ଖୁସି ହୋଇ ଠେକୁଆ ଦିଇଟାକୁ ଧରିଲେ। ତାହା ତାଙ୍କୁ ବେଶ୍ କଅଁଳିଆ ଲାଗୁଥିଲା। ଇଚ୍ଛା ହେଉଥିଲା, ସେଥିରୁ ଗୋଟିଏ ଟକ୍‌କିନା ପାଟିରେ ପକାଇ ଦେବାକୁ। ହେଲେ ପାଟିକୁ ନେଲାବେଳକୁ ସେ ଅଟକିଗଲେ। ଠେକୁଆ ଦୁହେଁ ସରଳ-ନିରୀହ ଭାବରେ ତାଙ୍କୁ ଜୁଲୁଜୁଲୁ କରି ଚାହିଁ ରହିଥିଲେ। ସତେ ଯେମିତି କହୁଥିଲେ, ଆମକୁ ଛାଡ଼ିଦିଅ। ଆମେ ତୁମର କି ଦୋଷ କରିଛୁ ଯେ, ତୁମେ ଆମକୁ ମାରି ଖାଇବ। ଟିକେ ଦୟାକର। ସିଆଡ଼େ ଆମର ବାପା-ମାଆ ଆମକୁ କେତେ ଖୋଜୁଥିବେ। ଛାଡ଼ିଦିଅ ଆମକୁ। ତୁମର ମଙ୍ଗଳ ହେବ।

ହଠାତ୍ ବାଘୁଣୀ ମାଇଁ ଠପ୍‌କିନା ରହିଗଲେ। କ'ଣ ଭାବିଲେ କେଜାଣି ଠେକୁଆକୁ ଆଉ ଖାଇଲେ ନାହିଁ। ତଳେ ଥୋଇଦେଲେ। ଠେକୁଆ ଦୁହିଁଙ୍କ ଆଖିରୁ ଲୁହ ଝରୁଥିଲା। ସେମାନେ ବି ଆଉ ଡେରି ନ କରି ବାଘୁଣୀ ମାଇଁଙ୍କ ଗୋଡ଼ ଘଷିବାକୁ ଲାଗିଲେ। ବାଘୁଣୀକୁ ବେଶ୍ ଆରାମ୍ ଲାଗୁଥିଲା। ସେମାନଙ୍କ ପ୍ରତି ମନ ଭିତରେ ଦୟା ବି ଆସିଯାଇଥିଲା। ଏମାନଙ୍କୁ ସେ ଖାଇବେ କି ନାଇଁ ସେ କଥା ବସି ଭାବୁଥିଲେ।


ଏମିତି ଭାବୁ ଭାବୁ ବାଘୁଣୀ ଆଖିକୁ ନିଦ ଆସିଯାଇଥିଲା। ଠେକୁଆଟିଏ ଆର ସାଥୀକୁ ଫୁସ୍‌ଫୁସ୍ କରି କହିଲା - "ଆରେ ଭାଇ, ବାଘୁଣୀ ତ ଏବେ ଶୋଇଗଲାଣି। ଚାଲ୍, ଏଇ ମଉକାରେ ତା'ଠୁ ଖସି ପଳାଇଯିବା। ତା' ନ ହେଲେ ଏଠି ଜୀବନ ଯିବା ହିଁ ସାର ହେବ।"

ଏକଥା ଶୁଣି ସାଥୀ ଠେକୁଆଟି କହିଲା। "ଆରେ ନାଇଁ... ନାଇଁ। ସେମିତି କଥା ମୁଣ୍ଡରେ ପୂରାଅନି। ଏହା ବିଶ୍ୱାସଘାତକ କାମ ହେ। ଏ ଜୀବନ ଆଜି ଅଛି, କାଲି ନ ଥିବ। କାହାକୁ ଠକିଲେ କ'ଣ ପାର ହୋଇଯିବା। ଭାଗ୍ୟରେ ଯାହା ଘଟିବାର ଥିବ, ତାହା ହିଁ ହେବ।"

ବଡ଼ ଠେକୁଆଟି ଆଉ କିଛି ନ କହି ଚୁପ୍ ରହିଲା। କିଛି ସମୟ ପରେ ବାଘୁଣୀ ମାଇଁଙ୍କ ନିଦ ଭାଙ୍ଗିଲା। ଦେଖିଲା ବେଳକୁ, ଠେକୁଆ ଦି'ଟା ଯାକ ତା' ଗୋଡ଼ ଘଷିବାରେ ଲାଗିପଡ଼ିଛନ୍ତି। ଏଯାଏଁ ବି ବନ୍ଦ୍ କରିନାହାନ୍ତି। ଆଃ ହା... ଏ ଛୁଆ ଦିଇଟା କେତେ ଭଲରେ। ମୋର କେତେ ସେବା ଏମାନେ କରୁଛନ୍ତି। ଏମାନଙ୍କୁ ଖାଇବାଟା ଜମାରୁ ଠିକ୍ ହେବନି। ଏଡ଼େ ବକଟେ ଛୁଆ ଦିଇଟା। ଖାଇଦେଲେ ପେଟର

କୋଉ କୋଣକୁ ଭଲା ପାଆନ୍ତା ଯେ! ତାଙ୍କୁ ନ ଖାଇଲେ କ'ଣ ବା ଏମିତି ହୋଇଯାଉଛି କି?

ଏହିପରି ମନରେ କେତେ କ'ଣ ଭାବିଲା ବାଘୁଣୀ। ଶେଷରେ ସେ ସ୍ଥିର କଲା, ଏ ଛୁଆ ଦୁହିଁଙ୍କୁ ସେ ଛାଡ଼ିଦେବ। ହେଲେ କେମିତି ଯେ : ବାଘ ପରା ନିଜେ ତାକୁ ଦେଇଛନ୍ତି। ସେ ଜାଣିଲେ, ତାଙ୍କର ବାକିସାକି ଆଉ ରଖିବେଟି! ପ୍ରଳୟ କରିଦେବେ। ଆଉ ଦିନେ ବି ଖାଇବାକୁ ଆଣିଦେବେ ନାହିଁ। କ'ଣ କରିବ, କ'ଣ କରିବ ବୋଲି ବାଘୁଣୀ ମୁଣ୍ଡକୁ ଆଉ ବୁଦ୍ଧିବାଟ କିଛି ଦେଖାଗଲା ନାହିଁ।



ହଠାତ୍ ବାଘୁଣୀ ମୁଣ୍ଡରେ ବୁଦ୍ଧିଟାଏ ଜୁଟିଲା। ସେ ଠେକୁଆ ଦୁହିଁଙ୍କୁ କହିଲା – "ଦେଖରେ ପିଲେ, ତୁମ ପ୍ରତି ମୋ ସ୍ନେହଭାବ, ବଢ଼ିଯାଇଛି। ଏଣୁ ତୁମକୁ ଆଉ ମୁଁ ମାରିବି ନାହିଁ। ଛାଡ଼ିଦେବି। ଆଉ ଟିକିଏ ଯାଉ। ବାଘମାମୁ ଶୋଇ ପଡ଼ିଲେ ତୁମେ ଚୁପ୍‌ଚାପ୍ ଚାଲିଯିବ। ପାଟି କରିବନି କହିଦେଉଛି। ନ ହେଲେ ମାମୁଙ୍କ ହାବୁଡ଼ରେ ପଡ଼ିଲେ ତୁମର ଜୀବନଟା ଯିବା ସାର ହେବ। ମୁଁ ଯାଏଁ, ମାମୁ କ'ଣ କରୁଛନ୍ତି ଦେଖିକି ଆସେ।"

ଠିକ୍ ଏତିକି ବେଳକୁ ବାଘମାମୁଙ୍କ ଘୁଙ୍ଗୁଡ଼ି ଶୁଭିଲା। ଗୁମ୍ଫା ଭିତରଟା ସେ ଶବ୍ଦରେ କମ୍ପି ଉଠିଲା। ବାଘୁଣୀ ମାଇଁ ଏଥର ଖୁସି ହୋଇ କହିଲେ – "ପିଲାଏ ମାମୁ ଶୋଇଲେଣି, ଯାଅ ପଳେଇ।"

ମାଇଁ ଠାରୁ ଯେମିତି ଏକଥା ଶୁଣିଛନ୍ତି, ଠେକୁଆ ଦୁହିଁଙ୍କ ଖୁସି ଆଉ ଦେଖେ କିଏ? ସେମାନେ ପାଦ ଚିପିଚିପି ଗୁମ୍ଫାରୁ ଛୁ ମାରିଲେ। ବାଘୁଣୀ ମାଇଁ ଶାନ୍ତିରେ ନିଃଶ୍ୱାସ ମାରିଲା ବେଳକୁ ଦେଖିଲେ, ବାଘମାମୁ ଉଠି ବସିଛନ୍ତି। ସେ ହଡ଼ବଡ଼େଇ ଯାଇ ପଚାରିଲେ- "ହଇହେ, ତୁମେ ଏବେ ପରା ଶୋଇ ଘୁଙ୍ଗୁଡ଼ି ମାରୁଥିଲ। କେତେ ଜଲ୍‌ଦି ଉଡ଼ିପଡ଼ିଲ ଯେ!"

ହୋ... ହୋ.... ହସି ବାଘମାମୁ ଉତ୍ତର ଦେଲେ – "ଏତେ ଜଲ୍‌ଦି କାହିଁକି ଭଲା ଶୋଇଥାନ୍ତି ଯେ : ଏମିତି ଖାଲି ବାହାନା କରୁଥିଲି ନା : ତା' ହୋଇ ନ ଥିଲେ ଠେକୁଆ ଛୁଆ ଦି'ଟା ଏଇଠୁ ମୁକୁଳି ପାରିଥାନ୍ତେ କେମିତି!"

ବାଘୁଣୀ ମାଇଁ ବୋକୀଙ୍କ ପରି ଆଁଟା କରି ଚାହିଁ ରହିଥିଲେ। ତାଙ୍କ ପରି ବାଘମାମୁଙ୍କର ବି ଠେକୁଆଙ୍କ ପ୍ରତି ଏତେ ଯେ ଦରଦ ଥିଲା – ଏକଥା ସେ ଅନୁଭବ କରିପାରୁଥିଲେ।

□□


ଲେଖକଙ୍କ ଇ-ମେଲ ଠିକଣା:
sangramprusty2012@gmail.com

**ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ**




Search **Sahitya Charcha**
on Play Store

ଆପଣଙ୍କ **ଆଣ୍ଡ୍ରଏଡ୍ ମୋବାଇଲ ଫୋନ୍** ପାଇଁ **'ସାହିତ୍ୟ ଚର୍ଚ୍ଚା'ର**
**ଆପ୍** ବର୍ତ୍ତମାନ **'ପ୍ଲେଷ୍ଟୋର୍'ରେ** ଉପଲବ୍ଧ ଅଛି।




**ପୁସ୍ତକ ସମୀକ୍ଷା**

# ନଈର ଚିତ୍ର

**ଲେଖକ : ଅଜୟ ମହାଲା**

**ପ୍ରକାଶକ: ଅଫ୍-ସେଂଟର ପବ୍ଲିଶିଂ, ପୁନେ**

**ପୃଷ୍ଠା: ୧୯୦, ମୂଲ୍ୟ: ଟ. ୨୫୦**

ଜଣେ ସଫଳ କଥାକାର ଭାବରେ ଅଜୟ ମହାଲା ଓଡ଼ିଆ ସାହିତ୍ୟ ଜଗତରେ ସୁପରିଚିତ। ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ତାଙ୍କର ଗଳ୍ପଗୁଡ଼ିକ ପାଠକାଦୃତ ହୋଇଛି। ଏହି ଦୃଷ୍ଟିରୁ ତାଙ୍କର ପ୍ରଥମ ଗଳ୍ପ ସଂକଳନଟି ଏତେ ବିଳମ୍ବରେ ପ୍ରକାଶିତ ହେବା ହୁଏତ କେତେକଙ୍କୁ ବିସ୍ମିତ କରିପାରେ। ଅବଶ୍ୟ ଏହା ପୂର୍ବରୁ ତାଙ୍କର 'ଉଁ' ଶୀର୍ଷକ ଗୋଟିଏ କବିତା ସଂକଳନ ଓ 'ମାୟ ଫେଭ୍' ନାମକ ଉପନ୍ୟାସ ପାଠକ ମହଲରେ ନିଜର ନିଆରା ପରିଚୟ ସାଉଁଟି ପାରିଛି।

'ନଈର ଚିତ୍ର' ସଂକଳନରେ ସ୍ଥାନ ପାଇଥିବା ପନ୍ଦରଟି ଯାକ ଗଳ୍ପ ପ୍ରେମ ବା ରୋମାନ୍ସ୍ ଉପରେ ଆଧାରିତ। ଗୋଟିଏ ଦୃଷ୍ଟିରୁ ଦେଖିଲେ ପ୍ରେମିକ ଓ ପ୍ରେମିକାଙ୍କ ମଧ୍ୟରେ ଥିବା ସମ୍ବେଦନଶୀଳ ଭାବାବେଗର ଭିନ୍ନ ଭିନ୍ନ ପରସ୍ତ ଉନ୍ମୋଚିତ ହୋଇଛି ପ୍ରତ୍ୟେକଟି ଗଳ୍ପରେ। ଅବଶ୍ୟ ତାଙ୍କର ପରିବେଷିତ ଥିମ୍‌ରେ ହୁଏତ ବିଶେଷ ନୂତନତା ନ ଥାଇପାରେ। କିନ୍ତୁ ପ୍ରେମାନୁଭୂତିର କେତେକ ଲକ୍ଷଣୀୟ ବର୍ଣ୍ଣବିଭାକୁ ସେ ଉଖାରିଛନ୍ତି ନିଜସ୍ୱ ଶୈଳୀରେ। ଅନ୍ୟ ଏକ ଦିଗରୁ ଦେଖିଲେ, ଏଥିରେ ସନ୍ନିବେଶିତ ଅଧିକାଂଶ ଗଳ୍ପ ଭାବପ୍ରଧାନ, କାହାଣୀ-ଆଶ୍ରୟୀ ନୁହଁ। ଏହା ସତ୍ତ୍ୱେ ପ୍ରତ୍ୟେକଟି ରଚନା ପାଠକକୁ ବାନ୍ଧି ରଖିବା ପାଇଁ ସକ୍ଷମ।

ବହିଟିର ପ୍ରଥମ ଗଳ୍ପ 'ନୀଳକଇଁ'ର ନାୟିକା ନୀଳୋତ୍ପଳର ଚରିତ୍ର ଚିତ୍ରଣକୁ ଲେଖକ ଏକ ସ୍ୱତନ୍ତ୍ର ପର୍ଯ୍ୟାୟକୁ ନେଇପାରିଥିବା ଲକ୍ଷ୍ୟ କରିହୁଏ। ତା'ସହିତ ଏଥିରେ ଥିବା ପ୍ରଣୟଭାବର କମନୀୟ ବିଶ୍ଳେଷଣ ମଧ୍ୟ ପାଠକକୁ ବିମୋହିତ କରେ। ଏହାର କେତେକ ସ୍ଥଳରେ ଥିବା ଭାଷା ଓ ବର୍ଣ୍ଣନା-ଚାତୁର୍ଯ୍ୟ ମଧ୍ୟ ମନେ ରହିଯିବା ଭଳି, ଯେମିତି, 'ଗୋଟିଏ ପ୍ରମୁଖ ପ୍ରାଶାସନିକ ଅଧିକାରୀଙ୍କୁ ପତ୍ନୀ ରୂପରେ ପାଇବା ତାଙ୍କ ପାଇଁ ନିଜ ବିଜିନେସର ପୋର୍ଟଫୋଲିଓ ବଢ଼ାଇବା କଥା।' (ପୃଷ୍ଠା - ୧) ଏବଂ 'ପ୍ରଥମ ଥର ପାଇଁ ମୋ'ର କଥା ବ୍ୟଞ୍ଜନରେ ଏକଗ୍ରାମ୍ ବ୍ୟଙ୍ଗ ଆଉ ଦୁଇଗ୍ରାମ୍ ରୋମାନ୍ସ ପକେଇଥିଲି।' ଅବଶ୍ୟ ବହିଟିର ଲେ-ଆଉଟ୍ (ଅକ୍ଷର ସଜ୍ଜା) ପ୍ରତି ଉପଯୁକ୍ତ ଦୃଷ୍ଟି ଦିଆଯାଇନଥିବା ମନେହୁଏ। ତତ୍ ସହିତ କିଛି ମୁଦ୍ରା ପ୍ରମାଦ ମଧ୍ୟ ସହଜରେ ଦୃଷ୍ଟିରେ ପଡ଼େ। ପରବର୍ତ୍ତୀ ସଂସ୍କରଣରେ ଏହା ସୁଧାରି ନିଆଯିବା ଉଚିତ ହେବ।

ଏଥିରେ ଥିବା 'ଅନ୍ଧ ରାତିର ମରୀଚିକା', 'ନଈର ଚିତ୍ର', ଓ 'ଶେଷ ବର୍ଷାର ଚାତକୀ' ଭଳି କେତୋଟି ଗଳ୍ପ ନିଃସନ୍ଦେହରେ ସୁପାଠ୍ୟ ପର୍ଯ୍ୟାୟର; ତେବେ ପ୍ଲଟ୍ ସଂରଚନାରେ ଏକ ଚମତ୍କାରୀ ମୋଡ଼ ଆଣି ତାହା ବିଷୟରେ ପାଠକୀୟ ଉତ୍କଣ୍ଠା ଜାଗ୍ରତ କରିବାପାଇଁ ବିଶେଷ ପ୍ରୟାସ ଥିବା ମନେ ହୁଏନାହିଁ।


ଆଲୋଚ୍ୟ ପୁସ୍ତକଟିର ପ୍ରସ୍ତୁତି ପର୍ଯ୍ୟାୟରେ ଲେଖକଙ୍କର ଗୋଟିଏ ଅଭିନବ ପଦକ୍ଷେପ ଲକ୍ଷ୍ୟ କରିବାର କଥା; ତାହା ହେଉଛି 'ସାମୂହିକ ଆର୍ଥିକ ଯୋଗଦାନ' ବା 'କ୍ରାଉଡ୍ ଫଣ୍ଡିଂ'। ପୁସ୍ତକଟି ପ୍ରକାଶିତ ହେବା ପୂର୍ବରୁ ଲେଖକ ପରୀକ୍ଷାମୂଳକ ଭାବରେ ସାମାଜିକ ଗଣମାଧ୍ୟମ ଜରିଆରେ ନିଜର ଅନୁରକ୍ତ ପାଠକମାନଙ୍କୁ ନିବେଦନ କରିଥିଲେ ଯେ ସେମାନେ ବହିଟିର ମୁଦ୍ରଣ ପାଇଁ ନିଜର ଇଚ୍ଛାମତେ ଆର୍ଥିକ ସହଯୋଗ କରନ୍ତୁ।

ପୁସ୍ତକଟିର ପରବର୍ତ୍ତୀ ସଂସ୍କରଣରେ ଏଥିରେ ଥିବା କିଛି ସମ୍ପାଦନାଗତ ବିସଙ୍ଗତି ସଂଶୋଧିତ ହୋଇପାରିଲେ ଏହା ଆହୁରି ଅଧିକ ଆଦୃତ ହୋଇପାରିବ ବୋଲି ଆମର ଆଶା।

*-ନିହାର ଶତପଥୀ*

# ସାହିତ୍ୟ ସମାଚାର

## ବିଶିଷ୍ଟ କବି ବଳରାମ ପୂଜାରୀଙ୍କ ଅକାଳ ବିୟୋଗ



ଓଡ଼ିଆ ସାହିତ୍ୟର ଜଣେ ସକ୍ରିୟ ସ୍ରଷ୍ଟା ଓ କବି ବଳରାମ ପୂଜାରୀ ଅଗଷ୍ଟ ୧୧ ତାରିଖ ଦିନ ଭୁବନେଶ୍ୱରର ଏକ ଘରୋଇ ହାସପାତାଳରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ମାଲକାନଗିରି ଜିଲ୍ଲାର ଡୋରଗୁଡା ୟୁ.ପି.ଏସ୍ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ, ଏବଂ ଅନେକ ଦିନ ଧରି କର୍କଟ ବ୍ୟାଧିରେ ପୀଡ଼ିତ ଥାଇ ଚିକିତ୍ସାଧୀନ ଥିଲେ। ତାଙ୍କର ବିୟୋଗରେ ଓଡ଼ିଶାର ସାହିତ୍ୟ ମହଲରେ ଶୋକର ଛାୟା ଖେଳିଯାଇଛି।

ପାଞ୍ଚଗୋଟି କବିତା ପୁସ୍ତକର ରଚୟିତା ତଥା ବହୁ କବିତା ଓ ଗଳ୍ପର ସ୍ରଷ୍ଟା ବଳରାମ ପୂଜାରୀ ଓଡ଼ିଆ ସାହିତ୍ୟର ଜଣେ ପ୍ରତିଶ୍ରୁତି ସମ୍ପନ୍ନ ସାରସ୍ୱତ ସାଧକ ଥିଲେ। ନିକଟରେ ପ୍ରକାଶିତ ହୋଇଥିବା ତାଙ୍କର କବିତା ପୁସ୍ତକ 'କୋଡ଼ାକାମ୍ବେରୁ ଖୁଆଡ଼' ଅନେକ ପାଠକାଦୃତ ହୋଇଥିଲା। 'ଶ୍ୱେତପତ୍ର' ମଧ୍ୟ ତାଙ୍କର ଅନ୍ୟ ଏକ ବହୁଚର୍ଚ୍ଚିତ ପୁସ୍ତକ। ସେ 'ପେନ୍-ଇନ୍-ବୁକ୍ସ ପୁରସ୍କାର' ତଥା ଅନ୍ୟାନ୍ୟ ବହୁ ସାରସ୍ୱତ ସମ୍ମାନ ପ୍ରାପ୍ତ ହୋଇଛନ୍ତି। ସେ ବିଭିନ୍ନ ଓଡ଼ିଆ ପତ୍ରପତ୍ରିକାରେ ନିୟମିତ ଭାବରେ ଲେଖୁଥିଲେ, ଏବଂ ମାଲକାନଗିରିର ଜନଜୀବନ, ମାଟି, ପାଣି, ପବନର ଚିତ୍ର ତାଙ୍କ ରଚନାରେ ଅତି ହୃଦୟସ୍ପର୍ଶୀ ଭାବରେ ପ୍ରତିଫଳିତ ହେଉଥିଲା। ସୋସିଆଲ ମିଡ଼ିଆରେ କୌଣସି କବି ବା ଲେଖକଙ୍କ ଭଲ ଲେଖାଟିଏ ପଢ଼ିଲେ, ସେ ସଙ୍ଗେ ସଙ୍ଗେ ମନ୍ତବ୍ୟ ଦେଉଥିଲେ, "ମାଲକାନଗିରି ମାଟିରୁ ଆକାଶଭର୍ତ୍ତି ଶୁଭେଚ୍ଛା," ଏବଂ ଫେସବୁକ୍‌ରେ ତାଙ୍କର ଏହି ମନ୍ତବ୍ୟଟି ପାଇଁ ଅପେକ୍ଷା କରିବା ଅନେକ ଓଡ଼ିଆ ସାହିତ୍ୟିକଙ୍କର ଅଭ୍ୟାସ ହୋଇପଡ଼ିଥିଲା।

## କନ୍‌ହେଇଲାଲଙ୍କ ୪୯ତମ ତିରୋଧାନ ଦିବସରେ ତାଙ୍କ ପ୍ରତିମୂର୍ତ୍ତିର ଅନାବରଣ



ଆଜିକୁ ୪୯ ବର୍ଷ ତଳେ ମାତ୍ର ୨୮ ବର୍ଷ ବୟସରେ ଅକାଳରେ ମଉଳିଯାଇଥିବା ଓଡ଼ିଆ ସାହିତ୍ୟର ବହୁ ପ୍ରତିଶ୍ରୁତି ସମ୍ପନ୍ନ ପ୍ରତିଭାଧର କନ୍‌ହେଇଲାଲ ଦାସଙ୍କ ୪୯ତମ ତିରୋଧାନ ଦିବସ ଉପଲକ୍ଷେ ତାଙ୍କର ପୈତୃକ ଭୂମି ବାଲେଶ୍ୱର ଜିଲ୍ଲାର କମର୍ଦ୍ଦାଠାରେ 'ଓଡ଼ିଶା ସାହିତ୍ୟ ଏକାଡେମୀ' ଓ 'କନ୍‌ହେଇଲାଲ ଦାସ ସ୍ମୃତି ସଂସଦ'ର ମିଳିତ ସହଯୋଗରେ ଏକ ଭବ୍ୟ ସ୍ମୃତି ସମାରୋହ ଆୟୋଜିତ ହୋଇଯାଇଛି। ଏହି ଉପଲକ୍ଷେ ସେଠାରେ କନ୍‌ହେଇଲାଲଙ୍କ ଏକ ପ୍ରତିମୂର୍ତ୍ତି ପ୍ରାକ୍ତନ ମନ୍ତ୍ରୀ ଅନନ୍ତ ଦାସଙ୍କ କରକମଳରେ ଅନାବରଣ ହୋଇଥିଲା।

ଏହି ସମାବେଶରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସ୍ୱନାମଧନ୍ୟ ସାହିତ୍ୟିକ ଦାଶ ବେନହୁର କହିଥିଲେ ଯେ କନ୍‌ହେଇଲାଲ ଥିଲେ ରଚନାତ୍ମକ ସତ୍ୟଶୀଳତାର ଅନୁପମ ସୌଦାଗର। ଗଳ୍ପ, ଉପନ୍ୟାସ, ଚିଠି, ଦିନଲିପି, ସବୁଥିର ଭାଷା, ଶୈଳୀ ଓ ପରିବେଷଣରେ ସେ ଅନନ୍ୟ ଥିଲେ। ମୁଖ୍ୟ ବକ୍ତା ବିଶିଷ୍ଟ ଲେଖକ ତଥା 'ପୌରୁଷ'ର ସମ୍ପାଦକ ଅସିତ ମହାନ୍ତି ନିଜର ବକ୍ତବ୍ୟରେ କହିଲେ ଯେ କନ୍‌ହେଇଲାଲଙ୍କର ବହୁ ଲେଖା ପ୍ରକାଶିତ ହୋଇଥିଲେ ମଧ୍ୟ ଆହୁରି କିଛି କଥାସାହିତ୍ୟ ଅପ୍ରକାଶିତ ହୋଇ ରହିଛି।

କମର୍ଦ୍ଦାଠାରେ ଆୟୋଜିତ ହୋଇଥିବା ଏହି ସ୍ମୃତି ସଭାରେ ପ୍ରତିଭାବାନ୍ କଥାଶିଳ୍ପୀ ଚିତ୍ତରଞ୍ଜନ ଚିରଞ୍ଜିତଙ୍କୁ 'କନ୍‌ହେଇ କଥା ପୁରସ୍କାର'ରେ ସମ୍ମାନିତ କରାଯାଇଥିଲା।

# ଶେଷ ପୃଷ୍ଠା



# ଅନୂଦ୍ୟ*

"ତତ୍ତ୍ୱ ଭାଗବତ ଭକ୍ତ ହିତକା, ଦ୍ୱାଦଶ ସ୍କନ୍ଧରୁ କଲି ମୁଁ ଟୀକା।"

ପ୍ରାଚୀ–ପରଚେ ଗୀତାରେ ଏଇ ପଦ ଲେଖା ଅଛି। ପାଠକଙ୍କ ସୁମଙ୍ଗଳ ସକାଶେ ଟୀକା ଲେଖିବାକୁ ପ୍ରାଧାନ୍ୟ ଦେବା ପ୍ରସଙ୍ଗ ଇଏ। କାରଣ, ପ୍ରତି ଲେଖାର ମରମ ଯେ ସଭିଏଁ ବୁଝିପାରିବେ ତାହା ଅସମ୍ଭବ। ଭାଷା, ଅନୁବାଦ, ସାହିତ୍ୟ: ଏସବୁର ଏକ ତାତ୍ତ୍ୱିକ ମର୍ମ ଅଛି। ପଢ଼ି ବୁଝିଲା ବେଳେ, ଏଥିରେ ଅନେକ କଥା ଉହ୍ୟ ରହିଯାଏ। ଗୋଟିଏ କବିତାର ସରଳାର୍ଥ ପଣ୍ଡିତେ ଅନେକାର୍ଥରେ ବୁଝାଇ ପାରିବେ, ହେଲେ ପ୍ରକୃଷ୍ଟ ଅର୍ଥ କେବଳ ରଚୟିତାକୁ ହିଁ ଜଣା, ଆଉ ସବୁ ସାରାଂଶ ଅନ୍ୟର କଳ୍ପନାର ବୁଝାମଣା। ଏଣୁ ସାହିତ୍ୟ ସଂସାରରେ ଏଇ କଳ୍ପନା ଆଉ ବାସ୍ତବତା ଭିତରର ଅସମଞ୍ଜସ ହିଁ ଟୀକା ଓ ଅନୁବାଦ ସାହିତ୍ୟକୁ ଜନ୍ମ ଦେଇଛି।

ପିଲାଦିନେ ବୀରବରଙ୍କର ଅନେକ ରଚନା ପଢ଼ିବାକୁ ଅଣ୍ଟା ଭିଡ଼ିଥିଲି। ହେଲେ ସଟୀକ କାବ୍ୟ ବିନା ଆମ୍ଭଙ୍କୁ ତାହା କେଉଁହେଁ ହୃଦ୍‌ବୋଧ ହୋଇନଥାନ୍ତା। ଏଣୁ ଟୀକାର ଆବଶ୍ୟକ ପିଲାଟି ଦିନରୁ ହିଁ ହୃଦୟଙ୍ଗମ କରିଥିଲା ଏଇ ଲେଖକ।

ଆଉ ପାଦେ ଆଗକୁ ଆସି ଏବେ କହିବି ଅନୁବାଦର କଥା। ଆମ କାବ୍ୟ ଅଳଙ୍କାର ସବୁ ତ ଟୀକା ସହ ପଢ଼ି ବୁଝି ହେଉଥିଲା। ହେଲେ ଆମ ସାହିତ୍ୟର ଅମରକୃତି ବା ଅନ୍ୟ ଭାଷା ସାହିତ୍ୟର ଅମରକୃତି ସବୁକୁ ବିନା ଅନୁବାଦରେ ପଢ଼ି ବୁଝିବା ଅଣଭାଷାଭାଷୀଙ୍କ ପକ୍ଷରେ ଦୁରୂହ। ପୃଥିବୀର ସମସ୍ତ ଭାଷା ଓ ସାହିତ୍ୟରେ ଯୁଗସ୍ରଷ୍ଟାମାନଙ୍କର ଅମରକୃତି ରହିଛି ଯାହା ସମସ୍ତ ସାହିତ୍ୟପ୍ରେମୀଙ୍କୁ ପଢ଼ି-ବୁଝି-ଜାଣିବାକୁ ହେବ। ଖାଲି ଆପଣା ଢୋଲ ପିଟି ବାହାବା ନେବାରେ କିଛି ଗୌରବ ନାହିଁ। କିଛି ଆତ୍ମଘୋଷିତ ସାହିତ୍ୟିକ ଓ ପୁରସ୍କାରବାଇ ଲେଖକଙ୍କୁ ନେଇ ଆଜିର ଓଡ଼ିଆ ଅନୁବାଦ ସଂସାର ବିବ୍ରତ।

ଉତ୍ତର ପୂର୍ବ ଇଟାଲିର ପାଦ୍ରୀ ସେଣ୍ଟ ଜେରୋମ୍; ବାଇବେଲ୍‌ରୁ ଲାଟିନ୍ ଭାଷାରେ ପ୍ରଥମେ ଅନୁବାଦ କରିଥିଲେବୋଲି ତାଙ୍କୁ ଅନୁବାଦର ଜନକ ବୋଲି କୁହାଯାଏ। ମିଳିତ ଜାତିସଂଘର ଘୋଷଣା ଅନୁଯାୟୀ ୨୦୧୭ ଠାରୁ ତାଙ୍କ ମୃତ୍ୟୁ ଦିବସ ୩୦ ସେପ୍ଟେମ୍ବରକୁ ଅନ୍ତର୍ଜାତୀୟ ଅନୁବାଦ ଦିବସ ରୂପେ ଘୋଷଣା ହୋଇଛି। ଏହି ବର୍ଷ ବିଶ୍ୱ ଅନୁବାଦ ଦିବସର ବିଷୟାଧାର ହେଉଛି "ଟ୍ରାନ୍ସଲେସନ୍, ଏନ୍ ଆର୍ଟ୍ ୱର୍ଥ୍ ପ୍ରୋଟେକ୍ଟିଙ୍ଗ"।

ଅନୁବାଦ ହେଉଛି ସମଗ୍ର ମାନବଜାତିର ସାହିତ୍ୟ, ଇତିହାସ, ସଂସ୍କୃତି, ଐତିହ୍ୟର ବିଶ୍ୱବାସୀଙ୍କ ପାଇଁ ଏକ ପ୍ରଜ୍ଞାଦର୍ପଣ। ଓଡ଼ିଆ ସାହିତ୍ୟକୁ ବିଶ୍ୱ ଦରବାରରେ ପ୍ରଶସ୍ତି ଓ ପରିଚିତି ଦେବାକୁ ହେଲେ ଆମର ଅନୂଦ୍ୟ ଓଡ଼ିଆ ଅମରକୃତି ସବୁକୁ ବିଶ୍ୱର ବିଭିନ୍ନ ଭାଷାରେ ଅନୁବାଦ କରିବାକୁ ହେବ। ଏଣୁ ପାଠକେ; ଗଣିବା ହୁଅନ୍ତୁ ଅନ୍ୟ ଭାଷାରୁ ଓଡ଼ିଆ ଭାଷାକୁ କେତେ ବହି ଅନୁବାଦ ହୋଇଛି ଆଉ ଓଡ଼ିଆ ଭାଷାରୁ ଅନ୍ୟ ଭାଷାକୁ କେତେ ବହି! ସେଥିରୁ ଜଣା ପଡ଼ିବ ଆମର ପ୍ରୟାସ ଏହି ପ୍ରସଙ୍ଗରେ।

ସୁଧୀ ପାଠକେ, ସମାଜରେ ସାହିତ୍ୟର ସସମ୍ମାନ ପ୍ରୟୋଗ ହିଁ ବୁଦ୍ଧିଶୀଳ ବ୍ୟକ୍ତିଙ୍କୁ ପ୍ରସ୍ତୁତ କରିବ; ଯେଉଁମାନେ କି କେବଳ ସାହିତ୍ୟ ନୁହଁ ସଂସାରର ଉନ୍ନତି କଳ୍ପେ ନିଜକୁ ନିୟୋଜିତ କରିବେ। ଏଣୁ ବହୁଭାଷୀ ଅନୁବାଦକଙ୍କୁ ପ୍ରୋତ୍ସାହନ ଦିଅନ୍ତୁ। ଓଡ଼ିଆ ଭାଷାର ଅମରକୃତିକୁ ଅନ୍ୟ ଭାଷାରେ ଅନୁବାଦ କରାଇବାକୁ ସହଯୋଗ କରନ୍ତୁ। ଏହା ହିଁ ବିଶ୍ୱ ଅନୁବାଦ ଦିବସର ଆହ୍ୱାନ।

– **ପ୍ରଭୂ**

* **ଅନୂଦ୍ୟ** – ଯାହା ଅନୁବାଦଯୋଗ୍ୟ

□□

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com

RUCHI FOODLINE™

Since 1976

# Ruchi
# Now at your Door Step

## We are now available online

Scan to Install


Install **Ruchi Store Mobile App**
from **Google Play Store**




**Buy Now**


Eastern India's No.1* Paediatric Hospital
JAGANNATH HOSPITAL
AN EXCLUSIVE PERINATAL CENTRE
Because we treat every child like our own
24 X 7 PAEDIATRIC NEONATAL EMERGENCY
LEVEL - 3 NICU
PAEDIATRICS & NEONATAL SURGERY
24 X 7 OBSRETRIC & GYNAECOLOGY
24 X 7 PATHO LAB
Call : 8093091301
185-P, Saheed Nagar, Bhubaneswar-15
*Source: Times of India Critical Healthcare Survey

SAHITYA CHARCHA ● September 2024 ● Rs.40 RNI Regd. No. : ODIODI/2022/81590




Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy